

'ଧୁରନ୍ଧର' ଲିକ୍ ହେଲା ରଣବୀର-ସଞ୍ଜୟଙ୍କ ଲୁକ୍

▸ପୃଷ୍ଠା ୧୧ ଦେଖନ୍ତୁ...

RNI REGD NO: 42041/83

www.sakalaepaper.com

/sakalanews

/sakalanews

www.thesakala.in

# ସକାଳ

THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 42 ♦ISSUE-342 ♦BHUBANESWAR ♦TUESDAY ♦10 JUNE 2025 ♦PAGE-12 ♦₹ 6.00

PANIKOILI

♦ବର୍ଷ-୪୨ ♦ସଂଖ୍ୟା-୩୪୨ ♦ଭୁବନେଶ୍ୱର ♦ମଙ୍ଗଳବାର ♦୧୦ ଜୁନ୍ ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦


## ଯୌତୁକରେ ୫୮ ଲକ୍ଷ ଟଙ୍କାର ୧୦୦ ବିଲେଇ ଉପହାର

■ **ବେଜିଂ, ୯।୬ (ଏଜେନ୍ସି):** ନିକଟରେ ଭିଏତନାମର ଜଣେ ଯୁବତୀଙ୍କ ବିବାହ ସମୟରେ ତାଙ୍କ ପିତାମାତା ଅନ୍ୟାନ୍ୟ ସାମଗ୍ରୀ ସହ ଉପହାର ଦେଇଛନ୍ତି ସିଭେଟ ପ୍ରଜାତିର ୧୦୦ଟି ବିଲେଇ। ଏହି ବିଲେଇଗୁଡ଼ିକର ଆନୁମାନିକ ମୂଲ୍ୟ ୧.୮ ଭିଏତନାମ ଡ଼ଙ୍ଗ ବା ୭୦ ହଜାର ଆମେରିକୀୟ ଡ଼ଲାର। ଭାରତୀୟ ମୁଦ୍ରାରେ ଏହାର ମୂଲ୍ୟ ପ୍ରାୟ ୫୬ ଲକ୍ଷ ଟଙ୍କା ହେବ। ଚୀନ, ଇଣ୍ଡୋନେସିଆ ସିଭେଟ୍ ପ୍ରଜାତିର ଏହି ବିଲେଇଗୁଡ଼ିକର ଚାହିଦା ଢ଼େର



ଅଧିକ। ସାଧାରଣତଃ କଫି ଉତ୍ପାଦନରେ ଏହି ବିଲେଇକୁ ବ୍ୟବହାର କରାଯାଇଥାଏ। ସିଭେଟ୍ ବିଲେଇ ପାଚିଲା କଫି ଖାଇବା ପରେ ତାହା ସେମାନଙ୍କ ପାଚନ ପ୍ରଣାଳୀ ଦେଇ ଗତିକରେ। ସିଭେଟ୍ ମଳରୁ କଫିର ମଞ୍ଜି ସଂଗ୍ରହ କରାଯାଇ ତାହାକୁ ପ୍ରକ୍ରିୟାକରଣ କରାଯାଇଥାଏ। ସିଭେଟ ମଳରୁ ସଂଗୃହୀତ କଫି ମଞ୍ଜି ବା ବିନ୍ସଗୁଡ଼ିକରୁ ପ୍ରସ୍ତୁତ କଫି ବିଶ୍ୱର ସବୁଠାରୁ ଦାମୀ କଫି ରୂପେ ପରିଚିତ। କଫି ଉତ୍ପାଦନ ବ୍ୟତୀତ ସିଭେଟ ବିଲେଇର ମାଂସ ଚୀନ ଓ ▸ପୃଷ୍ଠା-୭

## ଏଣିକି ରେକର୍ଡ ହୋଇପାରିବ ରାତିରେ ଦେଖିଥିବା ସ୍ୱପ୍ନ

■ **ଟୋକିଓ, ୯।୬ (ଏଜେନ୍ସି):** ଶୋଇବା ବେଳେ ସମସ୍ତେ ସ୍ୱପ୍ନ ଦେଖନ୍ତି; ମାତ୍ର ଏହାକୁ ମନେ ରଖିବା ଅନେକଙ୍କ ପାଇଁ ସମ୍ଭବ ହୁଏ ନାହିଁ। ଏବେ ଜାପାନର ବୈଜ୍ଞାନିକମାନେ ଏପରି ଏକ ଉପକରଣ ଉଦ୍ଭାବନ କରିଛନ୍ତି, ଯାହା ସ୍ୱପ୍ନକୁ ରେକର୍ଡ କରିପାରିବ। ପରବର୍ତ୍ତୀ ସମୟରେ ଏହାକୁ ଭିଡିଓ ପରି ପୁନର୍ବାର ଦେଖିହେବ। କ୍ୟାଟୋର ଏଟିଆର୍ କମ୍ପ୍ୟୁଟେସନାଲ ନ୍ୟୁରୋସାଇନ୍ସ ପ୍ରୟୋଗଶାଳାର ବୈଜ୍ଞାନିକମାନେ ସ୍ନାୟୁର କାର୍ଯ୍ୟକଳାପକୁ ବିସ୍ତୃତ ରେକର୍ଡ



କରିବା ନିମନ୍ତେ ଏପରି ଏକ ଯନ୍ତ୍ରାଂଶର ଉଦ୍ଭାବନରେ ଲାଗିଛନ୍ତି, ଯାହା ନିଦ୍ରାବସ୍ଥାରେ ମସ୍ତିଷ୍କରେ ପରିଚାଳିତ ହେଉଥିବା ଦୃଶ୍ୟାଂଶ ଓ ସ୍ନାୟୁର ବିଭିନ୍ନ ଗତିବିଧିକୁ ରେକର୍ଡ କରିପାରିବ। ପ୍ରୟୋଗଶାଳାର ପ୍ରଫେସର ୟୁକିୟାସୁ କାମିତାନୀ ଏ ସଂକ୍ରାନ୍ତରେ କହିଛନ୍ତି ଯେ ସ୍ୱପ୍ନ ହେଉଛି ଅବଚେତନ ମନର ଏକ ପ୍ରତିଫଳନ। ମଣିଷର ମସ୍ତିଷ୍କରେ ନିରନ୍ତର ଭାସମାନ ଚିନ୍ତା ଓ ଚେତନା ଅନେକ ସମୟରେ ସ୍ୱପ୍ନ ଭାବରେ ଦେଖା ଯାଇଥାଏ। ତେଣୁ ▸ପୃଷ୍ଠା-୭

### ଖରିଫ୍‌କୁ ବଳିଗଲା ରବି ଯନ୍ତ୍ରଣା

# ଚାଷୀ ରାସ୍ତାରେ; ନେତା ମଞ୍ଚରେ

■ **ଭୁବନେଶ୍ୱର, ୯।୬(ସମିସ):** ଖରିଫ ଯନ୍ତ୍ରଣାର ଲାଘବ ହୋଇ ନାହିଁ, ରବି ଯନ୍ତ୍ରଣାରେ କଲବଲ ହେଉଛନ୍ତି ଚାଷୀ। ଧାନ ବିକ୍ରି ବେଳେ ୧୨ କିଲୋ ଯାଏ କଟନିଛଟନି ଚାଷୀଙ୍କ ଅଣ୍ଟା ଭାଙ୍ଗି ଦେଇଛି ଓ ଧାନ ବିକ୍ରିର ମାସମାସ ପରେ ମଧ ବ୍ୟାଙ୍କକୁ ଟଙ୍କା ଆସୁନାହିଁ। ଯାହାକୁ ନେଇ ଚାଷୀ ରାସ୍ତାରେ ବସିଛି, ମାତ୍ର ସରକାର ବର୍ଷ ପୂର୍ତ୍ତି ଉତ୍ସବ ପାଇଁ ଜୋରଦାର ପ୍ରସ୍ତୁତି ଚଳାଇଛନ୍ତି । ଏକପକ୍ଷରେ ଚାଷୀଙ୍କୁ ଧାନ କ୍ୱିଣ୍ଟାଲ ପିଛା ୮୦୦ ଟଙ୍କା ଅଧିକ ଦିଆଯାଉଛି ବାଲି ସରକାର ଘଣ୍ଟ ପିଟୁଥିବାବେଳେ ଚାଷୀ ନିଜର ଅମଳ ଧାନକୁ ଠିକ୍ ଭାବେ ବିକ୍ରି କରିପାରୁନି। ସେହିଭଳି ଟୋକନ୍ ମିଳିବା ପରେ ବି ଧାନ କଣ୍ଟା ହେଉନି। ମଣ୍ଡିଗୁଡ଼ିକରେ ଧାନ ଦିନ ଦିନ ଧରି ଖୋଲା ଆ।।କାଶ ତଳେ ପଡ଼ି ରହୁଛି। ଲଘୁଚାପ ଓ ମୌସୁମୀ ବର୍ଷା ଯୋଗୁଁ ଚାଷୀ ଏଫଏକ୍ୟୁ ମାନର ଧାନ ମଣ୍ଡିକୁ ଆଣିଥିଲେ

### ସରକାରଙ୍କ ପ୍ରତିଶ୍ରୁତି ପାଣିର ଗାର

### ୧୨ କିଲୋ ଯାଏଁ କଟ୍‌ନୀଛଟ୍‌ନୀ

ବି ଓଦା ହେବାରୁ ଧାନର ମାନ ହ୍ରାସ ପାଉଛି। ଖରିଫ୍‌ରେ ଏହି ସମସ୍ୟା ଉପୁଜିଥିଲା ବୋଲି ରବିରେ ଏହାର ସୁଧାର ଆଣିବା ପାଇଁ ସରକାର ଚାଷୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଧାନ କିଣିବା ପୂର୍ବରୁ ଅନୁଷ୍ଠିତ ସମୀକ୍ଷା ବୈଠକରେ ବି ଏ ବାବଦରେ ଆଲୋଚନା ହୋଇଥିଲା। ମାତ୍ର ତୃଣମୂଳସ୍ତରରେ କାର୍ଯ୍ୟକାରୀ ହୋଇପାରିଲାନି। ଏହାକୁ ନେଇ ରାଜ୍ୟବ୍ୟାପୀ ଚାଷୀ ରାଜରାସ୍ତାରେ ଆନ୍ଦୋଳନ କଲେ ବି ସରକାରଙ୍କ ନିଘା ନାହିଁ।

ମେ' ୧୪ରୁ ରବି ଧାନ କିଣା ଆରମ୍ଭ ହୋଇଛି ଓ ଆସନ୍ତା ଜୁନ୍ ୩୦ ପର୍ଯ୍ୟନ୍ତ ଏହି ପ୍ରକ୍ରିୟା ଜାରି ରହିବ। ଚଳିତ ରବି ଋତୁରେ ୧୪ ଲକ୍ଷ ମେଟ୍ରିକ୍ ଟନ୍ ଧାନ ସଂଗ୍ରହ ଲକ୍ଷ୍ୟ ରଖାଯାଇଛି। ଏଥିପାଇଁ ୩ ଲକ୍ଷ ୩୭ ହଜାର ଚାଷୀ ପଞ୍ଜିକରଣ କରିଛନ୍ତି। ୨୦ଟି ଜିଲ୍ଲାରେ ୯୬୫ଟି ପ୍ରାଥମିକ କୃଷି ସମବାୟ ସମିତି ଜରିଆରେ ଧାନ କିଣାଯାଉଛି। ମାତ୍ର ରାଜ୍ୟବ୍ୟାପୀ ମାଳମାଳ ସମସ୍ୟା ଥିଲେ ହେଁ ସରକାର ଏଥିପ୍ରତି ସାମାନ୍ୟତମ ଧାନ ଦେଉ ନ ଥିବା ▸ପୃଷ୍ଠା-୭



ମଣ୍ଡିରେ ଭିଜୁଛି ଧାନ; ମିଲର୍-ପ୍ରଶାସନ ବେଫିକର

## ୫ ଘଣ୍ଟା ଜାତୀୟ ରାଜପଥ ଅବରୋଧ କଲେ ଚାଷୀ

■ **ସମ୍ବଲପୁର, ୯।୬(ସମିସ):** କ୍ଷମତାକୁ ଆସିଲେ ବିଜେପି ପ୍ରଥମେ ଚାଷୀଙ୍କ ସମସ୍ୟା ଦୂର କରିବ ବୋଲି ନିର୍ବାଚନ ପ୍ରତିଶ୍ରୁତି ଦେଇଥିଲା। କିନ୍ତୁ ଚାଷୀଙ୍କ ସମସ୍ୟା ଦୂର କରିବା ବଦଳରେ ଆନ୍ଦୋଳନ କରିବାକୁ ବାଧ କରୁଛି ଏହି ସରକାର। ମଣ୍ଡିରୁ ଧାନ ଉଠିବା ନେଇ ବାରମ୍ବାର ଚାଷୀମାନେ ଅଭିଯୋଗ କରୁଥିଲେ। ଏପରିକି ଯୋଗାଣ ବିଭାଗଠାରୁ ଆରମ୍ଭ କରି ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ମଧ କରିଥିଲେ। କିନ୍ତୁ କେହି ଶୁଣିଲେନି। ବାଧ ହୋଇ ରାଜ ରାସ୍ତକୁ ଓହ୍ଲାଇ ପ୍ରତିବାଦ କଲେ। ହଜାର ହଜାର ଗାଡ଼ିକୁ ଅଟକାଇ ଶାନ୍ତି ପୂର୍ଣ୍ଣ ପ୍ରତିବାଦପରେ ବାଧ ହୋଇ ମୁଣ୍ଡ ନୁଆଇଁଛି ଜିଲ୍ଲା ପ୍ରଶାସନ।

ସୂଚନା ଅନୁସାରେ ଜିଲ୍ଲାର ସମସ୍ତ ମଣ୍ଡିରେ ଲକ୍ଷାଧିକ ଧାନ ପ୍ୟାକେଟ ପଡିରହିଛି। ବର୍ଷାରେ ବି ଭିଜୁଛି। ବାରମ୍ବାର ଅଭିଯୋଗ ପରେ ମଧ ୪ଦିନରୁ ଅଧିକ ଦିନ ହେଲାଣି ଧାନ ମଣ୍ଡିରୁ ଉଠୁନି। ଏହାକୁ ପ୍ରତିବାଦ କରି ସମ୍ବଲପୁର ସହରର ମୁମ୍ବାଇ-କୋଲକାତା ୫୩ ନମ୍ବର ଜାତୀୟ ରାଜପଥ ସିନ୍ଦୁର ପଙ୍କ ଛକ ଅବରୋଧ ହୋଇଥିଲା। ସମ୍ବଲପୁର କୃଷକ ସୁରକ୍ଷା ସଂଗଠନ ଓ ପଶ୍ଚିମ ଓଡିଶା କୃଷକ ସଂଗଠନ ସମିତି ପକ୍ଷରୁ ସକାଳ ୭ ଟାରୁ ରାସ୍ତା ଉପରେ ବସି ରହିଥିଲେ। ଚଳିତ ରବି ଋତୁ ଧାନ କ୍ରୟ ପାଇଁ ଚାଷୀ ଧାନ ଅମଳ କରି ସାରିଥିବା ବେଳେ ସରକାର ଟାର୍ଗେଟ ଦେଇନଥିବାରୁ ଚାଷୀ ଅଭାବୀ ▸ପୃଷ୍ଠା-୭

## ଜେଲ୍ ଗଲେ ଲାଞ୍ଚୁଆ ଆଇଏଏସ୍ ଅଧିକାରୀ



■ **ଭବାନୀପାଟଣା/ଧର୍ମଗଡ଼, ୯।୬ (ସମିସ):** ଲାଞ୍ଚ ନେଇ ଗତକାଲି ଭିଜିଲାନ୍ସ ହାତରେ ଧରାପଡ଼ିଥିବା ଯୁବ ଆଇଏଏସ୍ ଅଧିକାରୀ ତଥା ଧର୍ମଗଡ଼ ଉପଜିଲ୍ଲାପାଳ ଧୀମାନ ଚକ୍‌ମାଙ୍କୁ ଆଜି ଗିରଫ କରାଯାଇଛି। ।।କୋର୍ଟରେ ତାଙ୍କର ଜାମିନ ନାମଞ୍ଜୁର ହୋଇଯିବାରୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ▸ପୃଷ୍ଠା-୭

**ରିମାଣ୍ଡରେ ଆଣି ପଚରାଉଚରା କରିବ ଭିଜିଲାନ୍ସ**

**ଲାଞ୍ଚ ମାମଲାରେ ଆଇଏଏସ୍ ଗିରଫ ହେବା ଓଡ଼ିଶାର ପ୍ରଥମ**

### ଜଳୁଛି ମଣିପୁର

## ଏନ୍‌ଏଚ୍ ବନ୍ଦ; ମିଳୁନି ଔଷଧ



■ **ଇମ୍ଫାଲ, ୯।୬ (ଏଜେନ୍ସି):** ସଂରକ୍ଷଣକୁ ନେଇ ଆରମ୍ଭ ହୋଇଥିବା ମଣିପୁର ହିଂସା ଥମିବାର ନା ଧରୁନି। ଏବେ ପୁଣି ଜଳି ଉଠିଛି ମଣିପୁର। ଏଥର ମେଇତି ସମ୍ପ୍ରଦାୟର ନେତାଙ୍କ ଗିରଫକୁ ନେଇ ରାଜରାସ୍ତାକୁ ଓହ୍ଲାଇଛନ୍ତି ଲୋକେ। ପୁଲିସ କାର୍ଯ୍ୟାନୁଷ୍ଠାନକୁ ଘୋର ବିରୋଧ କରୁଛନ୍ତି ମେଇତି ସମ୍ପ୍ରଦାୟର ଲୋକେ। ଏହାକୁ ନେଇ ଗତ ୭ ତାରିଖରୁ ଚାଲିଛି ଉଗ୍ର ବିକ୍ଷୋଭ ପ୍ରଦର୍ଶନ। ଗାଡ଼ିମୋଟର, ପୁରୁଣା ଟାଏର, ଆସବାବ ପତ୍ର ଆଦିରେ ନିଆଁ ଲଗାଇ ଦେଇଛନ୍ତି। ବିକ୍ଷୋଭକାରୀ ରାଜପଥ ମଧ ଅବରୋଧ କରିଛନ୍ତି। ପରିବହନ ମାର୍ଗକୁ ଅଟକାଇ ଦେଇଛନ୍ତି। ଏଥିଯୋଗୁଁ ସାଧାରଣ ଲୋକେ ବହୁଳ ଭାବେ ପ୍ରଭାବିତ ▸ପୃଷ୍ଠା-୭

### ହୋମ୍‌ଗାର୍ଡ ଚାକିରି

## ଏମ୍‌ବିଏ, ଏମ୍‌ସିଏ, ବିଟେକ୍ ଆଶାୟୀ

■ **ରାଉରକେଲା, ୯।୬(ସମିସ):** ରାଜ୍ୟରେ ନିଯୁକ୍ତି ସଙ୍କଟ ଏବେ ଚରମସ୍ଥିତିରେ। ରାଜ୍ୟ ସରକାର୨ ବର୍ଷରେ ୩ ଲକ୍ଷ ନିଯୁକ୍ତି ପ୍ରଦାନ କରିବେ ବୋଲି ଘୋଷଣା କରିଛନ୍ତି । କେନ୍ଦ୍ର ସରକାର ମଧ ଅନୁରୂପ ନିର୍ବାଚନ ପ୍ରତିଶ୍ରୁତି ଦେଇଛନ୍ତି। ମାତ୍ର ଦୈନିକ ୬୧୨ ଟଙ୍କା ପାରିଶ୍ରମିକରେ ୫ମ ଶ୍ରେଣୀର ଶିକ୍ଷାଗତ ଯୋଗ୍ୟତା ସମ୍ପନ୍ନ ଗୃହରକ୍ଷୀ ପଦ ପାଇଁ ରାଜ୍ୟରେ ଧାଡ଼ିବାନ୍ଧି ପରୀକ୍ଷା ଦେଇଛନ୍ତି ଏମ୍‌ବିଏ, ଏମ୍‌ସିଏ, ବିଟେକ୍ ଯୋଗ୍ୟତା ହାସଲ କରିଥିବା ଯୁବଗୋଷ୍ଠୀ । ଯାହାକୁ ନେଇ ସାରା ରାଜ୍ୟରେ ଆଲୋଡ଼ନ ସୃଷ୍ଟି ହୋଇଛି।

ରାଉରକେଲାର ସେକ୍ଟର-୬ ସ୍ଥିତ ଇସ୍ପାତ ଷ୍ଟାଡିୟମ ଠାରେ ହୋମଗାର୍ଡ ନିଯୁକ୍ତି ପାଇଁ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ୧୦୭ଟି ହୋମଗାର୍ଡ ପଦବୀ ପାଇଁ ମୋଟ



### ୧୦୭ ପଦବୀ ପାଇଁ ପରୀକ୍ଷା ଦେଲେ ୯୦୬୧

୯୦୬୧ ପରୀକ୍ଷାର୍ଥୀ ଆଜି ପ୍ରବେଶିକା ପରୀକ୍ଷା ଦେଇଛନ୍ତି। ଏହି ପରୀକ୍ଷାର୍ଥୀଙ୍କ ମଧ୍ୟରେ ଅଛନ୍ତି ବିଟେକ୍, ଏମବିଏ, ଏମସିଏ ପରି ବୃତ୍ତିଧାରୀ ଏବଂ ସ୍ନାତକ, ସ୍ନାତକୋତ୍ତର ଡ଼ିଗ୍ରୀ ହାସଲ କରିଥିବା ଯୁବଗୋଷ୍ଠୀ। ଉଚ୍ଚ ଶିକ୍ଷିତ ବେକାର ଯୁବକଯୁବତୀ ସେମାନଙ୍କ ଯୋଗ୍ୟତା ଅନୁସାରେ ଚାକିରି ପାଉ ନଥିବାରୁ ହୋମଗାର୍ଡ ପରି ଚାକିରି ▸ପୃଷ୍ଠା-୭

### ସନ୍ଦେହ ଉଜାଡ଼ିଦେଲା ସଂସାର

## ସ୍ତ୍ରୀକୁ ଶିଳପୁଆରେ ଛେଚି ହତ୍ୟା ପରେ ସ୍ୱାମୀର ଆତ୍ମହତ୍ୟା

■ **ଗୁମ୍ମା, ୯।୬ (ସମିସ):** ସନ୍ଦେହ ଉଜାଡ଼ିଦେଲା ସଂସାର। ଅତି ବୀଭତ୍ସ ଭାବେ ସ୍ତ୍ରୀକୁ ବିରିବଟା ପଥର (ଶିଳିପୁଆ)ରେ ଛେଚିବା ସହ ଧାରୁଆ ଅସ୍ତ୍ରରେ ବେକ କାଟି ହତ୍ୟା କରିବା ପରେ ନିକଟସ୍ଥ କାଜୁ ଜଙ୍ଗଲରେ ଆତ୍ମହତ୍ୟା କରିଛି ସ୍ୱାମୀ। ଏଭଳି ଅଭାବନୀୟ ଘଟଣା ଘଟିଛି, ଗଜପତି ଜିଲ୍ଲା ସେରଙ୍ଗ ଥାନା ଗାଇବା ଗ୍ରାମ ପାଇକସାହିରେ। ମୃତକ ହେଲେ, ମୋନି ପାଇକ (୨୬) ଓ ତାଙ୍କ ସ୍ୱାମୀ ନରେନ୍ଦ୍ର ପାଇକ (୩୧)।



ସୂଚନା।ମୁତାବକ, ଗାଇବା ଗ୍ରାମ ପାଇକସାହିର ଜି. ମାଲେସୁଙ୍କ ଝିଅ ମୋନିଙ୍କୁ କେରଡ଼ାଙ୍ଗର ନରେନ୍ଦ୍ର ବିବାହ କରିଥିଲେ। ବିବାହ ପରେ ସ୍ତ୍ରୀଙ୍କ ସହ ଶଶୁରଘରେ ରହୁଥିଲେ ନରେନ୍ଦ୍ର। କିଛି ଦିନ ଠିକ୍‌ଠାକ୍ ଦାମ୍ପତ୍ୟ ଜୀବନ ବିତିବା ପରେ ମୋନିଙ୍କ ଚରିତ୍ରକୁ ନେଇ ନରେନ୍ଦ୍ର ସନ୍ଦେହ କରିଥିଲେ। ଏହାକୁ ନେଇ ଦୁହିଁଙ୍କ ମଧରେ ବାରମ୍ବାର କଳି ଝଗଡ଼ା ହେଉଥିଲା। ରବିବାର ରାତିରେ ପୁଣି ଦୁହିଁଙ୍କ ମଧରେ ଝଗଡ଼ା ହୋଇଥିଲା। ଏଥିରେ ନରେନ୍ଦ୍ରର ମୁଣ୍ଡକୁ ପିତ୍ତ ଚଢ଼ି ଯାଇଥିଲା। ମୋନିଙ୍କୁ ସବୁଦିନ ପାଇଁ ରାସ୍ତାରୁ ହଟାଇବା ପାଇଁ ସେ ଯୋଜନା କରିଥିଲା। ରାତି ପ୍ରାୟ ସାଢ଼େ ୩ଟାରେ ମୋନି ଶୋଇଥିବା ବେଳେ ନରେନ୍ଦ୍ର ଘରେ ଥିବା ଏକ ଶିଳପୁଆରେ ତାଙ୍କ ମୁଣ୍ଡକୁ ଛେଚି ଦେଇଥିଲା। ସେତିକିରେ ତା' ମନ ଶାନ୍ତ ହେଲାନି ଯେ ପରେ ଏକ ଧାରୁଆ ଅସ୍ତ୍ରରେ ମୋନିଙ୍କ ବେକ କାଟି ଦେଇଥିଲା। ସେରଙ୍ଗ ପୁଲିସକୁ ମୃତ ମୋନିଙ୍କ ମା' ଜି.ସରୋଜିନୀ କହିଛନ୍ତି ▸ପୃଷ୍ଠା-୭








## ଡାକ୍ତରଙ୍କୁ କ୍ଷମା ମାଗିଲେ ଗୋଆ ସ୍ୱାସ୍ଥ୍ୟମନ୍ତ୍ରୀ



ପାନାଜୀ, ୯ ।୬(ଏଜେନ୍ସି): ଏକ ଉଲ୍ଲେଖନୀୟ ଘଟଣାକ୍ରମରେ ଜଣେ ଡାକ୍ତରଙ୍କୁ ଖରାପ ବ୍ୟବହାର କରିବା ପରେ ଗୋଆ ସ୍ୱାସ୍ଥ୍ୟମନ୍ତ୍ରୀ ବିଶ୍ୱଜିତ୍ ରାଣେ ତାଙ୍କୁ କ୍ଷମା ମାଗିଛନ୍ତି । ହଠାତ୍ ରାଗି ଯାଇ ଏପରି ଆଚରଣ ପ୍ରଦର୍ଶନ କରିଥିଲି। ଏଥିପାଇଁ ବହୁତ ଦୁଃଖିତ ବୋଲି ସେ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ଉଲ୍ଲେଖ କରିଛନ୍ତି । ସେ ଜୁନ୍ ୭ରେ ଗୋଆ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ (ଜିଏମ୍‌ସିଏଚ୍)କୁ ଅଚାନକ ଗସ୍ତ କରିଥିଲେ। ଜଣେ ରୋଗୀଙ୍କୁ ଖରାପ ବ୍ୟବହାର କରୁଥିବା ଅଭିଯୋଗରେ ଡ୍ୟୁଟିରେ ଥିବା ଡାକ୍ତର ରୁଦ୍ରେଶ କୁଟିକରଙ୍କୁ ଗାଳିଗୁଲଜ କରିଥିଲେ। ସେ ଡାକ୍ତରଙ୍କୁ ସସ୍‌ପେଣ୍ଡ କରିବାକୁ ଆଦେଶ ଦେଇଥିଲେ । ଏବେ ସେ ଏହାକୁ ପ୍ରତ୍ୟାହାର କରିନେଇଛନ୍ତି। ଏହି ଘଟଣାର ଭିଡିଓ ସୋସିଆଲ ମିଡିଆରେ ବେଶ୍ ଭାଇରାଲ ହୋଇଥିଲା । ସମାଜରେ ଡାକ୍ତରଙ୍କ ସ୍ଥାନ ଓ ପ୍ରତିଷ୍ଠା ସବୁବେଳେ ଉଚ୍ଚରେ ଥାଏ ବୋଲି ରାଣେ କହିଛନ୍ତି । ଏହି ଘଟଣାକୁ ରାଜନୀତିକରଣ କରା ନଯାଉ ବୋଲି ସେ ଅପିଲ୍ କହିଛନ୍ତି ।

## ୬ ବର୍ଷ ପରେ କପିଲ ଶର୍ମା ଶୋ'କୁ ଫେରିଲେ ସିଦ୍ଧୁ



ଅମୃତସର, ୯ ।୬(ଏଜେନ୍ସି): ପୂର୍ବତନ କ୍ରିକେଟର ତଥା କଂଗ୍ରେସ ବରିଷ୍ଠ ନେତା ନଭଜୋତ ସିଂ ସିଦ୍ଧୁ ଦୀର୍ଘ ୬ ବର୍ଷ ପରେ 'ଦି ଗ୍ରେଟ୍ ଇଣ୍ଡିଆନ କପିଲ ଶର୍ମା ଶୋ'କୁ ପ୍ରତ୍ୟାବର୍ତ୍ତନ କରିଛନ୍ତି । ଫଳରେ କମେଡିଆନ୍ କପିଲ ଶର୍ମା ଓ ସିଦ୍ଧୁଙ୍କ ଯୋଡିକୁ ଦର୍ଶକ ପୁଣି ପସନ୍ଦ କରିବେ ବୋଲି ଆଶା କରାଯାଉଛି । ଏହି ଲୋକପ୍ରିୟ ଶୋ'ର ତୃତୀୟ ସିଜିନ ଆସନ୍ତା ୨୧ ତାରିଖରୁ ଓଟିଟି ପ୍ଲାଟଫର୍ମ ନେଟ୍‌ଫ୍ଲିକ୍ସରେ ପ୍ରିମିୟର ହେବ । ନେଟ୍‌ଫ୍ଲିକ୍ସ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଏ ନେଇ ସୂଚନା ଦେଇଛି । ସିଦ୍ଧୁ ମଧ୍ୟ ନିଜ ସାମାଜିକ ଗଣମାଧ୍ୟମ ଆକାଉଣ୍ଟରେ ପୋଷ୍ଟ କରି ଏ ନେଇ ପ୍ରଶଂସକଙ୍କୁ ଅବଗତ କରାଇଛନ୍ତି। ଉଲ୍ଲେଖଥାଉ କି, ୨୦୧୯ରେ ପୁଲୱାମା ଆତଙ୍କବାଦୀ ଆକ୍ରମଣ ପରେ ସୃଷ୍ଟି ହୋଇଥିବା ବିବାଦ କାରଣରୁ ସିଦ୍ଧୁ ଏହି ଲୋକପ୍ରିୟ ଶୋ ଛାଡିଥିଲେ । ତାଙ୍କ ସ୍ଥାନରେ ଅଭିନେତ୍ରୀ ଅର୍ଚ୍ଚନା ପୁରନ ସିଂ ଶୋରେ ସାମିଲ ହୋଇଥିଲେ । ତେବେ ସିଦ୍ଧୁ ଫେରିବାର ପରେ ଅର୍ଚ୍ଚନାଙ୍କ କୌଣସି କ୍ଷତି ହେବ ନାହିଁ। କାରଣ ସିଦ୍ଧୁ ଓ ଅର୍ଚ୍ଚନା ଦୁହିଁଙ୍କୁ ଏକା ସାଥିରେ ଶୋ'ରେ ଦେଖିବାକୁ ମିଳିବ ।

## ୟୁକ୍ରେନ୍ ଉପରେ ରୁଷ୍‌ର ରେକର୍ଡ ଡ୍ରୋନ୍ ମାଡ଼

ମସ୍କୋ, ୯ ।୬(ଏଜେନ୍ସି): ୟୁକ୍ରେନ୍ ଉପରେ ରୁଷିଆର ତା'ର ଆକ୍ରମଣକୁ ଆହୁରି ଜୋରଦାର କରିଛି । ଗତ ୩ ବର୍ଷ ମଧ୍ୟରେ ରୁଷିଆ ସର୍ବାଧିକ ୪୭୯ଟି ଡ୍ରୋନ୍ ମାଡ୍ କରିଛି ବୋଲି ୟୁକ୍ରେନ ବାୟୁସେନା ତରଫରୁ ସୂଚନା ଦିଆଯାଇଛି । ସୋମବାର ୪୬୦ ଡ୍ରୋନ୍ ଓ ୧୯ଟି ମିସାଇଲ୍‌କୁ ଖସାଇଛୁ । ୟୁକ୍ରେନ୍‌ର ବିଭିନ୍ନ ସ୍ଥାନକୁ ଲକ୍ଷ୍ୟ କରି ରୁଷିଆ ମିସାଇଲ୍ ଛାଡିଥିଲା । କେବଳ ୧୦ଟି ଲକ୍ଷ୍ୟ ସ୍ଥଳରେ ମାଡ଼ ହୋଇଥିଲା । ଏଥିରେ ମାତ୍ର ଜଣେ ଲୋକ ଆହତ ହୋଇଛନ୍ତି ବୋଲି ବାୟୁସେନା ତରଫରୁ କୁହାଯାଇଛି । ଦୁଇଦିନ ତଳେ ମଧ୍ୟ ୟୁକ୍ରେନ୍ ଉପରେ ବଡ଼ଧରଣର ଆକ୍ରମଣ କରିଥିଲା । ୟୁକେନ ଡ୍ରୋନ ମାଡ୍‌ରେ କେତୋଟି ଏୟାର ବେସ ଓ ଲଢୁଆ ବିମାନ ଧ୍ୱଂସ ହେବା ପରେ ରୁଷିଆ ପ୍ରତିଶୋଧ ପରାୟଣ ହୋଇଉଠିଛି ।

## ଜଳୁଛି ଲସ୍ ଏଞ୍ଜେଲ୍ସ

ଲସ୍ ଏଞ୍ଜେଲ୍ସ, ୯ ।୬(ଏଜେନ୍ସି): ଆମେରିକରେ ଅବୈଧ ପ୍ରବାସୀଙ୍କ ବିରୋଧରେ ଚାଲିଥିବା କାର୍ଯ୍ୟାନୁଷ୍ଠାନକୁ ବିରୋଧ କରି ଲସ୍ ଏଞ୍ଜେଲ୍ସରେ ଚାଲିଥିବା ବିକ୍ଷୋଭ ପ୍ରଦର୍ଶନ ଏବେ ଅଣାୟତ ହୋଇଛି। ଗତ ୩ ଦିନଧରି ଚାଲିଥିବା ଏହି ପ୍ରଦର୍ଶନ ଆହୁରି ହିଂସକ ହୋଇଛି। ହଜାର ହଜାର ବିକ୍ଷୋଭକାରୀ ସହରର ସଡ଼କ ଜାମ୍ କରି ଶହଶହ ଗାଡ଼ିରେ ନିଆଁ ଲଗାଇଛନ୍ତି। ସହରର ବିଭିନ୍ନ ଦୋକାନ ଓ ସପିଂ ମଲ୍‌ରେ ମଧ୍ୟ ଲୁଟ୍‌ପାଟ୍ କରିଛନ୍ତି। ସହରର ଏକ ଛକରେ ପ୍ରଦର୍ଶନକାରୀମାନେ ଛେପ ପକାଇବା ସହ ଆମେରିକା ପତାକାକୁ ଜଳାଇଛନ୍ତି। କେତେକ ସ୍ଥାନରେ ସେମାନେ ସୁରକ୍ଷାକର୍ମୀଙ୍କ ଉପରେ ଆକ୍ରମଣ କରିଛନ୍ତି। ସ୍ଥିତି ନିୟନ୍ତ୍ରଣ କରିବାକୁ ସ୍ଥାନୀୟ ପ୍ରଶାସନ ବିକ୍ଷୋଭକାରୀଙ୍କ ଉପରକୁ ଲୁହବୁହା ଗ୍ୟାସ୍, ରବର ବୁଲେଟ୍, ଫ୍ଲାସ ବ୍ୟାଙ୍ଗ୍‌ସ ବ୍ୟବହାର କରିଥିଲେ। ଏହାପରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ମାସ୍କ ପିନ୍ଧିଥିବା ଲୋକଙ୍କୁ ତୁରନ୍ତ ଗିରଫ୍ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସହର ଉପରେ ଅବୈଧ ପ୍ରବାସୀଙ୍କ କବ୍‌ଜା ହୋଇଛି ବୋଲି ସେ କହିଛନ୍ତି। ସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ସବୁ ପ୍ରକାର ବ୍ୟବସ୍ଥା ଗ୍ରହଣ କରାଯିବ ବୋଲି ଟ୍ରମ୍ପ କହିଛନ୍ତି।

## ପର୍ଯ୍ୟାପ୍ତ ଅକ୍ସିଜେନ-ବେଡ ରଖିବାକୁ ରାଜ୍ୟଙ୍କୁ କହିଲା କେନ୍ଦ୍ର

ନୂଆଦିଲ୍ଲୀ, ୯।୬ (ଏଜେନ୍ସି): ସାରା ଦେଶରେ କରୋନା ରୋଗୀ ସଂଖ୍ୟା କ୍ରମାଗତ ଭାବେ ବୃଦ୍ଧି ପାଇବାରେ ଲାଗିଛି। ଗତ ୨୪ ଘଣ୍ଟା ମଧ୍ୟରେ ଦେଶରୁ ୩୫୮ ନୂଆ ମାମଲା ଚିହ୍ନଟ ହୋଇଛି। ଏଥିସହିତ ମୋଟ କରୋନା ରୋଗୀ ସଂଖ୍ୟା ୬୪୯୧ରେ ପହଞ୍ଚି ଯାଇଛି। ଏହି ରୋଗୀଙ୍କ ମଧ୍ୟରେ କେରଳର ସର୍ବାଧିକ ୧୯୫୭ ଜଣ, ଗୁଜରାଟର ୯୮୦ ଜଣ, ପଶ୍ଚିମବଙ୍ଗରୁ ୭୪୭ ଜଣ ଏବଂ ଦିଲ୍ଲୀର ୭୨୮ ଜଣ ସାମିଲ ଅଛନ୍ତି। ସ୍ୱାସ୍ଥ୍ୟ ବିଭାଗର ସୂଚନା ଅନୁଯାୟୀ ଚଳିତ ବର୍ଷ ଜାନୁଆରୀରୁ ଏ ପର୍ଯ୍ୟନ୍ତ ୧୧ ରାଜ୍ୟରେ ୬୫ କରୋନା ରୋଗୀ ପ୍ରାଣ ହରାଇଲେଣି। ଏହା ମଧ୍ୟରୁ କେବଳ ଗତ ୧୦ ଦିନରେ ୫୮ ଜଣଙ୍କ ମୃତ୍ୟୁ ହୋଇଛି । ସ୍ୱାସ୍ଥ୍ୟ ବିଭାଗ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ କରୋନା ମାମଲା ବୃଦ୍ଧିକୁ ଦେଖି କେନ୍ଦ୍ର ସରକାର ମକ୍ ଡ୍ରିଲ ପାଇଁ ପ୍ରସ୍ତୁତି କରୁଛନ୍ତି । ସବୁ ରାଜ୍ୟଙ୍କୁ ଅମ୍ଳଜାନ, ଆଇସୋଲେସନ ବେଡ, ଭେଣ୍ଟିଲେଟର ଏବଂ ଜରୁରୀ ସାମଗ୍ରୀ ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ।

## ଆମେରିକା ବିମାନବନ୍ଦରରେ ଭାରତୀୟ ଛାତ୍ରଙ୍କୁ ନିର୍ଯାତନା

ୱାଶିଂଟନ, ୯।୬ (ଏଜେନ୍ସି): ଆମେରିକାରେ ପୁଣି ଭାରତୀୟଙ୍କୁ ଲଜ୍ଜିତ ହେବାକୁ ପଡିଛି । ନ୍ୟୁଜର୍ସିର ନ୍ୟୁୟର୍କ ବିମାନବନ୍ଦରରେ ଜଣେ ଭାରତୀୟ ଛାତ୍ରଙ୍କୁ ଅପରାଧି ଭଳି ବ୍ୟବହାର କରାଯାଇଛି। ତାଙ୍କୁ ଅଧିକାରୀମାନେ ତଳେ ପକାଇ ଦେଇଛନ୍ତି। ହାତରେ ହାତକଡ଼ି ପକାଇ ଭାରତ ପଠାଇ ଦେଇଛନ୍ତି। ଭାରତୀୟ ବଂଶୋଦ୍ଭବ ବ୍ୟବସାୟୀ କୁନାଲ ଜୈନ ରବିବାର ଏହାର ଭିଡିଓ ସେୟାର କରିଛନ୍ତି । ଏହା ଖୁବ୍ ଭାଇରାଲ ହେବାରେ ଲାଗିଛି । ସେ ଲେଖିଛନ୍ତି ଯେ ଭାରତୀୟଛାତ୍ର କାନ୍ଦୁଛନ୍ତି । ମୁଁ ପାଗଳ ନୁହେଁ ବୋଲି କହୁଛନ୍ତି । ଏହା ସତ୍ତ୍ୱେ ତାଙ୍କୁ ଅପରାଧୀ ଭଳି ବ୍ୟବହାର କରାଯାଉଛି ।

## ରିଲିଫ୍ ଜାହାଜକୁ ଅଟକାଇଲା ଇସ୍ରାଏଲ୍

ତେଲ ଅଭିଭ୍, ୯ ।୬(ଏଜେନ୍ସି): ସ୍ୱିଡେନର ପରିବେଶ କର୍ମୀ ତଥା ନୋବେଲ ଶାନ୍ତି ପୁରସ୍କାର ବିଜୟିନୀ ଗ୍ରେଟା ଥନବର୍ଗ ଓ ତାଙ୍କ ଜାହଜକୁ ଇସ୍ରାଏଲ୍ କବ୍‌ଜାକୁ ନେଇଛି। ସୋମବାର ଇସ୍ରାଏଲ୍‌ର ୫ଟି ସ୍ପିଡ୍ ବୋଟ୍ ଜାହାଜକୁ ଘେରିଥିଲେ। ଏହାପରେ ଜାହଜ ଉପରକୁ ଚଢ଼ ସୈନିକମାନେ ତାକୁ ନିୟନ୍ତ୍ରଣକୁ ନେଇଥିଲେ। ଏହି ଜାହାଜ ଗାଜାରେ ପୀଡିତ ଲୋକଙ୍କ ପାଇଁ ସାହଯ୍ୟ ସାମଗ୍ରୀ ନେଇ ଯାଉଥିଲା ।

# ହନିମୁନ୍‌ରେ ସ୍ୱାମୀଙ୍କୁ ହତ୍ୟା

## ମେଘାଳୟ ମର୍ଡରର ପର୍ଦ୍ଦାଫାସ: ପତ୍ନୀ, ପ୍ରେମିକ, ସୁପାରିକିଲର ଗିରଫ



- ■ ମଧ୍ୟପ୍ରଦେଶରେ ବିବାହ, ମେଘାଳୟରେ ମର୍ଡର, ୟୁପିରେ ଗିରଫ
- ■ ୭ ଦିନ ପରେ ଉତ୍ତରପ୍ରଦେଶରୁ ଧରାପଡ଼ିଲା ପତ୍ନୀ ସୋନମ୍
- ■ ପ୍ରେମ ପାଇଁ ପ୍ରେମିକ ସହ ମିଶି ସ୍ୱାମୀକୁ ହତ୍ୟା ଷଡ଼ଯନ୍ତ୍ର
- ■ ଯାତ୍ରା ସମୟରେ ଲୋକେସନ ସେୟାର କରୁଥିଲା ସୋନମ
- ■ ଝିଅକୁ ନିର୍ଦ୍ଦୋଷ କହିଲେ ବାପା

ଲକ୍ଷ୍ନୌ, ୯।୬ (ଏଜେନ୍ସି): ବାହା ହେବା ପାଇଁ ପ୍ରଥମେ ରାଜି ହେଉ ନ ଥିଲେ । ଝିଅର ଇଚ୍ଛା ନ ଥିବା କହି ଏଡ଼ାଇ ଦେଇଥିଲେ । କିନ୍ତୁ ଘର ଲୋକେ ବୁଝାସୁଝା କରିବା ପରେ ସାତ ଜନ୍ମ ପାଇଁ ହାତ ଧରିଥିଲେ । ମାତ୍ର ସାତ ଜନ୍ମ ତ ଛାଡ଼ ୧୭ ଦିନ ପାଇଁ ବି ଏକାଠି ରହିପାରି ନ ଥିଲେ । ବିବାହର ନଅ ଦିନ ପରେ ପତ୍ନୀ ହନିମୁନ୍ ପାଇଁ ଜିଦ୍ ଧରିଲେ । କାମାକ୍ଷ୍ୟା ଦେବୀଙ୍କ ଦର୍ଶନ ପାଇଁ ଯିବା କହି ନିଜେ ସବୁ କିଛି ବୁକିଂ କରିଥିଲେ । ଅନେକ କାମ ଥିବା ସତ୍ତ୍ୱେ ପତ୍ନୀଙ୍କୁ ନା କରିପାରି ନ ଥିଲେ । ଶେଷରେ ତାଙ୍କ ସହ ହନିମୁନରେ ମେଘାଳୟ ଯାଇଥିଲେ । ପତ୍ନୀଙ୍କ ଇଚ୍ଛା ଅନୁସାରେ ୧୦ ଲକ୍ଷ ଟଙ୍କାର ଅଳଙ୍କାର ପିନ୍ଧି ଇନ୍ଦୋର ବିମାନବନ୍ଦର ଛାଡ଼ିଥିଲେ । ମାତ୍ର ଏହି ହନିମୁନ ପଛରେ ପତ୍ନୀ ବଡ଼ ଷଡ଼ଯନ୍ତ୍ର ରଚିଥିଲେ । ପ୍ରତି ମୁହୂର୍ତ୍ତର ସୂଚନା ତଥା ଲୋକେସନ ପ୍ରେମିକକୁ ପଠାଉ ଥିଲେ । ପ୍ରେମିକ ସହ ମିଶି ପତିକୁ ହତ୍ୟା କରାଇଥିଲେ ।

ସବୁ ଅଳଙ୍କାର ଲୁଟି ନେଇ କେଉଁଆଡେ ଫେରାର ହୋଇ ଯାଇଥିଲେ। ହତ୍ୟାର ୧୭ ଦିନ ପରେ ପତି ହତ୍ୟା ପାଇଁ ପତ୍ନୀକୁ ଉତ୍ତରପ୍ରଦେଶ ପୁଲିସ ସୋମବାର ଗିରଫ କରିଛି। ଘଟଣାସ୍ଥଳରୁ ୧୧୦୦ କିମି ଦୂର ଉତ୍ତର ପ୍ରଦେଶ ଗାଜିପୁର ସ୍ଥିତ ଢାବାରୁ ଇନ୍ଦୋରର ପରିବହନ ବ୍ୟବସାୟୀ ରାଜା ରଘୁବଂଶୀଙ୍କ ପତ୍ନୀ ସୋନମକୁ ଗିରଫ କରିଛି। ତେବେ ସୋନମ୍ ନିଜକୁ ନିର୍ଦ୍ଦୋଷ କହିଛି ।

ଏହି ମାମଲାରେ ପୁଲିସ ସୋନମଙ୍କ ପ୍ରେମିକ ରାଜ୍ କୁଶ୍ୱାହ, ସୁପାରି କିଲର ସମେତ ୫ ଜଣଙ୍କୁ ଗିରଫ କରିଛି । ଏମାନଙ୍କ ମଧ୍ୟରେ ଆନନ୍ଦ କୋ, ବିଶାଲ ଚୌହାନ, ଆକାଶ ରାଜପୁତ, ଆକାଶ ଲୋଧି ସାମିଲ ଅଛନ୍ତି । ଏଣେ ଝିଅକୁ ସମ୍ପୂର୍ଣ୍ଣ ନିର୍ଦ୍ଦୋଷ କହିଛନ୍ତି ତାଙ୍କ ପରିବାର ସଦସ୍ୟ। ସେମାନେ ମେଘାଳୟ ପୁଲିସ ଉପରେ ଅଭିଯୋଗ ଲଗାଇଛନ୍ତି। ପୁଲିସ ଝିଅକୁ ଫସାଇବା ପାଇଁ ମିଛ କାହାଣୀ ଗଢ଼ିଛି ବୋଲି କହିଛନ୍ତି। ସୂଚନା ଅନୁଯାୟୀ ସୋମବାର ଭୋର ୩ଟାରେ ଗାଜିପୁରରେ




ଏକ ଢାବାରେ ସୋନମ ପହଞ୍ଚି ଥିଲେ। ଏହି ଢାବାର ପରିଚାଳକ ପୁଲିସକୁ ଫୋନ୍ କରି ସୂଚନା ଦେଇଥିଲେ। ଅନ୍ୟ ୫ ଅଭିଯୁକ୍ତଙ୍କୁ ମଧ୍ୟପ୍ରଦେଶ, ଉତ୍ତର ପ୍ରଦେଶର ଅଲଗା ଅଲଗା ସ୍ଥାନରେ ଚଢ଼ଉ କରି ଧରା ଯାଇଥିଲା। ମେଘାଳୟ ଏସଆଇଟି ମୁଖ୍ୟ ହର୍ବର୍ଟ ପିନିୟାଡ ଖାରକୋଙ୍ଗୋର କହିଛନ୍ତି ଯେ ରାଜାଙ୍କ ଉପରେ ଧାରୁଆ ଅସ୍ତ୍ରରେ ଆକ୍ରମଣ କରାଯାଇଥିଲା ବୋଲି ବ୍ୟବଚ୍ଛେଦ ରିପୋର୍ଟରୁ ଜଣାପଡ଼ିଛି। ତାଙ୍କ ମୁଣ୍ଡରେ ଦୁଇ ଥର ଆଘାତ ଲାଗିଛି। ଅନ୍ୟପକ୍ଷରେ ମେଘାଳୟ ପୁଲିସ ସୋନମଙ୍କୁ ହେପାଜତକୁ ନେଇ ସିଲଂ ଅଭିମୁଖେ ଯାତ୍ରା ଆରମ୍ଭ କରିଛି। ସୂଚନାଯୋଗ୍ୟ ଯେ ରାଜା ଏବଂ ସୋନମ ଗତ ୨୩ ତାରିଖରୁ ଇଷ୍ଟ ଖାସି ହିଲ୍ସ ଜିଲ୍ଲାର ସୋହରା କ୍ଷେତ୍ରରୁ କେଉଁଆଡେ ନିଖୋଜ ହୋଇ ଯାଇଥିଲେ । ଗତ ଦୁଇ ତାରିଖରେ ଏକ ଖାଇରୁ ରାଜାଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ତେବେ ତାଙ୍କ ପତ୍ନୀଙ୍କୁ ସନ୍ଧାନ କରାଯାଉଥିଲା । ସେ ହିଁ ରାଜାଙ୍କୁ ହତ୍ୟା କରାଇଥିଲେ ବୋଲି ମେଘାଳୟ ଡିଜିପି କହିଛନ୍ତି ।

ସୂଚନା ଅନୁଯାୟୀ ପ୍ରେମିକ ରାଜ୍ ସୋନମଙ୍କ ବାପାଙ୍କ ଦୋକାନରେ କାମ କରୁଥିଲା। ଦେଢ଼ ବର୍ଷ ହେଲା ସେ ସୋନମଙ୍କ ଘର ନିକଟରେ ରହୁଥିଲା। ସେହିପରି ରାଜାଙ୍କ ମାଆ ଉମା କହିଛନ୍ତି ଯେ ପୁଅ ପ୍ରଥମେ ବାହା ହେବାକୁ ମଙ୍ଗୁ ନ ଥିଲା । କାରଣ କଥା ହେବା ପାଇଁ ଓ ବିବାହରେ ଝିଅର ଇଚ୍ଛା ନ ଥିବା କହିଥିଲା । ପରେ ବୁଝାସୁଝା କରିବାରୁ ସେ ରାଜି ହୋଇଥିଲା। ବିବାହ ପରେ ହିଁ ବୋହୂ ହନିମୁନ ପାଇଁ ଜିଦ୍ ଧରିଥିଲା । କାହାକୁ ଏ ବିଷୟରେ ସୂଚନା ମଧ୍ୟ ଦେଇ ନ ଥିଲା । ସେ ଯିବା ଟିକଟ ତ ବୁକ୍ କରିଥିଲା, କିନ୍ତୁ ଫେରିବା ଟିକଟ କରି ନ ଥିଲା । ତଦନ୍ତ ଅଧିକାରୀ ବିବେକ ସିଆମ କହିଛନ୍ତି ଯେ ଏହା ଏକ ଯୋଜନାବଦ୍ଧ ହତ୍ୟା ବୋଲି ସ୍ପଷ୍ଟ ହୋଇଛି। ପୀଡିତାଙ୍କ ପତ୍ନୀ ଏବଂ ତାଙ୍କ ଅଭିଯୁକ୍ତ ସାଥୀ ରାଜ କୁଶ୍ୱାହ ସମ୍ପୃକ୍ତର ଯଥେଷ୍ଟ ପ୍ରମାଣ ଅଛି। ପ୍ରଥମେ ସେମାନେ ହଜି ଯାଇଥିବା ଭାବିଥିଲୁ। ପୂର୍ବରୁ ଏହି ଅଞ୍ଚଳରେ କେହି ନିଖୋଜ ହୋଇ ଯାଇଥିଲେ। ତେଣୁ ଖୋଜାଖୋଜି କରିଥିଲୁ । କିନ୍ତୁ ମୃତଦେହ ପାଇବା ପରେ ଏହା ହତ୍ୟା ଥିବା ସ୍ପଷ୍ଟ ହୋଇଥିଲା ।

### ନିର୍ବାଚନ କମିଶନଙ୍କୁ ରାହୁଲଙ୍କ ପ୍ରଶ୍ନ

## ହରିୟାଣା-ମହାରାଷ୍ଟ୍ର ତଥ୍ୟ କେବେ ମିଳିବ

ନୂଆଦିଲ୍ଲୀ, ୯।୬ (ଏଜେନ୍ସି): ଲୋକସଭା ବିରୋଧୀ ଦଳ ନେତା ତଥା କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀ ସୋମବାର ହରିୟାଣା ଏବଂ ମହାରାଷ୍ଟ୍ରର ୨୦୦୯ରୁ ୨୦୨୪ ମଧ୍ୟରେ ହୋଇଥିବା ନିର୍ବାଚନର ତଥ୍ୟ ସେୟାର କରିବା ନିଷ୍ପତ୍ତିକୁ ପ୍ରଶଂସା କରି ନିର୍ବାଚନ କମିଶନ (ଇସି)ଙ୍କୁ ପ୍ରଶ୍ନବାଣ ମାରିଛନ୍ତି ।



ଡିଜିଟାଲ ଫର୍ମାଟରେ ଏହାର ତଥ୍ୟ କେବେ ଜାରି କରାଯିବ ବୋଲି ପଚାରିଛନ୍ତି । ଏହା ସହିତ ସୋସିଆଲ ମିଡିଆରେ ଗତ ୭ ତାରିଖରେ ଜାରି ରିପୋର୍ଟର ସ୍କ୍ରିନ୍‌ସଟ୍ ସେୟାର କରିଛନ୍ତି । ଏଥିରେ ଦାବି କରାଯାଇଛି ଯେ ୨୦୨୫ ପ୍ରାରମ୍ଭରେ ଏହି ତଥ୍ୟ ଶୀଘ୍ର ଜାରି କରାଯିବ ବୋଲି ନିର୍ବାଚନ କମିଶନ ଦିଲ୍ଲୀ ହାଇକୋର୍ଟଙ୍କୁ ଜଣାଇ ଥିଲେ। ତେବେ ଏ ପର୍ଯ୍ୟନ୍ତ ଏହାକୁ ଜାରି କରାଯାଇ ନାହିଁ। ଏ ନେଇ ଇସିଙ୍କ ପକ୍ଷରୁ ଆନୁଷ୍ଠାନିକ ଭାବେ କୌଣସି ସୂଚନା ମଧ୍ୟ ଦିଆଯାଇ ନାହିଁ। ଏହା ପୂର୍ବରୁ ଗତ ଶନିବାର ରାହୁଲ ମହାରାଷ୍ଟ୍ର ବିଧାନସଭା ନିର୍ବାଚନରେ ହୋଇଥିବା ଜାଲିଆତିକୁ ନେଇ ଇସିଙ୍କୁ ଜବାବ ମାଗିଥିଲେ। ତେବେ ରାହୁଲ ଚିଠି ଲେଖିଲେ ଯାଇ ହିଁ ଏହାର ଜବାବ ଦିଆଯିବ ବୋଲି ଇସିଙ୍କ ସୂତ୍ରରୁ ସୂଚନା ମିଳିଥିଲା । ଏହା ପୂର୍ବରୁ ଏକ ଖବରକାଗଜରେ ସମ୍ପାଦକୀୟ ଲେଖି ରାହୁଲ କହିଥିଲେ ଯେ ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ଜିତିବା ପାଇଁ ବିଜେପି ଏବଂ ତା ସହଯୋଗୀ ୫ଟି ପର୍ଯ୍ୟାୟରେ ଯୋଜନା କରି ମ୍ୟାଚ ଫିକ୍ସିଂ କରିଥିଲେ । ଏବେ ବିହାରରେ ମଧ୍ୟ ଏପରି କରାଯିବ । ଯେଉଁ ରାଜ୍ୟରେ ବିଜେପି ହାରୁଛି ବୋଲି ଅନୁଭବ କରୁଛି ସେଠି ମ୍ୟାଚ ଫିକ୍ସିଂ କରାଯାଉଛି । ତେବେ ନିର୍ବାଚନ କମିଶନ ରାହୁଲଙ୍କ ଦାବିକୁ ଆଧାରହୀନ କହିଥିଲେ। ନିର୍ବାଚନ ସପକ୍ଷରେ ନ ଯିବା ପରେ ଏଭଳି ଅଭିଯୋଗ ଲଗାଇବା ବୃଥା ବୋଲି କୁହାଯାଇଥିଲା ।

## ବଲିଉଡ୍ ନିର୍ଦ୍ଦେଶକ ପାର୍ଥ ଘୋଷଙ୍କ ପରଲୋକ



ମୁମ୍ବଇ, ୯ ।୬(ଏଜେନ୍ସି): ଅଭିଜ୍ଞ ବଲିଉଡ୍ ନିର୍ଦ୍ଦେଶକ ପାର୍ଥ ଘୋଷ ୭୫ ବର୍ଷ ବୟସରେ ପରଲୋକଗମନ କରିଛନ୍ତି। ମୁମ୍ବଇର ମଧ ଦୀପସ୍ଥିତ ବାସଭବନରେ ସୋମବାର ସକାଳେ ସେ ହୃଦ୍‌ଘାତର ଶିକାର ହୋଇଥିଲେ। ଅଭିନେତ୍ରୀ ଋତୁପର୍ଣ୍ଣା ସେନଗୁପ୍ତା ଏ ନେଇ ସୂଚନା ଦେଇଛନ୍ତି । ମୃତ୍ୟୁ ବେଳକୁ ପତ୍ନୀ ଗୌରୀ ଘୋଷ ତାଙ୍କ ପାଖରେ ଥିଲେ। ସେ ୧୦୦ ଡେଜ୍, ଦଲାଲ, ଅଗ୍ନିସାକ୍ଷୀ ଭଳି ହିଟ୍ ଫିଲ୍ମର ନିର୍ଦ୍ଦେଶନା ଦେଇଥିଲେ। ୧୦୦ ଡେଜ୍‌ରେ ଜ୍ୟାକ ଶ୍ରଫ୍ ଓ ମାଧୁରୀ ଦୀକ୍ଷିତ୍ ନିଖୁଣ ଅଭିନୟ କରି ସିନେମାକୁ ଲୋକପ୍ରିୟ କରାଇଥିଲେ । ୧୯୯୨ରେ ଗୀତ୍ ସିନେମାର ନିର୍ଦ୍ଦେଶନା ଦେଇଥିଲେ ଓ ଏଥିରେ ଦିବ୍ୟା ଭାରତୀ ଓ ଅବିନାଶ ୱାଧାବନ ଅଭିନୟ କରିଥିଲେ। ସେ ଗୁଲାମ ଏ ମୁସ୍ତାଫା, ଯୁଗପୁରୁଷ ସମେତ ମୋଟ୍ ଉପରେ ୧୫ଟି ବଲିଉଡ୍ ସିନେମାର ନିର୍ଦ୍ଦେଶନା ଦେଇଛନ୍ତି । ଅଗ୍ନିସାକ୍ଷୀ ପାଇଁ ତାଙ୍କୁ ଶ୍ରେଷ୍ଠ ନିର୍ଦ୍ଦେଶକ ଫିଲ୍ମ ଫେୟାର ପୁରସ୍କାର ମିଳିଥିଲା।

### ପୁଣି ଚର୍ଚ୍ଚାରେ ଓୟୋ ହୋଟେଲ

## ୧୭ ଥର ଛୁରା ମାରି ବିବାହିତା ପ୍ରେମିକାକୁ ହତ୍ୟା

ବେଙ୍ଗାଲୁରୁ, ୯।୬ (ଏଜେନ୍ସି): ପୁଣି ବଦନାମ ଓୟୋ ହୋଟେଲ। ବହୁତ କମ୍ ପ୍ରମାଣପତ୍ରରେ ମିଳି ଯାଉଥିବା ଏହି ହୋଟେଲ ପାଲଟିଛି ପ୍ରେମିକ ପ୍ରେମିକାଙ୍କ ପ୍ରଥମ ପସନ୍ଦ। ଏହା ହୋଇଯାଇଛି ରଙ୍ଗୀନ ରାତିର ରଙ୍ଗମଞ୍ଚ ପରି। କିନ୍ତୁ ଏହି ରଙ୍ଗମଞ୍ଚ ନେଇ ଯାଉଛି ଅନେକ ଜୀବନ । କିଏ ହତ୍ୟା ତ ଆଉ କିଏ କରୁଛି ଆତ୍ମହତ୍ୟା । ଏବେ ପୁନରାବୃତ୍ତି ହୋଇଛି ପୁଣି ସେହି କାହାଣୀର । ଏଥର କିନ୍ତୁ ବେଙ୍ଗାଲୁରୁ ଓୟୋ ହୋଟେଲରେ । ଆଉ ଏକ ବଦ୍‌ନାମ ସମ୍ବନ୍ଧର ଅନ୍ତ ହୋଇଯାଇଛି । ପ୍ରେମିକାକୁ ଅତି ନୃଶଂସ ଭାବେ ପ୍ରେମିକ ହତ୍ୟା କରିଛି। ୧୭ ଥର ଛୁରା ମାରି ପ୍ରେମିକାର ଜୀବନ ନେଇଛି ।

- ■ ପ୍ରେମିକା ଦୁଇ ସନ୍ତାନର ଜନନୀ
- ■ ସଫ୍ଟୱେର ଇଞ୍ଜିନିୟର ପ୍ରେମିକ ୮ ବର୍ଷ ସାନ




ଏହି ଘଟଣା ସାରା ଦେଶରେ ଚର୍ଚ୍ଚାରେ ରହିଛି । ପ୍ରେମିକାଠାରୁ ପ୍ରେମିକ ୮ ବର୍ଷ ସାନ ଥିଲା। ପ୍ରେମିକା ହରିଣୀର ବୟସ ୩୩ ହୋଇଥିବାବେଳେ ପ୍ରେମିକ ୟସାସର ବୟସ ଥିଲା ୨୫ । ଖାଲି ସେତିକି ନୁହେଁ ପ୍ରେମିକା ବିବାହିତା ଥିଲେ। ଆଉ ୨ ସନ୍ତାନର ଜନୀନ ମଧ୍ୟ । ତେବେ ତାଙ୍କ ପ୍ରେମିକ ଥିଲା ସଫ୍ଟୱେର ଇଞ୍ଜିନିୟର। ଏହି ସମ୍ପର୍କ ବିଷୟରେ ଜାଣିବା ପରେ ହରିଣୀଙ୍କ ପରିବାରରେ ଆସିଥିଲା ଝଡ଼। ବ୍ୟକ୍ତିଗତ ସମ୍ପର୍କ ବିଗିଡିବାରେ ଲାଗିଥିଲା। ଶେଷରେ ବାଧ୍ୟ ହୋଇ ହରିଣୀ ସମ୍ପର୍କ ତୁଟାଇବାକୁ ଆସିଥିଲେ ଓୟୋ ହୋଟେଲକୁ। ବେଙ୍ଗାଲୁରୁସ୍ଥିତ ପୂର୍ଣ୍ଣା ପ୍ରଜ୍ଞା ଲେଆଉଟରେ ରହିଥିଲେ। କିନ୍ତୁ ସମ୍ପର୍କ ତୁଟାଇବାକୁ ଆସି ଜୀବନ ହରାଇ ଦେଇଥିଲେ ହରିଣୀ । ଗତ ଶୁକ୍ରବାର ରାତିରେ ଏହି ଘଟଣା ଘଟିଥିବାବେଳେ ତିନି ଦିନ ପରେ ଏହା ସାମ୍‌ନାକୁ ଆସିଛି ।

ସୁବ୍ରମନ୍ୟପୁରା ପୁଲିସର ସୂଚନା ଅନୁଯାୟୀ ହରିଣୀ ଏବଂ ୟସାସ ଉଭୟେ ବେଙ୍ଗାଲୁରୁ କେଙ୍ଗେରି ଅଞ୍ଚଳର ବାସିନ୍ଦା ଥିଲେ। ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରାଯାଇଛି। ଅଭିଯୁକ୍ତ ୟସାସକୁ ଗିରଫ ହୋଇଛି । ଏହି ମହିଳା ୟସାସଠୁ ଦୂରେଇ ଯିବାକୁ ଚାହୁଁଥିଲେ। ସେଥିପାଇଁ କଥାବାର୍ତ୍ତା କମ୍ କରି ଦେଇଥିଲେ । ସେ ସମ୍ପର୍କ ଶେଷ କରିବାକୁ ଏହି ହୋଟେଲକୁ ଆସିଥିଲେ। କିନ୍ତୁ ଇର୍ଷା ଏବଂ କ୍ରୋଧରେ ୟସାସ ତାଙ୍କୁ ଛୁରି ମାରି ହତ୍ୟା କରିଥିଲା। ଏହି ପ୍ରେମ ହରିଣୀଙ୍କ ଜୀବନରେ ସମସ୍ୟା ସୃଷ୍ଟି କରିଥିଲା। ଘର ଲୋକେ ଜାଣିବା ପରେ ସମ୍ପର୍କରେ ରହିବେ ନାହିଁ ବୋଲି ସେ ୟସାସକୁ କହି ଦେଇଥିଲେ। କିନ୍ତୁ ପ୍ରେମିକ ଏହାକୁ ସହଜରେ ଗ୍ରହଣ କରିପାରି ନ ଥିଲା ।

### କାଳ ହେଲା ବିପଦପୂର୍ଣ୍ଣ ଯାତ୍ରା

## ଲୋକାଲ ଟ୍ରେନ୍‌ରୁ ଖସି ୪ ମୃତ

ଥାନେ, ୯ ।୬(ଏଜେନ୍ସି): ମୁମ୍ବାଇର ମୁମ୍ବ୍ରା ରେଳ ଷ୍ଟେସନ ନିକଟରେ ସୋମବାର ସକାଳେ ଟ୍ରେନ୍‌ରୁ ୧୩ ଜଣ ଲୋକ ଖସି ପଡ଼ିଥିଲେ। ସେମାନଙ୍କ ମଧ୍ୟରୁ ୪ ଜଣଙ୍କ ମୃତ୍ୟୁ ଘଟିଛି। ଜଣେ ଜିଆରପି କନେଷ୍ଟବଳ ମଧ୍ୟ ଜୀବନ ହରାଇଛନ୍ତି। ଏମାନେ ସମସ୍ତେ ଟ୍ରେନ୍‌ର ଗେଟ୍ ପାଖରେ ଛିଡା ହୋଇଥିଲେ। ସକାଳ ୯.୩୦ରେ ମୁମ୍ବ୍ରାଠାରୁ କିଛି ଦୂରରେ ରହିଥିବା ଦିବା ଓ କୋପର ଷ୍ଟେସନ ମଧ୍ୟରେ ଏହି ଘଟଣା ଘଟିଥିଲା। ଅଫିସ୍ ଟାଇମ କାରଣ ପାଇଁ ଏହି ଟ୍ରେନ୍‌ରେ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା। ଅତ୍ୟଧିକ ଭିଡ ପାଇଁ ଏହା ଘଟିଥିଲା ବୋଲି କୁହାଯାଉଛି । ଏମାନେ ଟ୍ରେନ୍ ଫୁଟ୍‌ବୋର୍ଡରେ ଗୋଡ ରଖି ଲଟକି ରହିଥିଲେ। ବିପରୀତ ଦିଗରୁ ଆଉ ଏକ ଟ୍ରେନ୍ ଆସିଲା । ଦୁଇଟି ଟ୍ରେନ୍‌ର ଯାତ୍ରୀମାନଙ୍କ




ବ୍ୟାଗ୍ ପରସ୍ପର ମଧ୍ୟରେ ମାଡ ହୋଇଥିଲା। ଫଳରେ ନିୟନ୍ତ୍ରଣ ହରାଇ ଯାତ୍ରୀମାନେ ତଳକୁ ଖସି ପଡ଼ିଥିଲେ । ଏହା ଦୁଇ ଟ୍ରେନ୍ ମଧ୍ୟରେ ମୁହାଁମୁହିଁ ଧକ୍କା ନଥିଲା । ଦୁଇଟି ଟ୍ରେନ୍ ମଧ୍ୟରେ ସାଧରଣତଃ ଦୂରତା ୧.୫ରୁ ୨ ମିଟର ଥାଏ । କିନ୍ତୁ କର୍ଭ ଅର୍ଥାତ ବଙ୍କାଣୀରେ ଦୂରତା ଆହୁରି କମିଥାଏ । ଏହା ହିଁ ଦୁର୍ଘଟଣାର ମୁଖ୍ୟ କାରଣ ବୋଲି କୁହାଯାଉଛି ।

ପୁଲିସ୍ ଟିମ୍ ଓ ରେଳ ପ୍ରଶାସନ ଘଟଣାସ୍ଥଳରେ ପହଞ୍ଚିବା ପରେ ଆହତ ଯାତ୍ରୀଙ୍କୁ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ଏବେ ଏହି ଘଟଣାକୁ ନେଇ ରାଜନୀତି ଆରମ୍ଭ ହୋଇଛି। ମହରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାବୀସ୍ ଏହି ଘଟଣାର ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଉପ- ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେ ଓ ଅଜିତ ପାୱାର ଏହି ଘଟଣାରେ ଶୋକବ୍ୟକ୍ତ କରିଛନ୍ତି । ଟ୍ରେନ୍ ଦୁର୍ଘଟଣାରେ ଲୋକ ମରୁଥିବା ବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ କେନ୍ଦ୍ର ସରକାର ୧୧ ବର୍ଷ ପୂର୍ତ୍ତି ପାଳନ କରିବାର ବ୍ୟସ୍ତ ରହିଛନ୍ତି ବୋଲି କଂଗ୍ରେସ ତଥା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଏକ୍ସରେ ପୋଷ୍ଟ କରି ଉଲ୍ଲେଖ କରିଛନ୍ତି ।

# ଆଜି ବିଜେଡିର କର୍ମକର୍ତ୍ତା ସମ୍ମିଳନୀ

## ଶଂଖ ଭବନରେ ଆୟୋଜିତ ବୈଠକରେ ଅଧ୍ୟକ୍ଷତା କରିବେ ନବୀନ



ଭୁବନେଶ୍ୱର, ୯।୬(ସମିସ): ମଙ୍ଗଳବାର ବସିବ ବିଜେଡିର ଗୁରୁତ୍ୱପୂର୍ଣ୍ଣ ବୈଠକ। ସକାଳ ୧୧ଟାରେ ଶଙ୍ଖ ଭବନରେ ବିଜେଡିର ରାଜ୍ୟସ୍ତରୀୟ କର୍ମକର୍ତ୍ତାମାନେ ଏହି ବୈଠକରେ ଉପସ୍ଥିତ ରହିବେ। ବିରୋଧୀଦଳ ନେତା ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ବୈଠକରେ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ହେବ। ବିଶେଷକରି ରାଜ୍ୟରେ ବିଜେପି ସରକାରର ଏକ ବର୍ଷର ବିଫଳତା ପ୍ରମୁଖ ବିଷୟ ହେବ।

ଆସନ୍ତାକାଲି ଏହି ଗୁରୁତ୍ୱପୂର୍ଣ୍ଣ ବୈଠକ ପୂର୍ବରୁ ସୋମବାର ଶଂଖ ଭବନରେ ଏହାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ କର୍ମକର୍ତ୍ତା ବୈଠକ ପାଇଁ ରୋଡମ୍ୟାପ ସ୍ଥିର କରାଯାଇଛି। ବିଜେଡିର ନୂଆ କମିଟି ଗଠନ ପରେ ଦଳର ଏହା ପ୍ରଥମ ବଡ଼ ବୈଠକ। ତେଣୁ ଏଥିରେ ସମସ୍ତ କମିଟି ସଦସ୍ୟଙ୍କ ସହ ୨୦୨୪ ନିର୍ବାଚନର ପ୍ରାର୍ଥୀ, ବିଧାୟକ ଓ ସାଂସଦ ଉପସ୍ଥିତ ରହିବେ। ରାଜ୍ୟ ସରକାରଙ୍କ ଭଡ଼ା ବିଫଳତା, ବିପର୍ଯ୍ୟସ୍ତ ଆଇନଶୃଂଖଳା, ଅନାହାର ମୃତ୍ୟୁ, ପୋଲାଭରମ, ମହାନଦୀ, ଓବିସି ସଂରକ୍ଷଣ, ମଦ ମୃତ୍ୟୁ, ବାଟବଣା ତଦନ୍ତ ରିପୋର୍ଟ ପରି ପ୍ରସଙ୍ଗରେ ଲୋକଙ୍କୁ ସଚେତନ କରିବାକୁ ଦଳ ପକ୍ଷରୁ ରଣନୀତି ପ୍ରସ୍ତୁତ କରାଯାଉଛି।

ସେହିପରି ନବୀନ ପଟ୍ଟନାୟକଙ୍କ ସରକାର ସମୟର ସଫଳ ଯୋଜନାର ନାଁ ଓ ରଙ୍ଗ ପରିବର୍ତ୍ତନରେ ଏହି ଏକ ବର୍ଷ ବିତି ଯାଇଥିବା ନେଇ ବାରମ୍ବାର ଅଭିଯୋଗ ହେଉଛି। ଯେଉଁଥି ପାଇଁ ସରକାର ନ ଥିବା ନେଇ ଲୋକ ଅନୁଭବ କରୁଥିବା ବିଜେଡି ଦାବି କରିଛି। ଲୋକେ ସରକାରୀ ବିଫଳତା ନେଇ ସଚେତନ ହେଲେଣି। ବିଜେଡି ଏହାକୁ ଆହୁରି ଶାଣିତ କରିବ ବୋଲି ଦଳ ପକ୍ଷରୁ କୁହାଯାଇଛି। ଦାୟିତ୍ୱବାନ ବିରୋଧୀ ଭାବେ ବିଧାନସଭା ଭିତରେ ଓ ବାହାରରେ ସରକାରୀ ଉଦାସୀନତା ବିରୋଧରେ ବିଜେଡି ବାରମ୍ବାର ସ୍ୱର ଉଠାଇଛି। ଦରଦାମ ବୃଦ୍ଧି ବିରୋଧରେ ଆନ୍ଦୋଳନ ହେଉ କି ଓଡ଼ିଆ ଏଏସଓଙ୍କୁ ପୂର୍ବତନ ରାଜ୍ୟପାଳଙ୍କ ପୁଅ ମାଡ଼ ମାରିବା ଅବା ଓବିସି ସଂରକ୍ଷଣ, ସରକାରଙ୍କ ବିଫଳତା ବିରୋଧରେ ଦଳ ସରକାରଙ୍କୁ କାଠଗଡ଼ାରେ ଠିଆ କରିଛି। ଏହାକୁ ଆହୁରି ଜୋରଦାର କରିବାକୁ ଦଳ ଅଣ୍ଟା ଭିଡ଼ିଛି। ଦଳର ବରିଷ୍ଠ ନେତା ତଥା ଓବିସି ସେଲ୍ ଆବାହକ ଅରୁଣ ସାହୁ କହିଛନ୍ତି ଯେ ସରକାର କହୁଛନ୍ତି ଦୁର୍ନୀତି ହେଉନି; କିନ୍ତୁ ଜଣେ ଆଇଏଏସ୍ ଅଫିସରଙ୍କ ଘରୁ ୪୭ ଲକ୍ଷ ଟଙ୍କା ବାହାରିଛି। ସଚିବାଳୟ ଏହି ଦୁର୍ନୀତିର ଉତ୍ସ। ନ ହେଲେ ଏତେ ଟଙ୍କା କୁଆଡୁ ଆସିବ ? ତେଣୁ ସରକାର ଯାହା ତଥ୍ୟ ଦେବେ ଦିଅନ୍ତୁ ବିଜେଡି ତାଙ୍କ ବିଫଳତାର ପର୍ଦ୍ଦାଫାଶ କରିବ ଡଃ ସାହୁ କହିଛନ୍ତି।

## ୫ ମାସରେ ଉଡ଼ାଇ ନେଲେଣି ୧୪୪ କୋଟି

# ପ୍ରତିଦିନ କୋଟିଏ ଠକୁଛନ୍ତି ସାଇବର୍ ଠକ

ଭୁବନେଶ୍ୱର, ୯।୬ (ସମିସ): ରାଜ୍ୟରେ ଅଦୃଶ୍ୟ ଠକଙ୍କ ଆତଙ୍କ ବଢ଼ିବାରେ ଲାଗିଛି। ଆଖି ପିଛୁଳାକେ ଖାଲି କରିଦେଉଛନ୍ତି ପୂରା ଆକାଉଣ୍ଟ। ପୁଲିସ୍, ସରକାରଙ୍କ ପକ୍ଷରୁ ବାରମ୍ବାର ବିଭିନ୍ନ ମାଧ୍ୟମରେ ଲୋକଙ୍କୁ ସଚେତନ କରାଯାଉଥିଲେ ହେଁ ସାଇବର୍ ଠକମାନେ ଗଳା ବାଟ ବାହାର କରି ଦେଉଛନ୍ତି। ନୂଆ ନୂଆ ଉପାୟରେ ଲୋକଙ୍କୁ ଚୂନ ମାରିଚାଲିଛନ୍ତି। ପରିସ୍ଥିତି ଏମିତି ହୋଇଛି ଯେ ଠକଙ୍କ ଗୋଟିଚାଳନା ଆଗରେ ପୁଲିସ୍‌ର ରଣନୀତି ଏକପ୍ରକାର ଫେଲ୍ ମାରୁଛି। ହାତଗଣତି କେତୋଟି ମାମଲାରେ ଠକଙ୍କୁ ଗିରଫ, ଟଙ୍କା ଫେରସ୍ତ ଓ ଠକଙ୍କ ଆକାଉଣ୍ଟ ଅଚଳ କରିବା ବ୍ୟତୀତ ଖାଲି ମାମଲା ରୁଜୁରେ ପୁଲିସ୍‌ର କାର୍ଯ୍ୟାନୁଷ୍ଠାନ ସୀମିତ ରହିଯାଉଛି। ସାଇବର୍ ଠକେଇକୁ ନେଇ ଏବେ ପୁଣି ଏକ ସାଂଘାତିକ ତଥ୍ୟ ପଦାକୁ ଆସିଛି। ଗତ ୫ ମାସ ମଧ୍ୟରେ ସାଇବର୍ ଠକମାନେ ରାଜ୍ୟରୁ ପ୍ରାୟ ୧୪୪କୋଟି ଟଙ୍କା ଉଡ଼ାଇ ନେଇଛନ୍ତି। ହାରାହାରି ଭାବେ ହିସାବ କଲେ, ଦିନକୁ କୋଟିଏ ଟଙ୍କା ଲୁଟୁଛନ୍ତି। ଚଳିତବର୍ଷ ଜାନୁୟାରୀଠାରୁ ମେ' ମଧ୍ୟରେ ରାଜ୍ୟର ପ୍ରାୟ ୨୦ ହଜାର ଲୋକଙ୍କୁ ଠକମାନେ ବିଭିନ୍ନ ଉପାୟରେ ଚୂନ ମାରିଛନ୍ତି। ହେଲେ, ସେଥିମଧ୍ୟରୁ ପୁଲିସ ମାତ୍ର ୧୬କୋଟି ଟଙ୍କା ଅଚଳ କରିପାରିଛି। ଏହା ମୋଟ ଠକେଇ ପରିମାଣର ମାତ୍ର ୧୧ ପ୍ରତିଶତ ବୋଲି ଜଣାଯାଇଛି।

### ଫ୍ରିଜ୍ ହେଇଛି ମାତ୍ର ୧୬ କୋଟି

ଅପରପକ୍ଷେ, ସମ୍ବଲପୁରର ଜଣେ ବ୍ୟବସାୟୀଙ୍କୁ ସାଇବର୍ ଠକ କୋଟିଏ ଟଙ୍କାର ଚୂନ ମାରିଥିବା ଅଭିଯୋଗ ପଦାକୁ ଆସିଛି। ପୁଞ୍ଜିବଜାର (ସେୟାର ମାର୍କେଟ୍) ରେ ନିବେଶ ଆଳରେ ଠକିଛନ୍ତି। ସଂପୃକ୍ତ ବ୍ୟବସାୟୀ ହ୍ୱାଟ୍ସଆପ୍ ଯୋଗେ ସେୟାର୍ ମାର୍କେଟ୍ ସମ୍ପର୍କିତ ଏକ ମେସେଜ୍ ପାଇଥିଲେ। ପରବର୍ତ୍ତୀ ସମୟରେ ସେ ଟେଲିଗ୍ରାମ୍ ଗ୍ରୁପ୍‌ରେ ଯୋଡ଼ି ହୋଇଥିଲେ। ଟଙ୍କା ନିବେଶ କରିଲେ ଅଧିକ ରିଟର୍ଣ୍ଣ ମିଳିବ ବୋଲି ସାଇବର ଠକ ତାଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ହେଲେ ସେଥିପାଇଁ ଏକ ନିର୍ଦ୍ଦିଷ୍ଟ ଆପ୍ ଜରିଆରେ ଟଙ୍କା ନିବେଶ କରିବାକୁ ପଡ଼ିବ ବୋଲି କହିଥିଲେ। ବ୍ୟବସାୟୀଜଣଙ୍କ ସେମାନଙ୍କ କଥାରେ ବିଶ୍ୱାସ କରି ଉକ୍ତ ଆପ୍ ଦ୍ୱାରା ସେୟାର ମାର୍କେଟ୍‌ରେ ଅର୍ଥ ଲଗାଇବା ଆରମ୍ଭ କରିଥିଲେ। କମ୍ପାନୀର ସତ୍ୟାସତ୍ୟ ଜାଣିବା ଲାଗି ଟଙ୍କା ଉଠାଇବାରୁ ଆକାଉଣ୍ଟକୁ ଟଙ୍କା ଆସିଥିଲା। ବିଶ୍ୱାସ ବଢ଼ିବାରୁ ବ୍ୟବସାୟୀଜଣଙ୍କ ଆହୁରି ଟଙ୍କା ଲଗାଇଥିଲେ। ସେୟାର୍ ମାର୍କେଟରୁ ମିଳୁଥିବା ଲାଭାଂଶ ଆପ୍ ୱାଲେଟ୍‌ରେ ଦେଖାଉଥିଲା। କିନ୍ତୁ ଗତ ମାସ ଶେଷ ସପ୍ତାହରେ ସେ ପୁଣିଥରେ ଟଙ୍କା ଉଠାଇବାକୁ ଚେଷ୍ଟା କରିବାରୁ ତାଙ୍କ ଆକାଉଣ୍ଟ ବ୍ଲକ୍ ହୋଇଯାଇଥିଲା। ସେତେବେଳକୁ ସେ ୧କୋଟି ୩୧ ଲକ୍ଷ ଟଙ୍କା ହରାଇ ସାରିଥିଲେ। ଏ ସଂପର୍କରେ ସେ ସାଇବର୍ ହେଲ୍ପଡେସ୍କ ଓ ସାଇବର୍ ଥାନାରେ ଅଭିଯୋଗ କରିଛନ୍ତି। ୨୨ଟି ପର୍ଯ୍ୟାୟରେ ଠକ ତାଙ୍କ ପାଖରୁ ୧କୋଟି ୩୧ ଲକ୍ଷ ୮୬ ହଜାର ଟଙ୍କା ନେଇଥିବା ବେଳେ ପୁଲିସ୍ ମାତ୍ର ୬ଲକ୍ଷ ଟଙ୍କା ଥିବା ସାଇବର୍ ଠକଙ୍କ ଏକ ଆକାଉଣ୍ଟକୁ ଅଚଳ (ଫ୍ରିଜ୍) କରିପାରିଛି।



| ମାସ | ଅଭିଯୋଗର ସଂଖ୍ୟା | ଅଭିଯୋଗର ପରିମାଣ |
|---|---|---|
| ଜାନୁୟାରୀ | ୪୨୯୯ | ୪୧ କୋଟି |
| ଫେବୃୟାରୀ | ୩୬୬୨ | ୨୨ କୋଟି |
| ମାର୍ଚ୍ଚ | ୪୦୪୯ | ୨୫ କୋଟି |
| ଏପ୍ରିଲ | ୩୯୪୭ | ୩୩ କୋଟି |
| ମେ | ୩୮୭୮ | ୨୩ କୋଟି |

# ଘରକୁ ଫେରିଲେ ଅପରେସନ୍ 'ସିନ୍ଦୂର'ରେ ସାମିଲ ହାବିଲଦାର ମାନସ



ବାଲେଶ୍ୱର, ୯।୬(ସମିସ): ପହଲଗାମ୍ ଆତଙ୍କୀ ହମ୍‌ଲାର କଡ଼ା ଜବାବ ସ୍ୱରୂପ ଭାରତୀୟ ସେନା ପକ୍ଷରୁ କରାଯାଇଥିବା ଅପରେସନ୍ 'ସିନ୍ଦୂର'ରେ ସାମିଲ ହୋଇଥିବା ବାଲେଶ୍ୱର ଜିଲ୍ଲା ଅରଡ଼ବଜାର ଅଞ୍ଚଳର ମାନସ କୁମାର ଶତପଥୀ ଘରକୁ ଫେରିଛନ୍ତି। ସେ ଭାରତୀୟ ସେନାରେ ହାବିଲଦାର ଭାବେ କାର୍ଯ୍ୟରତ ଅଛନ୍ତି। ସେ ଘରକୁ ଫେରିବା ଖବର ପ୍ରଚାରିତ ହେବା ପରେ ବିଭିନ୍ନ ମହଲରୁ ତାଙ୍କୁ ଶୁଭେଚ୍ଛାର ସୁଅ ଛୁଟିଛି।

ମାନସ ମହାରେଜିମେଣ୍ଟରେ ୨୨ ବର୍ଷ ଧରି କାର୍ଯ୍ୟ କରୁଛନ୍ତି। ଏବେ ସେ ଶ୍ରୀନଗର ଆରଏସ୍‌ପୁରା ସେକ୍ଟରରେ ହାବିଲଦାର ଭାବେ ମୁତୟନ ରହିଛନ୍ତି। ମାନସ କହିଛନ୍ତି, ପହଲଗାମ୍ ଆକ୍ରମଣ ପରେ ୧୦ଦିନ ପର୍ଯ୍ୟନ୍ତ ସତର୍କତାର ସହ ଅଭିଯାନ ଜାରି ରହିଥିଲା। ଭାରତ ସରକାରଙ୍କଠାରୁ ଆଦେଶ ମିଳିବା ପରେ ସେ ବଙ୍କର୍‌କୁ ଯାଇଥିଲେ। ସେ ଯେଉଁଠାରେ ରହୁଥିଲେ ସେଠାରୁ ମାତ୍ର ୭କିମି ଦୂରରେ ରହିଥିଲା ପାକ ଅଧିକୃତ ଅଞ୍ଚଳ। ସିଜ୍ ଫାୟାର୍ ପର୍ଯ୍ୟନ୍ତ ବଙ୍କର୍ ମଧ୍ୟରେ ରହିବାକୁ ପଡ଼ିଥିଲା। ଖାଇବାକୁ ମିଳୁଥିଲା କେବଳ ଖେରୁଡ଼ି ଓ ଶୁଖିଲା ଖାଦ୍ୟ। ରାତିସାରା ଗୋଳା ବର୍ଷଣ ହେଉଥିବା ବେଳେ ତୁର୍କୀ ଡ୍ରୋନ୍ ସେମାନଙ୍କ ପାଇଁ ଆହ୍ୱାନ ପାଲଟିଥିଲା ବୋଲି ମାନସ କହିଛନ୍ତି। ଅପରପକ୍ଷେ, ସ୍ୱାମୀ ଅପରେସନ୍ 'ସିନ୍ଦୂର'ରେ ସାମିଲ ହୋଇଥିବା ନେଇ ପତ୍ନୀ ଚିନ୍ମୟୀ ଶତପଥୀ ଗର୍ବ ଅନୁଭବ କରୁଥିବା ପ୍ରକାଶ କରିଛନ୍ତି।

## ବନ୍ୟଜନ୍ତୁ ଆକ୍ରମଣଜନିତ ମୃତ୍ୟୁକାଳୀନ ସହାୟତା ରାଶି ବୃଦ୍ଧି

# ୬ ଲକ୍ଷରୁ ୧୦ ଲକ୍ଷକୁ ବଢ଼ିଲା

ଭୁବନେଶ୍ୱର, ୯।୬ (ସମିସ): ରାଜ୍ୟରେ ବନ୍ୟଜନ୍ତୁ ଆକ୍ରମଣ ଜନିତ ମୃତ୍ୟୁକାଳୀନ ସହାୟତା ରାଶି ବୃଦ୍ଧି ହୋଇଛି। ପୂର୍ବରୁ ମିଳୁଥିବା ୬ ଲକ୍ଷ ଟଙ୍କାର ଅର୍ଥରାଶିକୁ ସରକାର ୧୦ ଲକ୍ଷ ଟଙ୍କାକୁ ବୃଦ୍ଧି କରିଛନ୍ତି। ଏହାସହ ଯଦି ବାସଗୃହ କ୍ଷତିଗ୍ରସ୍ତ ହୋଇଥାଏ, ତେବେ ଅନ୍ତ୍ୟୋଦୟ ଗୃହ ଯୋଜନାରେ ଗୃହ ନଚେତ୍ ସମତୁଲ ଆର୍ଥିକ ସହାୟତା ପ୍ରଦାନ କରାଯିବ। ସେହିପରି ରୋଷେଇ ଘର, ଧାନ ସଂରକ୍ଷଣ ଗୃହ କିମ୍ବା ଛେଳି ଗୁହାଳ କ୍ଷତିଗ୍ରସ୍ତ ହେଲେ, ୩ ହଜାର ଟଙ୍କାର ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ କରାଯିବ। ପକ୍କା ପାଚେରି, କମ୍ପାଉଣ୍ଡ ୱାଲ୍ କ୍ଷତିଗ୍ରସ୍ତ ହେଲେ ପ୍ରତି ମିଟର ପିଛା ୫ ହଜାର ସର୍ବାଧିକ ୨୫ ହଜାର ଟଙ୍କା ପର୍ଯ୍ୟନ୍ତ ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ କରାଯିବ ବୋଲି ସୋମବାର ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

ଜଙ୍ଗଲ କ୍ଷୟ ଓ ଅନ୍ୟାନ୍ୟ କାରଣ ଯୋଗୁଁ ବନ୍ୟପ୍ରାଣୀମାନେ ଜନବସତିମୁହାଁ ହେଉଛନ୍ତି। ଫଳରେ ପଶୁ-ମଣିଷ ଲଢ଼େଇ ବୃଦ୍ଧି ପାଉଛି। ରାଜ୍ୟରେ ଅନ୍ୟ ପ୍ରାଣୀଙ୍କ ତୁଳନାରେ ହାତୀ ଆକ୍ରମଣରେ ସର୍ବାଧିକ ମୃତ୍ୟୁ ହୋଇଛି। ୨୦୧୩-୧୪ରୁ ୨୦୨୨-୨୩ ମସିହା ପର୍ଯ୍ୟନ୍ତ, ଗତ ୧୦ ବର୍ଷ ମଧ୍ୟରେ ଜୀବଜନ୍ତୁଙ୍କ ଆକ୍ରମଣରେ ୧୨୧୪ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ କେବଳ ହାତୀ ଆକ୍ରମଣରେ ୯୯୪ ଜଣଙ୍କ ଜୀବନ ଯାଇଛି। ଅନ୍ୟାନ୍ୟ ଜୀବଜନ୍ତୁଙ୍କ ଦ୍ୱାରା ୨୨୦ ଜଣଙ୍କର ମୃତ୍ୟୁ ହୋଇଛି। ଏହି ୧୦ ବର୍ଷ ମଧ୍ୟରେ ସର୍ବାଧିକ ୨୦୨୨-୨୩ ମସିହାରେ ହାତୀ ଆକ୍ରମଣରେ ୧୪୮ ଓ ଅନ୍ୟ ଜୀବଜନ୍ତୁଙ୍କ ଆକ୍ରମଣରେ ୨୬ ଜଣଙ୍କ ମୃତ୍ୟୁ ହୋଇଛି। ୨୦୧୩-୧୪ରେ ହାତୀ ଆକ୍ରମଣରେ ୬୭, ୨୦୧୪-୧୫ରେ ୬୫, ୨୦୧୫-୧୬ରେ ୮୯, ୨୦୧୬-୧୭ରେ ୬୬, ୨୦୧୭-୧୮ରେ ୧୦୫, ୨୦୧୮-୧୯ରେ ୮୫, ୨୦୧୯-୨୦ରେ ୧୧୭, ୨୦୨୦-୨୧ରେ ୧୩୯, ୨୦୨୧-୨୨ରେ ୧୧୩ ଓ ୨୦୨୨-୨୩ ମସିହାରେ ୧୪୮ ଜଣଙ୍କ ଜୀବନ ଯାଇଛି। ସେହିପରି ୧୦ ବର୍ଷ ମଧ୍ୟରେ ହାତୀ ଆକ୍ରମଣରେ ୬୬୦ଜଣ ଗୁରୁତର ଆହତ ହୋଇଛନ୍ତି। ୨୦୨୧-୨୨ ବର୍ଷ ମଧ୍ୟରେ ୧୨୫ ଜଣ ଆହତ ହୋଇଥିବା ବେଳେ ୨୦୨୨-୨୩ ବର୍ଷରେ ୧୦୨ ଜଣ ଆହତ ହୋଇଛନ୍ତି।

## କପ୍ତିପଦା ଅତିରିକ୍ତ ତହସିଲଦାରଙ୍କୁ ସଂଘବଦ୍ଧ ଆକ୍ରମଣ ଘଟଣା

# ଶିକ୍ଷକଙ୍କ ସମେତ ୯ ବାଲିମାଫିଆ ଗିରଫ

ବାଲେଶ୍ୱର/କପ୍ତିପଦା, ୯।୬ (ସମିସ): କପ୍ତିପଦା ଅତିରିକ୍ତ ତହସିଲଦାର ଭୀମକାନ୍ତ ମାଝୀଙ୍କୁ ଆକ୍ରମଣ ଓ ତାଙ୍କ ଗାଡ଼ି ଭଙ୍ଗାରୁଜା ଘଟଣାରେ ପୁଲିସ୍ ବର୍ତ୍ତମାନ ସୁଦ୍ଧା ୯ଜଣ ବାଲିମାଫିଆଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନଙ୍କ ମଧ୍ୟରେ ଜଣେ ଶିକ୍ଷକ ଥିବା ଜଣାଯାଇଛି। ସେ ହେଲେ, କପ୍ତିପଦା ହାତୀମଣ୍ଡା ପ୍ରାଥମିକ ବିଦ୍ୟାଳୟର ଭବାନନ୍ଦ ନାୟକ। ତାଙ୍କୁ ଆଜି ପୁଲିସ୍ ପୁରୀ ଜିଲ୍ଲା ଅସ୍ତରଙ୍ଗରୁ ଉଠାଇ ଆଣିଛି। ତେବେ ଜଣେ ଶିକ୍ଷକ କିଭଳି ବାଲିମାଫିଆ ପାଲଟିଲେ ଏବଂ ଅତିରିକ୍ତ ତହସିଲଦାରଙ୍କ ଭଳି ଜଣେ ବରିଷ୍ଠ ଅଧିକାରୀଙ୍କୁ ଆକ୍ରମଣ କରିବାକୁ ସାହସ ଜୁଟାଇଲେ, ତାହା ଚର୍ଚ୍ଚାର ବିଷୟ ହୋଇଛି। ଅପରପକ୍ଷେ, ଏହି ଘଟଣାରେ ପୁଲିସ୍ ପୂର୍ବରୁ ୬ ଜଣଙ୍କୁ ଗିରଫ କରିଥିବା ବେଳେ ଗତକାଲି ଟାଟା ଜାମସେଦ୍‌ପୁରରୁ ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ଦୀପକ ପାତ୍ରୀ ଏବଂ ଅନନ୍ତ ଦାସ ଓରଫ୍ ଅଜୁକୁ ଗିରଫ କରିଛି। ଅଭିଯୁକ୍ତମାନଙ୍କୁ ମୟୂରଭଞ୍ଜ, ଝାଡ଼ଖଣ୍ଡ ଓ ପୁରୀର ବିଭିନ୍ନ ସ୍ଥାନରୁ ଗିରଫ କରାଯାଇଛି। ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ପୂର୍ବାଞ୍ଚଳ ପୁଲିସ ରେଞ୍ଜ ଡିଆଇଜି ଡ. ସତ୍ୟଜିତ ନାୟକ ଏହି ସୂଚନା ଦେଇଛନ୍ତି।

ଧରାପଡ଼ିଥିବା ଅଭିଯୁକ୍ତମାନଙ୍କ ବିରୋଧରେ କର୍ତ୍ତବ୍ୟରତ ସରକାରୀ କର୍ମଚାରୀଙ୍କୁ ମରଣାନ୍ତକ ଆକ୍ରମଣ, ଅତିରିକ୍ତ ତହସିଲଦାରଙ୍କୁ ହତ୍ୟା ଉଦ୍ୟମ, ସରକାରୀ କାମରେ ବାଧା ସୃଷ୍ଟି, ଆଇନଶୃଙ୍ଖଳା ପରିସ୍ଥିତି ନଷ୍ଟ ଓ କ୍ଷୁଣ୍ଣ କରିବା ପାଇଁ ଉଦ୍ୟମ ଭଳି ସଂଗୀନ ଦଫା ଲଗାଯାଇଛି ବୋଲି ଆଇଜି ସୂଚନା ଦେଇଛନ୍ତି। ବାକି ଅଭିଯୁକ୍ତମାନଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ସେ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଗତ ୨ ତାରିଖରେ କପ୍ତିପଦା ଥାନା ସମ୍ମୁଖରେ ଅତିରିକ୍ତ ତହଦସିଲଦାର ଶ୍ରୀ ମାଝୀଙ୍କୁ ଆକ୍ରମଣ କରାଯାଇଥିଲା। ୨୦ରୁ ଊର୍ଦ୍ଧ୍ୱ ବାଲିମାଫିଆ ତାଙ୍କୁ କାର୍‌ରୁ ଘୋଷାଡ଼ି ନେବା ସହ ସାର୍ଟ କଲର୍ ଧରି ମାଡ଼ ମାରିଥିଲେ। ଏହାସହ ତାଙ୍କ ଗାଡ଼ି ମଧ୍ୟ ଭଙ୍ଗାରୁଜା କରିଥିଲେ। ଏହି ଘଟଣାକୁ ନେଇ ରାଜ୍ୟବ୍ୟାପୀ ତୀବ୍ର ଆଲୋଡ଼ନ ସୃଷ୍ଟି ହୋଇଥିଲା। ଘଟଣାକୁ ଗୁରୁତ୍ୱର ସହ ନେଇ ପୂର୍ବାଞ୍ଚଳ ଡିଆଇଜି ଡ. ସତ୍ୟଜିତ୍ ନାୟକଙ୍କ ନିର୍ଦ୍ଦେଶକ୍ରମେ ୪ଟି ସ୍ୱତନ୍ତ୍ର ପୁଲିସ ଟିମ୍ ଗଠନ କରାଯାଇ ବାଲି ମାଫିଆମାନଙ୍କୁ ଗିରଫ କରାଯିବା ପାଇଁ ଉଦ୍ୟମ କରାଯାଇଥିଲା।

■ ଆଜି ସେନାପଟା ଲାଗି

## ଅପରାହ୍ଣ ୨ଟା ଯାଏ ଦର୍ଶନ ବନ୍ଦ

ପୁରୀ, ୯।୬(ସମିସ): ବୁଧବାର ସ୍ନାନ ପୂର୍ଣ୍ଣିମା। ସ୍ନାନବେଦୀରେ ପ୍ରତ୍ୟକ୍ଷ ସ୍ନାନ କରିବେ ଦାରୁବିଗ୍ରହ। ସେଥିପାଇଁ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ସୋମବାର ଦଇତାପତି ସେବକମାନେ ଶ୍ରୀମନ୍ଦିରକୁ ପ୍ରବେଶ କରିଥିବା ବେଳେ ରାତିରେ ଚାରମାଳ ବନ୍ଧାଯାଇ ମଙ୍ଗଳବାର ସେନାପଟା ଲାଗି ହେବ। ତେବେ ଏହି ଚାରମାଳ ବନ୍ଧା ଏବଂ ସେନାପଟା ଲାଗି ନୀତି ପାଇଁ ସୋମବାର ରାତ୍ର ପହୁଡ଼ ଆଳତି ପରଠାରୁ ମଙ୍ଗଳବାର ଅପରାହ୍ଣ ୨ଟା ପର୍ଯ୍ୟନ୍ତ ଶ୍ରୀବିଗ୍ରହମାନଙ୍କର ସର୍ବସାଧାରଣ ଦର୍ଶନ ବନ୍ଦ ରହିବ। ସେନାପଟା ଲାଗି ପରେ ପୁନଶ୍ଚ ଶ୍ରଦ୍ଧାଳୁମାନେ ମହାପ୍ରଭୁଙ୍କୁ ଦର୍ଶନ କରିପାରିବେ ବୋଲି ଶ୍ରୀମନ୍ଦିର କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

# ଶିଶୁକୁ ବସ୍ତୁ ଭାବେ ବ୍ୟବହାର କରାଯିବା ଉଚିତ ନୁହେଁ :ହାଇକୋର୍ଟ



କଟକ, ୯।୬(ସମିସ): ଜଣେ ଶିଶୁକୁ ଉଭୟ ପିତାମାତାଙ୍କ ସ୍ନେହ ଓ ଭଲ ପାଇବାର ଆବଶ୍ୟକତା ରହିଥାଏ। ତେବେ ପିତାମାତାଙ୍କ ମଧ୍ୟରେ ଥିବା ଅହଂକାର ଓ କ୍ରୋଧ ପାଇଁ ଶିଶୁକୁ ଏକ ନିର୍ଜୀବ ବସ୍ତୁ ଭାବେ ବ୍ୟବହାର କରାଯିବା ଅନୁଚିତ ବୋଲି ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରକାଶ କରି କହିଛନ୍ତି। ଏକ ଦାମ୍ପତ୍ୟ କଳହ ତଥା ଛାଡ଼ପତ୍ର ମାମଲା ବିଚାରାଧୀନ ଥିବା ବେଳେ ଜଣେ ପିତାଙ୍କର ନିଜର ଛୋଟ ଶିଶୁପୁତ୍ରକୁ ଭେଟିବା ପାଇଁ ରହିଥିବା ଅଧିକାରକୁ ଅନୁମତି ପ୍ରଦାନ କରି ଜଷ୍ଟିସ ଗୌରୀଶଙ୍କର ଶତପଥୀ ଏପରି ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରକାଶ କରିଛନ୍ତି ଓ ଆବେଦନକାରୀ ପତ୍ନୀଙ୍କ ଆବେଦନକୁ ଖାରଜ କରିଦେଇଛନ୍ତି। ପ୍ରକାଶିତ ରାୟରେ ହାଇକୋର୍ଟ ଉଲ୍ଲେଖ କରିଛନ୍ତି ଯେ ପିତାମାତାଙ୍କୁ ତାଙ୍କ ସନ୍ତାନ ସହ ଯୋଗଯୋଗ କରିବାକୁ କିମ୍ବା ଭେଟିବାକୁ ମନା କରାଯିବା ଉଚିତ ନୁହେଁ। ପତି-ପତ୍ନୀଙ୍କ ମଧ୍ୟରୁ କାହାକୁ ତାଙ୍କ ସନ୍ତାନ ସହ ସାକ୍ଷାତ କରିବାର ଅଧିକାରରୁ ବଞ୍ଚିତ କରିବା ସମୟରେ ଯୁକ୍ତିଯୁକ୍ତ କାରଣ ଦର୍ଶାଯିବା ଆବଶ୍ୟକ। ଏଣୁ ପ୍ରତିପକ୍ଷ ସ୍ୱାମୀଙ୍କର ତାଙ୍କ ପୁଅକୁ ଭେଟିବାର ଅଧିକାର ପିଲାର ସର୍ବୋପରି ସ୍ୱାର୍ଥକୁ ଦୃଷ୍ଟିରେ ରଖାଯାଇ ସ୍ଥିର କରାଯିବା ଉପରେ ହାଇକୋର୍ଟ ଗୁରୁତ୍ୱାରୋପ କରିଛନ୍ତି।

ମାମଲାରୁ ପ୍ରକାଶ, ପ୍ରତିପକ୍ଷ ସ୍ୱାମୀ ତାଙ୍କ ସ୍ତ୍ରୀ (ଏଠାରେ ଆବେଦନକାରୀ)ଙ୍କଠାରୁ ଛାଡ଼ପତ୍ର ପାଇଁ ଏକ ଆବେଦନ ଦାଖଲ କରିଥିଲେ। ଛାଡ଼ପତ୍ର ଆବେଦନସହିତ ସେ ତାଙ୍କ ପୁଅର ହେପାଜତ ପାଇଁ ଏକ ମଧ୍ୟବର୍ତ୍ତୀକାଳୀନ ଆବେଦନ ମଧ୍ୟ ଦାଖଲ କରିଥିଲେ। ଛାଡ଼ପତ୍ର ଆବେଦନର ଫଇସଲା ସମୟରେ ସେମାନଙ୍କ ପିଲାର ହେପାଜତ ସମ୍ପର୍କରେ ନିଷ୍ପତ୍ତି ନିଆଯିବ ବୋଲି ନିମ୍ନ ଅଦାଲତ ନିର୍ଦ୍ଦେଶ ଦେଇଥିଲେ। ଅନ୍ୟପଟରେ ତାଳଚେର ସିଭିଲ ଜଜ୍ ପ୍ରତିପକ୍ଷ ପିତାଙ୍କ ପକ୍ଷରୁ ରୁଜୁ ଅନ୍ତରୀଣ ଆବେଦନର ଶୁଣାଣି କରି ତାଙ୍କ ସନ୍ତାନକୁ ଭେଟିବା ଅଧିକାରକୁ ଅନୁମତି ପ୍ରଦାନ କରିଥିଲେ। ପ୍ରତିପକ୍ଷ ପିତା ଭରଣପୋଷଣ ପ୍ରଦାନରେ ଅବହେଳା କରୁଥିବା ଦର୍ଶାଇ ନିମ୍ନ ଅଦାଲତଙ୍କ ଏହି ଆଦେଶ ବିରୋଧରେ ପତ୍ନୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହେଲେ ହାଇକୋର୍ଟ ଏହି ଆଧାରକୁ ଗ୍ରହଣ ନକରି ଆବେଦନଟିକୁ ଖାରଜ କରିଦେଇଛନ୍ତି।

# ବଜ୍ରପାତରେ ଫାଟିଲା ଜଗନ୍ନାଥ ମନ୍ଦିର ଦଧିନଉତି

**ଶିବ ଲିଙ୍ଗର ପରିସର ଫାଟିଲା**

ଭଦ୍ରକ, ୯।୬(ସମିସ): ଆଜି ମଧ୍ୟାହ୍ନରେ ବଜ୍ରପାତରେ ଭଦ୍ରକ ବ୍ଲକ ହରିପୁର ପଞ୍ଚାୟତ ହରିପୁର ଗ୍ରାମରେ ଥିବା ଶ୍ରୀଜଗନ୍ନାଥ ମନ୍ଦିର ଓ ଶିବ ମନ୍ଦିରରେ ବ୍ୟାପକ କ୍ଷୟକ୍ଷତି ଘଟିଛି। ସୂଚନାନୁଯାୟୀ, ଶ୍ରୀଜଗନ୍ନାଥ ମନ୍ଦିରର ଦଧିନଉତିର ନିମ୍ନ ଭାଗ ଭାଙ୍ଗିଯାଇଛି। ସେହିଭଳି ଗାଁର ଶିବମନ୍ଦିର ଗର୍ଭଗୃହରେ ଶକ୍ତି ପରିସର ଭାଙ୍ଗି ଯାଇଛି। ମନ୍ଦିରର ସାଜସଜା ପାଇଁ ନିର୍ମିତ ନାଗ, ହାତୀ ଆଡ଼ି ମଧ୍ୟ ବଜ୍ରପାତରେ ଭାଙ୍ଗି ଯାଇଛି। ଏହାକୁ ନେଇ ସ୍ଥାନୀୟ ଭକ୍ତଙ୍କ ମଧ୍ୟରେ ଦୁଃଖର ଛାୟା ଖେଳିଯାଇଛି। ତୁରନ୍ତ ଏହାର ମରାମତି ଲାଗି ପୂଜକ ରଶ୍ମିରଞ୍ଜନ ମିଶ୍ର, ଗ୍ରାମବାସୀ ସୁରେନ୍ଦ୍ର ପ୍ରସାଦ ବାରିକ ଓ ସିଦ୍ଧେଶ୍ୱର ବାରିକ ପ୍ରମୁଖ ଦାବି କରିଛନ୍ତି।

# ଚିକିତ୍ସାଧୀନ ଦନ୍ତା ମୃତ




**ଶିକାରୀ ତୀରରେ ଘାଇଲା ହୋଇଥିଲା**

ଆନନ୍ଦପୁର, ୯।୬(ସମିସ): ଶିକାରୀ ତୀରମାଡ଼ରେ ଗୁରୁତର ହୋଇଥିବା ଏକ ଦନ୍ତାହାତୀ ଆଜି ଚିକିତ୍ସାଧୀନ ଅବସ୍ଥାରେ ପ୍ରାଣ ହରାଇଛି। କେନ୍ଦୁଝର ଜିଲ୍ଲା ଆନନ୍ଦପୁର ବନ୍ୟପ୍ରାଣୀ ବନଖଣ୍ଡ ଅଧୀନ କୋଳିମାଟି ପଞ୍ଚାୟତ କରଡ଼ାବଣି ଅଞ୍ଚଳରେ ଏହି ଅଘଟଣ ଘଟିଛି। ବନ ବିଭାଗ ଅଧିକାରୀ ହାତୀଟିର ବ୍ୟବଚ୍ଛେଦ କରାଇବା ପରେ ଶବକୁ ପୋତି ଦେଇଛନ୍ତି।

ସୂଚନାନୁଯାୟୀ, ହାତୀଦାନ୍ତ ଲୋଭରେ ୧୫ରୁ ୨୦ ଦିନ ତଳେ କେହି ଶିକାରୀ ଦନ୍ତାକୁ ତୀରମାଡ଼ କରିଥିଲା। ସୌଭାଗ୍ୟକୁ ହାତୀଟି ବଞ୍ଚିଯାଇଥିଲେ ହେଁ ଅଞ୍ଚଳରେ ଆହତ ଅବସ୍ଥାରେ ଘୂରି ବୁଲୁଥିଲା। ଖବର ପାଇ ବନ ବଭାଗ ତାକୁ ଟ୍ରାଙ୍କୁଲାଇଜ୍ କରି ଚିକିତ୍ସା ଚଳାଇଥିଲା। ତେବେ ଦନ୍ତା ଦେହରୁ ୬ ଇଞ୍ଚର ଏକ ତୀର ବାହାରିଥିବା ବେଳେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ବନ ବିଭାଗ କହିଛି। ଦୋଷୀମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଆନନ୍ଦପୁର ଡିଏଫ୍‌ଓ ଅଭୟ କୁମାର ଦଳେଇ କହିଛନ୍ତି। ଘଟଣାସ୍ଥଳରେ ବନ ବିଭାଗ ଅଧିକାରୀ ପହଞ୍ଚି ହାତୀଟିର ମୃତଦେହକୁ ଜବଦ କରି ବ୍ୟବଚ୍ଛେଦ କରିଛନ୍ତି।

# ସକ୍ରିୟ ହେବାକୁ ପାଗ ଭିଡୁଛି ମୌସୁମୀ

## ରାଜ୍ୟରେ ଗୁଳୁଗୁଳି ସାଙ୍ଗକୁ ଜାରି ରହିବ ବର୍ଷା



ଭୁବନେଶ୍ୱର, ୯।୬(ସମିସ): ଏଥର ସଅଳ ଆସିଥିବା ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁର ଅଗ୍ରଗତିରେ ଗତ ମେ' ୨୯ ପରଠାରୁ ବିରାମ ଲାଗିଛି। ଫଳରେ ଓଡ଼ିଶା ସମେତ ଦେଶର ପ୍ରମୁଖ ରାଜ୍ୟମାନଙ୍କରେ ବର୍ଷାରେ ରୋକ୍ ଲାଗିଛି। ଏହା ପୁଣି ସକ୍ରିୟ ହୋଇ ପ୍ରଥମେ ଦକ୍ଷିଣ ଭାରତୀୟ ରାଜ୍ୟଗୁଡ଼ିକରେ ବର୍ଷା କରାଇବ। ଏହାପରେ ଆସନ୍ତା ୧୨ରୁ ୧୫ ତାରିଖ ମଧ୍ୟରେ କର୍ଣ୍ଣାଟକ ଏବଂ କୋଙ୍କଣ-ଗୋଆ ଆଦି ଅଞ୍ଚଳରେ ପ୍ରବଳ ବର୍ଷା କରାଇବ। ଏହା ପରେ ପରେ ଓଡ଼ିଶାରେ ମଧ୍ୟ ମୌସୁମୀ ସକ୍ରିୟ ହେବା ସହ ରାଜ୍ୟରେ ବର୍ଷା ହୋଇପାରେ।

ଅନ୍ୟପଟେ ବର୍ତ୍ତମାନ ଉତ୍ତର-ପଶ୍ଚିମ ବଙ୍ଗୋପସାଗର ପାଶ୍ୱର୍ବର୍ତ୍ତୀ ଓଡ଼ିଶା ସଂଲଗ୍ନ ଦକ୍ଷିଣ ଗାଙ୍ଗେୟ-ପଶ୍ଚିମବଙ୍ଗ ଉପକୂଳରେ ବାୟୁମଣ୍ଡଳର ୧.୫ରୁ ୫.୮ କିଲୋମିଟର ଉଚ୍ଚତା ମଧ୍ୟରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ଏହାର ପ୍ରଭାବରେ ରାଜ୍ୟକୁ ଜଳୀୟବାଷ୍ପପୂର୍ଣ୍ଣ ବାୟୁ ପ୍ରବେଶ କରୁଛି। ଫଳରେ ଉପକୂଳ ଓଡ଼ିଶାରେ ପ୍ରବଳ ଗୁଳୁଗୁଳି ଅନୁଭୂତ ହେଉଛି। ଉପକୂଳ ଓଡ଼ିଶାରେ ଗୁଳୁଗୁଳିର ପ୍ରଭାବ ବହୁ ଅଧିକ ରହୁଥିବା ବେଳେ ଆଭ୍ୟନ୍ତରୀଣ ଓଡ଼ିଶାରେ ତାପମାତ୍ରା ବୃଦ୍ଧି ପାଇଛି। ସୋମବାର ଝାରସୁଗୁଡ଼ାରେ ତାପମାତ୍ରା ୪୦.୭ ଡିଗ୍ରୀ ରେକର୍ଡ ହୋଇଥିବା ବେଳେ ବଲାଙ୍ଗିରରେ ୪୦.୩ ଡିଗ୍ରୀ ରେକର୍ଡ ହୋଇଛି। ମାତ୍ର ଉପକୂଳରେ ୩୫-୩୭ ଡିଗ୍ରୀ ତାପମାତ୍ରା ସାଙ୍ଗକୁ ଆର୍ଦ୍ରତା ପରିମାଣ ୫୦ ପ୍ରତିଶତରୁ ଅଧିକ ରହିଥିବା ହେତୁ ପ୍ରବଳ ଗୁଳୁଗୁଳି ଅନୁଭୂତ ହେଉଛି। ରାଜଧାନୀରେ ଗରମ ଓ ଗୁଳୁଗୁଳିରୁ ଲୋକଙ୍କୁ ଆଶ୍ୱସ୍ତି ମିଳୁନାହିଁ। ଆଜି ଦିନ ୧୨ଟା ସୁଦ୍ଧା ଭୁବନେଶ୍ୱର ତାପମାତ୍ରା ୩୫ ଡିଗ୍ରିରେ ମଧ୍ୟରେ ଥିଲେ ମଧ୍ୟ ଆର୍ଦ୍ରତା ୬୮.୪ ପ୍ରତିଶତରୁ ଅଧିକ ରହୁଥିବାରୁ ପ୍ରବଳ ଗୁଳୁଗୁଳି ହୋଇଛି। ସକାଳେ ଆର୍ଦ୍ରତା ୮୦ ପ୍ରତିଶତରୁ ଅଧିକ ରହୁଥିବାରୁ ରାଜଧାନୀବାସୀ ଅସ୍ତବ୍ୟସ୍ତ ହେଉଛନ୍ତି।

ସଂପ୍ରତି ଦିନରେ ଗରମ ଓ ଗୁଳୁଗୁଳି ହେଉଥିବା ବେଳେ ଅପରାହ୍ଣ ପରେ ଅନେକ ସ୍ଥାନରେ ବିଜୁଳି, ଘଡ଼ଘଡ଼ି ସହ ବର୍ଷା ପାଇଁ ପାଗ ଅନୁକୂଳ ରହୁଛି। ଫଳରେ ଅନେକ ସ୍ଥାନରେ ସୋମବାର କାଳବୈଶାଖୀଜନିତ ବର୍ଷା ଅନୁଭୂତ ହୋଇଛି। ସୋମବାର ସନ୍ଧ୍ୟା ସାଢ଼େ ୫ଟା ସୁଦ୍ଧା ଜଗତସିଂହପୁରରେ ସର୍ବାଧିକ ୪୧ ମିମି ବର୍ଷା ହୋଇଥିବା ବେଳେ ଅନୁଗୁଳରେ ୩୫, ଖୋର୍ଦ୍ଧାରେ ୩୩, ଭଦ୍ରକ ୨୨, ଯାଜପୁର ୨୦ ଓ କେନ୍ଦୁଝରରେ ୧୬ ମିମି ବର୍ଷା ରେକର୍ଡ ହୋଇଛି। ମଙ୍ଗଳବାର ମୟୂରଭଞ୍ଜ, ଗଜପତି, ଗଞ୍ଜାମ ଓ କନ୍ଧମାଳର ବିଭିନ୍ନ ସ୍ଥାନରେ ବିଜୁଳି, ଘଡ଼ଘଡ଼ି ସହ ପବନ ଓ କିଛି କିଛି ସ୍ଥାନରେ ଭାରି ବର୍ଷା ହେବାକୁ ଥିବାବେଳେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, କେନ୍ଦୁଝର, ଅନୁଗୁଳ, ଢେଙ୍କାନାଳ, ବୌଦ୍ଧ, ନୟାଗଡ଼, କଳାହାଣ୍ଡି, କୋରାପୁଟ, ମାଲକାନଗିରି ଓ ରାୟଗଡ଼ାରେ ମଧ୍ୟ ବିଜୁଳି ଘଡ଼ଘଡ଼ି ସହ ବର୍ଷା ଆଶଙ୍କା ରହିଛି। ଏହାକୁ ଦୃଷ୍ଟିରେ ରଖି ପାଣିପାଗ କେନ୍ଦ୍ର ଏହି ଜିଲ୍ଲାଗୁଡ଼ିକ ପାଇଁ ୟେଲୋ ଆଲର୍ଟ ଜାରି କରିଛି।

# ଆଇଡି ବିସ୍ଫୋରଣରେ ଅତିରିକ୍ତ ଏସ୍‌ପି ସହିଦ



ମାଲକାନଗିରି, ୯।୬ (ସମିସ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ ସୁକମା ଜିଲ୍ଲାର କୋଣ୍ଟାରେ ନକ୍ସଲଙ୍କ ଦ୍ୱାରା ଖଞ୍ଜାଯାଇଥିବା ଏକ ଆଇଇଡି ବିସ୍ଫୋରଣରେ ଅତିରିକ୍ତ ଏସ୍‌ପି ଆକାଶ ରାଓ ଗିରପୁଞ୍ଜେ ସହିଦ ହୋଇଛନ୍ତି। ଏଥିରେ କୋଣ୍ଟା ଥାନା ଇନ୍‌ଚାର୍ଜ (ଟିଆଇ) ଓ ଏସ୍‌ଡିପିଓ ମଧ୍ୟ ଆହତ ହୋଇଛନ୍ତି। ସୁରକ୍ଷା କର୍ମୀଙ୍କ ପାଟ୍ରୋଲିଂ ବେଳେ ଏଭଳି ଅଘଟଣ ଘଟିଛି। ଏହି ଖବର ପ୍ରଚାରିତ ହେବା ପରେ ପୁଲିସ୍ ବିଭାଗରେ ଶୋକର ଛାୟା ଖେଳିଯାଇଛି। ଅପରପକ୍ଷେ, ଉକ୍ତ ଅଞ୍ଚଳରେ ସର୍ଚ୍ଚ ଅପରେସନ୍‌କୁ ଜୋରଦାର୍ କରାଯାଇଛି। ସୂଚନାନୁସାରେ, ଛତିଶଗଡ଼ର ସୁକମା ଜିଲ୍ଲାର କୋଣ୍ଟା ଏରାବୋରା ଅଞ୍ଚଳରେ ପୁଲିସ୍ ଦଳ ପାଟ୍ରୋଲିଂରେ ବାହାରିଥିଲେ। ଏହି ପାଟ୍ରୋଲିଂରେ ଅତିରିକ୍ତ ଏସ୍‌ପି ଆକାଶ ରାଓ ଗିରପୁଞ୍ଜେଙ୍କ ସହ କୋଣ୍ଟା ଥାନା ଇନ୍‌ଚାର୍ଜ ଏବଂ ଏସ୍‌ଡିପିଓ ମଧ୍ୟ ସାମିଲ୍ ଥିଲେ। ପାଟ୍ରୋଲିଂ ଚାଲିଥିବା ବେଳେ କୋଣ୍ଟା ଅଞ୍ଚଳରେ ମାଓବାଦୀମାନେ ଖଞ୍ଜିଥିବା ଆଇଇଡି ହଠାତ୍ ବିସ୍ଫୋରଣ କରିଥିଲା। ଯେଉଁଥିରେ ଅତିରିକ୍ତ ଏସ୍‌ପି ଆକାଶ ରାଓ ଗିରପୁଞ୍ଜେ ଗୁରୁତର ଆହତ ହୋଇଥିଲେ। ସେହିପରି ଏଥିରେ ଅନ୍ୟ ଜଣେ ଯବାନ ଓ ଅଧିକାରୀ ଆହତ ହୋଇଥିଲେ। ସମସ୍ତଙ୍କୁ ସ୍ଥାନୀୟ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଅତିରିକ୍ତ ଏସ୍‌ପି ଶ୍ରୀ ଗିରପୁଞ୍ଜେ ସହିଦ ହୋଇଥିବା ସୂଚନା ମିଳିଛି।

### ଦିନକ ପରେ ଦ୍ୱିତୀୟ ଶ୍ରୀକ୍ଷେତ୍ରରେ ସ୍ନାନଯାତ୍ରା; ପ୍ରସ୍ତୁତି ଚୂଡାନ୍ତ

# ଯାନବାହନ ଚଳାଚଳ ରୁଟ୍ ପରିବର୍ତ୍ତନ

ବାରିପଦା, ୯ ।୬(ସମିସ)



ଦେବସ୍ନାନ ପୂର୍ଣ୍ଣିମା ପାଇଁ ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦାରେ ଶ୍ରୀ ଶ୍ରୀ ହରିବଳଦେବ ଜୀଉଙ୍କ ପବିତ୍ର ସ୍ନାନ ଯାତ୍ରା ବୁଧବାର ଅନୁଷ୍ଠିତ ହେବ; ଯାହାକୁ ନେଇ ସମସ୍ତ ପ୍ରସ୍ତୁତି ଚୂଡାନ୍ତ ହୋଇଛି । ନିର୍ଦ୍ଧାରିତ ନିର୍ଘଣ୍ଟ ଅନୁଯାୟୀ ସମସ୍ତ ନୀତିକାନ୍ତି ସମ୍ପାଦିତ ହେବ । ଦେବୋତ୍ତର ବିଭାଗ ଓ ମନ୍ଦିର ସେବାୟତ ଏଥିପାଇଁ ସମସ୍ତ କାର୍ଯ୍ୟ ଠିକଭାବରେ ତୁଲାଇବା ପାଇଁ ପ୍ରୟାସ ଜାରି ରଖିଛନ୍ତି । ସକାଳ ୫.୩୦ରୁ ସ୍ନାନ ମଣ୍ଡପକୁ ଗୋଟିପହଣ୍ଡିରେ ତିନି ଦିଅଁ ସ୍ନାନ ମଣ୍ଡପକୁ ବିଜେ କରାଯିବ । ଗଙ୍ଗାଙ୍କ ଆବାହନ କରାଯାଇ ଅମୃତ ସ୍ନାନ, ୧୦୮ ପଇଡ ଜଳ ସ୍ନାନ ଏବଂ ପରେ ମନ୍ଦିର ପରିସରରେ ଥିବା ସ୍ୱତନ୍ତ୍ର କୂଅରୁ ୧୦୮ କୁମ୍ଭ ଲେଖାଏଁ ଜଳ ଅଣାଯାଇ ଶ୍ରୀ ଜୀଉଙ୍କ ଦେବସ୍ନାନ ନୀତି ଅନୁଷ୍ଠିତ ହେବ । ଏହାପରେ ତିନି ଠାକୁରଙ୍କ ଚନ୍ଦନ ଓ ଫୁଲବେଶ ହୋଇ ସାହାଣମେଲା ଅନୁଷ୍ଠିତ ହେବ । ସର୍ବସାଧାରଣଙ୍କ ଦର୍ଶନ ଜାରି ରହିବା ସହିତ ସନ୍ଧ୍ୟାରେ ଶ୍ରୀ ଜୀଉମାନେ ଗଜ ବେଶରେ ଭକ୍ତଙ୍କୁ ଦର୍ଶନ ଦେବେ । ସେପଟେ ସ୍ଥାନୀୟ ସାନ ଜଗନ୍ନାଥ (ବାଣ୍ଡିଆ ଜଗନ୍ନାଥ) ମହାପ୍ରଭୁଙ୍କ ମନ୍ଦିରରେ ମଧ୍ୟ ଦେବସ୍ନାନ ପୂର୍ଣ୍ଣିମା ଯଥାରୀତିରେ ସମ୍ପନ୍ନ ହେବ । ପରମ୍ପରା ଅନୁସାରେ ସ୍ନାନ ପୂର୍ଣ୍ଣିମା ମଧ୍ୟରାତ୍ରରେ ତିନି ଠାକୁର ଗୋଟିପହଣ୍ଡିରେ ୧୫ ଦିନ ପାଇଁ ଅଣସର ପିଣ୍ଡିକୁ ବିଜେ କରିବେ । ସ୍ନାନଯାତ୍ରା ପରେ ମହାପ୍ରଭୁ ଅଣସର ଘରକୁ ବିଜେ କରିବେ । ଏହି ସମୟରେ ଶ୍ରୀମନ୍ଦିରରେ ପଟି ଦିଅଁ ପୂଜା ପାଇବେ । ଏଥିପାଇଁ ଚିତ୍ରକର ସେବକମାନେ ପଟିଦିଅଁ ପ୍ରସ୍ତୁତି କରିଛନ୍ତି । ପାରମ୍ପରିକ ରଙ୍ଗ ଦେବା କାର୍ଯ୍ୟ ମଧ୍ୟ ଶେଷ ହୋଇଛି । ସ୍ନାନ ମଣ୍ଡପରେ ତିନି ଦିଅଁଙ୍କୁ ଦର୍ଶନ କରିବା ପାଇଁ ହଜାର ହଜାର ଭକ୍ତଙ୍କର ଭିଡ ହେବ । ଏହାକୁ ଦୃଷ୍ଟିରେ ରଖି ଜିଲ୍ଲା ପୁଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଛି । ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ବରୁଣ ଗୁଣ୍ଟୁପାଲ୍ଲିଙ୍କ ନିର୍ଦ୍ଦେଶ ଅନୁଯାୟୀ ଦିଅଁ ଦର୍ଶନ ପାଇଁ ଭକ୍ତଙ୍କ ସମାଗମକୁ ଦୃଷ୍ଟିରେ ରଖି ସକାଳୁ ରାତି ଯାଏ ମନ୍ଦିର ସମ୍ମୁଖ ଦେଇ ଯାନବାହାନ ଚଳାଚଳର ରୁଟ ପରିବର୍ତ୍ତନ କରାଯାଇଛି । ଶାନ୍ତିଶୃଙ୍ଖଳା ପାଇଁ ଆବଶ୍ୟକ ପୁଲିସ ଅଧିକାରୀ ସହିତ ଫୋର୍ସ ମୁତୟନ ବ୍ୟବସ୍ଥା କରାଯାଇଛି । ଅସ୍ଥାୟୀ ଫାଣ୍ଡି ସହ ଦୁଇ ପ୍ଲାଟୁନରୁ ଊର୍ଦ୍ଧ୍ୱ ପୁଲିସ ମୁତୟନ ନେଇ ସୂଚନା ମିଳିଛି ।

# ରଥଯାତ୍ରା ପରିଚାଳନା ନେଇ ବିଧାୟକଙ୍କ ସମୀକ୍ଷା



**ବାରିପଦା, ୯ ।୬(ସମିସ):** ବାରିପଦାର ଦ୍ୱିତୀୟ ଶ୍ରୀକ୍ଷେତ୍ର ରଥଯାତ୍ରାକୁ ସୁପରିଚାଳନା କରିବା ନେଇ ପୌର ପରିଷଦ ଅଧିକାରୀଙ୍କ ସହିତ ସ୍ଥାନୀୟ ବିଧାୟକ ପ୍ରକାଶ ସୋରେନ ସୋମବାର ସମୀକ୍ଷା କରିଥିଲେ । ପୌର କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଆୟୋଜିତ ବୈଠକରେ ବିଧାୟକ ଶ୍ରୀ ସୋରେନଙ୍କ ସହିତ ନଗରପାଳ କୃଷ୍ଣାନନ୍ଦ ମହାନ୍ତି, କାର୍ଯ୍ୟ ନିର୍ବାହୀ ଅଧିକାରୀ

**ଦୁଇଟି ପୋଖରୀ ଉନ୍ନତିକରଣ ପାଇଁ ଡିପିଆର ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ**

ଦେବୀପ୍ରସାଦ ରାଉତ ପ୍ରମୁଖ ଉପସ୍ଥିତ ଥିଲେ । ରଥଯାତ୍ରାକୁ କିପରି ସରସ ଓ ସୁନ୍ଦର କରାଯିବ ସେ ନେଇ ଆଲୋଚନା କରିଥିଲେ । ଜିଲ୍ଲା ସମେତ ପୋଡ଼ଶୀ ଜିଲ୍ଲା ଓ ରାଜ୍ୟରୁ ଅନେକ ଲୋକଙ୍କ ସମାଗମ ହେବ । ଉକ୍ତ ସମୟରେ ସହରର ପରିମଳ ବ୍ୟବସ୍ଥା କିପରି ପରିଚାଳନା କରାଯିବ ସେ ବାବଦରେ ଆଲୋଚନା କରାଯାଇଛି । ବଡ଼ଦାଣ୍ଡ ସଫାସୁତୁରା, ଉଠା ଦୋକାନ, ନିୟମିତ ପରିମଳ ବ୍ୟବସ୍ଥା ଆଦି ବିଭିନ୍ନ ଦିଗରେ ଆଲୋଚନା କରାଯାଇଥିଲା । ଜିଲ୍ଲା ପ୍ରଶାସନ ଓ ବାରିପଦା ପୌରପାଳିକାର ସହଯୋଗରେ ରଥଯାତ୍ରାକୁ ସୁପରିଚାଳନା କରିବା ନେଇ ପଦକ୍ଷେପ ଗ୍ରହଣ କରାଯାଇଛି । ଏଥିସହିତ ବାରିପଦା ପୌରାଞ୍ଚଳରେ ନୂତନ ଉନ୍ନତିକରଣ ପ୍ରକଳ୍ପଗୁଡିକର ଡିପିଆର ପ୍ରସ୍ତୁତ କରିବାକୁ ଆଲୋଚନା ହୋଇଛି । ଚାପଲ ପୋଖରୀ ଓ ବଡ଼ ପୋଖରୀ ଉନ୍ନତିକରଣ ନିମନ୍ତେ ବିଧାୟକ ମତବ୍ୟକ୍ତ କରିଛନ୍ତି । ପୋଖରୀ ପରିସରକୁ ସୁନ୍ଦର ଭାବେ ସଜ୍ଜିତ କରିବାକୁ ଡିପିଆର କରି ଗୃହ ଓ ନଗର ଉନ୍ନୟନ ବିଭାଗକୁ ପ୍ରଦାନ କରିବା ପାଇଁ ବିଧାୟକ ଶ୍ରୀ ସୋରେନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏଥିସହିତ ବାରିପଦା ପୌର ପରିଷଦର ସମସ୍ତ ୱାର୍ଡରେ ବିଭିନ୍ନ ଉନ୍ନତିକରଣ କାର୍ଯ୍ୟନେଇ ମଧ୍ୟ ଶ୍ରୀ ସୋରେନ ଆଲୋଚନା କରିବା ସହ ବିଭାଗକୁ ପ୍ରସ୍ତାବ ପଠାଇବାକୁ ନିର୍ଦ୍ଦେଶ ଦେଇଛନ୍ତି । ବୈଠକରେ କାଉନସିଲର, ପୌର ଯନ୍ତ୍ରୀ, କନିଷ୍ଠ ଯନ୍ତ୍ରୀ ଓ କର୍ମଚାରୀ ଉପସ୍ଥିତ ଥିଲେ ।

### ବିଜେପି ସରକାର ବିରୋଧରେ ରାଷ୍ଟ୍ରୀୟ ଖ୍ରୀଷ୍ଟିଆନ ମୋର୍ଚ୍ଚାର ରଣହୁଙ୍କାର

# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ



**ବାରିପଦା, ୯ ।୬(ସମିସ):** ରାଷ୍ଟ୍ରୀୟ ଖ୍ରୀଷ୍ଟିଆନ ମୋର୍ଚ୍ଚା ଆହ୍ୱାନ କ୍ରମେ ସୋମବାର ମୟୂରଭଞ୍ଜ ଜିଲ୍ଲା ସଭାପତି ରାମେଶ୍ୱର ହେମ୍ବ୍ରମଙ୍କ ନେତୃତ୍ୱରେ ୫ ହଜାରରୁ ଊର୍ଦ୍ଧ୍ୱ ମହିଳାପୁରୁଷ ଏକ ବିଶାଳ ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲେ । ପରେ ମୟୂରଭଞ୍ଜ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଶୋଭାଯାତ୍ରା ବାରିପଦା ଛଉ ପଡ଼ିଆରୁ ଆରମ୍ଭ ହୋଇ ବେଲଗଡ଼ିଆ ହୋଇ କୃଷ୍ଣଚନ୍ଦ୍ର ଗୋଲେଇ ଏବଂ ସେଠାରୁ ବାରିପଦା ମୁଖ୍ୟ ବଜାରଠାରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲା । ଖ୍ରୀଷ୍ଟିଆନଙ୍କ ଉପରେ ଲଗାତାର ଅନ୍ୟାୟ ଅତ୍ୟାଚାର କରିବା ସହିତ ଧାର୍ମିକ ସ୍ଥଳଗୁଡ଼ିକ ଭଙ୍ଗା ରୁଜା କରିବା, ସ୍ଥାନୀୟ ପୁଲିସ ଦ୍ୱାରା ନିରୀହ ବିଶ୍ୱାସୀ ଓ ପାଷ୍ଟରଙ୍କ ଉପରେ ମିଥ୍ୟା ମାମଲା ରୁଜୁ କରି ଜେଲ ପଠାଇବା, ଧର୍ମାନ୍ତରୀକରଣ ଓ ଘର ୱାପସି ନାମରେ ଉଚ୍ଚନିଚ ଓ ଭେଦଭାବ ଭିତ୍ତିକ ମନୁବାଦୀ ଧର୍ମ ଓ ସଂସ୍କୃତିକୁ ଲଦିଦେବା, ଧର୍ମାନ୍ଧତାର ଉନ୍ମାଦନା କରି ଦଙ୍ଗା ସୃଷ୍ଟି କରିବା, ଆଦିବାସୀ ସମାଜ ମଧ୍ୟରେ ଅନୁପ୍ରବେଶ କରି ଆଦିବାସୀଙ୍କୁ ସାମାଜିକ ବହିଷ୍କାର କରିବା ଓ ଖ୍ରୀଷ୍ଟ ଧର୍ମରେ ବିଶ୍ୱାସ ରଖିଥିବା ମୃତ ବ୍ୟକ୍ତିଙ୍କ ଶବ ସତ୍କାରକୁ ବାରଣ କରି ତଥାକଥିତ ରୀତିରେ ପୋଡ଼ିଦେବା ଓ ମୃତବ୍ୟକ୍ତିଙ୍କୁ ଅନ୍ୟ ଧର୍ମରେ ଦୀକ୍ଷିତ କରିବା ଆଦି ବିରୋଧରେ ବିକ୍ଷୋଭ କରିଥିଲେ । ପରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲ୍ଲାପାଳ ବିଭୂତି ଭୂଷଣ ନାୟକଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ । ଦାବିପତ୍ର ପ୍ରଦାନ କରିବା ସମୟରେ ରାଷ୍ଟ୍ରୀୟ ଖ୍ରୀଷ୍ଟିଆନ ମୋର୍ଚ୍ଚାର ଜିଲ୍ଲା ସଭାପତି କାମେଶ୍ୱର ହେମ୍ବ୍ରମ, ସମାଜସେବୀ ଶାନ୍ତିଲତା ଚାତାର, ଗିରୀଶ ଚନ୍ଦ୍ର ସାମାଡ, ଜାକୋବ ସୋରେନ, ଗାମାଏ ରୀମିଲ ଗୋଇପାଇ, ସିଂଗରାଏ ବେଶ୍ରା, ସେଙ୍ଗେଲ ସିଂ ପୂର୍ତ୍ତି, ଗୋପାଳ ମୁର୍ମୁ ପ୍ରମୁଖ ଉପସ୍ଥିତ ଥିଲେ ।

# ରାଜ୍ୟସ୍ତରୀୟ କୁଡୁମୀ ମେଧାବୀ ସମ୍ବର୍ଦ୍ଧନା ସମାରୋହ



**ବାରିପଦା, ୯ ।୬(ସମିସ):** କୁଡୁମୀ ଶିକ୍ଷକ ମଞ୍ଚ ଓଡ଼ିଶା ତରଫରୁ ବାରିପଦା ଷ୍ଟାଡିୟମ ସମ୍ମିଳନୀ କକ୍ଷରେ ରାଜ୍ୟସ୍ତରୀୟ କୁଡୁମୀ ମେଧାବୀ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ରାଜ୍ୟର ବିଭିନ୍ନ ଜିଲ୍ଲାର ୨୧୮ ଜଣ କୁଡୁମୀ ମେଧାବୀ ଛାତ୍ରଛାତ୍ରୀଙ୍କୁ ସଂଗଠନ ତରଫରୁ ମାନପତ୍ର ଓ ଟ୍ରଫି ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ସଂଗଠନର ରାଜ୍ୟ ସଭାପତି ଶିଉଲାଲ ମହାନ୍ତଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ସମାଜସେବୀ ଛୋଟେଲାଲ ମହାନ୍ତ ମୁଖ୍ୟଅତିଥି ଭାବେ ଯୋଗଦେଇ କୁଡୁମୀ ଏକ ସ୍ୱାଭିମାନୀ ଜାତି ବୋଲି କହିଥିଲେ । ଏଥି ସହିତ କୁଡୁମୀ ଜାତିରେ କେହି ଭିକ୍ଷୁକ ନାହାଁନ୍ତି ବୋଲି ସେ ଉଲ୍ଲେଖ କରିଥିଲେ । ଜାତୀୟସ୍ତରର ଜନଜାତି ସଂଗଠକ ବିଶ୍ୱାମିତ୍ର ମହାନ୍ତ ମୁଖ୍ୟବକ୍ତା ଭାବେ ଯୋଗଦେଇ କୁଡୁମୀମାନେ ଏତେ ସ୍ୱାଭିମାନୀ ଯେ ପେଟର ଭୋକକୁ ବି ହଜମ କରି ଦେଇ ସମାଜରେ ତିଷ୍ଠି ରହିଥାନ୍ତି ବୋଲି କହିଥିଲେ । ସମ୍ମାନିତ ଅତିଥି ଭାବେ ପ୍ରତ୍ନତାତ୍ତ୍ୱିକ କବିଚନ୍ଦ୍ର ମହାନ୍ତ, ସମାଜସେବୀ କ୍ଷେତ୍ରବାସୀ ମହାନ୍ତ, ପ୍ରଶାସନିକ ଅଧିକାରୀ ପଙ୍କଜ କୁମାର ମହାନ୍ତ, ଅଧ୍ୟାପକ ଡ. ଅଭିଷେକ ମହାନ୍ତ, ଆଇଆଇଟିଆନ ଇଂ ଶାଶ୍ୱତୀ ସୌମ୍ୟା ମହାନ୍ତ ଓ ଇଂ ବିଶ୍ୱଜିତ ମହାନ୍ତ ମଞ୍ଚାସୀନ ଥିଲେ । ଆଇଆଇଟିଆନ ବିଶ୍ୱଜିତ ମହାନ୍ତ, ଶାଶ୍ୱତୀ ସୌମ୍ୟା ମହାନ୍ତ ଓ ଅଧ୍ୟାପକ ରାଜକିଶୋର ମହାନ୍ତ ଛାତ୍ରଛାତ୍ରୀମ ଉଚ୍ଚଶିକ୍ଷାରେ କଣ ପଢ଼ିଲେ ଭବିଷ୍ୟତରେ କଣ ହୋଇପାରିବେ ତାହା ବିସ୍ତୃତ ଭାବେ ଆଲୋଚନା କରିଥିଲେ । ଏହି ଅବସରରେ ୧୧ ଜଣ କୃତୀ ଶିକ୍ଷକ ଓ ୩ ଜଣ ଅବସରପ୍ରାପ୍ତ କୃତୀ ଶିକ୍ଷକଙ୍କୁ ମଧ୍ୟ ମଞ୍ଚ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା । ଚଳିତ ମାଟ୍ରିକ ପରୀକ୍ଷାରେ ୫୮୪ ନମ୍ବର ରଖି ଟପ୍ପର ହୋଇଥିବା ଚନ୍ଦନ କୁମାର ମହାନ୍ତଙ୍କୁ ଶିକ୍ଷାବିତ ଟଙ୍କଧର ମହାନ୍ତ ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା । ସେହିପରି ମାଟ୍ରିକ ଇଂରାଜୀ ମାଧ୍ୟମ ଟପ୍ପର ବଳାଦିତ୍ୟ ମହାନ୍ତଙ୍କୁ ପରିବେଶବିତ୍ ମୃତ୍ୟୁଞ୍ଜୟ ମହାନ୍ତ ସ୍ମୃତି ସମ୍ମାନ, +୨ ବିଜ୍ଞାନ ଟପ୍ପର ସରିତା ମହାନ୍ତଙ୍କୁ ମିଳନଦେବୀ ସ୍ମୃତି ସମ୍ମାନ ଓ +୨ କଳା ଟପ୍ପର ନିଶାନ୍ତବନ୍ଧୁ ମହାନ୍ତଙ୍କୁ କୈଳାସ ଚନ୍ଦ୍ର ମହାନ୍ତ ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା । ମଞ୍ଚର ସମ୍ପାଦକ ଶରତ କୁମାର ମହାନ୍ତ ସମ୍ପାଦକୀୟ ବିବରଣୀ ପାଠ କରିଥିବାବେଳେ ବାପି କୁମାର ମହାନ୍ତ ଅତିଥିଙ୍କୁ ମଞ୍ଚକୁ ଆମନ୍ତ୍ରଣ କରିଥିଲେ । ଶିକ୍ଷକ ଅଜୟ କୁମାର ମହାନ୍ତ ପ୍ରାରମ୍ଭିକ ସୂଚନା ଦେଇଥିଲେ । ଶିକ୍ଷକ ବିଶ୍ୱନାଥ ମହାନ୍ତ ଓ ଲକ୍ଷ୍ମୀଧର ମହାନ୍ତ ମାନପତ୍ର ପାଠ କରିଥିଲେ । ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ମହାନ୍ତ, ଗଜେନ୍ଦ୍ର ମହାନ୍ତ, କୈଳାସ ଚନ୍ଦ୍ର ମହାନ୍ତ, ଏଟିଏସ ବେଲାଳସେନ, ରଞ୍ଜନ କୁମାର ମହାନ୍ତ, ବୀରଭଦ୍ର ମହାନ୍ତ ଓ ଜିତେନ୍ଦ୍ର ମହାନ୍ତ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଏହି ଅବସରରେ ଝୁମର ରାଣୀ ବିନ୍ଦୁ ମହାନ୍ତ ଓ ତାଙ୍କ ଟିମ୍ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । କୁଡୁମୀ ଶିକ୍ଷକ ମଞ୍ଚର ସଂଯୋଜକ ଗୋବିନ୍ଦଚନ୍ଦ୍ର ମହାନ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ୩ ଦଫା ଦାବିରେ ବନ କର୍ମଚାରୀଙ୍କ ଶୋଭାଯାତ୍ରା




**ବାରିପଦା, ୯ ।୬(ସମିସ):** ବନ ବିଭାଗର କ୍ଷେତ୍ର କର୍ମଚାରୀଙ୍କ ପକ୍ଷରୁ ୩ ଦଫା ସମ୍ବଳିତ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି । ଓଡ଼ିଶା ଅଣଗେଜେଟେଡ଼ ବନ କର୍ମଚାରୀ ସଂଘର ବାରିପଦା ଜୋନ ଶାଖା ପକ୍ଷରୁ ରାଜ୍ୟ ଅଧ୍ୟକ୍ଷ ଖଗେଶ୍ୱର ସେଠୀଙ୍କ ନେତୃତ୍ୱରେ ସୋମବାର ଏକ ଶୋଭାଯାତ୍ରା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲା । ପରେ ଅତିରିକ୍ତ ଜିଲ୍ଲାପାଳଙ୍କ ଜରିଆରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ବନ ବିଭାଗର କ୍ଷେତ୍ର କର୍ମଚାରୀ (ଫରେଷ୍ଟ ଗାର୍ଡ, ଫରେଷ୍ଟର, ଡେପୁଟି ରେଞ୍ଜର) ପ୍ରମୁଖ ପୂର୍ବରୁ ସରକାରଙ୍କ ନିକଟରେ ରଖିଥିବା ଦାବି ପୂରଣ ନ କରିବାକୁ ନେଇ ସାମୂହିକ ପ୍ରତିବାଦ କରିଛନ୍ତି । ବନ କର୍ମଚାରୀ ବାରମ୍ବାର ଶିକାରୀଙ୍କ ଗୁଳିର ଶିକାର ହେଉଛନ୍ତି । ହିନ୍ଦୋଳ ରେଞ୍ଜର ବନରକ୍ଷୀ ପ୍ରହ୍ଲାଦ ପ୍ରଧାନଙ୍କୁ ନିର୍ମମ ହତ୍ୟା କରାଗଲା; ଯାହାକୁ ନେଇ ସଂଘ ପକ୍ଷରୁ ଜରୁରୀ ବୈଠକ କରି ୩ଟି ଦାବି ରାଜ୍ୟ ସରକାରଙ୍କୁ ପ୍ରଦାନ କରିଥିଲେ । କିନ୍ତୁ ରାଜ୍ୟ ସରକାର ସେନେଇ କୌଣସି ପଦକ୍ଷେପ ଗ୍ରହଣ କଲେନାହିଁ । ତେଣୁ ବନ କର୍ମଚାରୀ ପ୍ରତି ଅବହେଳା ପ୍ରତିବାଦରେ ସାମୂହିକ ଛୁଟିରେ ରହି ଅନଶନ କରିବାକୁ ଚେତାବନୀ ଦେଇଛନ୍ତି । ମୃତ ବନରକ୍ଷୀ ପ୍ରହ୍ଲାଦ ପ୍ରଧାନଙ୍କୁ ହତ୍ୟାକାରୀ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା, ମୃତକଙ୍କ ପରିବାରକୁ ୧ କୋଟି ଟଙ୍କା ଅନୁକମ୍ପା ସହାୟତା, ନାବାଳିକା ଝିଅର ପାଠପଢ଼ା ସହ ଥଇଥାନ, ବନ ବିଭାଗର ବିଭିନ୍ନ ଅବ୍ୟବସ୍ଥା ପ୍ରତିକାର ସମ୍ବନ୍ଧ ଏକ ଫରେଷ୍ଟ କମିଶନ ଗଠନ, କ୍ୟାଡ଼ର ପୁନର୍ବିନ୍ୟାସ, ତାଲିମ ଓ ନିଯୁକ୍ତି ପ୍ରକ୍ରିୟା ଉନ୍ନତି କରିବା, ଜିଲ୍ଲା ବା ସର୍କଲ ସ୍ତରରେ ପରିଚାଳନା କରିବା, ରେଞ୍ଜ/ସେକ୍ସନ/ବିଟ୍‌ର ପୁନର୍ଗଠନ, ସ୍ପେଶାଲ ଫୋର୍ସ ଏବଂ ରାପିଡ୍ ରେସ୍‌ପଣ୍ଡ ଟିମ୍ ପାଇଁ ସ୍ୱତନ୍ତ୍ର ନିଯୁକ୍ତି, ବିପଦପୂର୍ଣ୍ଣ ସ୍ଥାନରେ କାର୍ଯ୍ୟରତ ବନ କର୍ମଚାରୀଙ୍କୁ ପୁଲିସ ଭଳି ବେତନ ଓ ବୀମା ଆଦି ଦାବି ରହିଛି । କର୍ମଚାରୀ ଆସନ୍ତା ୧୫ ପର୍ଯ୍ୟନ୍ତ ସମୟ ଦେଇଥିବା ବେଳେ ଦାବି ପୂରଣ ନ ହେଲେ ଜୁନ ୧୫ରୁ ୨୧ ପର୍ଯ୍ୟନ୍ତ କଳାବ୍ୟାଜ ପିନ୍ଧି ପ୍ରତିବାଦ କରିବେ ବୋଲି ଚେତାବନୀ ଦେଇଛନ୍ତି । ପୁଣି ଦାବି ପୂରଣ ନହେଲେ ଜୁନ ୨୨ରୁ ସାମୂହିକ ଛୁଟିରେ ରହିବେ ବୋଲି ଚେତାବନୀ ଦେଇଛନ୍ତି ।

# ରାଜ୍ୟସ୍ତରୀୟ ଶିଶୁଗଳ୍ପ କର୍ମଶାଳା ଉଦ୍‌ଯାପିତ



**ବଡ଼ସାହି, ୯ ।୬(ସମିସ):** ବାଣୀପୀଠ ଗଙ୍ଗରୁ ଆମ ସୁନାଚାନ୍ଦ ଜାତୀୟ ଶିଶୁ ସାହିତ୍ୟ ସଂସ୍ଥାନ ଓ ରାଷ୍ଟ୍ରଭାଷା ସାହିତ୍ୟ ସଂସ୍କୃତି ଏକାଡେମୀ ଆନୁକୂଲ୍ୟରେ ବିବେକାନନ୍ଦ ବିହାରଠାରେ ଚାଲିଥିବା ଦୁଇ ଦିନିଆ ରାଜ୍ୟସ୍ତରୀୟ ଶିଶୁଗଳ୍ପ କର୍ମଶାଳା ସୋମବାର ଉଦ୍‌ଯାପିତ ହୋଇଯାଇଛି । ଡ. ଶଶିଧର ବିଶ୍ୱାଳ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ଏହି ଅବସରରେ ପିଲାଙ୍କ ମଧ୍ୟରେ ନୃତ୍ୟ ଓ ସଙ୍ଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏହାପରେ ଜେଜେ ଗୁରୁଜୀ ବେଣୁଧର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ସଭାରେ ସ୍ୱତନ୍ତ୍ର ଅତିଥି ଭାବେ ବିଜ୍ଞାପିତ ଅଞ୍ଚଳ ପରିଷଦ ଉଦଳାର ଅଧ୍ୟକ୍ଷା ପ୍ରମିଳା ପଣ୍ଡା, ମୁଖ୍ୟଅତିଥି ଭାବେ ନବକାକଳିର ସମ୍ପାଦକ ଡ. ସୁରେନ୍ଦ୍ରନାଥ ତ୍ରିପାଠୀ ଯୋଗଦାନ କରି ଶିଶୁଙ୍କ ଅନ୍ତର୍ନିହିତ ପ୍ରତିଭାର ବିକାଶ ଘଟାଇଥାଏ ଶିଶୁଗଳ୍ପ ବୋଲି ମତବ୍ୟକ୍ତ କରିଥିଲେ । ଶିଶୁ ସାହିତ୍ୟିକ ଡ. ଭାଗବତ ଲେଙ୍କା ମୁଖ୍ୟବକ୍ତା ଭାବେ ଯୋଗଦାନ କରି ସୃଷ୍ଟି ଆରମ୍ଭରୁ ଅଦ୍ୟାବଧି ଶିଶୁଗଳ୍ପ କେମିତି ମାନବ ଜଗତ ଉପରେ ପ୍ରଭାବ ପକାଇଛି ତାହା ଉପସ୍ଥାପନ କରିଥିଲେ । ସମ୍ମାନିତ ଅତିଥି ଭାବେ ଶିଶୁ ସାହିତ୍ୟିକ ବାସୁଦେବ ନାପିତ ଓ ଶିଶୁ ସାହିତ୍ୟିକା ସରୋଜିନୀ ପତି ଯୋଗଦାନ କରିଥିଲେ । ପିଲାଙ୍କ ମଧ୍ୟରେ ଶିଶୁ ଗଳ୍ପ ଲିଖନରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ ଲକ୍ଷ୍ମୀ ମୁର୍ମୁ, ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ ଲକ୍ଷ୍ମୀପ୍ରିୟା ବଗାଳ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ ଶୁଭଙ୍କର ବଗାଳ । ୪ଜଣ ବିଶିଷ୍ଟ ଶିଶୁ ସାହିତ୍ୟିକ ଓ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଶିଶୁଙ୍କୁ ମାନପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା । ପୁହାଣ ସୂର୍ଯ୍ୟକାନ୍ତି ରାଉତ ଧନ୍ୟବାଦ ଅର୍ପଣ କରିଥିଲେ ।

### ଗ୍ରାମ୍ୟ ଉନ୍ନୟନ ବିଭାଗର ଫିଟୁଛି ଦୁର୍ନୀତି ଗୁମର

# ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ ନାଁରେ ପୁଣି ଅଭିଯୋଗ

ବାରିପଦା, ୯।୬(ସମିସ)

ମୟୂରଭଞ୍ଜ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ବିଭାଗର ସର୍ବୋଚ୍ଚ ଅଧିକାରୀ ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ ନାମରେ ପୁଣି ଅଭିଯୋଗ । ପୂର୍ବରୁ ତାଙ୍କର କାର୍ଯ୍ୟକଳାପକୁ ନେଇ ଭଞ୍ଜସେନା ଗତ ୧୧ ତାରିଖରେ କାର୍ଯ୍ୟାଳୟ ଘେରଉ ଚେତାବନୀ ଦେଇଥିବା ବେଳେ ପୁଣି ତାଙ୍କ ନାମରେ ପୃଥକ ପୃଥକ ଅଭିଯୋଗପତ୍ର ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଛି । ଏଥିସହିତ ଅଭିଯୋଗପତ୍ରର ଏକ ନକଲ ବାରିପଦା ଡିଭିଜନର ଅଧୀକ୍ଷଣ ଯନ୍ତ୍ରୀ, ଇଆଇସି ଆରଡବ୍ଲ୍ୟୁ ଓ ଆରଡବ୍ଲ୍ୟୁ ମୁଖ୍ୟ ସଚିବଙ୍କ ନିକଟକୁ ମଧ୍ୟ ପଠାଯାଇଛି । ଏହି ଘଟଣାର ଏକ ଉଚ୍ଚସ୍ତରୀୟ ତଦନ୍ତ କରାଯାଇ ସମ୍ପୃକ୍ତ ତତ୍କାଳୀନ ଅଧୀକ୍ଷଣ ଯନ୍ତ୍ରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି । ତତ୍କାଳୀନ ଅଧିକ୍ଷଣ ଯନ୍ତ୍ରୀ (ବର୍ତ୍ତମାନ ମୁଖ୍ୟ ନିର୍ମାଣ ଯନ୍ତ୍ରୀ) ଅକ୍ଷୟ ନାଏକଙ୍କ ତଞ୍ଚକତା ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଥିବାବେଳେ ଭିଜିଲାନ୍ସ ବିଭାଗର ନୀରବତାକୁ ପ୍ରଶ୍ନବାଚୀ ସୃଷ୍ଟି କରୁଛି । ଶ୍ରୀ ନାଏକ ଆୱାର୍ଡ ମାଧ୍ୟମରେ ଡିଗ୍ରୀ ଓ ଡିପ୍ଲୋମା ଲାଇସେନ୍ସଧାରୀ ଠିକାଦାରଙ୍କୁ ହାତବାରିସୀ କରି ବିଭାଗୀୟ ଅନୁଦାନ ଲୁଟ କରିବା ସହିତ ଟେଣ୍ଡରକୁ ବାତିଲ କରି ଡକାଯାଇଥିବା କାର୍ଯ୍ୟକୁ ଆୱାର୍ଡ ମାଧ୍ୟମରେ କରିବା, ବିଭିନ୍ନ ରାସ୍ତା କାମରେ ଡେଭିଏସନ କରି ଆଇଟମ ଫାଙ୍କି ଠିକାଦାର ସହ ମିଶି ଲୁଟ କରିବା ଓ ନିର୍ଦ୍ଦିଷ୍ଟ ସରକାରୀ ଦଳର ବିଧାୟକ ସହ ମିଶି ଅନଲାଇନ ଟେଣ୍ଡରକୁ କଳବଳେ ଏକସେସ୍‌ରେ କିଛି କାମକୁ ଏଗ୍ରିମେଣ୍ଟ ମାଧ୍ୟମରେ କରିଥିବା ନେଇ ଅଭିଯୋଗପତ୍ରରେ ଦର୍ଶାଯାଇଛି । ସୂଚନାଯୋଗ୍ୟ ଯେ, ୨୦୨୪-୨୫ ଆର୍ଥିକ ବର୍ଷରେ ଗ୍ରାମ୍ୟ ଉନ୍ନୟନ ବିଭାଗ ବାରିପଦା ଡିଭିଜନ ଅଧୀନରେ ବିଭିନ୍ନ ପ୍ରକଳ୍ପ କାର୍ଯ୍ୟକୁ ନେଇ ଟେଣ୍ଡର ଆହ୍ୱାନ କରାଯାଇଥିଲା । ଏହି କାର୍ଯ୍ୟଗୁଡିକ ମଧ୍ୟରେ ବେତନଟୀ ସବଡିଭିଜନ ଅଧୀନରେ ଥିବା ବଡ଼ସାହି, ବେତନଟୀ ଓ ରାସଗୋବିନ୍ଦପୁର ବ୍ଲକରେ ବ୍ୟାପକ ଅର୍ଥ ହରିଲୁଟ ହୋଇଛି । କେବଳ ପ୍ରକଳ୍ପ କାର୍ଯ୍ୟରେ ରଙ୍ଗମାରି ଲକ୍ଷାଧିକ ଟଙ୍କା ହରିଲୁଟ ହୋଇଛି; ଯାହାକି ବଡ଼ସାହି ବ୍ଲକର ଖଡିକାପଦା ହୋମିଓପ୍ୟାଥି ଡିସପେନସେରୀ କାର୍ଯ୍ୟ ୩ ଲକ୍ଷ, ରେଭିନ୍ୟୁ ରେଷ୍ଟସେଡ ୫ଲକ୍ଷ, ରାଜସ୍ୱ କାର୍ଯ୍ୟାଳୟ ପାଟଳିପୁରା କାର୍ଯ୍ୟ ୫ଲକ୍ଷ, ବେତନଟୀ ବ୍ଲକ ରୁରାଲ ୱାର୍କ୍ସ (ଆରଡବ୍ଲ୍ୟୁ) ସେକ୍ସନ-୧ ବେତନଟୀର ୫ଲକ୍ଷ, ଆରଡବ୍ଲୁ ସେକ୍ସନ ଅଫିସ ବୈଶିଙ୍ଗାର ୫ଲକ୍ଷ, ରାସଗୋବିନ୍ଦୁପର ବ୍ଲକ ସାନମୁଣ୍ଡିଆ ରାଜସ୍ୱ କାର୍ଯ୍ୟାଳୟ କାର୍ଯ୍ୟ ୫ଲକ୍ଷରେ କଂକ୍ରିଟ କାର୍ଯ୍ୟକୁ କରା ନ ଯାଇ କେବଳ ରଙ୍ଗମାରି ଟଙ୍କା ଉଠାଣ ହୋଇଥିବା ନେଇ ଅଭିଯୋଗପତ୍ରରେ ଦର୍ଶାଯାଇଛି । ସେହିପରି ବିଭାଗୀୟ ଡିଟିସିଏନ ନଂ ୧୬ରେ ୨୭ଟି କାର୍ଯ୍ୟର ଟେଣ୍ଡର ଡକାଯାଇଥିବା ବେଳେ କିଛି ଦିନ ପରେ ଏହାକୁ ତଞ୍ଚକତା କରାଯାଇ ୧୦ଟି କାର୍ଯ୍ୟକୁ ଟେଣ୍ଡରରୁ ପ୍ରତ୍ୟାହାର କରାଯାଇଥିଲା । ପରେ ସେହି କାର୍ଯ୍ୟକୁ ଆୱାର୍ଡ ମାଧ୍ୟମରେ ଠିକାଦାରଙ୍କ ସହ ମିଶି ଚୁକ୍ତିପତ୍ର ପୂର୍ବକ କାର୍ଯ୍ୟ ନକରି ବିଲ କରାଯାଇଛି ବୋଲି ଅଭିଯୋଗକାରୀ ଶଶାଙ୍କଶେଖର କର, ଦିପ୍ତୀଭାନୁ ସେନାପତି ଓ ଚନ୍ଦନ କୁମାର ପଣ୍ଡା ଦର୍ଶାଇଛନ୍ତି । ସେହିପରି ଟେଣ୍ଡର ମାଧ୍ୟମରେ ୧୪.୯୯ ପ୍ରତିଶତ କମ୍ ଅନୁଦାନରେ ଏଗ୍ରିମେଣ୍ଟ କରାଯାଇ କିଛି ପିଚୁ ରାସ୍ତା କାର୍ଯ୍ୟରେ ଡେଭିଏସନ ବା ବିଚ୍ୟୁତି ବିବୃତ୍ତି ଅନୁମୋଦନ କରାଯାଇ ଆଇଟମ ଫାଙ୍କି କମ୍ କାର୍ଯ୍ୟ କରାଇ ଅଧିକ ବିଲ୍ ହୋଇଥିବା ନେଇ ବେତନଟୀ ସବଡିଭିଜନରେ କରାଯାଇଛି ବୋଲି ଭବାନୀଶଙ୍କର ବାରିକ, ଜଗଦିଶ ମହାନ୍ତ ଓ ମନୋରଞ୍ଜନ ମହାନ୍ତ କହିଛନ୍ତି । ଚଳିତ ଆର୍ଥିକ ବର୍ଷରେ ଡକାଯାଇଥିବା ଅନଲାଇନ ଟେଣ୍ଡର ନିର୍ଦ୍ଦିଷ୍ଟ କିଛି ଠିକାଦାରଙ୍କର ଏକ୍ସେସ ଏଗ୍ରିମେଣ୍ଟ ହେବା ନିମନ୍ତେ କାଗଜପତ୍ର ପ୍ରସ୍ତୁତ ହେଉଥିବା ବେଳେ ବିଭାଗୀୟ ଚିଫ କନଷ୍ଟ୍ରକ୍ସନ ଇଞ୍ଜିନିୟର (ସିସିଇ)ଙ୍କ ସହ ସରକାରୀ ଦଳର ନେତାମାନେ ହାତମିଳାଇ ଅନ୍ୟ ଠିକାଦାରଙ୍କ ଉପରେ ଚାପ ପକାଇ ସମସ୍ତ କାର୍ଯ୍ୟ କରୁଥିବାରୁ ଠିକାଦାର ମହଲରେ ଚର୍ଚ୍ଚା ଜୋର ଧରିଛି । ତେବେ ଉପରୋକ୍ତ କାର୍ଯ୍ୟର ବିଲ୍ ପ୍ରଦାନ ସମୟରେ ତତ୍କାଳୀନ ଅଧୀକ୍ଷଣ ଯନ୍ତ୍ରୀ ତଥା ବର୍ତ୍ତମାନର ସିସିଇ ଭାବେ ଶ୍ରୀ ନାଏକ ବିଲ୍‌ଗୁଡିକ ପାରିତ କରିଛନ୍ତି । ଏ ସଂକ୍ରାନ୍ତରେ ସିସିଇ ନାଏକଙ୍କୁ ଯୋଗାଯୋଗ କରିବାରୁ ମୁଁ ତଦନ୍ତ ନିର୍ଦ୍ଦେଶ ଦେଇଛି । ରିପୋର୍ଟ ଖୁବଶୀଘ୍ର ସାର୍ବଜନୀନ କରାଯିବ ବୋଲି କହିଥିବା ବେଳେ ତାଙ୍କ ନାମରେ ଥିବା ଅଭିଯୋଗକୁ ଖଣ୍ଡନ କରିଛନ୍ତି । ଅପରପକ୍ଷରେ ବେତନଟୀ ସବଡିଭିଜନ ଯନ୍ତ୍ରୀ ତୁଷାରକାନ୍ତୀ ବେହେରା ଅଭିଯୋଗର କୌଣସି ସତ୍ୟତା ନାହିଁ ଓ ଉଦ୍ଦେଶ୍ୟ ପ୍ରଣୋଦିତ ବୋଲି କହିଛନ୍ତି ।



- **ନିମ୍ନମାନର ଓ ଅଧପନ୍ତରିଆ କାର୍ଯ୍ୟର ଉଠିଛି ବିଲ୍**
- **ଟେଣ୍ଡରକୁ ନେଇ ତଞ୍ଚକତା**



### ଚିତ୍ରଡା ସବ୍‌ପୋଷ୍ଟ ଅଫିସରେ ଡାକସେବା ବିପର୍ଯ୍ୟସ୍ତ

# ୪୦୦ ମିଟର ଦୂର ଚିଠି ପହଞ୍ଚିବାକୁ ଲାଗୁଛି ୮ ଦିନ




ମୋରଡ଼ା, ୯।୬(ସମିସ): ଡାକସେବା କେବଳ ସହରରେ ନୁହେଁ; ବରଂ ଗ୍ରାମାଞ୍ଚଳରେ ମଧ୍ୟ ସେବା ଯୋଗାଇଥାଏ। ଭାରତୀୟ ଡାକ ସେବା ଚିଠି ଆଦାନ ପ୍ରଦାନ କରିବା ସହ ପ୍ରତ୍ୟେକ କାର୍ଯ୍ୟାଳୟରେ ସେବା ମଧ୍ୟ ଯୋଗାଇଥାଏ। ଜଣେ ଗ୍ରାହକ ଚିଠିଟିଏ ପକାଇବା ପାଇଁ ବା ରେଜିଷ୍ଟ୍ରି କରିବା ପାଇଁ ଡାକଘରକୁ ନ ଆସି ଜଣେ ପୋଷ୍ଟମ୍ୟାନ୍ ଯେତେବେଳେ ବିଭିନ୍ନ ସେବା ଦେବାପାଇଁ ସମ୍ପୃକ୍ତ ଅଞ୍ଚଳକୁ ଯାଉଛନ୍ତି ସେତେବେଳେ ସେ ଉକ୍ତ ଲୋକଙ୍କ ଠାରୁ ସାଧାରଣ ଚିଠି, ରେଜିଷ୍ଟର୍ଡ ଲେଟର ବା ସ୍ପିଡ ପୋଷ୍ଟ ଆଦି ଆର୍ଟିକିଲ୍ ଆଣି ଡାକଘର ମାଧ୍ୟମରେ ତାହା ପଠାଇଥାନ୍ତି। ପରବର୍ତ୍ତୀ ସମୟରେ ଗସ୍ତ ବେଳେ ସେ ବାବଦରେ ରସିଦ୍ ପ୍ରଦାନ କରିବା ପାଇଁ ସରକାର ବ୍ୟବସ୍ଥା କରିଛନ୍ତି। ଫଳରେ ଗ୍ରାହକଙ୍କ ଦୁଆର ମୁହଁରେ ସେବା ପହଞ୍ଚିପାରିବ। ତେବେ ମୋରଡ଼ା ବ୍ଲକ ଚିତ୍ରଡା ଉପଡ଼ାକଘର ବା ସବ ପୋଷ୍ଟ ଅଫିସରେ ଡାକସେବା ବିପର୍ଯ୍ୟସ୍ତ ହୋଇପଡ଼ିଥିବା ଅଭିଯୋଗ ହୋଇଛି। ମୋରଡ଼ା ବ୍ଲକ ହଳଦୀପାଳ ପଞ୍ଚାୟତର ଦୀନବନ୍ଧୁ ମଣ୍ଡଳଙ୍କ ଅଭିଯୋଗ ମୁତାବକ ସେ ଗତ ମାର୍ଚ୍ଚ ୨୮ ତାରିଖରେ ରେଜିଷ୍ଟ୍ରି ପୋଷ୍ଟ ମାଧ୍ୟମରେ ଜବାହାର ସରକାରୀ ଉଚ୍ଚ ବିଦ୍ୟାଳୟର ଲୋକ ସୂଚନା ଅଧିକାରୀଙ୍କୁ ବିଦ୍ୟାଳୟ ସମ୍ପର୍କିତ ଏକ ତଥ୍ୟ ଆରଟିଆଇ ମାଧ୍ୟମରେ ମାଗିଥିଲେ। ଆରଟିଆଇ ଆଇନ ଅନୁଯାୟୀ ବିଦ୍ୟାଳୟର ଲୋକ ସୂଚନା ଅଧିକାରୀ ଅରୁଣ କୁମାର ବେହେରା ରେଜିଷ୍ଟ୍ରି ପୋଷ୍ଟ ମାଧ୍ୟମରେ ଜୁନ ୨ ତାରିଖରେ ଚିତ୍ରଡା ପୋଷ୍ଟ ଅଫିସକୁ ଯାଇ ରେଜିଷ୍ଟ୍ରି ଚିଠି ମାଧ୍ୟମରେ ଦୀନବନ୍ଧୁଙ୍କ ଘର ଠିକଣାରେ ପଠାଇଥିଲେ। ତେବେ ଦୀନବନ୍ଧୁଙ୍କ ଘରଟି ରେଜିଷ୍ଟ୍ରି ହୋଇଥିବା ଚିତ୍ରଡା ପୋଷ୍ଟ ଅଫିସରୁ ମାତ୍ର ୪୦୦ ମିଟର ହୋଇଥିବା ବେଳେ ଚିଠିଟି ୭ ଦିନ ମଧ୍ୟରେ ବି ପହଞ୍ଚିପାରିନଥିଲା। ଫଳରେ ସେ ପୋଷ୍ଟ ଅଫିସ କର୍ମଚାରୀ ସହ ଯୋଗାଯୋଗ କରିବାରୁ ଉକ୍ତ ଚିଠିଟିସେ ଆଜି ଅର୍ଥାତ୍ ୮ ଦିନ ପରେ ପାଇ ଅସନ୍ତୋଷ ପ୍ରକାଶ କରିଛନ୍ତି। ତେବେ ସରକାରୀ ନିୟମ ଅନୁସାରେ ରେଜିଷ୍ଟ୍ରି ପୋଷ୍ଟରେ ଚିଠିଟି ଗୋଟିଏ ଦିନ ମଧ୍ୟରେ ପହଞ୍ଚିବାକୁ ଥିବାବେଳେ କେଉଁ ସ୍ୱାର୍ଥରେ ତାହା ଏତେଦିନ ସମୟ ଲାଗିଲା ତାହା ତଦନ୍ତ କରି ସରକାରୀ ନିୟମକୁ ଉଲ୍ଲଂଘନ କରିଥିବା କର୍ମଚାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ସେ ଦାବି କରିଛନ୍ତି। ଏ ସମ୍ପର୍କରେ ପୋଷ୍ଟାଲ ସୁପରିଣ୍ଟେଣ୍ଡେଣ୍ଟ ଜଗଦୀଶ ଦାସଙ୍କୁ ପଚାରିବାରୁ ସେ କୌଣସି ଲିଖିତ ଅଭିଯୋଗ ପାଇନାହାନ୍ତି। ଏହା ଉପରେ ସେ ତଦନ୍ତ କରି ଯେଉଁ ଅଧିକାରୀଙ୍କ ଭୁଲ ଯୋଗୁଁ ବିଳମ୍ବ ହେଲା। ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି କହିଛନ୍ତି।

## ପ୍ରତିଭା ଅନ୍ୱେଷଣ 'ରଜ ଅପସରୀ' ଉଦ୍‌ଯାପିତ



ଉଦଳା, ୯।୬(ସମିସ): ଓଡ଼ିଶାର ଗଣପର୍ବ ରଜ ଅବସରରେ ଉଦଳା ବ୍ଲକ ଅନ୍ତର୍ଗତ ସୁନାପାଳ ଗ୍ରାମରେ ଚାଲିଥିବା ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ 'ରଜ ଅପସରୀ' ଉଦଯାପିତ ହୋଇଯାଇଛି। ସମାବେଶ ଚାଟଶାଳୀ ପକ୍ଷରୁ ଆୟୋଜିତ ଏହି ବିଶେଷ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଆକାଶବାଣୀ ସମ୍ବଲପୁରର ଉପସ୍ଥାପିକା ମିତା ପଟ୍ଟନାୟକ ଏବଂ ସମ୍ମାନିତ ଅତିଥି ଭାବେ ମୌନଧ୍ୱନି ଫାଉଣ୍ଡେସନର ନିର୍ଦ୍ଦେଶକ ଗୋବିନ୍ଦ ବଲ୍ଲଭ ଦଳାଇ ଯୋଗଦେଇ ଏହିଭଳି ନିଆରା ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ପରମ୍ପରା ଏବଂ ସଂସ୍କୃତି ବଜାୟ ରହିବା ସହିତ ଗ୍ରାମାଞ୍ଚଳରେ ଥିବା ଲୁକ୍କାୟିତ ପ୍ରତିଭାଙ୍କୁ ଲୋକଲୋଚନକୁ ଆଣିବାରେ ଏହା ବେଶ୍ ସହାୟକ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ଅବ୍ୟବହିତ ପୂର୍ବରୁ ଆୟୋଜିତ ଏହି ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମରେ ଚୁଳିଆପୋଷି, ଭୋଳାଗଡ଼ିଆ, ଅଦାପାଳ, ଜଡାକେନ୍ଦୁ ଆଦି ବିଭିନ୍ନ ଗ୍ରାମରୁ ଛାତ୍ରୀ ଯୋଗଦେଇଥିଲେ। ସେମାନଙ୍କ ମଧ୍ୟରେ ଝୋଟି, ନୃତ୍ୟ, ସଙ୍ଗୀତ, ଚିତ୍ରାଙ୍କନ, ଅଭିନୟ ଆଦି ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଶେଷରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏକକ ନୃତ୍ୟ ବର୍ଗରେ ଶ୍ରୁତିପ୍ରିୟା ନାଏକ ରଜ ଅପସରୀ ମୁକୁଟ ବିଜେତା ହୋଇଥିବା ବେଳେ ଦଳଗତ ବିଭାଗରେ ସୁନାପାଳ ରଜ ଅପସରୀ ବିଜେତା ହେବାର ଗୌରବ ଅର୍ଜନ କରିଛନ୍ତି।

## ଅଲ୍ ଇତୁନ ଆଖ୍ଡା ଶିକ୍ଷାନୁଷ୍ଠାନରେ ବାର୍ଷିକ ପରୀକ୍ଷା ସମ୍ପନ୍ନ



ବହଳଦା, ୯।୬(ସମିସ): ମୟୂରଭଞ୍ଜ ଜିଲ୍ଲା ବହଳଦା ବ୍ଲକ ଅନ୍ତର୍ଗତ ଗିଦିଘାଟୀ ଗ୍ରାମପଞ୍ଚାୟତ ଜଜଗୋଡା (ତାରଣା) ସ୍ଥିତ ପିଲଚୁଗାଣା ଅଲ ଇତୁନ୍ ଆଖ୍ଡା ସାନ୍ତାଳୀ ଶିକ୍ଷାନୁଷ୍ଠାନରେ ଲାତାର ଚାନଚ ଚେତାନ ଚାନଚ ଏବଂ ମାଟ୍ରିକ ଚାନଚ ଶ୍ରେଣୀର ବାର୍ଷିକ ପରୀକ୍ଷା ସମ୍ପନ୍ନ ହୋଇଯାଇଛି। ସାନ୍ତାଳୀ ଭାଷା, ଅଲଚିକି ଲିପିର ଏହି ବାର୍ଷିକ ପରୀକ୍ଷା ୬, ୭ ଓ ୮ ତାରିଖରେ ୩ ଦିନ ଧରି ଅନୁଷ୍ଠିତ ହୋଇଥିଲା। ପ୍ରଧାନ ଶିକ୍ଷକ ପୀତାମ୍ବର ଟୁଡୁଙ୍କ ତତ୍ତ୍ୱାବଧାନରେ ଏହି ବାର୍ଷିକ ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ଶିକ୍ଷକ ସୁରାଇ ସୋରେନ ଓ କ୍ଲାସିକାଲ ଶିକ୍ଷକ କାହ୍ନାଇ ମୁର୍ମୁ ପରୀକ୍ଷା ପରିଚାଳନାରେ ସହଯୋଗ ପ୍ରଦାନ କରିଥିଲେ। ପରୀକ୍ଷକ ଭାବେ ଶିକ୍ଷକ ରାମଚନ୍ଦ୍ର ହାଁସଦା ଦାୟିତ୍ୱ ତୁଲାଇଥିଲେ। ଅଧ୍ୟକ୍ଷ ସୁରଧାନ ଟୁଡୁ ଓ ଉପାଧ୍ୟକ୍ଷ ଦୁର୍ଗାଚରଣ ଟୁଡୁଙ୍କ ସହିତ ପରିଚାଳନା ସମିତି ସଦସ୍ୟ ଧନୁରାମ ବାସ୍କେ ସହଯୋଗ କରିଥିଲେ। ଚଳିତ ବର୍ଷ ଏହି ପରୀକ୍ଷା କେନ୍ଦ୍ରରେ ମୋଟ ୩୯ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ଦଶମରେ ୨୩ ଜଣ, ହାୟର ଶ୍ରେଣୀରେ ୧୦ ଜଣ ଏବଂ ଲୋୟର ଶ୍ରେଣୀରେ ୬ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ।

## ବିର୍ସା ମୁଣ୍ଡାଙ୍କ ତିରୋଧାନ ଦିବସ ପାଳିତ

ରାଇରଙ୍ଗପୁର, ୯।୬(ସମିସ): ଆଦିବାସୀ ସଂଗ୍ରାମୀ ବିର୍ସା ମୁଣ୍ଡା ତତ୍କାଳୀନ ପରାଧୀନ ଭାରତକୁ ଇଂରେଜ ସରକାରଙ୍କ ଅନ୍ୟାୟ, ଅତ୍ୟାଚାର ଓ ଶୋଷଣରୁ ମୁକ୍ତ କରିବା ପାଇଁ ନେତୃତ୍ୱ ନେଇଥିଲେ। ୨୦୨୩ ମସିହାରୁ ବିର୍ସା ମୁଣ୍ଡାଙ୍କ



ଜୟନ୍ତୀକୁ ସମଗ୍ର ଦେଶରେ ସରକାରଙ୍କ ତରଫରୁ ଆଦିବାସୀ ଗୌରବ ଦିବସ ରୂପେ ପାଳନ କରାଯାଉଛି ବୋଲି ମନ୍ତ୍ରୀ ଗଣେଶରାମ ସିଂଖୁଣ୍ଟିଆ ଟାଉନ ହଲରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ମତ ରଖିଛନ୍ତି। ମୁଖ୍ୟବକ୍ତା ରୂପେ ମୟୂରଭଞ୍ଜ ଲୋକସଭା ସାଂସଦ ନବଚରଣ ମାଝୀ ଯୋଗଦେଇ ରାଷ୍ଟ୍ରର ପିତା ଯଦି ମହାତ୍ମା ଗାନ୍ଧିଙ୍କୁ କୁହାଗଲେ, ବିର୍ସା ମୁଣ୍ଡାଙ୍କୁ 'ଜଗତର ପିତା' ବୋଲି କହିଥିଲେ। ଆଦିବାସୀ ମୋର୍ଚ୍ଚା ତରଫରୁ ପଶ୍ଚିମ ଗୁରୁବା ମୁର୍ମୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ରାଇରଙ୍ଗପୁର ବିଧାୟକ କଲେନ୍ ନାଏକ, ସାରସକଣା ବିଧାୟକ ଭାଦୋବ ହାଁସଦା, ରରୁଆଁ ବ୍ଲକ ଚେୟାରମ୍ୟାନ୍ ଅଜିତ୍ କୁମାର ତିରିଆ, ବିଜେପି ଜିଲ୍ଲା ସଭାପତି ଜୁରୀଲାଲ୍ ମହାନ୍ତ, ବିଜେପି ରାଜ୍ୟ ସମ୍ପାଦକ ନବୀନ କୁମାର ରାମ, ଆଦିବାସୀ ମୋର୍ଚ୍ଚା ପୂର୍ବତନ ଜିଲ୍ଲା ସଭାପତି ବିର୍ସା କଣ୍ଡାଙ୍କେଲ, ଜାମଦା ବ୍ଲକର ପୂର୍ବତନ ଅଧ୍ୟକ୍ଷା ତଥା ପାସନା ସରପଞ୍ଚ ମାଳତୀ ଆଲଡ଼ା, ନାରୀନେତ୍ରୀ ନିରୂପମା ସୋରେନ୍, ଆଦିବାସୀ ମୋର୍ଚ୍ଚାର ରାଜ୍ୟ ସାଧାରଣ ସମ୍ପାଦକ ଇଂ. ରାମଚନ୍ଦ୍ର ହାସଦା ପ୍ରମୁଖ ବିର୍ସା ମୁଣ୍ଡାଙ୍କ ବଳିଦାନ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ।

## ବିର୍ସା ମୁଣ୍ଡାଙ୍କ ୧୨୫ତମ ସହିଦ ଦିବସ ପାଳିତ



ମୋରଡ଼ା, ୯।୬(ସମିସ): ମୋରଡ଼ା ବ୍ଲକ ଅନ୍ତର୍ଗତ ଘୋଳମୁହାଁଠାରେ ଯୁବଗୋଷ୍ଠୀଙ୍କ ଆନୁକୂଲ୍ୟରେ ବିର୍ସାମୁଣ୍ଡାଙ୍କ ୧୨୫ତମ ସହିଦ ଦିବସ ସୋମବାର ପାଳିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମକୁ ଘୋଳମୁହାଁ ପୂର୍ବତନ ସରପଞ୍ଚ ଦେବେନ୍ଦ୍ରନାଥ ସିଂ ପରିଚାଳନା କରିଥିଲେ। ପୂର୍ବତନ ସାଂସଦଙ୍କ ପତ୍ନୀ ସୁମିତ୍ରା ଟୁଡୁ ମୁଣ୍ଡାରୀ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା କରାଯାଇଥିଲା। ପରେ ତାଙ୍କର ପ୍ରତିମୂର୍ତ୍ତିରେ ଧୂପଦୀପ ପ୍ରଜ୍ୱଳନ ସହ ପୁଷ୍ପମାଲ୍ୟ ଅର୍ପଣ କରିଛନ୍ତି ଅଞ୍ଚଳବାସୀ। ମୁଣ୍ଡାରୀ ଭାଷା ସମନ୍ୱୟ ସମିତି ମୋରଡ଼ା ବ୍ଲକ ସଂଯୋଜକ ଦେବେନ୍ଦ୍ର ନାଥ ସିଂ ଯୋଗଦେଇ ବିର୍ସାମୁଣ୍ଡାଙ୍କ ଜୀବନୀ ବିଷୟରେ ଅଭିଭାଷଣ ଦେଇଥିଲେ। ମୁଣ୍ଡାରୀ ଭାଷାର ପ୍ରଚାର ପ୍ରସାର ସହିତ ଅଷ୍ଟମ ଅନୁଚ୍ଛେଦରେ ଦେବା ନିମନ୍ତେ ଗ୍ରାମସ୍ତରରୁ ରାଜ୍ୟସ୍ତର ପର୍ଯ୍ୟନ୍ତ ଏକ ହୋଇ ସରକାରଙ୍କ ବିରୋଧରେ ଲଢେଇ କରିବାକୁ ହେବ ବୋଲି ଲୋକେ ନିଷ୍ପତ୍ତି ନେଇଛନ୍ତି।

## ୩ କବିଙ୍କୁ ମା' ତାରିଣୀ ଅମ୍ଳାନ ପ୍ରତିଭା ସମ୍ମାନ



ମହୁଲଡିହା, ୯।୬(ସମିସ): ସୋମବାର ଠାକୁରମୁଣ୍ଡା କଲ୍ୟାଣ ମଣ୍ଡପରେ ୩ ଜଣ କବିଙ୍କୁ ମା' ତାରିଣୀ ଅମ୍ଳାନ ପ୍ରତିଭା ସମ୍ମାନରେ ସମ୍ମାନିତ କରାଯାଇଛି। ମା' ତାରିଣୀ ସାହିତ୍ୟ ସଂସଦ ଓ ଜଗନ୍ନାଥ ସାହିତ୍ୟ ସଂସଦର ଚତୁର୍ଥ ବର୍ଷିକ ଉତ୍ସବ ଅବସରରେ ସାହିତ୍ୟ କ୍ଷେତ୍ରରେ ଉତ୍କୃଷ୍ଟ ଲେଖନୀ ଚାଳନା ପାଇଁ ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ପ୍ରତିଯୋଗୀଙ୍କୁ ଏହି ସମ୍ମାନରେ ସମ୍ମାନିତ କରାଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ସାହିତ୍ୟ ସଂସଦର ସଭାପତି କୈଳାସ ଚନ୍ଦ୍ର ତନ୍ତୀ, ସମ୍ମାନିତ ଅତିଥି ଭାବେ ବାବାଜିଚରଣ ଦାସ, ଦେବାଶିଷ ଚକ୍ରବର୍ତ୍ତୀ, ବିଦ୍ୟୁତପ୍ରଭା ମିଶ୍ର, ପ୍ରକାଶ ଚନ୍ଦ୍ର ମିଶ୍ର, ନାରାୟଣ ଚନ୍ଦ୍ର ସେନାପତି ପ୍ରମୁଖ ଯୋଗଦେଇ କବିଙ୍କୁ ସମ୍ମାନିତ କରିଥିଲେ। ଠାକୁରମୁଣ୍ଡା ସମ୍ବାଦ ସାହିତ୍ୟ ସଂସଦର ବ୍ୟଙ୍ଗ କବି ଭାଗୀରଥି ପତି, କବି ଦେବେନ୍ଦ୍ର ନାୟକ ଓ କବୟିତ୍ରୀ ସୁଶ୍ରୀ କୁମୁଦିନୀ ପତିଙ୍କୁ ସମ୍ମାନିତ କରାଯାଇଛି। ଏହି ଅବସରରେ ତାରିଣୀ ସାହିତ୍ୟ ସଂସଦର ପ୍ରାଣ ପ୍ରତିଷ୍ଠାତା ରାମନାରାୟଣ ଶର୍ମା, ଶରତ ଚନ୍ଦ୍ର ପଣ୍ଡା, ବାବୁଲାଲ ପଳେଇ, ରତିନାରାୟଣ ରାଉତ ପ୍ରମୁଖଙ୍କ ପରିଚାଳନାରେ କବିତା ପାଠ ଉତ୍ସବ ଓ ସମ୍ବର୍ଦ୍ଧନା ଉତ୍ସାବ ଅନୁଷ୍ଠିତ ହୋଇଥିଲା।

### ଉପଖଣ୍ଡସ୍ତରୀୟ ଯୁଗ୍ମ ଜନଶୁଣାଣି ଶିବିର

## ୧୧୮ ଟି ଅଭିଯୋଗ ଶୁଣିଲେ ଜିଲ୍ଲାପାଳ

ରାଇରଙ୍ଗପୁର, ୯।୬(ସମିସ): ସୋମବାର ବାମନଘାଟୀ ଉପଖଣ୍ଡ ସଦର ମହକୁମା ରାଇରଙ୍ଗପୁରରେ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଏକ ଯୁଗ୍ମ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ହେମକାନ୍ତ ସୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ବାମନଘାଟି ଉପଜିଲ୍ଲାପାଳ ସୌମ୍ୟରଞ୍ଜନ ପ୍ରଧାନ, ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ବରୁଣ ଗୁଣ୍ଟୁପାଲି, ଅତିରିକ୍ତ ଜିଲ୍ଲାପାଳ ଈଶ୍ୱରଚନ୍ଦ୍ର ନାଏକ, ଉପଖଣ୍ଡ ଚିକିତ୍ସାଧିକାରୀ ଡାକ୍ତର ରବୀନ୍ଦ୍ର କୁମାର ମାର୍ଣ୍ଡି ଓ ଉପଖଣ୍ଡ ଆରକ୍ଷୀ ଅଧିକାରୀ, ରାଇରଙ୍ଗପୁର ଗୋକୁଳାନନ୍ଦ ସାହୁ ପ୍ରମୁଖ



ଯୋଗ ଦେଇଥିଲେ। ପ୍ରାରମ୍ଭରେ ଜିଲ୍ଲାପାଳ ସମସ୍ତ ଅଧିକାରୀଙ୍କୁ ସ୍ୱାଗତ କରିବା ସହ ଜନସାଧାରଣଙ୍କ ଠାରୁ ଆସୁଥିବା ଆପତ୍ତି ଅଭିଯୋଗର ତ୍ୱରିତ ସମାଧାନ କରିବାକୁ ପରାମର୍ଶ ଦେଇଥିଲେ। ଜନସାଧାରଣଙ୍କଠାରୁ ମୋଟ ୧୧୮ଟି ଅଭିଯୋଗ ପତ୍ର ଗ୍ରହଣ ହୋଇଥିବା ବେଳେ ୯୫ଟି ବ୍ୟକ୍ତିଗତ ସମସ୍ୟା ଭିତ୍ତିକ ଏବଂ ୨୩ଟି ଗ୍ରାମବାସୀଙ୍କ ବିଭିନ୍ନ ସମସ୍ୟା ଭିତ୍ତିକ ଅଭିଯୋଗ ଥିଲା। ଜିଲ୍ଲାପାଳ ୩ଜଣଙ୍କୁ ମୁଖ୍ୟ ମନ୍ତ୍ରୀ ରିଲିଫ ପାଣ୍ଠିରୁ ୧୫ ହଜାର ଟଙ୍କା ମଞ୍ଜୁର କରିଥିଲେ। ୩ଟି ଅଭିଯୋଗର ତତ୍କାଳ ସମାଧାନ ହୋଇଥିଲା। ଅନ୍ୟାନ୍ୟ ଆପତ୍ତି ଅଭିଯୋଗର ତଦନ୍ତ କରି ତୁରନ୍ତ ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଶିବିରରେ ବାମନଘାଟି ଉପଖଣ୍ଡର ବିଭାଗୀୟ ଅଧିକାରୀ, ରାଇରଙ୍ଗପୁର ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଗୋଷ୍ଠୀ ଶିକ୍ଷା ଅଧିକାରୀ, ବିଭିନ୍ନ ଲାଇନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।

### ଘରେ ଘରେ ପହଞ୍ଚିବ ୱାରାଙ୍ଗଚିତି ଲିପି

## 'ହୋ ଭାଷା'ର ବିକାଶ ପାଇଁ ବିଦ୍ୟାର୍ଥୀଙ୍କ ସଂକଳ୍ପ

ବିଶୋଇ, ୯।୬ (ସମିସ): ବିଶୋଇ ବ୍ଲକ ଅନ୍ତର୍ଗତ ଅସନା ପଞ୍ଚାୟତ ତଳାପାଡି ନୂତନ ଉଚ୍ଚ ବିଦ୍ୟାଳୟରେ ଆଦିବାସୀ କୋଲ୍‌ହ ସମ୍ପ୍ରଦାୟର ୱାରାଙ୍ଗଚିତି ଲିପିରେ ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ଏହି ପରୀକ୍ଷା ଗତ ୫ତାରିଖରୁ ଆରମ୍ଭ ହୋଇ ୮ ତାରିଖରେ ଶେଷ ହୋଇଛି। ସପ୍ତମ, ଦଶମ ଓ ଯୁକ୍ତ ୨ ଶ୍ରେଣୀର ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ। ପରୀକ୍ଷାର ଶେଷ ଦିବସରେ ସମସ୍ତ ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କୁ ନେଇ ବିଦ୍ୟାଳୟ ପରିସରରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଉପସ୍ଥିତ ସମସ୍ତ ଶିକ୍ଷକ ୱାରାଙ୍ଗଚିତି ଲିପିର ପ୍ରଚାର ଓ



ପ୍ରସାର ସମ୍ବନ୍ଧରେ ଆଲୋଚନା କରିଥିଲେ। ବିଶୋଇ ବ୍ଲକ ବାଙ୍କିଡିହି ୱାରାଙ୍ଗଚିତି ବିଦ୍ୟାଳୟର ପ୍ରଧାନଶିକ୍ଷକ ଲାଦୁରାମ ବଦରା, ଶିକ୍ଷକ ଶମ୍ଭୁନାଥ ବାରଦା, ଧନେଶ୍ୱର କଳା, କାଇରି ସାମାଡ଼, କରମାଧର ଜାମୁଦା, ଦାଖିନ ପୂର୍ତ୍ତି, ବିଜୟ ପୂର୍ତ୍ତି, ମହେନ୍ଦ୍ର ନାଥ ଗିରି ପ୍ରମୁଖ ଯୋଗଦେଇ ଆଗାମୀ ଦିନରେ ୱାରାଙ୍ଗଚିତି ଲିପି କିପରି ଘରେ ଘରେ ପହଞ୍ଚିପାରିବ ସେ ନେଇ ବକ୍ତବ୍ୟ ରଖିଥିଲେ। ଶିକ୍ଷାର୍ଥୀମାନେ ଉତ୍ତୀର୍ଣ୍ଣ ହେବା ପରେ ନିଜ ପରିବାରର ସମସ୍ତ ସଦସ୍ୟ ଏବଂ ସାଙ୍ଗସାଥୀଙ୍କୁ ୱାରାଙ୍ଗଚିତି ଲିପି ଶିଖାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିପାରିବେ ବୋଲି ସମସ୍ତ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦିଆଯାଇଥିଲା। ଏଥିସହିତ ଆଗାମୀ ଦିନରେ ସରକାରୀ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ୱାରାଙ୍ଗଚିତି ଲିପିରେ ପାଠ ପଢ଼ିବା ପାଇଁ ସୁଯୋଗ ସୃଷ୍ଟି କରିବା ପାଇଁ ରାଜ୍ୟ ସରକାରଙ୍କୁ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ବୈଠକରେ ଆଲୋଚନା ହୋଇଛି।

● ଦିବାରାତ୍ର ୨୦-ଟ୍ୱେଣ୍ଟି କ୍ରିକେଟ

## କୋର୍ ହାର୍ଣ୍ଟର୍ସ ଓ ରାଫେଲ୍ ରକେଟ୍ସ ବିଜୟୀ



ବାରିପଦା, ୯।୬(ସମିସ): ବାରିପଦା ମଧୁବନ ମିନି ଷ୍ଟାଡିୟମରେ ଡିଆରକେ କ୍ଲବ ଆନୁକୂଲ୍ୟରେ ଆୟୋଜିତ ୧ମ ବାର୍ଷିକ ଡିଆରକେ କପ ଦିବାରାତ୍ର ୨୦-ଟ୍ୱେଣ୍ଟି କ୍ରିକେଟ ଟୁର୍ଣ୍ଣାମେଣ୍ଟର ୫ମ ଦିନର ୧ମ ମ୍ୟାଚରେ କୋର ହାର୍ଣ୍ଟର୍ସ ଦଳ ୮୩ ରନରେ ପରି ଚାଲେଞ୍ଜର୍ସ ଦଳକୁ ପରାସ୍ତ କରିଥିଲା। ପ୍ରଥମେ ବ୍ୟାଟିଂ କରି କୋର ହାର୍ଣ୍ଟର୍ସ ୧୬ ଓଭରରେ ୭ ଉଇକେଟ ହରାଇ ୧୯୧ ରନ ସଂଗ୍ରହ କରିଥିଲେ। ଦଳ ପକ୍ଷରୁ କ୍ଷମାସାଗର ବଳ ୭୩ ଓ ସୁମନ କର ୬୭ ରନ ସଂଗ୍ରହ କରିଥିବା ବେଳେ ବିପକ୍ଷ ଦଳର ୟାସିନ ଆଲାମ ୪ଟି ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ଚାଲେଞ୍ଜର୍ସ ୧୬ ଓଭରରେ ୮ ଉଇକେଟ ହରାଇ ୧୦୮ ରନ ସଂଗ୍ରହ କରିପାରିଥିଲେ। ବିପକ୍ଷ ଦଳର ଅଭିଷେକ ପରିଡ଼ା, କ୍ଷମାସାଗର ବଳ ଓ ମନୋଜ ବାରିକ ୨ଟି ଲେଖାଏଁ ଉଇକେଟ ଅକ୍ତିଆର କରିଥିଲେ। ସେହିପରି ଦ୍ୱିତୀୟ ମ୍ୟାଚରେ ରାଫେଲ ରକେଟ୍ସ ଦଳ ୧୨ ରନରେ ଲାଲବଜାର ୱାରିୟର୍ସ ଦଳକୁ ପରାସ୍ତ କରିଥିଲା। ପ୍ରଥମେ ବ୍ୟାଟିଂ କରି ରାଫେଲ ରକେଟ୍ସ ୧୬ ଓଭରରେ ୪ ଉଇକେଟ ହରାଇ ୧୬୧ ରନ କରିଥିଲେ ଓ ଦଳ ପକ୍ଷରୁ ରୁପମ ମହାନ୍ତି ୫୮ ରନ ସଂଗ୍ରହ କରିଥିଲେ। ଜବାବରେ ଲାଲବଜାର ୱାରିୟର୍ସ ୬୭ ରନ କରିଥିବା ବେଳେ ବିପକ୍ଷ ଦଳର ସିଦ୍ଧାର୍ଥ ସିହ୍ନା, ପ୍ରୀତିଦେବ ଜେନା, ମାନସ ଧଳ ଓ ନିର୍ବିଶଙ୍କର ବାରିକ ୨ଟି ଲେଖାଏଁ ଉଇକେଟ ଅକ୍ତିଆର କରିଥିଲେ। ଅମ୍ପାୟାର ଆଶୁତୋଷ ପାଣି ଓ ଦିଲ୍ଲୀପ ଦାସ ଖେଳ ପରିଚାଳନା କରିଥିବା ବେଳେ ସମ୍ବିତ ମହାରଣା ସ୍କୋରିଂରେ ସହାୟତା କରିଥିଲେ। ଅତିଥି ଭାବେ ଯୋଗଦେଇ ପୂର୍ବତନ କ୍ରିକେଟ ଖେଳାଳି ଅମୀୟ କୁମାର ବଳ, ସନ୍ତୋଷ ଓତା, ପ୍ରଭାସ ଚନ୍ଦ୍ର ଘଡେଇ ଓ ଦେବାଶିଷ ରଣା ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।

### ମୋରଡ଼ା ତହସିଲ କାର୍ଯ୍ୟାଳୟରେ କର୍ମଚାରୀ ଅଭାବ

# କ୍ଷେତ୍ର ପରିଦର୍ଶନ ନାଁରେ ବନ୍ଦ ରହୁଛି କାର୍ଯ୍ୟାଳୟ

ମୋରଡ଼ା, ୯।୬(ସମିସ): ମୋରଡ଼ା ତହସିଲ କାର୍ଯ୍ୟାଳୟରେ ଆବଶ୍ୟକ କର୍ମଚାରୀ ନ ଥିବାରୁ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତହସିଲକୁ ବିଭିନ୍ନ କାମ ନେଇ ଆସୁଥିବା ଲୋକେ କର୍ମଚାରୀ ନଥିବାରୁ ନିରାଶରେ ଫେରୁଛନ୍ତି। ଫଳରେ ଏ ନେଇ ଅସନ୍ତୋଷ ବଢ଼ିବାରେ ଲାଗିଛି। ଜମିପଟ୍ଟା ଠାରୁ ଆରମ୍ଭ କରି ଜାତି ପ୍ରମାଣପତ୍ର, ଆୟକର ପ୍ରମାଣପତ୍ର, ବାସସ୍ଥାନ ପ୍ରମାଣ ପତ୍ର, ଭୁବନ୍ଦୋବସ୍ତ ଏବଂ ଚାଷ କ୍ଷୟକ୍ଷତି ରିପୋର୍ଟ ପ୍ରଦାନ ପର୍ଯ୍ୟନ୍ତ ବିଭିନ୍ନ କ୍ଷେତ୍ରରେ ରାଜସ୍ୱ ନିରୀକ୍ଷକଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ତେବେ ବିଶେଷ କରି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ସବୁଠାରୁ ଅଧିକ ଭୂମିକା ଗ୍ରହଣ କରିଥାନ୍ତି ରାଜସ୍ୱ ନିରୀକ୍ଷକ ଓ ସହକାରୀ ରାଜସ୍ୱ ନିରୀକ୍ଷକ। ମାତ୍ର ଦୀର୍ଘଦିନ ଧରି ମୋରଡ଼ା ତହସିଲ କାର୍ଯ୍ୟାଳୟରେ ବିଭିନ୍ନ ପଦବୀ ଖାଲିପଡ଼ିବାରୁ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ରାଜ୍ୟରେ ମୋଟ ୩୧୭ଟି ତହସିଲ କାର୍ଯ୍ୟାଳୟ ରହିଥିବା ବେଳେ ମୟୂରଭଞ୍ଜ ଜିଲ୍ଲାର ମୋରଡ଼ା ତହସିଲ ରାଜ୍ୟ ରାଜକୋଷକୁ ରାଜସ୍ୱ ପ୍ରଦାନ କରିବାରେ ମୁଖ୍ୟ ଭୂମିକା ଗ୍ରହଣ




କରେ। ଏହି ତହସିଲ କାର୍ଯ୍ୟାଳୟ ଅଧୀନରେ ମୋରଡ଼ା, ଚିତ୍ରଡା, ଗଡ଼ିଗାଁ, ଦାନ୍ତିଆମୁହାଁ, ସାନ ମୁଣ୍ଡାବଣି ଆଦି ମୋଟ ୮ଟି ରାଜସ୍ୱ କାର୍ଯ୍ୟାଳୟ ରହିଛି। ୮ଟି ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ଅଧୀନରେ ୧୬୮ଟି ରାଜସ୍ୱ ଗ୍ରାମ ସମେତ ୩ଟି ପଡ଼ାଗ୍ରାମ ରହିଛି। ତେବେ ୮ଟି ଆରଇଙ୍କ ମଧ୍ୟରୁ ୪ଟି ରାଜସ୍ୱ କାର୍ଯ୍ୟାଳୟରେ ସହକାରୀ ରାଜସ୍ୱ ନିରୀକ୍ଷକ (ଏଆରଆଇ) ନାହାନ୍ତି। ସେହିପରି ତିନି ଜଣ ଅମିନରୁ ଗଗନ ମିଶ୍ର ଡେପୁଟେସନରେ ବାଙ୍ଗରିପୋଷି ତହସିଲକୁ ରେଲୱେ ଜାଗା ମାପ ପାଇଁ ଯାଇଥିବା ବେଳେ ବିଶ୍ୱଜିତ ସାହୁ ଗଡ଼ିଗାଁ ଆରଆଇ, ସେ ମଧ୍ୟ ଡେପୁଟେସନରେ ଯାଇଛନ୍ତି। ତହସିଲ କାର୍ଯ୍ୟାଳୟରେ ଜଣେ ସେକ୍ସନ ଅଫିସର ବିଜୟ ଭାରତୀ ଦାସ ଥିବାବେଳେ ତିନି ଜଣ ସିନିୟର ରେଭିନ୍ୟୁ ଆସିଷ୍ଟାଣ୍ଟ ମଞ୍ଜୁରି ପଦ ଥିବାବେଳେ ଦୁଇ ଜଣ ରହିଛନ୍ତି। ଉକ୍ତ ଦୁଇ ଜଣଙ୍କ ମଧ୍ୟରୁ ଜଣେ ଏସଆରଏ ଠିକ ଭାବେ କାର୍ଯ୍ୟ ସମ୍ପାଦନ କରୁନଥିବାର ପୂର୍ବରୁ ବାରମ୍ବାର ଅଭିଯୋଗ ହେଉଥିଲେ ହେଁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ବିଶେଷ କରି ୪ଟି ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ ଏଆରଆଇ ନ ଥିବାରୁ ରାଜସ୍ୱ ଆଦାୟ ପାଇଁ ଗାଁଗୁଡିକ ଆରଆଇ ଗଲା ବେଳକୁ ଫିଲ୍ଡ ଡ୍ୟୁଟି କହି କାର୍ଯ୍ୟାଳୟ ବନ୍ଦ ରହୁଥିବାରୁ ଲୋକେ ନାହିଁ ନଥିବାର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ନେଇ ତହସିଲଦାର ବିଦ୍ୟାଧର ଦଣ୍ଡପାଟଙ୍କୁ ଯୋଗାଯୋଗ କରିବାରୁ ଖାଲିଥିବା ପଦ ସମ୍ପର୍କରେ ଜିଲ୍ଲା ଅଧିକାରୀଙ୍କୁ ଅବଗତ କରାଯାଇଛି ବୋଲି କହିଛନ୍ତି।

# ସମ୍ପାଦକୀୟ



ଅନ୍ଧ ଭାବରେ କୌଣସି ପ୍ରସଙ୍ଗକୁ ବିଶ୍ୱାସ ନ କରି ତାହାର ଗୂଢ଼ ତତ୍ତ୍ୱକୁ ବୁଝିବା ଦିଗରେ ଅଟଳ ରହିବା ଉଚିତ।

ଜେ. କ୍ରିଷ୍ଣମୂର୍ତ୍ତି

ସକାଳ
THE SAKALA

## ସମ୍ପର୍କର ସୀମା

ରାଜନୈତିକ ପାଣିପାଗକୁ ଦେଖି ଅଙ୍କ କଷିବାରେ ମାହିର ବିତ୍ତଶାଳୀ କର୍ପୋରେଟ୍ ସଂସ୍ଥା। ନିର୍ବାଚନୀ ଚାନ୍ଦା ଆକାରରେ ସେମାନେ ନିବେଶ କରିଥା'ନ୍ତି ଆଗକୁ କ୍ଷମତାକେନ୍ଦ୍ରରୁ ଫାଇଦା ହାସଲ ପାଇଁ। ଏଲନ୍ ମସ୍କ ସେମାନଙ୍କଠାରୁ କିଛି ଭିନ୍ନ ନୁହନ୍ତି। ସେ ଡୋନାଲ୍ଡ ଟ୍ରମ୍ପ ଓ ତାଙ୍କ ରିପବ୍ଲିକାନ୍ ଦଳକୁ ୨୯୦ ନିୟୁତ ଡଲାର ନିର୍ବାଚନ ଚାନ୍ଦା ଦେଇ ପ୍ରଚାରରେ ଲାଗିପଡ଼ିଥିଲେ। ତେଣୁ ଟ୍ରମ୍ପ ଦ୍ୱିତୀୟବାର ରାଷ୍ଟ୍ରପତି ହେବାରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏ ଭୂମିକାରୁ ନିବିଡ଼ ସମ୍ପର୍କ ଓ ବନ୍ଧୁତାର ସୁଯୋଗ ନେଇ ସେ ଯୋଡ଼ି ହୋଇଗଲେ ହ୍ୱାଇଟ୍ ହାଉସ୍ ସହ। ଏପରକି ଦକ୍ଷତା ବିକାଶ ଓ ବ୍ୟୟ ସଂକୋଚନ ଭଳି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱରେ ରହି ମସ୍କ ଆମେରିକା ପ୍ରଶାସନିକ ବ୍ୟବସ୍ଥାର ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ହୋଇଗଲେ। ଟ୍ରମ୍ପଙ୍କ ବାଣିଜ୍ୟ ଶୁଳ୍କ ସମଗ୍ର ବିଶ୍ୱରେ ହଟଚମଟ ସୃଷ୍ଟି କରିଥିବା ବେଳେ ତାହାର ପ୍ରାରମ୍ଭିକ କାର୍ଯ୍ୟାନ୍ୱୟନରେ ଅନ୍ୟତମ ଅଂଶୀଦାର ହେବା ସହ ନିଜର ପ୍ରାଧାନ୍ୟ ବୃଦ୍ଧି ଓ ବ୍ୟବସାୟିକ ସୁବିଧା ସୁଯୋଗ ମଧ୍ୟ ହାସଲ କଲେ। ଆମର ଏଠାରେ କହିବାର କଥା ପଙ୍କିଳ ରାଜନୀତି ଓ ପ୍ରଶାସନିକ ବ୍ୟବସ୍ଥାରେ ପ୍ରତ୍ୟକ୍ଷ ଅଂଶଗ୍ରହଣର ସୁଯୋଗ ପ୍ରଦାନ ଏକ ତ୍ରୁଟିପୂର୍ଣ୍ଣ ନିଷ୍ପତ୍ତି, ଯାହାର ପ୍ରତିଫଳନ ଘଟିଛି ଟ୍ରମ୍ପ ଓ ମସ୍କ ମଧ୍ୟରେ ହୋଇଥିବା ବାକ୍ୟ ବିନିମୟରୁ। ଟ୍ରମ୍ପ ପ୍ରଶାସନ ପକ୍ଷରୁ ଆଗତ 'ବିଗ ବ୍ୟୁଟିଫୁଲ୍ ବିଲ୍'(ବଜେଟ୍)ରେ ହସ୍ତକ୍ଷେପ ଓ ପରାମର୍ଶର ସୁଯୋଗ ନ ପାଇ କ୍ଷୁବ୍ଧ ହୋଇଛନ୍ତି ମସ୍କ। ଏଠାରେ ସୂଚାଇ ଦିଆଯାଇପାରେ କି ମସ୍କ ରାଜନୈତିକ ଆଦର୍ଶ ଓ ନୀତି ଦୃଷ୍ଟିରୁ ଜଣେ ସଚ୍ଚା ରିପବ୍ଲିକାନ୍ ପାର୍ଟିର ସଦସ୍ୟ ବା ସମର୍ଥକ ଏ କଥା ନୁହେଁ। ବାରାକ୍ ଓବାମା ରାଷ୍ଟ୍ରପତିତ୍ୱ କାଳରେ ସେ ଡେମୋକ୍ରାଟିକ୍ ପାର୍ଟି ସରକାରରୁ ମଧ୍ୟ ବିପୁଳ ସୁବିଧା ସୁଯୋଗ ହାସଲ କରିଥିଲେ।

ମସ୍କ କ୍ଷମତାରୁ ଅପସରି ଯିବା ପରେ ଟ୍ରମ୍ପଙ୍କ କାର୍ଯ୍ୟଶୈଳୀକୁ ସମାଲୋଚନା ଆରମ୍ଭ କରିଦେଲେ। ଟ୍ରମ୍ପ ରାଷ୍ଟ୍ରପତି ହେବାକୁ ଅଯୋଗ୍ୟ, ସେ ଉପରାଷ୍ଟ୍ରପତି ଭାନ୍ସଙ୍କୁ ଦାୟିତ୍ୱ ଦେଇ ଇସ୍ତଫା ଦେବା ଉଚିତ ବୋଲି ମସ୍କ କହିଥିବା ବେଳେ ସେ ପାଗଳ ହୋଇଯାଇଛନ୍ତି ବୋଲି ଟ୍ରମ୍ପ କହିଛନ୍ତି। ଆମେରିକା ଭଳି ସର୍ବଶକ୍ତିମାନ ରାଷ୍ଟ୍ରର କ୍ଷମତା ଅଳିନ୍ଦରେ ଏଭଳି ବିବାଦାସ୍ପଦ ବୟାନବାଜି ବିଶ୍ୱର କତିପୟ ନେତୃତ୍ୱଙ୍କୁ ନିଶ୍ଚୟ ଆମୋଦିତ କରୁଥିବ। ଟ୍ରମ୍ପଙ୍କ ବାଣିଜ୍ୟ ଶୁଳ୍କ ବିବାଦରୁ ସୃଷ୍ଟ ପରିସ୍ଥିତି ସମଗ୍ର ବିଶ୍ୱରେ କେବଳ ହଟଚମଟ ସୃଷ୍ଟି କରିନାହିଁ ଆର୍ଥିକ ମାନ୍ଦାବସ୍ଥାକୁ ଡାକି ଆଣିଛି। ଏପରିକି ଖୋଦ୍ ଆମେରିକା ବଜାରରେ ଖାଉଟି ସାମଗ୍ରୀ ମାତ୍ରାଧିକ ମୂଲ୍ୟବୃଦ୍ଧି ଘଟିଛି। ଟମ୍ପଙ୍କୁ ପ୍ରାରମ୍ଭିକ ଅବସ୍ଥାରେ ପ୍ରୋତ୍ସାହିତ କରୁଥିବା ମସ୍କ ଏବେ ପ୍ରତିକୂଳ ପରିସ୍ଥିତି ସମ୍ପର୍କରେ ଚେତାବନୀ ଦେଇଛନ୍ତି। ସବୁଠାରୁ ଉଲ୍ଲେଖଯୋଗ୍ୟ ହେଲା କି ମସ୍କ ତାଙ୍କର ସାମାଜିକ ଗଣମାଧ୍ୟମ ମଞ୍ଚରେ ଯୌନ ଉତ୍ପୀଡ଼ନ ଓ ମାନବ ଚାଲାଣ ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଥିବା ଜେଫ୍ରି ଏପଷ୍ଟିନ୍‌ଙ୍କ ଫାଇଲରେ ଟ୍ରମ୍ପଙ୍କ ନାମ ରହିଥିବାର ଦର୍ଶାଇଛନ୍ତି। ଏହି ଫାଇଲ ଏ ପର୍ଯ୍ୟନ୍ତ ସାର୍ବଜନିନ କରାଯାଇନାହିଁ। ତେଣୁ ମହାଅଭିଯୋଗ ଭଳି ବୋମା ପକାଇବାର ସମୟ ଏବେ ଉପସ୍ଥିତ। ଏହାକୁ କେନ୍ଦ୍ର କରି ଡେମୋକ୍ରାଟିକ୍ ଦଳ ପକ୍ଷରୁ ନ୍ୟାୟ ବିଚାର ଓ ଏଫ୍‌ବିଆଇ ଫାଇଲ୍ ପ୍ରକାଶ କରିବାକୁ ଦାବି ହୋଇଛି। ମସ୍କ ଜାଣିଛନ୍ତି ଆମେରିକା ରାଷ୍ଟ୍ରପତିଙ୍କ ଅଖଣ୍ଡ କ୍ଷମତା ପରିସର କେତେ ବିପୁଳ। ମସ୍କ ହାସଲ କରିଥିବା ସରକାରୀ ସହାୟତା ଓ ଅନ୍ୟାନ୍ୟ ସୁବିଧା ସୁଯୋଗ ପ୍ରତ୍ୟାହାର କରିନେବାକୁ ଧମକ ଦିଆଯିବା ପରେ ସେ ଚମକି ପଡ଼ିଛନ୍ତି। ପରିସ୍ଥିତିର ଗୁରୁତ୍ୱ ଉପଲବ୍ଧି କରି ସେ ଟ୍ରମ୍ପ ବିରୋଧୀ ସମସ୍ତ ଟ୍ୱିଟ୍‌କୁ ପ୍ରତ୍ୟାହାର କରି ନେଇଛନ୍ତି। ଏହା ଟ୍ରମ୍ପ ଓ ମସ୍କଙ୍କ ମଧ୍ୟରେ ବୁଝାମଣା ସକାଶେ ସୁଯୋଗ ସୃଷ୍ଟି କରିଛି।

ମସ୍କଙ୍କ ପୃଷ୍ଠଭୂମି ସମ୍ପର୍କରେ ପର୍ଯ୍ୟାଲୋଚନା କଲେ ସ୍ପଷ୍ଟ ହୁଏ ଯେ ୨୦୦୯ ଆମେରିକା ପୁନଃନିବେଶ ଆଇନ ବଳରେ କାଲିଫର୍ଣ୍ଣିଆରେ ୪୬୫ ନିୟୁତ ଡଲାର ଋଣ ହାସଲ କରିଥିଲେ। ଫ୍ଲୋରିଡାସ୍ଥିତ ଉପଗ୍ରହ-ଏକ୍ସର କାର୍ଯ୍ୟଶୈଳୀ ସମ୍ପର୍କରେ ଓବାମାଙ୍କ ଗସ୍ତବେଳେ ମସ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ୨୦୧୬ ପର୍ଯ୍ୟନ୍ତ ସେ ଟ୍ରମ୍ପଙ୍କ ଅନୁଗତ ତାଲିକାରେ ନଥିଲେ। ଡିଟେଜି ହତ୍ୟା ଉଦ୍ୟମ ଘଟଣାକ୍ରମରୁ ସେ ଟ୍ରମ୍ପଙ୍କ ନିକଟବର୍ତ୍ତୀ ହୋଇଥିଲେ। ପରବର୍ତ୍ତୀ ସମ୍ପର୍କ ଏତେ ନିବିଡ଼ ହେଲା ଯେ ଉଭୟ ଉଭୟଙ୍କୁ ପ୍ରଶଂସାରେ ପୋତି ପକାଇଲେ। ବଜେଟ୍ ପ୍ରସ୍ତୁତି ଓ ଆଗତ ପୂର୍ବରୁ ଋଣ ଓ ନିଅଣ୍ଟିଆ ସ୍ଥିତି ସମ୍ପର୍କରେ ତାଙ୍କର ମତାମତ କାହିଁକି ନିଆଗଲା ନାହିଁ ଦର୍ଶାଇ ସେ ଟ୍ରମ୍ପଙ୍କ କାର୍ଯ୍ୟଶୈଳୀ ଉପରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଥିଲେ। ବଜେଟ୍ ବ୍ୟବସ୍ଥା ଅତି ଘୃଣ୍ୟ ଓ ଜଘନ୍ୟ କହି ଏହାକୁ ଗୃହୀତ କରାଇ ନ ଦେବା ପାଇଁ ସେ ଆହ୍ୱାନ ଦେଲେ। ଟ୍ରମ୍ପଙ୍କ ସହ ସମ୍ପର୍କ ଓ ନିର୍ବାଚନ ବିଜୟ ଘଟଣା ପରେ ପରେ ମସ୍କଙ୍କ କମ୍ପାନୀ ସେୟାର ମୂଲ୍ୟ ୧ ଟ୍ରିଲିୟନ୍ ଡଲାର ଅତିକ୍ରମ କରିଥିଲା। ଏହି ବିବାଦ ପରେ ଟେସ୍‌ଲାର ବଜାର ମୂଲ୍ୟ ୧୫୦ ବିଲିୟନ ଡଲାର ହ୍ରାସ ଘଟିଛି। ମସ୍କ ଏବେ ମଧ୍ୟ ମନେ କରନ୍ତି ଯେ ତାଙ୍କ ଯୋଗୁଁ ହିଁ ଟ୍ରମ୍ପ ନିର୍ବାଚନରେ ବିଜୀୟ ହୋଇଛନ୍ତି। ନ ହେଲେ ନୂଆ ଦଳ ଗଢ଼ିବାର ସ୍ୱପ୍ନ ସେ ଦେଖିନଥା'ନ୍ତେ। ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଆମେରିକାରେ ନୂଆ ଦଳ ଗଠନ କରିବାର ସମୟ ଉପସ୍ଥିତ ଦର୍ଶାଇ ମତାମତ ଲୋଡ଼ିଛନ୍ତି ମସ୍କ। ତାଙ୍କର ଏହି ପ୍ରସ୍ତାବକୁ ୮୦ ପ୍ରତିଶତ ମଧ୍ୟବିତ୍ତ ବର୍ଗ ସମର୍ଥନ କରିଛନ୍ତି। ୫୬ ଲକ୍ଷରୁ ଅଧିକ ଲୋକ ଅନ୍‌ଲାଇନ୍‌ରେ ତାଙ୍କ ପୋଷ୍ଟରେ ଭୋଟ ଦେଇଛନ୍ତି। 'ଦି ଆମେରିକାନ୍ ପାର୍ଟି' ଗଠନ କରିବାର ସେ ସୂଚନା ଦେଇଥିଲେ ମଧ୍ୟ ଆନୁଷ୍ଠାନିକ ଭାବେ ଘୋଷଣା କରିନାହାନ୍ତି।

ରୁଷ ରାଷ୍ଟ୍ରପତି ପୁଟିନଙ୍କ ଅତି ନିକଟତମ ସହଯୋଗୀ ତଥା ରୁଷ ପ୍ରଧାନମନ୍ତ୍ରୀ ଏହି ଘଟଣାରେ ବେଶ୍ ହାସ୍ୟୋଦ୍ଦୀପକ ବ୍ୟଙ୍ଗ କରି ଟ୍ରମ୍ପ ଓ ମସ୍କଙ୍କ ମଧ୍ୟରେ ଶାନ୍ତିଚୁକ୍ତିକୁ ଯୁକ୍ତିଯୁକ୍ତ ଶୁଳ୍କରେ ରୂପାନ୍ତରିତ କରିବାକୁ ପ୍ରସ୍ତାବ ଦେଇଛନ୍ତି। ଏପରିକି ଷ୍ଟାରଲିଙ୍କର ସେୟାରକୁ ଦେୟ ଭାବେ ଗ୍ରହଣ କରିବାକୁ ରୁଷ ପ୍ରସ୍ତୁତ ଅଛି ବୋଲି ସେ କହିଛନ୍ତି। ଏହାର ପ୍ରତିକ୍ରିୟାରେ ମସ୍କ ହସୁଥିବା ଇମୋଜିକୁ ପ୍ରତୀକ ରୂପେ ଗ୍ରହଣ କରିଛନ୍ତି। ଏପରିକି ରାଜନୈତିକ ଆଶ୍ରୟ ଓ ବ୍ୟବସାୟିକ ସ୍ୱାଧୀନତା ଦେବାର ପ୍ରତିଶ୍ରୁତି ସୂଚାଇ ଦିଆଯାଇଛି। ଏହା ଯେ କେବଳ ରୁଷସ୍ତରରେ ସୀମିତ ଅଛି ଏ କଥା ନୁହେଁ, ବାଣିଜ୍ୟ ଶୁଳ୍କ ରଣନୀତିରେ ଲହୁଲୁହାଣ ହେଉଥିବା ରାଷ୍ଟ୍ର ସମୂହ ଆଗକୁ ଟ୍ରମ୍ପଙ୍କ ନାଲିଆଖିକୁ କେତେଦୂର ଖାତିର କରିବେ ସେ ନେଇ ମଧ୍ୟ ସନ୍ଦେହ ଉପୁଜିଛି।

ବିତ୍ତୀୟ ସାମର୍ଥ୍ୟର ଯେ ରାଜନୀତିରେ କୌଣସି ଭୂମିକା ନାହିଁ ଏ କଥା ନୁହେଁ। କିନ୍ତୁ ଏହାର ଅର୍ଥ ନୁହେଁ ଯେ କର୍ପୋରେଟ୍ ସଂସ୍ଥା ନିଜ ଅର୍ଥବଳରେ କ୍ଷମତାସୀନ ହୋଇ ଦେଶକୁ ଶାସନ କରିପାରିବ। ରାଜନେତା ଓ ଶିଳ୍ପପତିଙ୍କ ମଧ୍ୟରେ ସମ୍ପର୍କର ସୀମା ବା ଲକ୍ଷଣରେଖା ରହିଛି। ଅର୍ଥବଳରେ ତାହାକୁ ଉଲ୍ଲଘଂନ କଲେ କେବଳ ସମ୍ପର୍କ କ୍ଷୁଣ୍ଣ ହେବ ନାହିଁ, ବିତ୍ତୀୟ ସାମ୍ରାଜ୍ୟ ଧ୍ୱଂସ ହୋଇଯିବ। ବିଳମ୍ବରେ ହେଲେ ମଧ୍ୟ ମସ୍କ ଏହା ବୁଝିପାରିଥିବା ଭଳି ମନେ ହୁଏ। ।

## ଯୁଦ୍ଧପ୍ରିୟ ବିଶ୍ୱ

ମନୋଜ କୁମାର ମହାନ୍ତି

ଇତିହାସରେ ଏମିତି କେଉଁ ଶତାବ୍ଦୀ ନାହିଁ, ଯେଉଁଠି ଲୁହ ଓ ଲହୁର ଦରିଆ ବୋହିନାହିଁ। ଏକଦା ଶାନ୍ତିମୈତ୍ରୀର ମନ୍ତ୍ର ଉଚ୍ଚାରଣ କରୁଥିବା ମଣିଷ ସ୍ୱପ୍ନ ଦେଖିଛି ଏକଛତ୍ରବାଦର। ସେ ପ୍ରେମ ସୌହାର୍ଦ୍ଦର ଗୀତ ଗାଇବା ପାଇଁ ଆହ୍ୱାନ କଲା ଭିତରେ ଉପତ୍ୟକା ସମୂହକୁ ଅସ୍ତ୍ରଶସ୍ତ୍ରରେ ସୁସଜ୍ଜିତ କରିଛି। ସବୁଠି ସେଇ ଲୋମହର୍ଷଣକାରୀ କୋଳାହଳ ପରିବେଶ। ଅସ୍ତ୍ରଶସ୍ତ୍ର, ଗୁଳିଗୋଳା ଓ ବାରୁଦ ଗନ୍ଧ ବିଶ୍ୱରେ ସୃଷ୍ଟି କରିଛି ଅଶାନ୍ତ ବାତାବରଣ। ଶାନ୍ତି-ମୈତ୍ରୀ-କରୁଣାର ବାର୍ତ୍ତା ବାଣ୍ଟୁଥିବା ମଣିଷ ପୁଣି ଏତେ ହିଂସ୍ର ହୁଏ କେମିତି? ଏକ ସୁନ୍ଦର ସବୁଜିମା ପୃଥିବୀର ପରିକଳ୍ପନା କରୁକରୁ ରକ୍ତର ହୋଲି ଖେଳିବାକୁ ଆଗେଇ ଆସେ କିପରି? ପ୍ରତ୍ୟେକ ମଣିଷ ଚାହେଁ ଟିକେ ସୁଖରେ ରହିବାକୁ, ଶାନ୍ତିରେ ନିଃଶ୍ୱାସ ମାରିବାକୁ, ଜୀବନକୁ ସରସ-ସୁନ୍ଦର-ମଧୁମୟ କରିବାକୁ। ଶାନ୍ତିର ଆବଶ୍ୟକତାକୁ ଅନୁଭବ କରି ମଧ୍ୟ କାହିଁକି ସେ ଯୁଦ୍ଧକୁ ଆହ୍ୱାନ କରେ?

ଯାଯାବର ହୋଇ ଏକୁଟିଆ କାଳତିପାତ କରୁଥିବା ଜୀବନ ବିପଦପୂର୍ଣ୍ଣ ଅନୁଭବ କଲା ପରେ ମଣିଷ ଚାହିଁଲା ସଂଘବଦ୍ଧ ଜୀବନ। ସାଥୀ ହୋଇ ସହାବସ୍ଥାନ ପରେ ସମୟକ୍ରମେ ସଂଘବଦ୍ଧ ଜୀବନ ମଧ୍ୟରେ ଆରମ୍ଭ ହେଲା ପ୍ରତିଦ୍ୱନ୍ଦ୍ୱିତା। ସେହି ପ୍ରତିଦ୍ୱନ୍ଦ୍ୱିତା ଭିତରେ ସେ ଚାହିଁଲା ତା'ର ନିଜର ସ୍ୱତନ୍ତ୍ର ପରିଚୟ। ଧୀରେ ଧୀରେ ପୃଥିବୀକୁ ନିଜର କରିବାକୁ ସ୍ୱପ୍ନ ଦେଖିଲା। ନିଜ ମଧ୍ୟରେ ସ୍ୱେଚ୍ଛାଚାରୀ ଉଗ୍ରମାନସିକତାର ବୀଜ ଅଙ୍କୁରିତ ହେବାରେ ଲାଗିଲା। ନିଜକୁ ଅନ୍ୟମାନଙ୍କଠାରୁ ବୁଦ୍ଧିମାନ ଓ ଦକ୍ଷ ଭାବିଲା। ସମସ୍ତଙ୍କୁ ଏକତ୍ରିତ କରି ସେମାନଙ୍କର ମୁଖିଆ ହୋଇ ଧନଜୀବନର ଉତ୍ତରଦାୟିତ୍ୱ ନିଜ କାନ୍ଧକୁ ନେଇ ଅନ୍ୟମାନଙ୍କୁ ନିଜ ନିୟନ୍ତ୍ରଣକୁ ଆଣିଲା।

ନିଜ ପରିସୀମାକୁ ବିସ୍ତାର କରିବା ସହ ଅନ୍ୟକୁ ନିଜ ଅଧୀନରେ ରଖିବାର ମନୋଭାବ ତା'କୁ ଶିଖାଇଲା ଦ୍ୱନ୍ଦ୍ୱ। ବାହୁବଳ, ଅର୍ଥବଳ ଓ ବିଚକ୍ଷଣ ବୁଦ୍ଧି ସାହାଯ୍ୟରେ କିଛି ବିଶ୍ୱାସୀମାନଙ୍କୁ ଆତ୍ମୀୟତାର ମୋହରେ ବାନ୍ଧି ଅସ୍ତ୍ରଶସ୍ତ୍ରର ସାହାରା ନେଇ ଅନ୍ୟକୁ ଯୁଦ୍ଧର ଆହ୍ୱାନ ଦେଲା। ବିଜୟୀ ହେଲା ପରେ ସେ ଅନ୍ୟଠାରୁ ନିଜକୁ ଶକ୍ତିଶାଳୀ ଯୋଦ୍ଧା ଭାବେ ଆତ୍ମଘୋଷିତ କରାଇବା ସହ ଯୁଦ୍ଧବିଦ୍ୟା, ରଣକୌଶଳ ଏବଂ ସୈନ୍ୟଶିବିର ପ୍ରସ୍ତୁତିପୂର୍ବକ ବିଶାଳ ସାମ୍ରାଜ୍ୟ ଗଠନରେ ଲାଗିପଡ଼ିଲା। ଗୋଟେପରେ ଗୋଟେ ଅଞ୍ଚଳକୁ ଆକ୍ରମଣ କରି ବିଜୟର ସ୍ୱାଦ ତା'ର ପ୍ରଭୁତ୍ୱକୁ ବିଶ୍ୱ ଦରବାରରେ ଉପସ୍ଥାପନ କଲା। ନିଜ ସାମ୍ରାଜ୍ୟର ଭୌଗୋଳିକ ମାନଚିତ୍ରର ପରିସୀମା ବର୍ଦ୍ଧନ, ଧନସମ୍ପଦ ଲୁଣ୍ଠନ ସହ ନିଜ ପରାକ୍ରମ ଧ୍ୱଜା ଉଡ଼େଇବା ଲକ୍ଷ୍ୟରେ ସେ ଯୁଦ୍ଧକୁ କଲା ଏକ ବୃହତ୍ ମାଧ୍ୟମ। ନିଜ ସାମ୍ରାଜ୍ୟର ବୈଭବ ତଥା ପ୍ରାଚୁର୍ଯ୍ୟ ଲକ୍ଷ୍ୟରେ ଅନ୍ୟ ସାମ୍ରାଜ୍ୟକୁ ଆକ୍ରମଣ କରି ଅମାପ ଧନସମ୍ପଦ ହାତେଇବାକୁ ଚାହିଁଲା। ଏହା ଥିଲା ସ୍ୱେଚ୍ଛାଚାରୀ ରାଜତନ୍ତ୍ରର ଯୁଦ୍ଧ ମାନସିକତା।

ବିଶ୍ୱ ଇତିହାସରେ ଅନେକଗୁଡ଼ିଏ ଛୋଟବଡ଼ ସାମ୍ରାଜ୍ୟ ମୁଣ୍ଡଟେକିଛି। ପୁଣି ସମୟଚକ୍ରରେ ପତନ ଘଟିଛି। ଜୟ-ପରାଜୟ ସହ କେତେ ରାଜ୍ୟ ଓ ରାଜବଂଶର ସୂର୍ଯ୍ୟୋଦୟ, ପୁଣି ସୂର୍ଯ୍ୟାସ୍ତ ହୋଇଛି। ତା'ପରେ ଆରମ୍ଭ ହୋଇଛି ଔପନିବେଶବାଦର ଯୁଗ। ଧୀରେ ଧୀରେ ଉପନିନେଶଗୁଡ଼ିକ ଗଣତାନ୍ତ୍ରିକ ରାଷ୍ଟ୍ରଭାବେ ବିଶ୍ୱ ମାନଚତ୍ରରେ ନିଜର ପ୍ରତିଷ୍ଠା ଅର୍ଜନ କରିଛନ୍ତି।। ଯଦିଓ ରାଜତନ୍ତ୍ରର ଅବସାନ ଘଟି ଗଣତନ୍ତ୍ର ପ୍ରତିଷ୍ଠା ହୋଇଛି; କିନ୍ତୁ ଯୁଦ୍ଧ ମନୋବୃତ୍ତି ବଦଳିନାହିଁ। କେବଳ ଯୁଦ୍ଧ ଓ ଆକ୍ରମଣର ପୃଷ୍ଠଭୂମି ବଦଳିଯାଇଛି। ରାଜତନ୍ତ୍ର ଶାସନ ସମୟର ଯୁଦ୍ଧକୁ ଗଣତନ୍ତ୍ରରେ ନୂତନ ରୂପେ ଉପସ୍ଥାପିତ କରାଯାଇଛି। ବାରୁଦ, ବନ୍ଧୁକ ଓ ଗୁଳିଶବ୍ଦ ଯୁଦ୍ଧ ଆକ୍ରମଣକୁ ଆହୁରି ମଜବୁତ୍ କରିଛି। ଅସ୍ଥିର ଗଣତନ୍ତ୍ର, ଅସନ୍ତୋଷ ପ୍ରଜା ଓ ଗୃହଯୁଦ୍ଧର ସୁଯୋଗ ନେଇ ବାହ୍ୟଶକ୍ତିର ପ୍ରବେଶ ସହ ସେମାନଙ୍କର ଆଧିପତ୍ୟ ବିସ୍ତାର ହୋଇଛି। ଗଣତନ୍ତ୍ର ପ୍ରତିଷ୍ଠା ଦ୍ୱାରା ରାଜତନ୍ତ୍ରର ଯୁଦ୍ଧ ଓ ଆକ୍ରମଣ ଭୟରୁ ମଣିଷକୁ ଦୂରେଇ ରଖିବା ପାଇଁ ପ୍ରତ୍ୟେକ ରାଷ୍ଟ୍ର ପ୍ରୟାସ କରିଛି।

ମିଳିତ ଜାତିସଂଘର ପ୍ରୟାସରେ ପ୍ରତ୍ୟେକ ରାଷ୍ଟ୍ର ମଧ୍ୟରେ କିପରି ସୁସମ୍ପର୍କ ଓ ଶାନ୍ତି ସ୍ଥାପନ ହେବ ସେଥିପାଇଁ ଚୁକ୍ତି ସ୍ୱାକ୍ଷରିତ ହେଲା। କିନ୍ତୁ ମଣିଷର ପ୍ରକୃତି ପରିବର୍ତ୍ତନ ହେଉଛି ବା କେଉଁଠୁ? ଦାମ୍ଭିକ ବ୍ୟକ୍ତିମାନେ ସମସ୍ତଙ୍କ ଭାଗ୍ୟଡୋରିକୁ ନିଜ ହସ୍ତରେ ରଖିବାକୁ ସଦାସର୍ବଦା ଚାହାନ୍ତି। ରାଜତନ୍ତ୍ର କିମ୍ବା ଗଣତନ୍ତ୍ରରେ ସର୍ବୋଚ୍ଚ ଶାସନ ଓ ଆସନରେ ଅଧିଷ୍ଠିତ ବ୍ୟକ୍ତିବିଶେଷ ହିଁ ବିଶ୍ୱ ଅଶାନ୍ତ ପରିବେଶ ପାଇଁ ଦାୟୀ। ଯୁଦ୍ଧର ପ୍ରମୁଖ କାରଣ ହେଉଛି; ନିଜର ଅସ୍ତିତ୍ୱ ସହ ରାଷ୍ଟ୍ରର ସ୍ୱାଭିମାନ ସହ ସମ୍ମାନ। କେବେ ଧର୍ମ ଓ ପରମ୍ପରା ସଂସ୍ଥାପନ ପାଇଁ ତ ପୁଣି କେବେ ସାମୂହିକ ବିକାଶ ପାଇଁ। ନିଜ ମାଟିର ସ୍ୱାଭିମାନ ସହ ଅତୀତ ଗୌରବକୁ ଅକ୍ଷୁଣ୍ଣ ରଖିବା ପାଇଁ କେହିକେହି ଯୁଦ୍ଧରେ ଅବତୀର୍ଣ୍ଣ ହୋଇଛନ୍ତି।

ଭାରତ ଇତିହାସରେ ଦୁଇ ପ୍ରମୁଖ ଓ ପୌରାଣିକ ମହାଯୁଦ୍ଧ ରାମାୟଣ ଓ ମହାଭାରତ। ଉଭୟ ରାବଣ ଓ ଦୁର୍ଯ୍ୟୋଧନର ଅହଙ୍କାର ଓ ଜିଦଖୋର ମନୋବୃତ୍ତିର ଆତ୍ମପ୍ରକାଶ। ମୌର୍ଯ୍ୟମାନଙ୍କର ବିଜୟଯାତ୍ରାକୁ ଅବ୍ୟାହତ ରଖିବା ଥିଲା କଳିଙ୍ଗ ଯୁଦ୍ଧର ମୁଖ୍ୟ ଲକ୍ଷ୍ୟ। କଳିଙ୍ଗ ରାଜ୍ୟ ଉପରେ ନିଜର ଆଧିପତ୍ୟ ବିସ୍ତାର ଥିଲା ମୌର୍ଯ୍ୟମାନଙ୍କର ବୃହତ୍ ସ୍ୱପ୍ନ। ଅଷ୍ଟାଦଶ ଶତାବ୍ଦୀର ନେପୋଲିୟନ ୱାରର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଇଉରୋପୀୟ ରାଜତନ୍ତ୍ରର ସର୍ବୋଚ୍ଚ ଶାସନର ବିଲୋପ। ସବୁଠାରୁ ଭୟଙ୍କର ଯୁଦ୍ଧର ପ୍ରସ୍ତୁତି ଆରମ୍ଭ ହୋଇଥିଲା ଊନବିଂଶ ଶତାବ୍ଦୀର ଦ୍ୱିତୀୟ ଦଶକରେ। ୧୯୧୪ର ପ୍ରଥମ ବିଶ୍ୱଯୁଦ୍ଧର ସୂତ୍ରପାତ ମୂଳରେ ଉଗ୍ରଜାତୀୟତାବାଦ, ସାମରିକ ଶକ୍ତିର ପ୍ରତିଯୋଗିତା, ସାମ୍ରାଜ୍ୟବାଦ ନୀତି ଏବଂ କୂଟନୈତିକ ଚୁକ୍ତି। ପୁନଶ୍ଚ ୧୯୩୯ର ଦ୍ୱିତୀୟ ବିଶ୍ୱଯୁଦ୍ଧର ପ୍ରଚ୍ଛଦପଟରେ ଥିଲା ବିଶ୍ୱର ଅର୍ଥନୈତିକ ଅବସାଦ, ଭର୍ସେଲ ଚୁକ୍ତି, ଜାପାନ ଓ ଜର୍ମାନୀରେ ସାମରିକବାଦର ବୃଦ୍ଧି। ଊନବିଂଶ ଶତାବ୍ଦୀରୁ ଆରମ୍ଭ ହେଇଥିବା ଯୁଦ୍ଧଠାରୁ ବିଂଶ ଶତାବ୍ଦୀର ଯୁଦ୍ଧର ସାଜସଜ୍ଜା ଆହୁରି ଭୟଙ୍କର। ଏହା ତୃତୀୟ ବିଶ୍ୱଯୁଦ୍ଧ ପାଇଁ ପୂର୍ବପ୍ରସ୍ତୁତି। ଇରାକ ଓ ଆମେରିକାର, ୟୁକ୍ରେନ ଓ ରୁଷିଆର, ଇସ୍ରାଏଲ ଓ ଇସଲାମିକ ରାଷ୍ଟ୍ରସମୂହ ମଧ୍ୟରେ ଦୀର୍ଘଦିନ ଧରି ଚାଲିଥିବା ଯୁଦ୍ଧର ପରିଣତି ଆଜି ଆମ ଆଖି ସାମନାରେ।

ଏବେ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ଦେଶଦେଶ ମଧ୍ୟରେ। ସମସ୍ତଙ୍କର ଗୋଟିଏ ଚିନ୍ତା ନିଜ ଦେଶର ସୁରକ୍ଷା ଓ ବାହ୍ୟ ଆକ୍ରମଣରୁ ନିଜର ରକ୍ଷା। ସେଥିପାଇଁ ରାଷ୍ଟ୍ରସମୂହ ପ୍ରତିରକ୍ଷା ବିଭାଗ ଓ ସାମରିକ ଶକ୍ତି ଉପରେ ଧ୍ୟାନରତ। ନିଜକୁ ପରମାଣୁ ଶକ୍ତିସମ୍ପନ୍ନ ରାଷ୍ଟ୍ରରୂପେ ପ୍ରତିଷ୍ଠା କରିବା ଲକ୍ଷ୍ୟରେ ଲାଗି ପଡ଼ିଛନ୍ତି। ଭାରତର ପଡ଼ୋଶୀରାଷ୍ଟ୍ର ପରମାଣୁ ଆକ୍ରମଣକୁ ଆଖିରେ ରଖି ଆତଙ୍କବାଦୀ କାର୍ଯ୍ୟକଳାପରେ ଲିପ୍ତ। ଅଧୁନା ପୃଥିବୀ ପରମାଣୁ ଯୁଦ୍ଧର ଡାକରା ଦେଉଛି। ଏଥିରେ ଯୁକ୍ତରାଷ୍ଟ୍ର ଆମେରିକା, ରୁଷିଆ, ବ୍ରିଟେନ, ଫ୍ରାନ୍ସ, ଉତ୍ତର କୋରିଆ, ଇସ୍ରାଏଲ, ଚୀନ୍, ଭାରତ ଓ ପାକିସ୍ତାନ ସାମିଲ୍ ଅଛନ୍ତି। ଚୀନ୍, ଆମେରିକା ଓ ରୁଷିଆ ପରମାଣୁ ବୋମାର ସାହାରାରେ ବିଶ୍ୱକୁ ନିଜ ଅଧୀନକୁ ନେବାକୁ ପ୍ରୟାସ ଜାରି ରଖିଛନ୍ତି। ପରମାଣୁ ଶକ୍ତିସମ୍ପନ୍ନ ଚୀନ୍ ଏସିଆ ମହାଦେଶର ରାଷ୍ଟ୍ରସମୂହର ଭାଗ୍ୟଭବିଷ୍ୟତକୁ ତା' ହାତମୁଠାରେ ରଖିବାକୁ ସଦାସର୍ବଦା ଚେଷ୍ଟିତ। ଯୁକ୍ତରାଷ୍ଟ୍ର ଆମେରିକା ମଧ୍ୟ ଇଉରୋପୀୟ ଦେଶସହ ବିଶ୍ୱରେ ନିଜକୁ ବଡ଼ଭାଇ ଭାବେ ଉପସ୍ଥାପିତ କରିବାରେ ବ୍ୟଗ୍ର। ନିଜ ସାମରିକ ଅସ୍ତ୍ରଶସ୍ତ୍ର ବିକ୍ରି ପାଇଁ ସେ ଯୁଦ୍ଧକ୍ଷେତ୍ର ପ୍ରସ୍ତୁତିରେ ଲାଗିପଡ଼ିଛି। ଏବେ ଦେଶଦେଶ ମଧ୍ୟରେ ଜନସାଧାରଣ ଗୃହଯୁଦ୍ଧରେ ଲିପ୍ତ। ସେଥିମଧ୍ୟରୁ ପାକିସ୍ତାନ, ବାଂଲାଦେଶ, ଶ୍ରୀଲଙ୍କା, ନେପାଳ ଓ ସିରିଆ।

ଅନ୍ୟର ଅସ୍ତିତ୍ୱକୁ ବିଲୋପ କରି ନିଜର ବିଜୟଧ୍ୱଜା ଉଡ଼ାଇବା ସହ ଇତିହାସରେ ନିଜ ନାମ ଲିପିବଦ୍ଧ ହିଁ ଅଧିକାଂଶ ଯୁଦ୍ଧର ଉଦ୍ଦେଶ୍ୟ। କେତେବେଳେ ଧର୍ମକୁ ଆଧାର କରି ଧର୍ମଯୁଦ୍ଧ ତ କେତେବେଳେ ସାମରିକ ଶକ୍ତିର ପ୍ରୟୋଗ ପୂର୍ବକ ସାମ୍ରାଜ୍ୟର ବିସ୍ତାର ସହ ଅନ୍ୟର ସଭ୍ୟତାକୁ ଦମନ କରିବାର ମନୋବୃତ୍ତି। ନିଜ ଧର୍ମସଂସ୍କୃତିର ସ୍ଥାପନ ସହ ଅନ୍ୟ ଧର୍ମର ବିଲୋପ ଏବଂ ଅର୍ଥନୈତିକ ଅଭିବୃଦ୍ଧି ସହ ନିଜ ରାଷ୍ଟ୍ରର ସ୍ୱତନ୍ତ୍ର ପରିଚୟ ସୃଷ୍ଟି ପାଇଁ ଏ ଯୁଦ୍ଧ। ସଭ୍ୟତାର ଧ୍ୱଂସ, ରକ୍ତପାତ, ମାନବଜାତିର ନରସଂହାର ହିଁ ତ ପ୍ରତ୍ୟେକ ଯୁଦ୍ଧର ମାନସିକତା। ଅନ୍ୟକୁ ବାସଚ୍ୟୁତ କରିବା, ରକ୍ତର ହୋଲି ଖେଳିବା ସହ ସୁନ୍ଦର ପୃଥିବୀକୁ କଦାକାର, ବୀଭତ୍ସ ଓ ସବୁଜିମାକୁ ଶ୍ରୀହିନ କରିବା ପାଇଁ ତ ଯୁଦ୍ଧ। ପୃଥିବୀପୃଷ୍ଠରୁ ଯୁଦ୍ଧ କେବେ ବି ଶେଷ ହେବନାହିଁ। ଯୁଦ୍ଧଠୁ ମଣିଷ ନା କେବେ ଦୂରେଇଛି ନା ଦୂରେଇ ପାରିବ। ଶାନ୍ତି ପ୍ରତିଷ୍ଠାର ଶତଚେଷ୍ଟା କରି ମଧ୍ୟ ସେ ଯୁଦ୍ଧରୁ ନିଜକୁ ନିବୃତ୍ତ ରଖିପାରିବ ନାହିଁ। ସେ ଶାରୀରିକ ଓ ମାନସିକ ସ୍ତରରେ ଯୁଦ୍ଧ ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ। କାରଣ ନିଜର ଆତ୍ମସୁରକ୍ଷା ପାଇଁ ଯୁଦ୍ଧ ହିଁ ଏକମାତ୍ର ବିକଳ୍ପ।

ଭଦ୍ରକ, ମୋ: ୮୮୯୫୩୪୧୦୩୩

## ଜୈବିକ ଚାଷରେ ଜୀବଜଗତର କଲ୍ୟାଣ

ସୁରେନ୍ଦ୍ର ମେହେର

ବିଂଶ ଶତାବ୍ଦୀର ଦ୍ୱିତୀୟଭାଗରେ ଆରମ୍ଭ ହୋଇଥିବା 'ସବୁଜ ବିପ୍ଳବ' କୃଷି କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ, ଯାହାର ଲକ୍ଷ୍ୟ ଥିଲା ବିଶ୍ୱକୁ ଖାଦ୍ୟ ଅଭାବରୁ ଦୂର କରିବା। କୃଷି ଉତ୍ପାଦନରେ ବ୍ୟାପକ ବୃଦ୍ଧି ଆଣିବା ପାଇଁ ଅଧିକ ଅମଳକ୍ଷମ ବିହନ ସହ ବହୁଳ ପରିମାଣରେ ରାସାୟନିକ ସାର ଓ କୀଟନାଶକର ପ୍ରଚଳନ ହେଲା। ଆମେରିକାର ବୈଜ୍ଞାନିକ ନର୍ମାନ ବୋରଲାଗଙ୍କ ନେତୃତ୍ୱରେ ଏହି ଆନ୍ଦୋଳନ ପ୍ରାରମ୍ଭରେ ବିକାଶଶୀଳ ଦେଶଗୁଡ଼ିକ ପ୍ରତି ବିଶେଷ ଧ୍ୟାନ ଦିଆଯାଇଥିଲା।

ଭାରତରେ ଖାଦ୍ୟ ନିରାପତ୍ତା ଏବଂ ଶସ୍ୟ ଉତ୍ପାଦନରେ ଆତ୍ମନିର୍ଭରଶୀଳତା ହାସଲ ଲକ୍ଷ୍ୟରେ ୧୯୬୦ ଦଶକରେ ଆରମ୍ଭ ହୋଇଥିବା ସବୁଜ ବିପ୍ଳବର ପ୍ରଭାବ ପ୍ରଶଂସନୀୟ ଥିଲା। ପଞ୍ଜାବ, ହରିୟାଣା ଓ ଉତ୍ତର ପ୍ରଦେଶରେ ଗହମ ଓ ଚାଉଳ ଭଳି ମୁଖ୍ୟ ଫସଲର ଉତ୍ପାଦନରେ ଉଲ୍ଲେଖନୀୟ ବୃଦ୍ଧି ଘଟିଲା। ଭାରତ ଖାଦ୍ୟ ଅଭାବୀ ସଙ୍କଟରୁ ମୁକୁଳି ଏକ ଶସ୍ୟ ବଳକା ଦେଶରେ ରୂପାନ୍ତରିତ ହେଲା। କିନ୍ତୁ ଅଧିକରୁ ଅଧିକ ଉତ୍ପାଦନ ଆଶାରେ ଅଧିକ ଅମଳକ୍ଷମ ବିହନ, ରାସାୟନିକ ସାର ଓ କୀଟନାଶକର ବ୍ୟବହାରରେ ବ୍ୟାପକ ବୃଦ୍ଧି ଘଟିଲା। ଫଳରେ ମାଟିର ସ୍ୱାସ୍ଥ୍ୟ ଓ ପରିବେଶର ପ୍ରଭୂତ କ୍ଷତି ଘଟିଲା। ପରିସ୍ଥିତିର ମୁକାବିଲା ପାଇଁ ଚାଷୀମାନେ ଆହୁରି ଅଧିକ ରାସାୟନିକ ପଦାର୍ଥ ପ୍ରୟୋଗ କରିବାକୁ ବାଧ୍ୟ ହେଲେ। ଏହାର ପ୍ରଭାବରେ ମାଟିର ଗୁଣବତ୍ତାରେ ଅବନତି ଦ୍ୱାରା ଜଳସମ୍ପଦ ଓ ଫସଲ ବିବିଧତା ହ୍ରାସ ଭଳି ସମସ୍ୟା ସୃଷ୍ଟି ହେଲା, ଯାହା ସମୟକ୍ରମେ ଉତ୍ପାଦର ସାମଗ୍ରିକ ମୂଲ୍ୟକୁ ପ୍ରଭାବିତ କଲା। ଏହିପରି ଭାବେ ଦିନକୁ ଦିନ ପାରମ୍ପରିକ ବିହନର ବ୍ୟବହାରରେ ହ୍ରାସ, ମୃତ୍ତିକାର ପ୍ରାକୃତିକ ପୋଷକ ତତ୍ତ୍ୱ ଓ ଖଣିଜ କଣିକାଗୁଡ଼ିକର ଅଭାବ ଦ୍ୱାରା ଉତ୍ପାଦିତ ଫସଲଗୁଡ଼ିକରେ କ୍ଷତିକାରକ ରାସାୟନିକ ପଦାର୍ଥର ପରିମାଣ ବୃଦ୍ଧି ହେଲା।

କୃଷି କ୍ଷେତ୍ରରେ ରାସାୟନିକ ସାର ଓ କୀଟନାଶକର ଅତ୍ୟଧିକ ବ୍ୟବହାର କେବଳ ମୃତ୍ତିକା ନୁହେଁ, ମାନବ ସ୍ୱାସ୍ଥ୍ୟ ପାଇଁ ମଧ୍ୟ ଗମ୍ଭୀର ସମସ୍ୟା ସୃଷ୍ଟି କରୁଛି। ରାସାୟନିକ ପଦାର୍ଥଗୁଡ଼ିକର ଅବଶିଷ୍ଟାଂଶ ମଧ୍ୟ ଫସଲ ଜରିଆରେ ଖାଦ୍ୟ ଶୃଙ୍ଖଳରେ ପ୍ରବେଶ କରିବା ଦ୍ୱାରା ସ୍ୱାସ୍ଥ୍ୟଗତ ବିକାର, ଶ୍ୱାସକ୍ରିୟା ସମସ୍ୟା, ହରମୋନର ଅସନ୍ତୁଳନ ପରି ବିଭିନ୍ନ ରୋଗ ଶରୀରକୁ ଆକ୍ରାନ୍ତ କରୁଛି। ଦୀର୍ଘସମୟ ପର୍ଯ୍ୟନ୍ତ କୃଷି ପ୍ରବାହରେ ଥିବା ରାସାୟନିକ ଓ କୀଟନାଶକ ପଦାର୍ଥର ସଂସ୍ପର୍ଶରେ ରହିବା ଦ୍ୱାରା ଚର୍ମ ରୋଗ ସହିତ ରୋଗ ପ୍ରତିରୋଧକ ଶକ୍ତି ମଧ୍ୟ ଦୁର୍ବଳ ହେଉଛି। ଜଳସେଚନ କିମ୍ବା ବର୍ଷା ସମୟରେ ଅତିରିକ୍ତ ସାର ମାଟିରୁ ପ୍ରବାହିତ ହୋଇ ପୋଖରୀ, ନାଳ, ନଦୀ ଓ ଭୂତଳ ଜଳରେ ମିଶିଯାଏ ଯାହା ଜଳ ପ୍ରଦୂଷଣର ମୁଖ୍ୟ କାରଣ। କୀଟନାଶକଗୁଡ଼ିକର ଅବଶିଷ୍ଟାଂଶ ଜୀବଜଗତକୁ କ୍ଷତି ପହଞ୍ଚାଏ ଏବଂ ଜୈବ ବିବିଧତାକୁ ନଷ୍ଟ କରେ। ଏହି ରାସାୟନିକ ପଦାର୍ଥଗୁଡ଼ିକ ଉପରେ ଅତ୍ୟଧିକ ନିର୍ଭରଶୀଳତା ବ୍ୟାପକ ଭାବରେ ପ୍ରାକୃତିକ ସମତୁଲତାକୁ ପ୍ରଭାବିତ କରେ।



ଏ ସବୁର ନିରାକରଣ ପାଇଁ ଜୈବିକ ଓ ପ୍ରାକୃତିକ କୃଷି ଭଳି ସୁରକ୍ଷିତ ତଥା ଚିରସ୍ଥାୟୀ କୃଷି ପଦ୍ଧତିକୁ ପ୍ରତ୍ୟାବର୍ତ୍ତନ କରିବା ଆବଶ୍ୟକ। ଆଧୁନିକ କୃଷିରୁ ଜୈବିକ କୃଷି ଆଡ଼କୁ ପ୍ରତ୍ୟାବର୍ତ୍ତନ କରିବା ହେଉଛି ରାସାୟନିକ ସାର ଓ କୀଟନାଶକ ଉପରେ ନିର୍ଭରଶୀଳତାକୁ ହ୍ରାସ କରି ସ୍ଥାୟୀ ଏବଂ ପରିବେଶ ଅନୁକୂଳ କୃଷି ପଦ୍ଧତିକୁ ଗ୍ରହଣ କରିବା। ଏହା ମାଟିର ସ୍ୱାସ୍ଥ୍ୟକୁ ସୁରକ୍ଷା ଦେବ ଏବଂ ପରିବେଶ ପ୍ରଦୂଷଣକୁ ହ୍ରାସ କରିବ। ଏଥିସହିତ ପରିବେଶ ସଂରକ୍ଷଣ, ସ୍ଥାୟୀ ବିକାଶକୁ ସୁଦୃଢ ଏବଂ ଚାଷକୁ ଅଧିକ ସୁଲଭ ଓ ଉତ୍ପାଦନକ୍ଷମ କରିପାରିବ। ଜୈବିକ କୃଷିର ପ୍ରମୁଖ ଉପାଦାନଗୁଡ଼ିକ ମଧ୍ୟରେ ଜିଆ ଖତ, ଗୋବର ଖତ, ଜୈବିକ ସାର, ମଲ୍‌ଚିଂ(ଆଚ୍ଛାଦ ଚାଷ), ମିଶ୍ରିତ ଫସଲ ଓ ଜୈବିକ କୀଟ ପରିଚାଳନା ଆଦି ଅନ୍ତର୍ଭୁକ୍ତ, ଯାହା ସବୁପ୍ରକାରର ଚାଷ ପାଇଁ ଏକ ସ୍ଥାୟୀ ଏବଂ ପରିବେଶ ଅନୁକୂଳ ପଦ୍ଧତି ଅଟେ।

ଜୈବିକ କୃଷି ଚାରୋଟି ମୌଳିକ ନୀତି ଦ୍ୱାରା ପରିଚାଳିତ। ଏହା ମାଟି, ଉଦ୍ଭିଦ, ପ୍ରାଣୀଜଗତ ଓ ସମଗ୍ର ପୃଥିବୀର ସୁସ୍ଥତାର ଉନ୍ନତି ଏବଂ ଏହାର ସଂରକ୍ଷଣ ଉପରେ ପର୍ଯ୍ୟବସିତ। ଏହା ଉଭୟ ପ୍ରାଣୀ ଓ ଉଦ୍ଭିଦ ଜଗତ ମଧ୍ୟରେ ସୁସମ୍ପର୍କ ଗଠନ କରିବା ସହ ପରିବେଶ ଏବଂ ଉନ୍ନତ ଜୀବନକୁ ସୁନିଶ୍ଚିତ କରେ। ବର୍ତ୍ତମାନ ଓ ଭବିଷ୍ୟତ ପିଢ଼ି ଓ ପରିବେଶର ସ୍ୱାସ୍ଥ୍ୟକୁ ସୁରକ୍ଷିତ ରଖିବା ପାଇଁ ଦାୟିତ୍ୱପୂର୍ଣ୍ଣ ଓ ସତର୍କତା ମୂଳକ ଜୈବିକ କୃଷି ପରିଚାଳନା ଯଥେଷ୍ଟ ଗୁରୁତ୍ୱ ବହନ କରେ।

ଜୈବିକ କୃଷିର ପ୍ରାଥମିକ ଉଦ୍ଦେଶ୍ୟ ହେଉଛି ପ୍ରାକୃତିକ ବ୍ୟବସ୍ଥା ସହିତ ସମନ୍ୱୟ ରକ୍ଷା କରିବା ଏବଂ ଉଚ୍ଚ ପୋଷାକଯୁକ୍ତ ଖାଦ୍ୟ ଉତ୍ପାଦନ କରିବା। ଏହା ମାଟିର ଉର୍ବରତାକୁ ବୃଦ୍ଧି ଓ ସଂରକ୍ଷଣ କରେ, ଯେତେ ସମ୍ଭବ ନବୀକରଣୀୟ ସମ୍ବଳର ବ୍ୟବହାରକୁ ପ୍ରାଥମିକତା ଦିଏ। ଜୈବିକ କୃଷି ମାନବ ସଭ୍ୟତା ଓ ପୃଥିବୀ ପାଇଁ ଏକ ବରଦାନ ସଦୃଶ। ବର୍ତ୍ତମାନର ସୁରକ୍ଷିତ ଓ ପୁଷ୍ଟିକର ଖାଦ୍ୟର ବର୍ଦ୍ଧିତ ଚାହିଦା ପୂରଣ କରିବା ସହ ରପ୍ତାନି ବଜାରରେ ଏହାର ଚାହିଦା ବଢ଼ାଇ ଚାଷରୁ ଅଧିକ ଆୟ ସୃଷ୍ଟି କରାଯାଇପାରିବ।

ଭୁବନେଶ୍ୱର, ମୋ: ୯୪୩୭୫୮୯୦୨୬

## ଏକ ପ୍ରକୃତ ତାରକା ଯୁଦ୍ଧ

ଶ୍ରୀନନ

୧୯୭୭ ମସିହାରେ ଜର୍ଜ ଲୁକାସଙ୍କ ନିର୍ମିତ ଲୋକପ୍ରିୟ ହଲିଉଡ୍ ଚଳଚ୍ଚିତ୍ର 'ଷ୍ଟାର ୱାର୍ସ' ବା 'ତାରକା ଯୁଦ୍ଧ'ର କାହାଣୀ ଥିଲା ଆମଠାରୁ ପ୍ରାୟ ୧୧ ବିଲିୟନ ଆଲୋକବର୍ଷ ଦୂରରେ ଥିବା ଏକ ମହାକାଶୀୟ ତାରକାପୁଞ୍ଜ ସାମ୍ରାଜ୍ୟକୁ ଏହାର ଅତ୍ୟାଚାରୀ ଶାସନ କବଳରୁ ମୁକ୍ତ କରିବା ଲାଗି ହୋଇଥିବା ଯୁଦ୍ଧର କାହାଣୀ। ଭିଏତନାମ ଯୁଦ୍ଧକୁ ଦୃଷ୍ଟିରେ ରଖି ଏହାର କାହାଣୀ ରଚନା କରାଯାଇଥିଲା। ତେବେ ବର୍ତ୍ତମାନ ଏଭଳି ବାସ୍ତବ ଅଥଚ ଭିନ୍ନପ୍ରକାର ପରିଘଟଣା ଘଟୁଥିବାର ଆବିଷ୍କାର କଲେଣି ବୈଜ୍ଞାନିକମାନେ, ଯାହାକୁ ପ୍ରକୃତରେ 'ତାରକା ଯୁଦ୍ଧ' ନାମରେ ନାମିତ କରାଯାଇପାରିବ।

ଏ ଯୁଦ୍ଧରେ ଦୁଇଟି ତାରକା ପୁଞ୍ଜ ବା 'ଗାଲାକ୍ସି' ପରସ୍ପର ଆଡ଼କୁ ଖୁବ୍ ଦ୍ରୁତ ବେଗରେ ମାଡ଼ି ଆସୁଛନ୍ତି ଘଣ୍ଟାକୁ ପ୍ରାୟ ୧.୮ ନିୟୁତ କିଲୋମିଟର ବେଗରେ। ଗୋଟିଏ ଅନ୍ୟଟି ଉପରକୁ ନିକ୍ଷେପ କରୁଛି ଅତି ଶକ୍ତିଶାଳୀ ବିକିରଣ, ଯାହାଫଳରେ ବାଷ୍ପୀୟ ବାଦଲଗୁଡ଼ିକ ଦୂରକୁ ଠେଲି ହୋଇଯାଉଛି। ତେଣୁ ସେଥିରେ ନୂତନ ତାରକା ସୃଷ୍ଟି ହେବାର ଅବକାଶ ରହୁନାହିଁ। ପ୍ରଥମେ ପ୍ରାୟ ୪ ବର୍ଷ ତଳେ ଶକ୍ତିଶାଳୀ ଦୂରବୀକ୍ଷଣ ଯନ୍ତ୍ର ସାହାଯ୍ୟରେ ଚିହ୍ନଟ ହୋଇଥିବା ଏହି ପରିଘଟଣାକୁ ଖଗୋଳ ବିଜ୍ଞାନୀମାନେ ନାମ ଦେଇଛନ୍ତି 'କସ୍ମିକ୍ ଜୋଉଷ୍ଟ' ବା 'ମହାକାଶରେ ତାରକା ଯୁଦ୍ଧ।' ଏହା ଫଳରେ ସେବର ତାରକାମଣ୍ଡଳ ଦ୍ୱୟ ପରସ୍ପର ସହିତ ମିଶି ଏକାକାର ହେବାର ସମ୍ଭାବନା ରହିଛି। ଯଦି ଏପରି ହୁଏ ତେବେ ସେଥିରୁ ବୃହତ୍ତର ତାରକାମଣ୍ଡଳଟିଏ ଗଠିତ ହୋଇପାରେ।

ବିଜ୍ଞାନ ବାର୍ତ୍ତା

ଏହି ବିରଳ ଘଟଣା ବିଶ୍ୱବ୍ରହ୍ମାଣ୍ଡ ସୃଷ୍ଟିର ଆଦ୍ୟକାଳରେ ତାରକାମଣ୍ଡଳଗୁଡ଼ିକରେ କିପରି ପରିବର୍ତ୍ତନ ଆସିଲା ସେ ସମ୍ପର୍କରେ ଖଗୋଳ-ବିଜ୍ଞାନୀମାନଙ୍କୁ ବୁଝିପାରିବାର ସୁଯୋଗ ଦେଇଛି। ପ୍ରସିଦ୍ଧ ଖଗୋଳ ବିଜ୍ଞାନୀ ଡଂଗ୍-ଉ କିମ୍ ନିକଟରେ ଆମେରିକୀୟ ସମ୍ବାଦ ସରବରାହ ସଂସ୍ଥା 'ସିଏନ୍‌ଏନ୍'କୁ ଏକ ସାକ୍ଷାତକାର ଦେଇ କହିଛନ୍ତି ଯେ, ଏହା ହେଉଛି ଏ ପ୍ରକାର ଗବେଷଣାର ଏକ ଅତ୍ୟନ୍ତ ଚିତ୍ତାକର୍ଷକ କ୍ଷେତ୍ର।

ବୈଜ୍ଞାନିକମାନେ ଏବର ପର୍ଯ୍ୟବେକ୍ଷଣ ପାଇଁ ବ୍ୟବହାର କରୁଛନ୍ତି 'ଅତି ବୃହତ୍ ଦୂରବୀକ୍ଷଣ ଯନ୍ତ୍ର'। ପ୍ରକୃତରେ ଏହା ଏକ ଜ୍ୟୋତିର୍ବିଜ୍ଞାନ ବ୍ୟବସ୍ଥା ଏବଂ ଏଥିରେ ରହିଛି ୪ଟି ଅଲଗା ଅଲଗା ଦୂରବୀକ୍ଷଣ ଯନ୍ତ୍ର। 'ୟୁରୋପିଆନ୍ ସଦର୍ଣ୍ଣ ଅବଜର୍ଭେଟୋରୀ' ବା ୟୁରୋପୀୟ ଦାକ୍ଷିଣାତ୍ୟମାନ ମନ୍ଦିର ଦ୍ୱାରା ଚିଲିର ଆଟାକାମା ମରୁଭୂମିରେ ୧୯୯୮ ମସିହାରେ ପ୍ରତିଷ୍ଠିତ ବ୍ୟବସ୍ଥାଟି ଉଭୟ ଦୃଶ୍ୟମାନ ଏବଂ ପାରଲୋହିତ ଆଲୋକରେ କାର୍ଯ୍ୟ କରେ। ଉପରୋକ୍ତ ବୈଜ୍ଞାନିକମାନେ ଏହା ସାହାଯ୍ୟରେ ଦେଖିବାକୁ ପାଇଛନ୍ତି ଗୋଟିଏ ତାରକା ମଣ୍ଡଳର 'କ୍ୱାସାର୍' ବୋଲି ଉଜ୍ଜ୍ୱଳ ଅନ୍ତଃସ୍ଥଳ ଅନ୍ୟ ଏକ ନିକଟବର୍ତ୍ତୀ ତାରକା ମଣ୍ଡଳକୁ କ୍ଷତି ପହଞ୍ଚାଇବାର। ଏହି 'କ୍ୱାସାର୍'ଟି ଆମ ଛାୟାପଥର ବିକିରଣଠାରୁ ପ୍ରାୟ ସହସ୍ରଗୁଣ ଅଧିକ ଶକ୍ତିଶାଳୀ ବିକିରଣ କରୁଥିବା ଏକ କୃଷ୍ଣଗର୍ତ୍ତ ଭଳି ମନେ ହେଉଥିବା ବିଚିତ୍ର ଅତ୍ୟଧିକ ବସ୍ତୁତ୍ୱସମ୍ପନ୍ନ ପିଣ୍ଡଠାରୁ ଶକ୍ତି ପ୍ରାୟ ହେଉଛି।

ପାସ୍‌କୁଇଅର୍ ନୋଟେଡାମେଙ୍କ ସୂଚନା ଅନୁସାରେ ସେ ମନେ କରୁଥିଲେ ଯେ, ଆକ୍ରମଣକାରୀ ତାରକା ମଣ୍ଡଳର 'କ୍ୱସର'ର ଚତୁଃପାର୍ଶ୍ୱରେ ଭରି ରହିଛି କେବଳ ବାଷ୍ପ ଅଣୁ। ଅତିବୃହତ୍ ଦୂରବୀକ୍ଷଣ ଯନ୍ତ୍ରରେ ପର୍ଯ୍ୟବେକ୍ଷଣ କଳାପରେ ଏଠାରେ ଦୁଇଟି ତାରକା ମଣ୍ଡଳ ଥିବାର ଚିହ୍ନଟ କରାଯାଇପାରିଲା। ପୁନଶ୍ଚ ପ୍ରଥମଟିର ବିକିରଣ ମାଡ଼ ଦ୍ୱିତୀୟଟିରେ ନୂତନ ତାରକା ସୃଷ୍ଟି ଲାଗି ଉଦ୍ଦିଷ୍ଟ ବାଷ୍ପୀୟ ବାଦଲରେ ଥିବା ଉଦ୍‌ଜାନକୁ ଅଲଗା କରି ଦେଉଥିବାରୁ ଏବଂ ସେଗୁଡ଼ିକ ଛୋଟ ଓ ପତଳା ହୋଇଯାଉଥିବାରୁ ନୂଆ ତାରକା ସୃଷ୍ଟି ଅସମ୍ଭବ ହେଉଥିବା ଜଣାପଡ଼ିଲା। 'କ୍ୱାସାର୍'ର ବିକିରଣ କିପରି ନିକଟସ୍ଥ ତାରକାମଣ୍ଡଳର ତାରକା ସୃଷ୍ଟିକାରୀ ବାଷ୍ପକୁ ପ୍ରଭାବିତ କରେ ତାହା ବୈଜ୍ଞାନିକମାନେ ପ୍ରଥମ ଥର ପାଇଁ ପ୍ରତ୍ୟକ୍ଷ ଭାବେ ଦେଖିବାକୁ ସମର୍ଥ ହେଲେ।

ଉପରୋକ୍ତ ଘଟଣା ଘଟୁଥିବା ସ୍ଥାନର 'କ୍ୱାସାର୍'ର ବିକିରଣ ଏତେ ଶକ୍ତିଶାଳୀ ଯେ ତା ମଧ୍ୟରେ ନିକଟବର୍ତ୍ତୀ ତାରକା ମଣ୍ଡଳକୁ ସହଜରେ ଦେଖିବା ସମ୍ଭବ ହୁଏନାହିଁ। ସେଥିପାଇଁ ଏହି ବିରଳ ଦୃଶ୍ୟର ସନ୍ଧାନ ପାଇବା ପାଳଗଦାରୁ ଛୁଞ୍ଚିଟିଏ ଖୋଜି ପାଇବା ଭଳି ଘଟଣା ବୋଲି କହନ୍ତି ଅନ୍ୟତମ ବୈଜ୍ଞାନିକ ସର୍ଗେଲ୍ ବାଲାଶେଭ୍।

ଯମପଡ଼ା(କେନ୍ଦ୍ରାପଡ଼ା), ମୋ: ୯୯୩୭୩୦୧୪୬୦

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଯୌତୁକରେ ୫୮...

ଭିଏତନାମରେ ଦାମୀ ତଥା ବିଳାସପୂର୍ଣ୍ଣ ଖାଦ୍ୟ ଭାବରେ ବିବେଚିତ ହୋଇଥାଏ। ସେହିପରି ପାରମ୍ପରିକ ଔଷଧ ପାଇଁ ମଧ୍ୟ ସିଭେଟ ରକ୍ତ ଓ ମାଂସକୁ ବ୍ୟବହାର କରାଯାଇଥାଏ। ଯେଉଁଥିପାଇଁ ଚୀନ୍ ଓ ଭିଏତନାମରେ ସିଭେଟ ବିଲେଇର ଅନେକ ଚାହିଦା ରହିଛି।

## ଏଣିକି ରେକର୍ଡ ହୋଇ

ମସ୍ତିଷ୍କର ଗତିବିଧିକୁ ତର୍ଜମା କରି ମଣିଷ ଦେଖୁଥିବା ସ୍ୱପ୍ନର ଅର୍ଥ ବିଶ୍ଳେଷଣ କରାଯିବା ସମ୍ଭବ। ସମ୍ପ୍ରତି ଏହି ଯନ୍ତ୍ରାଂଶଟିର ପ୍ରାରମ୍ଭିକ ପର୍ଯ୍ୟାୟ କାର୍ଯ୍ୟ ଶେଷ ହୋଇଛି ଓ ଖୁବ୍ ଶୀଘ୍ର ଏହି ଉପକରଣର ନିର୍ମାଣ ଶେଷ ହେବ ବୋଲି ପ୍ରୟୋଗଶାଳାର ବୈଜ୍ଞାନିକମାନେ ଆଶା ରଖିଛନ୍ତି।

## ଚାଷୀ ରାସ୍ତାରେ...

ଅଭିଯୋଗ ହୋଇଛି। ମଣ୍ଡି ଦାୟିତ୍ୱରେ ଥିବା ଯୋଗାଣ ବିଭାଗ ଧାନ କିଣା ନେଇ ବାରମ୍ବାର ସମୀକ୍ଷା କରୁଛି। ହେଲେ ଚାଷୀଙ୍କ ସମସ୍ୟା ସମାଧାନ ହୋଇ ପାରୁନାହିଁ। ଏଥର ଆଉ ମିଲ୍ ମାଲିକଙ୍କ ମନମାନୀ ଚଳିବନି; ମଣ୍ଡିରେ ଦଲାଲରାଜ ହେବନି। କଟ୍‌ନୀଛଟ୍‌ନୀ ଉପରେ ସ୍ୱତନ୍ତ୍ର ଦୃଷ୍ଟି ଦିଆଯିବ। ଏମିତିକି ଅଭିଯୋଗ ଆସିଲେ, ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଖୋଦ୍ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଚାଷୀମାନଙ୍କୁ ଆଶ୍ୱାସନା ଦେଲେ। ମାତ୍ର ଚାଷୀମାନେ କଟନିଛଟନିର ଶିକାର ହୋଇ ଅଭିଯୋଗ କରିବା ବେଳକୁ କାର୍ଯ୍ୟାନୁଷ୍ଠାନ ଶୂନ।

କଟ୍‌ନୀଛଟ୍‌ନୀ ନ ହେଲେ ମଣ୍ଡିରୁ ଧାନ ଉଠୁନାହିଁ। ପଶ୍ଚିମ ଓଡ଼ିଶାରେ ବିଭିନ୍ନ ଜିଲ୍ଲାରେ କ୍ୱିଣ୍ଟାଲ୍ ପିଛା ୧୦ରୁ ୧୨ କିଲୋ କଟ୍‌ନୀଛଟ୍‌ନୀ କରାଯାଉଥିବାବେଳେ ଉତ୍ତର ଓ ଉପକୂଳ ଓଡ଼ିଶାରେ ୫ରୁ ୬ କିଲୋ କଟାଯାଉଛି। ଚାଷୀମାନେ ଆନାଲାଇଜର୍ ପରୀକ୍ଷାରେ ପାସ୍ କରୁଛନ୍ତି। ଉଚ୍ଚମାନର ଧାନ ଆଣିବା ସହ ଧାନର ଏଫଏକ୍ୟୁ ବି ଭଲ ରହୁଛି। ଏହା ସତ୍ତ୍ୱେ ବି କଟ୍‌ନୀଛଟ୍‌ନୀ କବଳରୁ ବର୍ତ୍ତିପାରୁନାହାନ୍ତି। ଯେଉଁଠି ଚାଷୀମାନେ ଏହାକୁ ବିରୋଧ କରୁଛନ୍ତି, ସେଠି ଯୋଗାଣ ଅଧିକାରୀ ତୁରନ୍ତ ପହଞ୍ଚି ଚାଷୀମାନଙ୍କୁ ବୁଝାସୁଝା ଗାଡ଼ି ଡାକି ଧାନ ପଠାଇ ଦେଉଛନ୍ତି। ଟୋକନ ପାଇବା ପରେ ଚାଷୀ ଧାନ ଆଣୁଛନ୍ତି। ହେଲେ ଚାଷୀଙ୍କୁ ହଇରାଣ କରିବା ଓ ଧାନର ମାନକୁ ଖରାପ କରିବା ଉଦ୍ଦେଶ୍ୟରେ ଦିନ ଦିନ ଧରି ଧାନକୁ ପକାଇ ରଖିଦିଆଯାଉଛି। ମିଲର୍ ଓ ଯୋଗାଣ ଅଧିକାରୀଙ୍କ ମଧୁଚନ୍ଦ୍ରିକାରେ ଚାଷୀଙ୍କୁ ହଇରାଣ କରିବା ପାଇଁ ଏଭଳି କରାଯାଉଥିବା ଅଭିଯୋଗ ହେଉଛି।

କୃଷକ ନେତା ରାମଚନ୍ଦ୍ର ସାହୁ କହିଛନ୍ତି ଯେ ମିଲରଙ୍କ ଚାପ ଯୋଗୁଁ ସରକାର ଧାନ କିଣାରେ ସଂସ୍କାର ଆଣୁନାହାନ୍ତି। କଟ୍‌ନୀଛଟ୍‌ନୀଠାରୁ ଆରମ୍ଭକରି ବିଭିନ୍ନ କ୍ଷେତ୍ରରେ ଚାଷୀଙ୍କୁ ଶୋଷଣ କରାଯାଉଛି। ଗୋଟିଏପଟେ ସବସିଡି ଦେଲୁ ବୋଲି ପ୍ରଚାର କରୁଛନ୍ତି, ଅନ୍ୟପଟେ ଚାଷୀଙ୍କ ପେଟକୁ ଲାତ ମାରୁଛନ୍ତି। ଚାଷୀମାନେ ଏନେଇ ବାରମ୍ବାର ଅଭିଯୋଗ କଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନେଉନାହାନ୍ତି। ଖରିଫ୍ ଋତୁରେ ବି ମିଲରଙ୍କ ବିରୋଧରେ ଅଭିଯୋଗ ହୋଇଥିଲା। ଏମିତିକି ମିଲର୍‌ମାନେ ଚାଷୀଙ୍କୁ ଠକିଥିବା ପ୍ରମାଣିତ ବି ହୋଇଥିଲା। ହେଲେ ଏଯାବତ୍ ସେମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଗଲାନି। ତେବେ ଯୋଗାଣ ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ ଆମେ ନିୟମିତ ଭାବେ ଜିଲ୍ଲାୱାରୀ ରିପୋର୍ଟ ସଂଗ୍ରହ କରୁଛୁ। ପଶ୍ଚିମ ଓଡ଼ିଶାରେ କିଛି ଅଭିଯୋଗ ଆସିଥିଲା, ତା'ର ତୁରନ୍ତ ସମାଧାନ କରାଯାଇଛି।

## ୫ ଘଣ୍ଟା ଜାତୀୟ...

ଧାନ ବିକ୍ରିର ଶିକାର ହେଉଛି ବୋଲି ଅଭିଯୋଗ କରିଥିଲେ। ଶାନ୍ତିପୂର୍ଣ୍ଣ ଭାବେ ରାସ୍ତା ଉପରେ ବସି ରହିଥିଲେ। ଜାତୀୟ ରାଜପଥ ହୋଇଥିବାରୁ ଲକ୍ଷାଧିକ ଗାଡ଼ି ଅଟକି ରହିଥିଲା। ସଙ୍ଗେ ସଙ୍ଗେ ପୁଲିସ, ଜିଲ୍ଲା ପ୍ରଶାସନ ଓ ଯୋଗାଣ ବିଭାଗ ଘଟଣା ସ୍ଥଳକୁ ପହଞ୍ଚିଥିଲା। ଚାଷୀମାନେ ନୂତନ ସରକାର ଓ ଜିଲ୍ଲା ପ୍ରଶାସନ ହାଏ ହାଏ ନାରା ଦେଇ କହିଛନ୍ତି, ଚଳିତ ବର୍ଷ ପ୍ରଥମ ଥର ମିଲକୁ ଟାର୍ଗେଟ ମିଳୁ ନଥିବା କଥା ଶୁଣିବାକୁ ମିଳୁଛି। ପୂର୍ବ ସରକାରଙ୍କ ସମୟରେ ଏପରି କେବେ ଘଟିନଥିଲା। ଯୋଗାଣ ବିଭାଗକୁ ଏନେଇ ପ୍ରଶ୍ନ କଲେ ରାଜ୍ୟ ସରକାର ଟାର୍ଗେଟ ଦେଇ ନଥିବା କହୁଛନ୍ତି। ସରକାର ଧାନ କ୍ରୟ ପାଇଁ ଟାର୍ଗେଟ ବୃଦ୍ଧି କରିବାକୁ ନାମାନିବା ଯାଏଁ ଆନ୍ଦୋଳନ ଜାରି ରହିବ ବୋଲି କହିଥିବେ ପଶ୍ଚିମ ଓଡିଶା କୃଷକ ସଂଗଠନର ଆବାହକ ଅଶୋକ ପ୍ରଧାନ। ଏହା ସହ ଡିଏଲପିସି ବୈଠକର କୌଣସି କ୍ଷମତା ନାହିଁ। ସବୁ ନିଷ୍ପତି ଭୁବନେଶ୍ୱରରୁ ନିଆଯାଉଛି, ତେଣୁ ଏମିତି ସମସ୍ୟା ବାରମ୍ବାର ଉପୁଜୁଛି। ଆନ୍ଦୋଳନ ସ୍ଥଳକୁ ଆସିଥିବା ମାନେଶ୍ୱର ତହସିଲଦାର ବ୍ରଜ କିଶୋର ସାହୁ କହିଛନ୍ତି ଯେ, ପୂର୍ବରୁ ଦିଆଯାଇଥିବା ଟାର୍ଗେଟ ଅନୁସାରେ ସବୁ ମଣ୍ଡିରୁ ଧାନ କିଣା ସରିଛି। ତେବେ ବର୍ତ୍ତମାନ ମଧ୍ୟ କିଛି ଚାଷୀଙ୍କ ଧାନ ବିକ୍ରି କରିବାକୁ ବାକି ରହିଛି। ତେଣୁ ଗତକାଲି ରାଜ୍ୟ ସରକାର ଏକ ରିଭାଇଜଡ ଟାର୍ଗେଟ ସ୍ଥିର କରିଛନ୍ତି। ଜିଲ୍ଲା ଅତିରିକ୍ତ ଜିଲ୍ଲା ଯୋଗାଣ ଅଧିକାରୀ ବୀରେନ୍ଦ୍ର ସୋରେନ କହିଛନ୍ତି ଯେ ସରକାର ଆଜି ପର୍ଯ୍ୟନ୍ତ ୧୨ ଲକ୍ଷ ୪୪ ହଜାର କ୍ୱିଣ୍ଟାଲର ଟାର୍ଗେଟ ଦେଇଥିଲେ। ଏତିକି ଧାନ କିଣିବାକୁ ସୋସାଇଟି ମାନଙ୍କୁ ଅନୁମତି ଦିଆଯାଇଛି। ତେବେ ବର୍ତ୍ତମାନ ସ୍ଥିତିରେ ଚାଷୀଙ୍କ ପାଇଁ ୧୩ ଲକ୍ଷ ୬୭ ହଜାର କ୍ୱିଣ୍ଟାଲ ଟାର୍ଗେଟର ଆବଶ୍ୟକତା ଅଛି। ତେଣୁ ସନ୍ଧ୍ୟା ସୁଦ୍ଧା ବଳକା ଥିବା ଟାର୍ଗେଟ ଦେଇ ଦିଆଯିବ ବୋଲି କୁହାଯାଇଛି।

ଜିଲ୍ଲା ପ୍ରଶାସନର ଲିଖିତ ପ୍ରତିଶ୍ରୁତି ପରେ ଆନ୍ଦୋଳନରୁ ଓହରିଛନ୍ତି ଚାଷୀ। ଟାର୍ଗେଟ ନଥିବା ନାଁରେ ଆସନ୍ତାକାଲି ଠାରୁ କୌଣସି ମଣ୍ଡିରେ ଧାନ ପଡି ରହିବ ନାହିଁ ବୋଲି ସମ୍ବଲପୁର ଜିଲ୍ଲାପାଳଙ୍କ ପକ୍ଷରୁ ଲିଖିତ ପ୍ରତିଶ୍ରୁତି ମିଳିବା ପରେ ରାସ୍ତା ରୋକ ଆନ୍ଦୋଳନରୁ ଓହରିଥିଲେ। ମିଲରେ ଧାନ ଅନଲୋଡ ଶୀଘ୍ର ହେବ। କୌଣସି ଚାଷୀ ଏପରି ସ୍ଥିତିର ସମ୍ମୁଖୀନ ହେବେ ନାହିଁ ବୋଲି ଲିଖିତ ପ୍ରତିଶ୍ରୁତି ମିଳିବା ପରେ ଆନ୍ଦୋଳରୁ ଓହରିଥିଲେ। ଅପରାହ୍ନ ପ୍ରାୟ ୧ ଟା ବେଳକୁ ସ୍ୱାଭାବିକ ଗାଡ଼ି ଚାଳନା ହୋଇଥିଲା। ଜିଲ୍ଲା ପ୍ରଶାସନର ପ୍ରତିଶ୍ରୁତି ପାଳନ ନହେଲେ ପୁଣି ରାସ୍ତାକୁ ଓହ୍ଲାଇବେ ବୋଲି ସମ୍ବଲପୁର ଜିଲ୍ଲା କୃଷକ ସୁରକ୍ଷା ସଂଗଠନର ସଭାପତି ଦେବେନ୍ଦ୍ର ପ୍ରଧାନ କହିଛନ୍ତି।

## ଜେଲ୍ ଗଲେ...

କୌଣସି ଆଇଏଏସ୍ ଅଧିକାରୀ ଲାଞ୍ଚ ନେବା ସମୟରେ ଧରାପଡ଼ିବାରେ ଓଡ଼ିଶାରେ ଏହା ପ୍ରଥମ ଘଟଣା ହୋଇଥିବାରୁ ରାଜ୍ୟବ୍ୟାପୀ ଆଲୋଡ଼ନ ସୃଷ୍ଟି କରିଛି।

କଳାହାଣ୍ଡି ଜିଲ୍ଲା ଜୟପାଟଣା ଅଞ୍ଚଳର ଜଣେ କ୍ରସର ବ୍ୟବସାୟୀଙ୍କୁ ଠାରୁ ୧୦ ଲକ୍ଷ ଟଙ୍କା ଲାଞ୍ଚ ନେଲାବେଳେ ଶ୍ରୀ ଚକ୍‌ମା ଗତକାଲି ଭିଜିଲାନ୍ସ ହାବୁଡ଼ରେ ପଡ଼ିଥିଲେ। ଏହାପରେ ଭିଜିଲାନ୍ସ ତାଙ୍କ ଅଫିସ ଓ ଘରେ ଚଢ଼ଉ କରିଥିଲା। ଚଢ଼ଉ ବେଳେ ଉପଜିଲ୍ଲାପାଳ ଧୀମାନଙ୍କ ଘରୁ ଆଉ ୪୭ ଲକ୍ଷ ଟଙ୍କା ମିଳିଥିଲା।

ଭିଜିଲାନ୍ସ ସୂତ୍ରରୁ ପ୍ରକାଶ ଯେ ଧର୍ମଗଡ଼ ଉପଜିଲ୍ଲାପାଳ ଧୀମାନ ଚକ୍‌ମା ଜୟପାଟଣା ବ୍ଲକ ଆମଯୋର ଅଞ୍ଚଳର ଜଣେ କ୍ରସର ମାଲିକଙ୍କୁ କାର୍ଯ୍ୟାନୁଷ୍ଠାନ ଭୟ ଦେଖାଇ ୨୦ ଲକ୍ଷ ଟଙ୍କା ଦାବି କରିଥିଲେ। କ୍ରସର ମାଲିକ ଅନ୍ୟ ଉପାୟ ନ ପାଇ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ଏହାପରେ ଉପଜିଲ୍ଲାପାଳଙ୍କୁ ଧରିବା ଲାଗି ଯୋଜନା ପ୍ରସ୍ତୁତି ହୋଇଥିଲା। ଯୋଜନା ଅନୁଯାୟୀ ପ୍ରଥମ କିସ୍ତି ବାବଦରେ ୧୦ ଲକ୍ଷ ନେବା ପାଇଁ ଡିଲ୍ ହୋଇଥିଲା। ସରକାରୀ କ୍ୱାର୍ଟର୍ସରେ ଦାବି ମୁତାବକ ୧୦ ଲକ୍ଷ ଟଙ୍କା ଲାଞ୍ଚ ନେଲାବେଳେ ଶ୍ରୀ ଚକ୍‌ମାଙ୍କୁ ଭିଜିଲାନ୍ସ ଅଧିକାରୀମାନେ ମାଡ଼ିବସିଥିଲେ। ଲାଞ୍ଚ ମାମଲାରେ ଜଣେ ଆଇଏଏସ୍ ଅଫିସର ଗିରଫ ହେବା ଓଡ଼ିଶାରେ ଏହା ହେଉଛି ପ୍ରଥମ ଘଟଣା। ଏନେଇ ଭିଜିଲାନ୍ସ ଏସ୍‌ପି ଏମ୍. ରାଧାକ୍ରିଷ୍ଣନ କହିଛନ୍ତି ଯେ, ଜଣେ ବ୍ୟବସାୟୀ ଅଭିଯୋଗ କରିବା ପରେ ତାଙ୍କୁ ଧରିବା ପାଇଁ ଜାଲ ବିଛାଯାଇଥିଲା। ସେଇ ଆଧାରରେ ମାମଲା କରାଯାଇ ତାଙ୍କୁ ନଗଦ ଟଙ୍କା ସହ ଗିରଫ କରାଯାଇଛି। ଏବେ ସେ ବିଚାର ବିଭାଗୀୟ ହାଜତକୁ ଯାଇଥିଲେ ମଧ୍ୟ ତାଙ୍କୁ ରିମାଣ୍ଡରେ ଆଣି ପଚରାଉଚରା କରାଯିବ ବୋଲି ସେ କହିଛନ୍ତି।

ଲାଞ୍ଚ କାରବାର ସଂପର୍କରେ ଅଭିଯୋଗ ମିଳିବା ପରେ ଭିଜିଲାନ୍ସ ଅଧିକାରୀ ଭୁବନେଶ୍ୱରରୁ ଆସି ଭବାନୀପାଟଣାରେ ୫ଦିନ ଧରି ଡେରା ପକାଇଥିଲେ। ଉପଜିଲ୍ଲାପାଳ ଚକମା ମିଟିଂ ଲାଗି ଭୁବନେଶ୍ୱର ଚାଲିଯାଇଥିବା ଜାଣିବା ପରେ ଭିଜିଲାନ୍ସର ଅଧିକାରୀମାନେ ଫେରିନଯାଇ ପଡ଼ୋଶୀ ଜିଲ୍ଲା ବଲାଙ୍ଗିରରେ ରହି ଅପେକ୍ଷା କରିଥିଲେ। ରବିବାର ମିଟିଂ କାର୍ଯ୍ୟ ସାରି ଉପଜିଲ୍ଲାପାଳ ଧୀମାନ ଚକମା ଧର୍ମଗଡରେ ପହଞ୍ଚୁଥିବା ଖବର ପାଇ ଭିଜିଲାନ୍ସର ସମସ୍ତ ଅଧିକାରୀ ଧର୍ମଗଡରେ ପହଞ୍ଚିଥିଲେ। ଯୋଜନା ମୁତାବକ ଉପଜିଲ୍ଲାପାଳ ଉକ୍ତ ବ୍ୟବସାୟୀଙ୍କ ଠାରୁ ନଗଦ ୧୦ ଲକ୍ଷ ଟଙ୍କା ଗ୍ରହଣ କରି ନିଜ ବାସଭବନରେ ପହଞ୍ଚିବା ପରେ ପୂର୍ବରୁ ଜାଲ ବିଛାଇ ଅପେକ୍ଷା କରିଥିବା ଭିଜିଲାନ୍ସ ଟିମ ଧର୍ମଗଡ଼ସ୍ଥିତ ତାଙ୍କର ସରକାରୀ ବାସଭବନକୁ ପ୍ରବେଶ କରି କ୍ୟାମିକାଲ ବୋଳା ଟଙ୍କା ଜବତ କରିଥିଲେ। ହାତ ଧୋଇବା ଏବଂ ଟେବୁଲ ଡ୍ରୟର ଧୋଇବା ଉଭୟ ରାସାୟନିକ ପ୍ରତିକ୍ରିୟା ପରେ ୧୦ ଲକ୍ଷ ଲାଞ୍ଚ ଟଙ୍କା ଗ୍ରହଣ କରିଥିବା ପ୍ରମାଣିତ ହୋଇଥିଲା। କେବଳ ସେତିକି ନୁହେଁ ତାଙ୍କ ସରକାରୀ ବାସଭବନରେ ତଲାସି ସମୟରେ ଆହୁରି ୪୭ ଲକ୍ଷ ଟଙ୍କା ନଗଦ ଟଙ୍କା ଜବତ କରାଯାଇଛି। ମୋଟ ନଗଦ ଟଙ୍କା ୫୭ ଲକ୍ଷ ୪୭ ହଜାର ୬ଶହ ଭିଜିଲାନ୍ସ ଜବତ କରିଛି। ଏବେ ବି ତଲାସି ଜାରି ରହିଛି। ଭିଜିଲାନ୍ସ ସେଲ୍ ପିଏସ୍ କେସ୍ ନମ୍ବର ୬/୩.୦୬.୨୦୨୫ ଅଣ୍ଡର ସେକ୍ସନ ୭ ପି.ସି. ଆଇନ, ୨୦୧୮ ଅନୁଯାୟୀ ପି.ସି. (ସଂଶୋଧନ) ଆଇନ ଦ୍ୱାରା ମାମଲା ପଞ୍ଜୀକୃତ କରାଯାଇଥିବା ବିଭାଗ ସୂତ୍ରରୁ ପ୍ରକାଶ।

୨୦୨୧ ବ୍ୟାଚ୍‌ର ଆଇଏଏସ୍ ଅଫିସର ହେଉଛନ୍ତି ଧୀମାନ ଚକ୍‌ମା। ତାଙ୍କ ଘର ତ୍ରିପୁରାର କାଞ୍ଚନପୁର ଅଞ୍ଚଳରେ। ୨୦୨୦ରେ ସେ ୟୁପିଏସ୍‌ସି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିଲେ। ନିଜ ପରିବାର ତଥା ହୋମ୍ ଟାଉନ୍‌ରୁ ସେ ପ୍ରଥମ ଆଇଏଏସ୍ ଥିଲେ। ଧୀମାନଙ୍କ ବାପା ଜଣେ ଶିକ୍ଷକ ଏବଂ ମାଆ ଜଣେ ଗୃହିଣୀ। ଧୀମାନ ଅଗରତାଲା, ଏନ୍‌ଆଇଟିରୁ କମ୍ପ୍ୟୁଟର ସାଇନ୍ସ ପାଠ ସାରି ୨୦୧୯ରେ ୟୁପିଏସ୍‌ସି ପରୀକ୍ଷା ଦେଇଥିଲେ। ଭଲ ର୍‍ୟାଙ୍କ୍ ଆସିଥିଲେ ମଧ୍ୟ ସେ ଆଏଫ୍‌ଏସ୍ ଅଫିସର ହୋଇଥିଲେ। ପ୍ରଥମେ ତାଙ୍କୁ ମୟୂରଭଞ୍ଜରେ ପୋଷ୍ଟିଂ ମିଳିଥିଲା। ପରେ ୨୦୨୧ରେ ସିଭିଲ୍ ସର୍ଭିସ ପରୀକ୍ଷାରେ ୫୨୦ ର୍‍ୟାଙ୍କ୍ ରଖି ଓଡ଼ିଶା କ୍ୟାଡର୍ ଆଇଏଏସ୍ ଭାବେ କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ଉପଜିଲ୍ଲାପାଳ ଭାବେ ନିଯୁକ୍ତି ପାଇଥିଲେ। ଉଚ୍ଚ ପ୍ରଶାସନିକ ପଦବୀରେ ରହି ସମାଜ ପାଇଁ ଅନେକ କିଛି କରିବାର ସ୍ୱପ୍ନ ଦେଖିଥିବା ଯୁବ ଆଇଏଏସ୍ ଅଧିକାରୀ ଧୀମାନ୍ ଚକ୍‌ମା କିନ୍ତୁ ନିଯୁକ୍ତି ପାଇବା ପରେ ଦୁର୍ନୀତିରେ ବୁଡ଼ି ରହିଥିଲେ। ସେ ଲୋକମାନଙ୍କୁ ଧମକଚମକ ଦେଇ ମୋଟା ଅଙ୍କର ଲାଞ୍ଚ ଦାବି କରୁଥିବା ବିଭିନ୍ନ ସମୟରେ ଅଭିଯୋଗ ହୋଇଆସୁଥିଲା। ଶେଷରେ କ୍ରସର ମାଲିକଙ୍କଠାରୁ ୧୦ ଲକ୍ଷ ଟଙ୍କା ଲାଞ୍ଚ ନେବାବେଳେ ଗତକାଲି ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି।

## ଏନ୍‌ଏଚ୍ ବନ୍ଦ...

ହେଉଛନ୍ତି। ରାସ୍ତା ବନ୍ଦ ହୋଇଥିବା ଯୋଗୁଁ ଜରୁରୀ ସାମଗ୍ରୀ ଯୋଗାଣ ମନ୍ଥର ହୋଇଯାଇଛି। ତେଣୁ ବିଭିନ୍ନ ସାମଗ୍ରୀର ମୂଲ୍ୟ ଅହେତୁକ ବୃଦ୍ଧି ପାଇଛି। ଚୁରାଚାନ୍ଦପୁର ଏବଂ ରାଜଧାନୀ ଇମ୍ଫାଲ ଏଥିରେ ବିଶେଷ ପ୍ରଭାବିତ ହୋଇଛି। ଖାଦ୍ୟ ସାମଗ୍ରୀ ଏବଂ ଔଷଧର ଘୋର୍ ଅଭାବ ଦେଖା ଦେଇଛି। ହିଂସା ପ୍ରଭାବିତ ଅନେକ ଅଞ୍ଚଳରେ ଔଷଧ ମଧ୍ୟ ମିଳୁ ନାହିଁ। ଜଣେ ସ୍ଥାନୀୟ ବାସିନ୍ଦା କହିଛନ୍ତି ଯେ ଏବେ ସବୁ ସାମଗ୍ରୀ ମିଜୋରାମ ଦେଇ ଆସୁଛି। ଏଥିପାଇଁ ସବୁ ମହଙ୍ଗା ହୋଇଯାଇଛି। ଆଉ ପୂର୍ବଭଳି ସ୍ଥିତି ନାହିଁ।

ସୂଚନା ଅନୁଯାୟୀ ଚୁରାଚାନ୍ଦପୁରକୁ କୁକି ସମ୍ପ୍ରଦାୟର ଗଡ଼ ଧରାଯାଏ। ଏହା ଜାତୀୟ ରାଜପଥ-୨ ଏବଂ ୩୭ ଉପରେ ନିର୍ଭରଶୀଳ। ଏହା ଆସାମ ଏବଂ ନାଗାଲାଣ୍ଡକୁ ମଣିପୁର ସହ ଯୋଡୁଛି। ଏବେ ଏହି ରାସ୍ତା ବନ୍ଦ ରହିଛି। ତେଣୁ ଟ୍ରକଗୁଡିକ ଦୀର୍ଘ ପଥ ଅତିକ୍ରମ କରି ମିଜୋରାମ ଦେଇ ଆସୁଛନ୍ତି। ଏଥିଯୋଗୁଁ ପରିବହନ ମୂଲ୍ୟ ବୃଦ୍ଧି ପାଉଛି। ୨୦୨୩ ମେ' ୩ରୁ ଆରମ୍ଭ ହୋଇଥିବା ହିଂସାରେ ଏ ପର୍ଯ୍ୟନ୍ତ ୩୦୦ରୁ ଅଧିକ ଲୋକଙ୍କ ଜୀବନ ଗଲାଣି। ୧୫୦୦ରୁ ଅଧିକ ଆହତ ହେଲେଣି। ୭୦ ହଜାରରୁ ଅଧିକ ଲୋକ ବିସ୍ଥାପିତ ହେଲେଣି। ୬ ହଜାରରୁ ଅଧିକ ଏତଲା ରୁଜୁ ହେଲାଣି। ତଥାପି ହିଂସା ବନ୍ଦ ହେଉନି।

ଅରମ୍ବାଇ ଟେଙ୍ଗୋଲର ନେତା କାନନ ସିଂହଙ୍କ ଗିରଫକୁ ନେଇ ଆରମ୍ଭ ହୋଇଥିବା ଏହି ସଦ୍ୟ ହିଂସା ଯୋଗୁ ଇମ୍ଫାଲର ବିଭିନ୍ନ ସ୍ଥାନରେ ପୁଲିସ ଏବଂ ପ୍ରଦର୍ଶନକାରୀ ମୁହାଁମୁହିଁ ହୋଇଛନ୍ତି। ଏହାକୁ ଦେଖି ୫ ଜିଲ୍ଲାରେ ଇଣ୍ଟରନେଟ ବନ୍ଦ କରିଦିଆଯାଇଛି।

## ଏମ୍‌ବିଏ, ଏମ୍‌ସିଏ...

କରିବାକୁ ଅବେଦନ କରୁଥିବା କିଛି ନିଯୁକ୍ତି ଆଶାୟୀ ପ୍ରକାଶ କରିଛନ୍ତି।

ରାଉରକେଲା ପୁଲିସ ଜିଲ୍ଲାରେ ଗୃହରକ୍ଷୀ ବାହିନୀରେ ନିଯୁକ୍ତି ପାଇଁ କମ୍ପ୍ୟୁଟର ଜ୍ଞାନ, ଗାଡି ଚାଳନା ଜ୍ଞାନ, ରୋଷେଇ କରିବା ଜ୍ଞାନ, ବିଦ୍ୟୁତ ମିସ୍ତ୍ରୀ ଜ୍ଞାନ, ପାଇପ ମିସ୍ତ୍ରୀ ଜ୍ଞାନ ଓ ଅନ୍ୟାନ୍ୟ କ୍ଷେତ୍ରରେ ଦକ୍ଷତା ଜ୍ଞାନ ଥିବା ଆବେଦନକାରୀଙ୍କୁ ନିଯୁକ୍ତି କ୍ଷେତ୍ରରେ ଅଗ୍ରାଧିକାର ଦିଆଯିବ ବୋଲି ବିଜ୍ଞାପନରେ ପ୍ରକାଶିତ ହୋଇଥିଲା। ହୋମଗାର୍ଡ ସେବା ସ୍ଥାୟୀ ଚାକିରି ନୁହେଁ, ଏକ ସ୍ୱେଚ୍ଛାସେବୀ ସେବା ଥିବା ଓ ୩ ବର୍ଷର କାର୍ଯ୍ୟାକାଳ ପାଇଁ ଉଦ୍ଦିଷ୍ଟ ଥିବା ଚାକିରି ବୋଲି ବିଜ୍ଞାପନରେ ସ୍ପଷ୍ଟ ଉଲ୍ଲେଖ ରହିଥିଲା। ତଥାପି ଆଜି ୯୦୬୧ ଜଣ ଯୁବକ ଯୁବତୀ ଲିଖିତ ପରୀକ୍ଷା ଦେଇଛନ୍ତି। ସେକ୍ଟର-୬ ଇସ୍ପାତ ଷ୍ଟାଡିୟମରେ ଦୁଇଟି ସିଟିଂରେ ଓଡ଼ିଆ ପ୍ରବନ୍ଧ ଲିଖନ ଓ ସାଧାରଣ ଜ୍ଞାନ ପରୀକ୍ଷା ହୋଇଥିଲା। ପରେ ୨ କି.ମି ଚାଲିବା ସହ ବ୍ୟକ୍ତିଗତ ସାକ୍ଷାତକାର ପରୀକ୍ଷା ହୋଇଥିଲା। ପୋଲିସ ପକ୍ଷରୁ ଇସ୍ପାତ ଷ୍ଟାଡିୟମରେ ସମସ୍ତ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ରାଉରକେଲା ଏସ୍‌ପି ନିତେଶ ୱାଧୱାନୀଙ୍କ ତତ୍ତ୍ୱାବଧାନରେ ୩ ଜଣ ଅତିରିକ୍ତ ଏସ୍‌ପି, ୮ ଜଣ ଡିଏସପି, ୧୭ ଜଣ ଇନ୍ସପେକ୍ଟର, ୯୬ ଜଣ ଏସ୍‌ଆଇ, ୧୦୦ ଜଣ ହୋମଗାର୍ଡ ଏବଂ ୧୦ ପ୍ଲାଟୁନ୍ ପୁଲିସ ଫୋର୍ସ ପରୀକ୍ଷା ପରିଚାଳନାରେ ସହଯୋଗ କରିଥିଲେ। କେବଳ ଏତିକି ନୁହେଁ ଏକକାଳୀନ ଷ୍ଟାଡିୟମ ପଡ଼ିଆରେ ଏତେ ସଂଖ୍ୟକ ପରୀକ୍ଷାର୍ଥୀ ହେଉଥିବାରୁ ଆକାଶମାର୍ଗରୁ ଡ୍ରୋନ୍ ମାଧ୍ୟମରେ ସେମାନଙ୍କ ଉପରେ କଡ଼ା ନଜର ରଖାଯାଇଥିଲା। ଆଗାମୀ ଦିନରେ ସୁନ୍ଦରଗଡ଼ ପୁଲିସ ଜିଲ୍ଲା ପାଇଁ ହୋମଗାର୍ଡ ନିଯୁକ୍ତି ପରୀକ୍ଷା ହେବ ବୋଲି ଜଣାପଡିଛି।

## ସ୍ତ୍ରୀକୁ ଶିଳପୁଆରେ...

ଯେ ସେ ଭୋର୍‌ରୁ ଗ୍ରାମ ନିକଟସ୍ଥ ନାଳକୁ ସ୍ନାନ-ଶୌଚ ପାଇଁ ଯାଇ ଫେରିଲା ବେଳକୁ ନରେନ୍ଦ୍ର ଘରୁ ଦୌଡ଼ି ପଳାଉଥିବା ଦେଖିଥିଲେ। ସନ୍ଦେହ କରି ଘର ଭିତରକୁ ଯାଇ ଦେଖିବା ବେଳକୁ ମୋନି ରକ୍ତ ଜୁଡୁବୁଡୁ ଅବସ୍ଥାରେ ଚଟାଣରେ ପଡ଼ିଛି। ପରେ ଘରର ଅନ୍ୟାନ୍ୟ ସଦସ୍ୟ ଏବଂ ପଡ଼ୋଶୀଙ୍କୁ ଘଟଣା ସମ୍ପର୍କରେ ଜଣାଇଥିଲେ।

ନରେନ୍ଦ୍ର ଓ ମୋନିଙ୍କ ୫ ବର୍ଷିଆ ଏକ ଝିଅ ନିକିତା ରହିଛି। ଘଟଣା ସମ୍ପର୍କରେ ଖବର ପାଇ ସେରଙ୍ଗ ଥାନା ଅଧିକାରୀ ପ୍ରମୋଦ କୁମାର ଖଣ୍ଡୁଆଳ ସାଇଣ୍ଟିଫିକ୍ ଟିମ୍ ସହ ପହଞ୍ଚି ଛାନ୍‌ଭିନ୍ କରିଥିଲେ। ଏକ ହତ୍ୟା ମାମଲା ରୁଜୁ କରିବା ସହ ଶବ ଜବତ କରି ପାରଳାଖେମୁଣ୍ଡିସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ଘଟଣା ପରଠାରୁ ନରେନ୍ଦ୍ର ଫେରାର୍ ହୋଇଯାଇଥିବା ବେଳେ ପୁଲିସ୍ ଖୋଜାଖୋଜି ଜାରି ରଖିଥିଲା। ତେବେ ସନ୍ଧ୍ୟାରେ ଗାଇବା ଗାଁ ପଛପଟେ ଥିବା କାଜୁ ଜଙ୍ଗଲରେ ନରେନ୍ଦ୍ରଙ୍କ ମୃତଦେହ ଝୁଲୁଥିବା ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ସନ୍ଧ୍ୟା ହୋଇଯାଇଥିବାରୁ ପୁଲିସ ମୃତଦେହକୁ ଉଦ୍ଧାର କରିପାରିନାହିଁ। ନରେନ୍ଦ୍ରଙ୍କ ପରିବାରଲୋକଙ୍କୁ ଖବର ଦିଆଯାଇଛି। ମଙ୍ଗଳବାର ପରିବାରଲୋକେ ଆସିବା ପରେ ଗଛରୁ ମୃତଦେହ ଓହ୍ଲାଯିବ ବୋଲି ସେରଙ୍ଗ ଆଇଆଇସି ପ୍ରମୋଦ କୁମାର ଖଣ୍ଡୁଆଳ କହିଛନ୍ତି। ଶେଷ ଖବର ଲେଖା ହେବା ବେଳକୁ ମୃତଦେହକୁ ପୁଲିସ ଜଗି ରହିଛି।

# ଶିଳପୁଆରେ ଛେଚି ସ୍ୱାମୀକୁ ହତ୍ୟା; ସ୍ତ୍ରୀ ଗିରଫ

ଯୋଡ଼ା, ୯।୬(ସମିସ): କେନ୍ଦୁଝର ଜିଲ୍ଲା ଯୋଡ଼ା ଥାନା ଅଧୀନ ୱାର୍ଡ ନଂ ୧ର ତଲକ୍‌ହାଟିଂରେ ଶିଳପୁଆ ମାଡ଼ରେ ସ୍ୱାମୀଙ୍କ ମୃତ୍ୟୁ ଘଟଣାର ତଦନ୍ତ କରି ପୁଲିସ ଅଭିଯୁକ୍ତ ସ୍ତ୍ରୀକୁ ଗିରଫ କରିଛି। ସୂଚନାନୁଯାୟୀ, ଶନିବାର ସନ୍ଧ୍ୟା ସମୟରେ ସ୍ୱାମୀ କେନ୍ଦୁଆ ଲୋହାର(୪୦) ଓ ତାଙ୍କ ସ୍ତ୍ରୀ ଲେମ୍ବ୍ର ଲୋହାରଙ୍କ ମଧ୍ୟରେ କଳି ହୋଇଥିଲା। ଏଥିରେ ଉତ୍ତେଜିତ ହୋଇ ଲେମ୍ବ୍ର ଘରେ ଥିବା ଶିଳପୁଆରେ କେନ୍ଦୁଆଙ୍କ ମୁଣ୍ଡକୁ ଛେଚି ଦେଇଥିଲା। ରକ୍ତ ଜୁଡୁବୁଡୁ ଅବସ୍ଥାରେ ରାତିରେ ତାଙ୍କୁ ପ୍ରଥମେ କମାର ଯୋଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ହେବାରୁ କେନ୍ଦୁଝର ଏବଂ ପରେ କଟକ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ରବିବାର ଅପରାହ୍ଣରେ ତାଙ୍କର ମୃତ୍ୟୁ ଘଟିଛି। ଯୋଡ଼ା ପୁଲିସ ସୋମବାର ସାଇଣ୍ଟିଫିକ୍ ଟିମ୍ ସହ ଅଭିଯୁକ୍ତ ଘରକୁ ଯାଇ ଆକ୍ରମଣରେ ବ୍ୟବହୃତ ହୋଇଥିବା ଶିଳପୁଆ, ଅନ୍ୟାନ୍ୟ ପ୍ରମାଣ ଓ ରକ୍ତ ନମୁନା ସଂଗ୍ରହ କରିଥିଲା। ଏଥିସହ ଅଭିଯୁକ୍ତ ସ୍ତ୍ରୀ ଲେମ୍ବ୍ର ଲୋହାର(୩୫)କୁ ଗିରଫ କରି କେସ ନଂ ୧୪୭/୨୫ ରେ ହତ୍ୟା ମାମଲା ରୁଜୁ କରି କୋର୍ଟ ଚାଲାଣ କରିଥିବା ଯୋଡ଼ାଥାନା ଭାରପ୍ରାପ୍ତ ଅଧିକାରୀ ସୁଶାନ୍ତ ପ୍ରଧାନ ସୂଚନା ଦେଇଛନ୍ତି।

# ବଜ୍ରପାତରେ ଖଲାସିଙ୍କ ମୃତ୍ୟୁ

ରାମଚନ୍ଦ୍ରପୁର, ୯।୬(ସମିସ): ବଜ୍ରପାତରେ ଜଣେ ଟ୍ରକ୍ ଖଲାସିଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ, ଅନୁଗୋଳ ଜିଲ୍ଲା ପାଲଲହଡ଼ା ଅଞ୍ଚଳର ଦିଲ୍ଲୀପ ପାତ୍ର। କେନ୍ଦୁଝର-ଯାଜପୁର ଜିଲ୍ଲା ସୀମାନ୍ତ ୨୦ ନମ୍ବର ଜାତୀୟ ରାଜପଥ ଅନ୍ଧାରୀ ଢାବା ନିକଟରେ ସୋମବାର ଅପରାହ୍ଣରେ ହଠାତ୍ ବର୍ଷା ସହ ବିଜୁଳି ଘଡ଼ଘଡ଼ି ସାଙ୍ଗକୁ ବଜ୍ରପାତ ହୋଇଥିଲା। ସେହି ସମୟରେ ସ୍ଥାନୀୟ ଢାବା ନିକଟରେ ଟ୍ରକ୍‌କୁ ରଖି ଗାଧୋଇବାକୁ ଯାଉଥିଲେ ଟ୍ରକ ଚାଳକ ଏବଂ ଖଲାସି ଦିଲ୍ଲୀପ। ହଠାତ ବଜ୍ରପାତ ହେବାରୁ ଘଟଣାସ୍ଥଳରେ ଦିଲ୍ଲୀପ ଟଳି ପଡ଼ିଥିଲେ। ଲୋକଙ୍କ ସମ୍ମୁଖରେ ତଥା କେହି କିଛି ବୁଝିବା ପୂର୍ବରୁ ଚାହୁଁଚାହୁଁ ତାଙ୍କ ଜୀବନ ଚାଲିଯାଇଥିଲା। ଟ୍ରକ୍‌ଟି କେନ୍ଦୁଝରରୁ ଲୁହାପଥର ବୋଝେଇ କରି ପାରାଦୀପ ଅଞ୍ଚଳକୁ ଯିବା ସମୟରେ ଏଭଳି ଦୁର୍ଘଟଣା ଘଟିଛି।


**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ନଂ.ETCECONIBBS 2025023, ତା.03.06.2025ରିଖ

କାର୍ଯ୍ୟର ନାମ : ପୂର୍ବ ତଟ ରେଳପଥର ସମ୍ବଲପୁର ମଣ୍ଡଳ ଅଧୀନସ୍ଥ କଳାହାଣ୍ଡି (ନରଲା) ଠାରେ ଇଲେକ୍ଟ୍ରିକ୍ ଲୋକୋ ପିରିଓଡ଼ିକାଲ ଓଭର ହଲିଙ୍ଗ୍ (POH) କାରଖାନାର ସ୍ଥାପନ ... P.Way ... କାର୍ଯ୍ୟସମୂହ।

କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ): 2225.48 ଲକ୍ଷ, EMD (ଟଙ୍କାରେ): 12,62,700/-. କାର୍ଯ୍ୟ ଶେଷ ହେବା ଅବଧି: 18 ମାସ।

ଟେଣ୍ଡରର ବନ୍ଦ ହେବା ତାରିଖ ଓ ସମୟ : ତା.04.07.2025 ଦିନ 1200 ଘଣ୍ଟାରେ।

[illegible] ... ଏଗୁଡିକ ଫର୍ମ (Firm)ର ଲେଟର ହେଡ୍‌ରେ ... [illegible]

... ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଛେ। ... 15(ପନ୍ଦର) ଦିନ ... କ୍ଲାସ-III ... IREPS ... [illegible]

... ଅନୁଲଗ୍ନକ-B/G ଏବଂ G1ର ... ଅନୁଲଗ୍ନକ 2 ର ... ଅନୁଲଗ୍ନକ-I, ... ପାରା 3.1 ... [illegible]

ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/ ଭୁବନେଶ୍ୱର

PR-40/CI/25-26

**AFFIDAVIT**

By vitue of an affidavit CF No.: 54 sworn before Executive Magistrate, Bhubaneswar Dt.09.06.2025 I, Ramesh Kumar Patro, S/o.: Udayanath Patro, R/o Vil: Sakti Nagar, Near UCP Engineering School, P.S.: Berhampur Sadar, Dist.: Ganjam declare that I have changed name of my daughter from Roshni Patro to Roshoni Patro. Henceforth, she shall be known as Roshoni Patro for all purposes.

**SALE**

Booking Open 2/3 BHK Flats Price Starts from 60 Lakhs BHPL KRISHNA BHARATPUR, BHPL RUDRA in front of CET College, Ghatikia, BHPL SB HOMES, Ghatikia, BHPL PNM, Satya Vihar, BHPL GRAND-4, Jagamara & Ready to move 3 BHK Flats BHPL ARYA, Ghatikia & R.J Palace, Samantarapur, Bhubaneswar.

Contact

GADHWAL GROUP

Mob.: 9437015112

**AFFIDAVIT**

I, Balaram Harijan, S/o- Late Pakulu Harijan, resident of At/PO- KONA GOAN, Via-BORIGUMMA, Dist.-Koraput, Odisha, PIN-764056 declare by this affidavit No. 78AA 537777, dtd.- 09/06/ 2025 that now onwards I shall be known as **BALARAM NAYAK** and my late father as **PAKULU NAYAK** as for all future purposes.

**NOTICE**

By virtue of an affidavit sworn before Executive Magistrate, Jagatsinghpur on dated 17.03.2025, I Biki Swain W/o Dipak Kumar Swain of Vill: Aunri, PO: Goda, P.S.: Erasama, Dist: Jagatsinghpur, Odisha, Pin-754110 declare that I have changed my son's name from Biswanath Swain to Somanath Swain. Henceforth, he shall be known as Somanath Swain for all purposes.

Sd/- Biki Swain

**NOTICE (above 18 years of age)**

By virtue of an affidavit sworn before Notary Public, Udala, Mayurbhanj, dated 07-06-2025 I, Kailash Chandra Naik, Address At- Badkaranjia, PO-Badkaranjia, PS- Khunta, Dist-Mayurbhanj, Odisha, Pin-757019 declare that I have changed my name from **Kaylash Cjndra Naik** to **Kailash Chandra Naik**. Henceforth, I shall be known as **Kailash Chandra Naik** for all purposes.

Kailash Chandra Naik

**AFFIDAVIT**

By virtue of an affidavit Sl.No. - 634125, dtd. 05.06.2025 before the Notary Public, Malkangiri, I, Pannarani Malik have changed my name from **Pana Mallick** to **Pannarani Malik.** Henceforth I shall be know as **Pannarani Malik** for all purposes.

Sd/- Pannarani Malik.

**LOST**

ମୁଁ ଶ୍ରୀ ସୁଶାନ୍ତ କୁମାର ମିଶ୍ର, ପିତା କ୍ଷୀରୋଦ କୁମାର ମିଶ୍ର ଓ ଶ୍ରୀମତୀ ସ୍ୱରାଜ୍ୟ ମିଶ୍ର, ସ୍ୱାମୀ କ୍ଷୀରୋଦ କୁମାର ମିଶ୍ର, ହାତୀପଥର ରୋଡ୍, ତୃତୀୟ ଗଳି, ରାଣୀଗୁଡ଼ା ଫାର୍ମ, ରାୟଗଡ଼ା, ଏହାଦ୍ୱାରା ଘୋଷଣା କରୁଅଛୁ ଯେ, ଆମର ମୂଳ ପଞ୍ଜିକୃତ ବିକ୍ରୟ ଡକୁମେଣ୍ଟ ନମ୍ବର 11581001579 ତାରିଖ 08-10-2010ରେ ରାୟଗଡ଼ା ତହସିଲ, ଜିଲ୍ଲା ରାୟଗଡ଼ା ଅନ୍ତର୍ଗତ ମୌଜାରେ ଅବସ୍ଥିତ ସମ୍ପତ୍ତି ସହିତ ଜଡ଼ିତ ଯାହାର ଖାତା ନମ୍ବର 50/147, ପ୍ଲଟ ନମ୍ବର 145/239/377 ଏବଂ ପରିମାଣ ଏକର 0.012 Decimal ଅଟେ। ଉକ୍ତ ଡକୁମେଣ୍ଟ ମୋର ପରିବହନ ସମୟରେ ହଜିଯାଇଛି। ମୁଁ ବ୍ୟାଙ୍କରୁ ଋଣ ନେବାକୁ ଯାଉଛି। ଯଦି କାହା ପାଖରେ ମୂଳ ଡକୁମେଣ୍ଟ ଅଛି କିମ୍ବା କୌଣସି ଆପତ୍ତି ଅଛି ତେବେ ଏହି ନୋଟିସର 7 ଦିନ ମଧ୍ୟରେ ବ୍ୟାଙ୍କକୁ ଜଣାଇବାକୁ ଅନୁରୋଧ କରୁଅଛୁ

**TRUST FUND DEGREE COLLEGE**

BARGARH - 768 028

Ref. No. 133/TFDC/2025 Date. 09.06.2025

e-mail: tfdc.bgh98@gmail.comw website : www.tfdegreecollege.org

WALK IN INTERVIEW

TRUST FUND DEGREE COLLEGE.BARGARH.

Phone No.06646 - 231498

Desirous candidates having more then 55 % of marks in concerned subject at P.G. Level May attend the walk In Interview for the post of Lecturer in Political Science to be held on dt.20.06.2025 at 10.00 A.M.

N.B.- No T.A. IDA. will be provided to the candidate.

Sd/- Principal in-Charge-cum- Secretary

TRUST FUND DEGREE COLLEGE, BARGARH.

**AFFIDAVIT**

By virtue of an affidavit sworn before The Notary Public, Sunabeda dated 06/06/2025 I, Smt. Lachami Hantal W/o Dhanarjaya Hantal Vill:- Debatiguda PO- Hatibari PS- Padwa District-Koraput declare that I have changed my name from **Lachami Khara** to **Lachami Hantal.** Henceforth, I shall be known as **Lachami Hantal** for all purposes.

**AFFIDAVIT**

By virtue of an affidavit sworn before Executive Magistrate, Satyabadi, CF No- 1303 dated 09.06.2025, I, Manas Jena S/o late Bhikari Jena, At: Dugal, Po: Brahmanapada, P.S: Satyabadi, Dist: Puri - 752014, Odisha have changed my daughter's name from **Papali Jena** to **Sradhanjali Jena**. Henceforth she will be known as **Sradhanjali Jena** for all purposes.

Sd/- Manas Jena

**AFFIDAVIT**

By virtue of affidavit before Notary Bolangir, I PRAMOD KUMAR MAHARANA S/O - Bhagabana Badhei, SHANTIPADA, PS BALANGIR TOWN, Dist BALANGIR, Odisha, PIN - 767002, do hereby declare by this affidavit no. 287, Dt.18.03.2025, that I have changed my name From **PRAMOD KUMAR BADHEI** to **PRAMOD KUMAR MAHARANA**. Hence now onwards I shall be known as **PRAMOD KUMAR MAHARANA** for all future purposes.

O-258

GOVERNMENT OF ODISHA
OFFICE OF THE CHIEF CONSTRUCTION ENGINEER
RURAL WORKS CIRCLE, RAYAGADA
Email ID-ccerwcrayagada@gmail.com

Letter No.1089 _/ Date:05.06.2025

2nd Corrigendum

In Continuation to this office bid identification No. NCB-06/ RWCRGDA/2025-26 invited vide this office letter No-539 dated-11.04.2025 & 1st corrigendum letter No-912 dated-15.05.2025 partial modification of TCN has been made as follows:

| Sl.No. | Item | Time schedule as per Original TCN | Time schedule as per 2nd Corrigendum Notice |
|---|---|---|---|
| 1 | Availability of tender online for bidding | Dt.25.04.2025 at 11.00 A.M. to Dt.16.05. 2025 Up to 5.00 P.M. | Extended up to 5.00 PM of 04.07.2025 |
| 2 | Date & time of seeking tender clarification if any | Dt.15.05.2025 Up to 5.00 P.M. | Dt.03.07.2025 Up to 5.00 P.M. |
| 3 | Date & time of opening of tender (Technical Bid) | Dt.17.05.2025 At 11.00 A.M. | Dt.05.07.2025 At 11.00 A.M. |
| 4 | Date & time of opening of tender (Price Bid) | Will be intimated later on to the successful bidders | Will be intimated later on to the successful bidders |

All other terms & conditions will remain unchanged.

Chief Construction Engineer, Rural Works Circle, Rayagada

OIPR - 25196/11/0017/2526

**AFFIDAVIT**

I, Sujata Malik, W/o: Shyam Sundar Malik, residing of House No.: 1, Riviera Green, P.O.: Naharakanta, P.S.: Pahala, Bhubaneswar-752101, Dist.: Khordha, Odisha declare by this affidavit No.: 18454, dtd. 06.06.2025 that now onwards I shall be known as **Sujata Mallik** for all future purposes.

**AFFIDAVIT**

I, Subhasree Swagatika Nayak, W/o- Pramod Kumar Nayak resident of At- Barha Domanda, P.o- Bhamanda, P.S- Rajkanika, Dist- Kendrapara, Odisha. Declare by this affidavit No. 4502, dated- 09/06/2025 that now onwards I shall be known as **SHUVASHREE SWAGATIKA NATH** for all future purposes.

**AFFIDAVIT**

By virtue of an affidavit sworn before The Notary Public, Sunabeda dated 06/06/2025 I, Sri Dhanarjaya Hantal S/o Sitaram Hantal Vill:- Debatiguda PO- Hatibari PS- Padwa District-Koraput declare that I have changed my name from **Dhanajaya Gemel** to **Dhanarjaya Hantal.** Henceforth, I shall be known as **Dhanarjaya Hantal** for all purposes.

Dhanarjaya Hantal.

C-482

OFFICE OF THE MUNICIPAL COUNCIL: BALANGIR

No. 2601 /BM/Dt. 04.06.2025 //

e Procurement Notice

BID IDENTIFICATIONNUMBER - BLGRMPTY/02(01-12)/2025-26

Bid Documents consisting of work, Estimated cost, Cost of Tender paper, EMD, Time of completion, Class of Contractor and the set of terms and conditions of contract and other necessary documents can be seen in Govt. Website i.e. www.tendersorissa.gov.in.

| | | |
|---|---|---|
| 1 | Name of the Work | Civil Construction work as mentioned in DTCN |
| 2 | No. of works | 12(Twelve) Nos. |
| 3 | Estimated Cost. | Rs.5.00 Lakhs to Rs.18.60 Lakhs |
| 4 | Period of Completion | 3 Calendar Month |
| 5 | Date and Time of on line Bidding | from 11.00 AM of 09.06.2025 to 5.00 PM of 23.06.2025 |
| 6 | Online Bids shall be Open on | 24.06.2025 on 11.00 AM |
| 7 | Name & Address of the Officer Inviting Bid | Executive Officer, Balangir Municipality |

8 Further details can be seen from the website www.tendersorissa.gov.in

9 Further any addendum/ corrigendum/ clarification issued in connection with the tenders shall be uploaded in the above website and no news paper advertisement shall be given. Bidders are advised to visit the website regularly for obtaining all such details.

Executive Officer
Balangir Municipality

OIPR - 13169/11/0060/2526

**AFFIDAVIT**

By virtue of an affidavit No-153, dtd-19/05/2025 before The Executive Magistrate Ambabhona, (Bargarh). I, **Nalini Parua** aged about 42 years, W/o-Niranjan Parua, resident of At/Po- Dwari, Ps/Tah- Ambabhona, Dist- Bargarh, Pin-768045 Odisha do hereby declare that, my maiden name is **Puspanjali Bhue,** D/o- Kshyamanidhi Bhue, @ Bunaki Bhue of Bhatli after marriage to Niranjan Parua of Dwari. I have changed my name from **Puspanjali Bhue to Nalini Parua.** Henceforth in all records, deeds and writing in all proceeding, dealing and transaction private as well as public and upon all occasion I will be known as **Nalini Parua** (new name).

Nalini Parua

**AFFIDAVIT**

By virtue of an affidavit sworn before the Executive Magistrate, Pattamundai on dated-30/12/2024. I, **Rahima Bibi,** W/o- Md. Bellar Khan, resident of Village- Badajaria, Po- Jaria, P.S- Pattamundai, Dist- Kendrapada, Odisha, declare that, my Name has been mentioned **R. Lala** instead of **Rahima Bibi** in post office account of Jaria branch. Henceforth, both the name **Rahima Bibi** and **R. Lala** is one and same person for all purposes.

# ମାଇନିଂ ଛକରୁ ଶିଶୁ ଭବନ ରାସ୍ତା ବିପର୍ଯ୍ୟସ୍ତ

■ ଅସରାଏ ବର୍ଷାରେ ରାସ୍ତାରେ ଆଣ୍ଠୁଏ ପାଣି ଜମୁଛି ■ ଯାତାୟାତରେ ସମସ୍ୟା ଭୋଗୁଛନ୍ତି ଲୋକେ

କେନ୍ଦୁଝର, ୯।୬(ସମିସ)



କେନ୍ଦୁଝର ସହରରେ ଅନେକ ଗଳି ରାସ୍ତା ରହିଛି; ଯେଉଁ ରାସ୍ତା କଡ଼ରେ ଡ୍ରେନେଜ ବ୍ୟବସ୍ଥା ନାହିଁ। ଫଳରେ ସାମାନ୍ୟ ବର୍ଷା ହେଲେ ରାସ୍ତାରେ ଆଣ୍ଠୁଏ ପାଣି ଜମିବାସହ ଗମନାଗମନରେ ସମସ୍ୟା ସୃଷ୍ଟି ହେଉଛି। ଲୋକେ ଏକ ପ୍ରକାରର ଜଳବନ୍ଦୀ ଅବସ୍ଥା ଭୋଗ କରନ୍ତି ବୋଲି ଅଭିଯୋଗ ମଧ ହୁଏ। ଉକ୍ତ ରାସ୍ତାଗୁଡ଼ିକରେ ବର୍ଷାଦିନେ କେବଳ ପାଣି ଜାମିନଥାଏ ବଂର ଖରାଦିନେ ବି ପାଣି ଜମିରହୁଛି। ସେ ଅଞ୍ଚଳରେ ବସବାସ କରୁଥିବା ଲୋକେ ଯାତାୟାତ ବେଳେ ହିନସ୍ତା ଭୋଗୁଛନ୍ତି। ବର୍ଷବର୍ଷ ଧରି ରାସ୍ତା ମରାମତି ନହେବା, ଡ୍ରେନେଜ ବ୍ୟବସ୍ଥା ନକରିବା, ଡ୍ରେନଗୁଡ଼ିକରେ ଅଞ୍ଚଳର ବର୍ଷାଜଳ ନିଷ୍କାସନ ନହେବା, ଡ୍ରେନ୍ ସଫେଇ ନହୋଇ ପୋତିହେବା ଏବଂ ଜବରଦଖଲକାରୀ ରାସ୍ତା ଉପରକୁ ମାଡ଼ି ଘର କିମ୍ବା ଅନ୍ୟାନ୍ୟ ନିର୍ମାଣ କାର୍ଯ୍ୟ କରିବା ଭଳି ଅନେକ କାରଣ ରହିଛି। ଯେଉଁଥି ପାଇଁ କେତେକ ରାସ୍ତାରେ ପାଣି ଜମି ସମସ୍ୟା ସୃଷ୍ଟି କରୁଛି ଏବଂ ଦେଖିବାକୁ କେହି ନଥିଲା ଭଳି। ଏଭଳି ଏକ ରାସ୍ତା ହେଲା ମାଇନିଂ ଛକରୁ ଶିଶୁଭବନ ଆଡ଼କୁ ଯାଇଥିବା ରାସ୍ତା। ଏବେ ଖରାଦିନେ ମଧ ଅସରାଏ ବର୍ଷା ହେଲେ ଜଳ ନିଷ୍କାସନ ନହୋଇ ରାସ୍ତାରେ ପାଣି ଜମି ରହୁଛି। ଏହି କାରଣରୁ ଲୋକେ ହିନସ୍ତା ହେଉଥିଲେ ମଧ କାହାର ନଜର ନାହିଁ। ଆଉ ଅଳ୍ପଦିନ ପରେ ସ୍କୁଲ କଲେଜ ଖୋଲିଯିବ। ରାସ୍ତାରେ ଏଭଳି ପାଣି ଜମିରହିଲେ ପିଲାମାନେ କାଦୁଅ ପଚପଚରେ ରାସ୍ତା ପାରି ହେବାକୁ କସରତ କରିବାକୁ ପଡିବ। ଏହି ରାସ୍ତାରେ ଶିଶୁଭବନ ହାଇସ୍କୁଲ, ସିଟିଜି ଶିକ୍ଷାକେନ୍ଦ୍ର, ଭାରତୀୟ ପାଣିପାଗ କେନ୍ଦ୍ର, ଟ୍ରାଇଫେଡ୍ ଗୋଦାମ ଘର ଏପରିକି ଅଞ୍ଚଳରେ ଶହଶହ ବାସଭବନ ରହିଛି। ଏଠାକାର ଲୋକେ ଯିବାଆସିବା କରିବାକୁ କିପରି ହଇରାଣ ହେଉଛନ୍ତି ବୋଧ ହୁଏ କେହି ବୁଝିପାରୁନାହାନ୍ତି। ରାସ୍ତାଟି ଅନେକ ବର୍ଷ ତଳୁ ପିଚୁ ହୋଇଥିଲା। ହେଲେ ୨ରୁ ୩ ବର୍ଷ ହେବ ପିଚୁ ଏବଂ ରାସ୍ତାର ମେଟାଲ ଉଠିଯାଇ ବଡ଼ବଡ଼ ଖାଲ ସୃଷ୍ଟି ହୋଇଛି। ଆଦୌ ମରାମତି ନହେବା କାରଣରୁ ଅବସ୍ଥା ଏଭଳି ହୋଇଛି। ସ୍ଥାନୀୟ ଲୋକେ ଅନେକବାର ଏବାବଦରେ ଅଭିଯୋଗ କଲେ ମଧ ଫଳ ଶୁନ। ଜିଲ୍ଲା ପ୍ରଶାସନ ଏଦିଗରେ ପଦକ୍ଷେପ ନେବାକୁ ଦାବି ହେଉଛି।

## ବାଇକ୍ ଦୁର୍ଘଟଣାରେ ଜଣେ ମୃତ

**ଡୁରୁମୁଙ୍ଗା, ୯।୬(ସମିସ):** କେନ୍ଦୁଝର ଜିଲ୍ଲା ପାଟଣା ଥାନା ଝାଲିଆପଡ଼ା ଓ ମୂଷାପଡ଼ା ରାସ୍ତାର ମୁଶାପଡ଼ା ନାଳ ନିକଟରେ ବାଇକ୍ ଦୁର୍ଘଟଣାଗ୍ରସ୍ତ ହେବାରୁ ଜଣଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ଝାଲିଆପଡ଼ା ଗ୍ରାମର ଟିକ ନାଏକ(୫୫)। ରବିବାର ଅପରାହ୍ଣରେ ମୂଷାପଡ଼ାର ପରେଶ୍ ନାଏକଙ୍କ ବାଇକ୍‌ରେ ଟିକ କୌଣସି କାମରେ ମୂଷାପଡ଼ାକୁ ଯାଉଥିବା ବେଳେ ରାସ୍ତାର ବୁଲାଣି ନିକଟରେ ଭାରସାମ୍ୟ ହରାଇବାରୁ ଖସିପଡ଼ିଥିଲେ। ଲୋକେ ଉଦ୍ଧାର କରି ତାଙ୍କୁ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ ହେଲେ ଚିକିତ୍ସା ଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ସୋମବାର ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏନେଇ ପାଟଣା ଥାନାରେ ମାମଲା ରୁଜୁ ହୋଇଥିବା ବେଳଏ ଏଏସଆଇ ଧନେଶ୍ୱର ପାତ୍ର ଘଟଣାର ତଦନ୍ତ କରୁଛନ୍ତି।

## କୈଳାସଚନ୍ଦ୍ର ଜେନାଙ୍କ ଦେହାନ୍ତ



**ରାମଚନ୍ଦ୍ରପୁର, ୯।୬(ସମିସ):** ଘସିପୁରା ବ୍ଲକ୍ ଗଁପୁର ପଞ୍ଚାୟତ କରଡ଼ାପାଳ ଗ୍ରାମର ମୂରବୀ ତଥା ପୂର୍ବତନ ସରପଞ୍ଚ ଶରତଚନ୍ଦ୍ର ଜେନାଙ୍କ ପିତା କୈଳାସଚନ୍ଦ୍ର ଜେନା (୮୫)ଙ୍କ ଗତ ବୁଧବାର ପରଲୋକ ଘଟିଛି। ମୃତ୍ୟୁଶଯ୍ୟା ନିକଟରେ ବଡ଼ପୁଅ ଶରତ, ମଝିଆଁ ପୁଅ ଯଦୁନାଥ, ମଧୁସୁଦନ ଏବଂ ସାନପୁଅ ପ୍ରଫୁଲ୍ଲଙ୍କ ସମେତ ଚାରି ବୋହୂ ଓ ନାତିନାତୁଣୀ ଉପସ୍ଥିତ ଥିଲେ। ଖବର ପାଇ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଶ୍ରୀ ଜେନାଙ୍କ ମୃତ୍ୟୁରେ ଘସିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର ଶୋକ ପ୍ରକାଶ କରିଛନ୍ତି। ମଝିଆ ପୁଅ ମଧୁସୂଦନ ଜେନା ମୁଖାଗ୍ନି ଦେଇଥିଲେ। ଗାଁ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଛି।

## ଧର୍ମପରାୟଣା ବୃଦ୍ଧା କମଳାଙ୍କ ପରଲୋକ



**ହାଟଡିହି, ୯।୬(ସମିସ):** ହାଟଡିହି ବ୍ଲକ ପଞ୍ଚୁଗୋଛିଆ ପଞ୍ଚାୟତ ଆଡ଼ହୁରିଆ ଗ୍ରାମର ଧର୍ମପରାୟଣା ବୃଦ୍ଧା ଭାବେ ପରିଚିତ ୭୪ବର୍ଷୀୟା କମଳା ଶତପଥିଙ୍କ ଦେହାନ୍ତ ଘଟିଛି। ବାର୍ଦ୍ଧକ୍ୟ ଯୋଗୁଁ ବୁଧବାର ତାଙ୍କର ଦେହାନ୍ତ ଘଟିଛି। ଶେଷ ସମୟରେ ତାଙ୍କ ନିକଟରେ ପୁତ୍ର ଶିବ ଶତପଥି, ଶାନ୍ତନୁ, ପ୍ରଶାନ୍ତ, ସୁଶାନ୍ତ, ପୁତ୍ରବଧୂ, ନାତିନାତୁଣୀ, ଝିଅ ଓ ଜ୍ୱାଇଁ ଉପସ୍ଥିତ ଥିଲେ। ତାଙ୍କ ପରଲୋକ ଖବର ପାଇ ସରପଞ୍ଚ ଦିନେଶ ସେଠୀଙ୍କ ସମେତ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ଗ୍ରାମବାସୀ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ବଡ଼ ପୁଅ ଶିବ ମୁଖାଗ୍ନି ଦେଇଥିଲେ। ଗାଁ ମଶାଣିରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି।

## ଟାଟା ପାୱାର ପକ୍ଷରୁ ପ୍ଲାଷ୍ଟିକ ମୁକ୍ତ ଅଭିଯାନ



**ଆନନ୍ଦପୁର, ୯।୬(ସମିସ):** କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଉପଖଣ୍ଡ ଝାଡ଼େଶ୍ୱର ମନ୍ଦିର ପରିସରରେ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ଟାଟା ପାୱାର ଆନନ୍ଦପୁର ଡିଭିଜନ ପକ୍ଷରୁ ନିର୍ବାହୀ ଯନ୍ତ୍ରୀ ଅଶ୍ୱିନୀ କୁମାର ମହାନ୍ତଙ୍କ ଅଧ୍ୟକ୍ଷତାରେ ଅତିଥି ଭାବେ ଘସିପୁରା ବିଡିଓ ବିନିତା ବିଜୟନୀ, ଆନନ୍ଦପୁର ମାନସ ରଞ୍ଜନ ମହାନ୍ତ ଓ ବହୁ ବ୍ୟକ୍ତି ବିଶେଷ ଯୋଗଦେଇ ମନ୍ଦିର ପରିସର ସଫେଇ କରିବା ସହିତ ପ୍ଲାଷ୍ଟିକ ମୁକ୍ତ କରିବା ପାଇଁ ପରାମର୍ଶ ଦେଇଥିଲେ। ଏଥିରେ ବିଦ୍ୟୁତ ବିଭାଗର ବହୁ କର୍ମଚାରୀ ଯୋଗଦେଇଥିଲେ।

## ୱାଲର୍ଡ ୱାଇଡ୍ କୋଚିଂ ସେଣ୍ଟର ଉଦ୍‌ଘାଟିତ



**ଚମ୍ପୁଆ, ୯।୬(ସମିସ):** ଚମ୍ପୁଆ ସଦର ମହକୁମାରେ ଦିନକୁ ଦିନ ଶିକ୍ଷା କ୍ଷେତ୍ରରେ ଅଗ୍ରସର ହେବାରେ ଲାଗିଛି। ଓଡ଼ିଆ ମାଧମରୁ ଆରମ୍ଭ କରି ଦିନକୁଦିନ ବିଦ୍ୟାଳୟଗୁଡ଼ିକରେ ରାଜ୍ୟ, ସ୍ଥାନୀୟ ଅଞ୍ଚଳ ଏବଂ ପଡ଼ୋଶୀ ରାଜ୍ୟ ଝାଡ଼ଖଣ୍ଡରୁ ଛାତ୍ରଛାତ୍ରୀ ଶିକ୍ଷା ଗ୍ରହଣ କରିବାକୁ ଆସୁଛନ୍ତି। ଫଳରେ ଦିନକୁ ଦିନ କୋଚିଂସେଣ୍ଟରର ଗୁରୁତ୍ୱ ବୃଦ୍ଧି ପାଇବାରେ ଲାଗିଛି। ସଦର ମହକୁମାର ରାମଲାରେ ତେଲକୋଇ ବିଧାୟକ ଡ. ଫକୀରମୋହନ ନାଏକଙ୍କ ଦ୍ୱାରା ୱାଲର୍ଡ ୱାଇଡ କୋଚିଂ ସେଣ୍ଟର ଉଦ୍‌ଘାଟିତ ହୋଇ। ଅନ୍ୟମାନଙ୍କ ମଧ୍ୟରେ ବିଜେପି ଜିଲ୍ଲା ସଭାପତି ସୁକଦେବ ମହାନ୍ତ, ଚମ୍ପୁଆ ଓକିଲ ସଂଘ ସଭାପତି ରମେଶ ଚନ୍ଦ୍ର ପ୍ରଧାନ, ସାଂସଦ ପ୍ରତିନିଧି ସିଦ୍ଧାର୍ଥ ସିଂହ ଏବଂ ୟୁ୍ୟଟୁବର କମେଡିଆନ କାକା ନାଇଡୁ ଯୋଗଦେଇଥିଲେ। ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଏହିଭଳି କୋଚିଂ ସେଣ୍ଟରର ଆବଶ୍ୟକତା ରହିଛି ଏବଂ ଆଦିବାସୀ ପିଲାମାନଙ୍କ କ୍ଷେତ୍ରରେ ଶିକ୍ଷା ଅଭିଯାନ ପାଇଁ ଏହା ସହାୟକ ହେବ ବୋଲି ବିଧାୟକ ଶ୍ରୀ ନାଏକ ସୂଚନା ଦେଇଛନ୍ତି।

## ଅଟୋ-ଟ୍ରାକ୍ଟର ମୁହାଁମୁହିଁ ଧକ୍କା; ୪ ଗୁରୁତର, ୩ ଆହତ



ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତିଲେ ଦୁଇ ଶିଶୁ

**ରାମଚନ୍ଦ୍ରପୁର/ବେଲବାହାଳି, ୯।୬(ସମିସ):** କେନ୍ଦୁଝର ଜିଲ୍ଲା ରାମଚନ୍ଦ୍ରପୁର ଥାନା ୨୦ ନମ୍ବର ଜାତୀୟ ରାଜପଥ ହସନପୁର ଟୋଲପ୍ଲାଜା ନିକଟରେ ଯାତ୍ରୀବାହୀ ଅଟୋ ସହ ଟ୍ରାକ୍ଟର ମୁହାଁମୁହିଁ ଧକ୍କା ହେବାରୁ ୪ ଜଣ ଗୁରୁତର ହେବା ସହ ୩ ଜଣ ଆହତ ହୋଇଛନ୍ତି। ସୂଚନାନୁଯାୟୀ, ସୋମବାର ସକାଳ ୧୦ଟା ବେଳେ (ଓଡି ୩୪ଜି ୮୮୦୪) ଯାତ୍ରୀବାହି ଅଟୋଟି ଘଟଗାଁରୁ ମା' ତାରିଣୀଙ୍କ ଦର୍ଶନ ସାରି ଯାଜପୁର ଷ୍ଟେସନ ଅଭିମୁଖେ ଫେରୁଥିଲା। ସେହିସମୟରେ ହସନପୁର ଟୋଲପ୍ଲାଜା ନିକଟରେ ଅଟୋଟି ଭାରସ୍ୟାମ ହରାଇ ରାସ୍ତାକଡ଼ରେ ଛିଡ଼ା ହୋଇଥିବା ଟ୍ରାକ୍ଟର (ଓଡି ୨୨ଏସ ୨୦୫୧) କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ବସିଥିବା ଯାତ୍ରୀଙ୍କ ମଧ୍ୟରୁ ୪ ଜଣ ଗୁରୁତର ଆହତ ହୋଇଥିଲେ ଏବଂ ଜଣଙ୍କ ଅବସ୍ଥା ସଂକଟାପନ୍ନ ରହିଛି। ସମସ୍ତ ଆହତଙ୍କୁ ଆମ୍ବୁଲାନ୍ସ ଯୋଗେ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେମାନେ ହେଲେ ଚାଳକ ଯାଜପୁର ଜିଲ୍ଲାର ଭରତ ନାୟକ ଏବଂ ପଶ୍ଚିମବଙ୍ଗର କଷ୍ଟିଆ ନାଏକ, ସନ୍ତୋଷ ନାଏକ, ଲକ୍ଷ୍ମି ନାଏକ ବୋଲି ଜଣାପଡ଼ିଛି। ଖବର ପାଇ ଘଟଣାସ୍ଥଳରେ ସାଇଁକୁଳ ଫାଣ୍ଡି ପୁଲିସ ପହଞ୍ଚି ଅଟୋକୁ ଜବତ କରିଥିବା ବେଳେ ଟ୍ରାକ୍ଟରଟି ଘଟଣାସ୍ଥଳରୁ ଚମ୍ପଟ ମାରିଥିବା ଜଣାପଡ଼ିଛି। ଅନ୍ୟପଟେ ହସନପୁର ଟୋଲପ୍ଲାଜା ନିକଟବର୍ତ୍ତି 'ନୋ ପାର୍କିଂ ଜୋନ୍'ରେ ଶହଶହ ସଂଖ୍ୟାରେ ଗାଡ଼ି ଗୁଡ଼ିକ ଛିଡ଼ା ହୋଇଥିବାରୁ ବିଭିନ୍ନ ସମୟରେ ଏଭଳି ଦୁର୍ଘଟଣା ଘଟୁଥିବା ପରିଲକ୍ଷିତ ହେଉଛି। ତେବେ ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ରଜ ପାଇଁ ସଜେଇ ହେଲାଣି ବେଲବାହାଳି ଅଞ୍ଚଳ

**ବେଲବାହାଳି, ୯।୬(ସମିସ):** କେନ୍ଦୁଝର ଜିଲ୍ଲାର ଗଣପର୍ବ ଭାବେ ରଜ ପର୍ବକୁ ପାଳନ କରିବାକୁ ବିଭିନ୍ନ ଅଞ୍ଚଳରେ ପ୍ରସ୍ତୁତି ଆରମ୍ଭ ହୋଇଗଲାଣି। ଆନନ୍ଦପୁର ବ୍ଲକ୍ ଅଧୀନ ବେଲବାହାଳି ଗ୍ରାମରେ ପ୍ରତିବର୍ଷ ପାରମ୍ପରିକ ରୀତିରେ ରଜ ପାଳନ କରାଯାଇଥାଏ। ଏହି ଗ୍ରାମରେ ମଧ ଚାରିଦିନ ବ୍ୟାପି ଧୁମଧାମରେ ରଜ ପାଳନ କରାଯାଉଥିବାବେଳେ ଗ୍ରାମର ବିଭିନ୍ନ ସାହିରେ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ଚଳିତ ବର୍ଷ ମା' କାଳୀ କମିଟି ପକ୍ଷରୁ ଡଙ୍ଗାଦୋଳି, ଖାଇଦୋଳି, ଚଉକିଦୋଳି, ରାମଦୋଳି, ବେଲୁନ ଦୋଳି ଓ ପଟାଦୋଳି ସମେତ ୧୦ରୁ ଅଧିକ ଦୋଳି ଗ୍ରାମର ରଜ ପଡ଼ିଆରେ ପକାଯିବ। କ୍ଲବ ପକ୍ଷରୁ ଅପରାହ୍ଣରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଅନ୍ୟପଟେ ରଜରେ ପୋଡ଼ ପିଠା ଓ ପାନ ଖୁଆ ସହିତ ଝିଅମାନଙ୍କ ରଜ ଦୋଳି ଓ ପୁଚି ଖେଳ ସାଙ୍ଗକୁ ପୁଅମାନଙ୍କ ଲୁଡୁ, ତାସ, ବାଗୁଡ଼ି ଆଦି ଖେଳି ଏହି ଉତ୍ସବଟିକୁ ପାଳନ କରାଯାଇଥାଏ। କ୍ଲବର ସଦସ୍ୟ ଅନୀଲି ସାହୁ, ଝାଡ଼େଶ୍ୱର ସାହୁ, ଅବକାଶ ସାହୁ, ଶିବପ୍ରସାଦ ସାହୁ, ସୁନିଲି ସାହୁ, ସନ୍ତୋଷ ସାହୁ ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ।

## ଧରତୀ ଆବା ବିର୍ସା ମୁଣ୍ଡାଙ୍କ ସହିଦ ଦିବସ ପାଳନ

**କେନ୍ଦୁଝର, ୯।୬(ସମିସ):** 'ଧରତୀ ଅବା' ଭଗବାନ ବିର୍ସାମୁଣ୍ଡାଙ୍କର ୧୨୫ ତମ ସହିଦ ଦିବସ କେନ୍ଦୁଝର ଜିଲ୍ଲା ବିଜେପି ଆଦିବାସୀ ମୋର୍ଚ୍ଚା ପକ୍ଷରୁ ପାଳିତ ହୋଇଯାଇଛି। ୧ ଅକ୍ଟୋବର ୧୮୯୪ରେ ସମସ୍ତ ମୁଣ୍ଡା ଜନଜାତିର ଲୋକଙ୍କୁ ସଂଗ୍ରହ କରି ବିର୍ସା ମୁଣ୍ଡା ଦୁର୍ଭିକ୍ଷ ଏବଂ ମହାମାରୀ ବିନାଶ ହେତୁ ବ୍ରିଟିଶଙ୍କ ପାଖରୁ କରଛାଡ଼ କରିବାକୁ ଆନ୍ଦୋଳନ କରିଥିଲେ। ତାଙ୍କର ଅଦମ୍ୟ ସାହସ ଏବଂ ବଳିଦାନ ପାଇଁ ତାଙ୍କୁ ସମସ୍ତ ଆଦିବାସୀ ଭଗବାନ ସ୍ୱରୂପ ମାନିଥାନ୍ତି। ଏଅବସରରେ କେନ୍ଦୁଝର ସଦର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଅର୍ଶଳା ପଞ୍ଚାୟତର ଦୁର୍ଗାପୁର ଗ୍ରାମରେ ଥିବା ତାଙ୍କ ପ୍ରତିମୂର୍ତ୍ତୀରେ ବିଜେପି ଆଦିବାସୀ ମୋର୍ଚ୍ଚାର କାର୍ଯ୍ୟକର୍ତ୍ତା ଏବଂ ସ୍ଥାନୀୟ ଆଦିବାସୀ ସମ୍ପ୍ରଦାୟର ଲୋକଙ୍କ ଉପସ୍ଥିତିରେ ବିଜେପି ଆଦିବାସୀ ମୋର୍ଚ୍ଚାର ଜିଲ୍ଲା ସଭାପତି କମଳାକାନ୍ତ ସିଂହ, ସାଧାରଣ ସମ୍ପାଦକ ରାଜେନ୍ଦ୍ର ନାଏକ, ମାଟୁରାମ ମୁଣ୍ଡା, ସରପଞ୍ଚ ହେମଲତା ନାଏକ, ସହିଦ ବିର୍ସା ମୁଣ୍ଡା ୟୁଥ କ୍ଲବର ସଭାପତି ଶିବଚରଣ ପୂର୍ତ୍ତୀ, ଆଦିବାସୀ ମୋର୍ଚ୍ଚା କେନ୍ଦୁଝର ନଗର ମଣ୍ଡଳ ସଭାପତି ସୁଶୀଲ କୁମାର ନାଏକ, ଏସି ମୋର୍ଚ୍ଚା ଜିଲ୍ଲା ସାଧାରଣ ସମ୍ପାଦକ ଶାନ୍ତନୁ କୁମାର ସେଠୀ, ଝୁମ୍ପୁରା ବ୍ଲକ ହୋ ସମାଜର କୋଷାଧକ୍ଷ ମାର୍ଶାଲ ଆକାଳା, ହୋ ସମାଜ ମୁଖିଆ ସୁଦାମ ମୁଣ୍ଡା ପ୍ରମୁଖ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଦେଇଥିଲେ। ବିଜେପି ନଗର ମଣ୍ଡଳ ଉପସଭାପତି ଦୁର୍ଯ୍ୟୋଧନ ସାହୁ, କେନ୍ଦୁଝରଗଡ଼ ପୌରପାଳିକା ପ୍ରତିନିଧି ସତ୍ୟନାରାୟଣ ବାରିକ, ଝୁମ୍ପୁରା ସରପଞ୍ଚ ତପନ କୁମାର ନାଏକ, ନାରଦପୁର ସରପଞ୍ଚ ହେମନ୍ତୀ ମୋଦି, ସହିଦ ବିର୍ସା ମୁଣ୍ଡା ୟୁଥ କ୍ଲବର ମହିଳା ନେତ୍ରୀ ସାବିତ୍ରୀ ଆଲାଡ଼ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। କ୍ଲବର ସମ୍ପାଦକ ଡମ୍ବରୁଧର ତିରିଆ ଧନ୍ୟବାଦ ଅର୍ପଣ କରିଥିଲେ।

## ଆନନ୍ଦପୁରରେ ରଜ ପାଇଁ ସଜବାଜ



**ଆନନ୍ଦପୁର, ୯।୬(ସମିସ):** ଓଡ଼ିଶାର ଅନ୍ୟତମ ପ୍ରମୁଖ ପର୍ବ ରଜପାଇଁ କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଉପଖଣ୍ଡରେ ଉତ୍ସବର ମାହୋଲ। ରଜ ମହୋତ୍ସବ ପାଇଁ ଗାଁ ଗାଁରେ ଜୋରଦାର ପ୍ରସ୍ତୁତି ଚାଲିଛି। ଭଲିକି ଭଲି ଦୋଳି ଲାଗିବା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ କର୍ମକର୍ତ୍ତା ଲାଗି ପଡ଼ିଛନ୍ତି। ଆନନ୍ଦପୁର, ପଦ୍ମପୁର, ବେଲବାହାଳି, ବାରିଗାଁ, ଧକୋଠା, ଶୈଳଙ୍ଗ, ନରସିଂହପୁର, ଦରଡିପାଳ, ନାରଙ୍ଗପୁର, ସାଇଁକୁଳ, ବାତୋ, ଦେଓଗାଁ, ଭୋଳନୂଆଗାଁ ଓ ଜରଦାରେ ଧୂମଧାମରେ ପାଳିତ ହୋଇଆସୁଛି ରଜ। ଭୋଳନୂଆଗାଁ ଓ ଶୈଳଙ୍ଗରେ ରଜ କମିଟି ପକ୍ଷରୁ ସ୍ଥାନୀୟ କଳାକାରଙ୍କୁ ନେଇ ନାଟକ ମଞ୍ଚସ୍ଥ ହେବ। ସେହିପରି ଅନ୍ୟସ୍ଥାନରେ ରାଜ୍ୟର ପ୍ରତିଷ୍ଠିତ କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିବେ ଏବଂ ଆନନ୍ଦପୁର ବଡ଼ଦାଣ୍ଡରେ ତିନିଦିନ ଧରି ରଜ ମହୋତ୍ସବ ପାଳନ କରାଯିବ। ରବିବାର ବୈଠକରେ ସମସ୍ତ କାର୍ଯ୍ୟକ୍ରମ ଚୂଡ଼ାନ୍ତ ହୋଇଛି। ଝୋଟି, ଶଙ୍ଖଫୁଙ୍କା, ହୁଳହୁଳି, ସାଧାରଣଜ୍ଞାନ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ ବୋଲି ସ୍ଥିର ହୋଇଛି। ଆନନ୍ଦପୁର ବ୍ଲକ୍ ବେଲବାହାଳି ଗ୍ରାମରେ ରଜ ଉତ୍ସବକୁ ପ୍ରତିଯୋଗିତା ଭିତରେ ପାଳନ କରାଯାଉଛି। ମା' କାଳୀ ରଜ କମିଟି ପକ୍ଷରୁ ଚାରିଦିନ ଧରି ଉତ୍ସବ ପାଳନ କରାଯିବା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ରଜଗୀତ, ଝୋଟି, ମ୍ୟୁଜିକ୍‌ଚେୟାର, ଦଧିହାଣ୍ଡି ଭଙ୍ଗା, ରଜ କୁଇନ୍ ପ୍ରତିଯୋଗିତା ହେବା। ଏହାଛଡ଼ା ମନୋରଞ୍ଜନ ପାଇଁ ରାମଦୋଳି, ବ୍ରେକ୍‌ଡ୍ୟାନ୍ସ, ବେଲୁନ ଦୋଳି, ବୋଟିଂ ଦୋଳି ପକାଯାଉଥିବା ନେଇ ଆୟୋଜକଙ୍କ ପକ୍ଷରୁ ସୂଚନା ମିଳିଛି।

## ବିକଶିତ କୃଷି ସଂକଳ୍ପ ଅଭିଯାନ

**ଚମ୍ପୁଆ, ୯।୬(ସମିସ):** ଚମ୍ପୁଆ ଏନଏସି ଅଧୀନ ୧ନଂ ୱାର୍ଡ ଗୋଧୂଳିରେ ବିକଶିତ କୃଷି ସଂକଳ୍ପ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଭିଯାନରେ କୃଷି ବୈଜ୍ଞାନିକ ଓ କୃଷକଙ୍କ ମଧ୍ୟରେ ସମସ୍ୟାର ଏବଂ ଏହାର ସମାଧାନ ଉପରେ ଆଲୋଚନା କରାଯାଇଛି। ଗୋଧୂଳିରେ ପ୍ରାୟ ଶତାଧିକ ଚାଷୀ ଭାଇଭଉଣୀ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। କୃଷି ବୈଜ୍ଞାନିକ ଡା. ପ୍ରବିଣ ଝାକର ଓ କୃଷି ବୈଜ୍ଞାନିକ ସିପ୍ରା ଦାସ ମୃତ୍ତିକାର ସ୍ୱାସ୍ଥ୍ୟ ଓ କମ୍ପୋଷ୍ଟ ପ୍ରସ୍ତୁତପ୍ରଣାଳି ଉପରେ ଚାଷୀଙ୍କୁ ଅବଗତ କରିଥିଲେ। ବୈଜ୍ଞାନିକ ଡା. ଲିପସା ଦାଶ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ବିଷୟରେ ଅବଗତ କରିବା ସହିତ ପଶୁପାଳନ ଓ କ୍ଷୀର ଉତ୍ପାଦନ କିପରି ବୃଦ୍ଧି ପାଇବ ସେନେଇ ପରାର୍ମଶ ପ୍ରଦାନ କରିଥିଲେ। ଅଙ୍କିତା ସାହୁ(ଭୁବନେଶ୍ୱର), ଅମ୍ରିତା ମହାପାତ୍ର, ଦୀପକ ହେମ୍ବ୍ରମ(କେନ୍ଦୁଝର) ପ୍ରମୁଖ ଯୋଗଦେଇ ଜୈବିକ କୃଷି ଗୁରୁତ୍ୱ ଏବଂ କୃଷକ ଓଡ଼ିଶା, କୃଷି ପଞ୍ଜୀକରଣ, ଡିବିଟି ମାଧ୍ୟମରେ ଲ୍ୟାମ୍ପ ଓ ଡିଲର୍‌ମାନଙ୍କ ପକ୍ଷରୁ ଧାନ ସଂଗ୍ରହ ଏବଂ ବିଶେଷ ଭାବରେ ଅଦିନିଆ ପନିପରିବା ଚାଷ ଦ୍ୱାରା ଚାଷୀ କିପରି ଅଧିକ ଲାଭବାନ ହୋଇପାରିବ ସେ ନେଇ ସୂଚନା ପ୍ରଦାନ କରିଥିଲେ। ବ୍ଲକ କୃଷି ଅଧିକାରୀ ସାରଦା ହାଁସଦା କୃଷକ ପଞ୍ଜୀକରଣ ଏବଂ ଶ୍ରୀଅନ୍ନ ଅଭିଯାନ ବିଷରେ ବୁଝାଇଥିଲେ। ସହକାରୀ କୃଷିଅଧିକାରୀ ରମାମଣି ସାହୁ ଫସଲବିମା ଯୋଜନା ଏବଂ ଡିଜିଟାଲ କ୍ରପ୍ ସର୍ଭେ ଉପରେ ମତ ରଖିଥିଲେ।

## ଚମ୍ପୁଆ ଅତିରିକ୍ତ ଡିଡିଓ ଦାୟିତ୍ୱ ନେଲେ ଯୋଡ଼ା ବିଇଓ

**ଚମ୍ପୁଆ, ୯।୬(ସମିସ):** ଯୋଡ଼ା ବ୍ଲକ୍ ଶିକ୍ଷାଧିକାରୀ କ୍ଷେତ୍ରମୋହନ ହାଁସଦା ଚମ୍ପୁଆ ବ୍ଲକ ଶିକ୍ଷାଧିକାରୀ କାର୍ଯ୍ୟାଳୟର ଡିଡିଓ ଭାବରେ ଅତିରିକ୍ତ ଦାୟିତ୍ୱ ଗ୍ରହଣ କରିଛନ୍ତି। ପୂର୍ବରୁ ଚମ୍ପୁଆ ବ୍ଲକ ଶିକ୍ଷାଧିକାରୀ ପ୍ରକାଶ ସାହୁଙ୍କ ବଦଳି ପରେ ଦାୟିତ୍ୱ ହସ୍ତାନ୍ତରକୁ ନନେଇ ନାନା କଳ୍ପନା ଜଳ୍ପନାର ଅନ୍ତଘଟାଇ ତଥା ଜିଲ୍ଲା ଶିକ୍ଷାଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ବରିଷ୍ଠ ସହକାରୀ ବ୍ଲକ ଶିକ୍ଷାଧିକାରୀ ନରେନ୍ଦ୍ର ନାଏକଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ମାତ୍ର ଆର୍ଥିକ ନେଣଦେଣ କ୍ଷମତା ପାଇଁ ଜଣେ ଡିଡିଓଙ୍କ ଆବଶ୍ୟକତା ରହିଥିଲା। ଆଜି ଶ୍ରୀ ହାଁସଦା ବିଧିବଦ୍ଧ ଭାବରେ ଡିଡିଓ ଚାର୍ଜ ଗ୍ରହଣ କରିଥିବା ବେଳେ ଶିକ୍ଷକ ସଂଘ ସଭାପତି ଚିତରଞ୍ଜନ ମହାନ୍ତ, ସମ୍ପାଦକ ପ୍ରଦିପ କୁମାର ମହାନ୍ତଙ୍କ ସମେତ ବହୁ ଶିକ୍ଷକ ଶ୍ରୀ ହାଁସଦାଙ୍କୁ ସ୍ୱାଗତ କରିଥିଲେ।



## ପ୍ରତିଭା ପ୍ରଣାମ ମଞ୍ଚର ରାଜ୍ୟସ୍ତରୀୟ ଉତ୍ସବ



**ଆନନ୍ଦପୁର, ୯।୬(ସମିସ):** ପ୍ରତିଭା ପ୍ରଣାମ ମଞ୍ଚ ଆନନ୍ଦପୁର ଓ ଓଡ଼ିଶା ସାହିତ୍ୟ ଏକାଡେମୀର ମିଳିତ ସହଯୋଗରେ ଏକ ରାଜ୍ୟସ୍ତରୀୟ ଉତ୍ସବ ବୁଦ୍ଧମନ୍ଦିର ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବର ପ୍ରଥମ ଅଧିବେଶନରେ ଗୋବିନ୍ଦ ଚନ୍ଦ୍ର ପାଣିଗ୍ରାହୀ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ଶିଶୁ ସାହିତ୍ୟିକ ବୀରେନ୍ଦ୍ର ମହାନ୍ତି, ସାହିତ୍ୟ ଏକାଡେମୀର ସହସଚିବ ସଞ୍ଜୟ କୁମାର ଛୁଆଳସିଂହ ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେଇ ସଭାକୁ ଉଦ୍‌ଘାଟନ କରିଥିଲେ। ଅଧିବେଶନରେ ରାଜ୍ୟର ୮ଟି ଜିଲ୍ଲାର ୫୬ ଜଣ କବି ସ୍ୱରଚିତ କବିତା ଆବୃତ୍ତି କରିଥିଲେ ଏବଂ ଏକାଡେମୀର ସହସଚିବ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଦ୍ୱିତୀୟ ଅଧିବେଶନରେ ଅବସରପ୍ରାପ୍ତ ଆଇଏଏସ୍ ଗୋସ୍ୱାମୀ ଗୋଲାମ ଦେବତା ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର କୁଳପତି ଡ. ପ୍ରସନ୍ନ କୁମାର ସ୍ୱାଇଁ, ମୁଖ୍ୟବକ୍ତା ଭାବେ ଡ. କବିତା ବାରିକ ଯୋଗଦେଇ ଗୋବର୍ଦ୍ଧନ ନାୟକଙ୍କ "ଲୁକ୍ ଆଣ୍ଡ ଲାର୍ଣ୍ଣ', ପୂର୍ଣ୍ଣଚନ୍ଦ୍ର ସାହୁଙ୍କ "ପୀୟୂଷ ପୟୋଧି', ଅମୂଲ୍ୟ କୁମାର ମିଶ୍ରଙ୍କ "କଳା ଦିଅଁ ଭଜନ ସୁଧା' ଓ ବିଦ୍ୟୁତ୍‌ପ୍ରଭା ଦେଓଙ୍କ "ଜୀବନ ଧାରା' ପୁସ୍ତକକୁ ଉନ୍ମୋଚନ କରିଥିଲେ। ଏଥିସହିତ ୫ଟି ଜିଲ୍ଲାର ବିଭିନ୍ନ ପ୍ରତିଭାଙ୍କୁ ମାନପତ୍ର ଓ ଉତ୍ତରୀୟ ଅର୍ପଣ କରି ସମ୍ମାନିତ କରିଥିଲେ। ପ୍ରତ୍ନତତ୍ତ୍ୱବିତ୍ ଭାବେ ଡ. ଭାଗବତ ତ୍ରିପାଠୀ, ଅନୁବାଦକ ଭାବେ ଗୋବର୍ଦ୍ଧନ ନାୟକ, କବି ତଥା ଲେଖକ ଭାବେ ପ୍ରଫୁଲ୍ଲ କୁମାର ଚକ୍ର, ପ୍ରେମ ପ୍ରବଣ କବି ଭାବେ ଡ. ଅଶୋକ କୁମାର ପୁହାଣ, କଳାକାର ଭାବେ ପ୍ରଭାତ କୁମାର ପଣ୍ଡା ଓ ଉମାମଣି ପାଢ଼ୀ, ଶିଶୁ ସାହିତ୍ୟିକ ଭାବେ ନୀଳମଣି ଚାନ୍ଦ, ଡ. ଲକ୍ଷ୍ମୀକାନ୍ତ ଖୁଣ୍ଟିଆ, ନଗେନ୍ଦ୍ର ନାଥ ପଟ୍ଟନାୟକ, କବି ଚତୁର୍ଭୁଜ ଜେନା, ଶିକ୍ଷାବିତ୍ ଗରୁଡେଶ୍ୱର ଦାସ ଓ ରକ୍ତଦାତା ଭାବେ ଶରତ କୁମାର ପାତ୍ରଙ୍କୁ ସମ୍ମାନିତ କରାଯିବା ପରେ ଅତିଥି ମାନେ ପୂଜ୍ୟପୂଜା ସମ୍ପର୍କରେ ମୂଲ୍ୟବୋଧ ବକ୍ତବ୍ୟ ପ୍ରଦାନ କରିଥିଲେ। ମଞ୍ଚର ଆବାହକ ରତ୍ନାକର ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ ଓ ଉପଦେଷ୍ଟା କୀର୍ତ୍ତନ ସାହୁ ସମ୍ବର୍ଦ୍ଧନା ପର୍ବକୁ ସଞ୍ଚାଳନ କରିଥିଲେ। ଉପଦେଷ୍ଟା ରମାକାନ୍ତ ନାୟକ ମଞ୍ଚର ଉଦ୍ଦେଶ୍ୟ ଆଭିମୁଖ୍ୟ ପ୍ରଦାନ କରିଥିଲେ। ଏଅବସରରେ ସମସ୍ତ କବିଙ୍କୁ ପ୍ରଶସ୍ତିପତ୍ର ପ୍ରଦାନ କରାଯାଇଥିଲା।

## ବ୍ଲକ୍‌ସ୍ତରୀୟ ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା



ବ୍ରାହ୍ମଣୀସୁଣି କୁରାଢ଼ିଘସା ପ୍ରଥମ

**ହାଟଡିହି/ସୋସୋ, ୯।୬(ସମିସ):** କେନ୍ଦୁଝର ଜିଲ୍ଲା ହାଟଡିହି ବ୍ଲକ ମରୈଗାଁ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବ୍ଲକ୍‌ସ୍ତରୀୟ ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ଅତିଥି ଭାବେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରଞ୍ଜନ କୁମାର ପରିଡ଼ା, ମରୈଗାଁ ହାଇସ୍କୁଲର ପ୍ରଧାନଶିକ୍ଷକ ବ୍ରହ୍ମାନନ୍ଦ ତ୍ରୀପାଠୀ, ସାଂସଦ ପ୍ରତିନିଧି ଜ୍ଞାନରଞ୍ଜନ ସାମନ୍ତ ସିଂହାର, ଅତିରିକ୍ତ ତହସିଲଦାର ପ୍ୟାରିମୋହନ ହେମ୍ବ୍ରମ, ଡିପିଏ ପ୍ରତ୍ୟୁଷ୍ମା ସାହୁ, ବିପିଏମ ମଧୁସ୍ମିତା ଦାସ ଉପସ୍ଥିତ ଥିଲେ। ମୋଟ ୧୯ ଟି ପଞ୍ଚାୟତର ମହିଳା ସ୍ୱଙ୍ଗ ସହାୟକ ଗୋଷ୍ଠୀ ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତାରେ ଭାଗନେଇଥିଲେ। ପାରମ୍ପରକି ଖାଦ୍ୟ ପାଇଁ ଏହା ଏକ ସଚେତନତା ସୃଷ୍ଟି କରିବା ପାଇଁ ପ୍ରୟାସ। ସୁଭଦ୍ରା ଶକ୍ତି ମହିଳା ସ୍ୱଙ୍ଗ ସହାୟିକା ଗୋଷ୍ଠୀଙ୍କ ଦ୍ୱାରା କରାଯାଇଥିବା ଖାଦ୍ୟ ପ୍ରସ୍ତୁତିକୁ ବିଚାରକ ଭାବେ ଅତିରିକ୍ତ ତହସିଲଦାର, ବିଡିଓ, ସାଂସଦ ପ୍ରତିନିଧି ଓ ବିଦ୍ୟାଳୟର ପ୍ରଧାନଶିକ୍ଷକ ମାନ ନିର୍ଦ୍ଧାରଣ କରିଥିଲେ। ଏଥିରେ ପଢିଆରୀପଲ୍ଲି ପଞ୍ଚାୟତର ମା' ବ୍ରାହ୍ମଣୀ ମହିଳା ସ୍ୱଙ୍ଗ ସହାୟକ ଗୋଷ୍ଠୀ କୁରାଡିଘସା ମାଣ୍ଡିଆର ପୋଡ଼ପିଠା ଓ ଲଡୁକରି ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ବଡ଼ରମ୍ପାସର ମା' ମଙ୍ଗଳା ମହିଳା ସ୍ୱଙ୍ଗ ସହାୟକ ଗୋଷ୍ଠୀ ୨ୟ ସ୍ଥାନ ଅଧିକାର କରିଥିଲା। ଏହି ୧ମ ସ୍ଥାନ ୫ ହଜାର ଏବଂ ୨ୟ ସ୍ଥାନ ଅଧିକାର କରିଥିବା ସୁଭଦ୍ରା ଶକ୍ତି ମହିଳା ସ୍ୱଙ୍ଗସହାୟିକା ଗୋଷ୍ଠୀକୁ ୪ ହଜାର କରି ଅର୍ଥରାଶି ପୁରସ୍କାର ପ୍ରଦାନ କରାଯାଇଥିଲା। ଭାଗନେଇ ଥିବା ସମସ୍ତ ମହିଳା ସ୍ୱଙ୍ଗ ସହାୟକ ଗୋଷ୍ଠୀର ପ୍ରତିଯୋଗୀଙ୍କୁ ସାନ୍ତ୍ୱନାମୂଳକ ପୁରସ୍କାର ଓ ମାନପତ୍ର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଜିପିଓ ଶରତ ଚନ୍ଦ୍ର ବେଜ, ପିଇଓ ଜିତେନ୍ଦ୍ର କୁମାର ଜେନା, କର୍ମଚାରୀ ସୁଦର୍ଶନ ଘଡ଼େଇ ବିଏଲସି ମିନାକ୍ଷୀ ମୋନାଲିସା ଜେନା, ସ୍ୱର୍ଣ୍ଣରାଣି ପୃଷ୍ଟି ଉପସ୍ଥିତ ଥିଲେ।

# ଗୋରୁ ବୋଝେଇ ଗାଡ଼ି ଜବତ; ୩ ଗିରଫ



ବୈଶିଙ୍ଗା, ୯।୬(ସମିସ): ବୈଶିଙ୍ଗା ଥାନା ଅଧୀନ ୧୮ ନମ୍ବର ଜାତୀୟ ରାଜପଥରେ ଗୋଡ଼ାଇ ଗୋଡ଼ାଇ ଗୋରୁ ବୋଝେଇ ଗାଡ଼ିକୁ ମାଡ଼ି ବସିଲା ପୁଲିସ। ଏହି ମାମଲାରେ ପୁଲିସ ୩ ଅଭିଯୁକ୍ତଙ୍କୁ ଗିରଫ କରିଥିବା ବେଳେ ୧୭ ଗୋରୁଙ୍କୁ ଉଦ୍ଧାର କରିଛି। ଗିରଫ ଅଭିଯୁକ୍ତ ବାଲେଶ୍ୱର ଜିଲ୍ଲା ଅଞ୍ଚଳର ବୋଲି ଜଣାପଡ଼ିଛି। ଆଜି ଅପରାହ୍ନ ପ୍ରାୟ ସାଢ଼େ ୨ଟା ବେଳେ ବୈଶିଙ୍ଗା-ମାଣଡ଼ା(?) ରାସ୍ତାରେ ପୁଲିସ ପାଟ୍ରୋଲିଂ କରୁଥିବାବେଳେ ଏକ ଗାଡ଼ି ଦ୍ରୁତଗତିରେ ପଳାଇ ଯାଉଥିଲା। ପୁଲିସ ଉକ୍ତ ଭ୍ୟାନକୁ ପିଛା କରିଥିଲା। ପରେ ସ୍ଥାନୀୟ ଥାନାକୁ ଖବର ଦେଇଥିଲେ ପାଟ୍ରୋଲିଂ ଟିମ୍। ଖବର ପାଇ ଅନ୍ୟ ଏକ ପୁଲିସ ଭ୍ୟାନ୍ ବୈଶିଙ୍ଗା ଛକରେ ଜଗି ରହିଥିଲା। ପୁଲିସ ଟିମ୍ ଉକ୍ତ ଭ୍ୟାନକୁ ଅଟକାଇବାକୁ ଚେଷ୍ଟା କରିଥିଲା। ତେବେ ଭ୍ୟାନଟି ଦ୍ରୁତଗତିରେ ମାଡ଼ି ଯାଉଥିବା ଦେଖି ପୁଲିସ କର୍ମଚାରୀ ଦୂରେଇ ଯାଇଥିଲେ। ଆଉ ଅଳ୍ପକେ ବର୍ତ୍ତି ଯାଇଥିଲେ ଏଏସଆଇ। ପରେ ଦୁଇଟି ପୁଲିସ ଭ୍ୟାନ୍ ଉକ୍ତ ଗାଡ଼ିକୁ ଜାତୀୟ ରାଜପଥରେ ଗୋଡ଼ାଇ ଗୋଡ଼ାଇ ଜାରକା ଛକ ନିକଟରେ ଅଟକାଇବାରେ ସକ୍ଷମ ହୋଇଥିଲେ। ପରେ ଭ୍ୟାନରୁ ୧୭ରୁ ଅଧିକ ଗୋରୁ ଉଦ୍ଧାର କରିଥିଲେ। ସମସ୍ତ ଗୋରୁଙ୍କ ଗୋଡ଼ ଓ ମୁହଁ ବନ୍ଧା ଯାଇଥିଲା। ଆସନ୍ତାକାଲି ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ଥାନା ଅଧିକାରୀ ବାରିଣୀ ଦାସ କହିଛନ୍ତି।

# ଅନଭିଜ୍ଞଙ୍କ ହାତରେ ୭ କୋଟିର ରାସ୍ତା କାମ

## ପୂର୍ତ୍ତ ବିଭାଗରେ ମାତ୍ରାଧିକ ପିସି ଯୋଗୁ କାର୍ଯ୍ୟ ନିମ୍ନମାନର

ଆନନ୍ଦପୁର, ୯।୬(ସମିସ):



ପ୍ରକୃତ ଠିକାଦାର ପରିବର୍ତ୍ତେ ଅନଭିଜ୍ଞଙ୍କ ଦ୍ୱାରା ଓ ପୂର୍ତ୍ତ ଡିଭିଜନ କାର୍ଯ୍ୟାଳୟରେ ମାତ୍ରାଧିକ ପିସି କାରବାର ଯୋଗୁ ନିର୍ମାଣ କାର୍ଯ୍ୟ ନିମ୍ନମାନର ହେଉଥିବା ସାଧାରଣରେ ଅଭିଯୋଗ ହୋଇଛି। ମଦନପୁର ରାସ୍ତାରେ ଅନଭିଜ୍ଞ ଲୋକଙ୍କ ଦ୍ୱାରା ୭କୋଟି ଟଙ୍କା ବ୍ୟୟରେ ରାସ୍ତା ଓ ପୋଲ ନିର୍ମାଣ କରାଯାଉଥିବାରୁ ଏହାର ସ୍ଥାୟିତ୍ୱକୁ ନେଇ ବିଭିନ୍ନ ମହଲରେ ସ୍ୱର ଉଠିଛି। ରାସ୍ତା ଓ ଗୃହ ନିର୍ମାଣ ବିଭାଗ ପକ୍ଷରୁ ଭଗାନଈ ଭାୟା କାନପୁର ମଦନପୁର ରାସ୍ତା ନିର୍ମାଣପାଇଁ ୭କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି। ଶୁଭମ୍ ଗୁପ୍ତା ନାମକ ଜଣେ ବ୍ୟକ୍ତିଙ୍କୁ କାର୍ଯ୍ୟାଦେଶ ଦିଆଯାଇଛି। ବାଇପାସ୍ ରାସ୍ତା ନିର୍ମାଣ ହେଲେ ମଦନପୁର, ଗଡ଼ବାନ୍ଧଗୋଡ଼ା, ଅଳତି, ପୁରୁଣାବାନ୍ଧଗୋଡ଼ା, ଗଁପୁର, ଯାଜପୁର ଜିଲ୍ଲାର ଜନସାଧାରଣ ସହଜରେ ଏବଂ କମ ସମୟରେ ଆନନ୍ଦପୁର ଓ ଘସିପୁରାରେ ପହଞ୍ଚିପାରିବେ। ଜାତୀୟ ରାଜପଥ ଡାଙ୍ଗାରେ ରାସ୍ତା ନିର୍ମାଣ କରିବାକୁ ଲକ୍ଷ୍ୟ ରଖାଯାଇଥିଲେ ମଧ୍ୟ ଏହା ଫସର ଫାଟିଯିବା ପରି ମନେ ହୋଇଛି। କାର୍ଯ୍ୟାଦେଶ ପାଇଥିବା ଠିକାଦାରଙ୍କ ପରିବର୍ତ୍ତେ ସ୍ଥାନୀୟ ଅଞ୍ଚଳର ଯୁବକ କାମ କରୁଛନ୍ତି। ପ୍ରଥମ ପର୍ଯ୍ୟାୟରେ ମାଟି କାମ ପରେ ପୋଲ ନିର୍ମାଣ ଆରମ୍ଭ ହୋଇଛି। କାମ ସମୟରେ ବିଭାଗୀୟ ଯନ୍ତ୍ରୀ ଅନୁପସ୍ଥିତ ରହୁଥିବାରୁ ଏହା ମନମାନିରେ ଚାଲିଥିବା ଅଭିଯୋଗ ହୋଇଛି। ପୋଲର ନିର୍ମାଣଶୈଳୀ ଓ କାମର ମାନ ତଦାରଖ ହେଉନଥିବାରୁ ସ୍ଥାୟିତ୍ୱ ନେଇ ଆଶଙ୍କା ପ୍ରକାଶ ପାଉଛି। ଏସମ୍ପର୍କରେ ରାସ୍ତା ଓ ଗୃହ ନିର୍ମାଣ ବିଭାଗର ଯନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ଠିକାଦାରଙ୍କ ପରିବର୍ତ୍ତେ ଅନ୍ୟମାନେ କାମ କରୁଥିବା ଅଭିଯୋଗକୁ ସେ ସ୍ୱୀକାର କରିଛନ୍ତି। ଅଟକଳ ଅନୁସାରେ ଭଲ ରାସ୍ତା ନିର୍ମାଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

# ଖରିଫ ଚାଷପାଇଁ ୯୦ କ୍ୱିଣ୍ଟାଲ ବିହନ ଗଚ୍ଛିତ

କୁଆଁମରା(?), ୯।୬(ସମିସ): ଚଳିତ ବର୍ଷ ଯଥେଷ୍ଟ ପୂର୍ବରୁ ମୌସୁମୀ ଆସିଛି। ଫଳରେ ଚାଷୀ ଚାଷ କାର୍ଯ୍ୟ ଆରମ୍ଭ ହେଲାଣି। ନିୟମିତ ବର୍ଷା ଯୋଗୁଁ ଉକ୍ତ ଅଞ୍ଚଳରେ କିଛି ସ୍ଥାନରେ ପାଣି ଜମି ରହିଛି। ଉକ୍ତ ପୂର୍ବରୁ ଜଳସେଚିତ ଓ ତଳିଆ ଅଞ୍ଚଳରେ ପ୍ରାଥମିକ ଚାଷୀ ତଳିକାଯାଇ ପାଇଁ ପ୍ରସ୍ତୁତି ଚଳାଇଛି। ଚଳିତ ବର୍ଷ ଗୋପବନ୍ଧୁ ନଗର ବ୍ଲକର ୧୦ ହଜାର ହେକ୍ଟର ଜମିରେ ଚାଷ କାର୍ଯ୍ୟ ହେବ ବୋଲି ପାକ୍ ଆକଳନ କରାଯାଇଛି। ଏଥିପାଇଁ ଖୁଣ୍ଟା, ପଣ୍ଡଡା ଓ କୁଶଳଦା ଲ୍ୟାମ୍ପସରେ ୧୬୫ କ୍ୱିଣ୍ଟାଲ ବିହନର ଆବଶ୍ୟକ ଥିବା ବେଳେ ପ୍ରାୟତଃ ଖୁଣ୍ଟା ଖୁଣ୍ଟାରେ ୨୫, ପଣ୍ଡଡାରେ ୫୦ ଓ କୁଶଳଦା ଲ୍ୟାମ୍ପସରେ ୨୦ କ୍ୱିଣ୍ଟାଲ ଧାନ ବିହନ ଗଚ୍ଛିତ ରହିଥିବା ପରିଚାଳକ ସୂଚନା ଦେଇଛନ୍ତି। ତେବେ କୁଶଳଦା ଲ୍ୟାମ୍ପସରେ ୫୦ କ୍ୱିଣ୍ଟାଲ ବିହନର ଆବଶ୍ୟକତା ଥିବାବେଳେ ଆଜି ସୁଦ୍ଧା ୨୦ କ୍ୱିଣ୍ଟାଲ ବିହନ ପହଞ୍ଚିଛି। ଚଳିତ ବର୍ଷ ଅଧିକ ଅମଳକ୍ଷମ ବିହନ ମଧ୍ୟରେ ପୂଜା, ଚମ୍ପା, ନାଲି ସ୍ୱର୍ଣ୍ଣ, ୧୦୭୫ ଆଦି ବିହନ ଚାଷୀମାନେ ପାଇପାରିବେ। ତେବେ ୨୦ କେଜି ଭର୍ତ୍ତି ଥିବା ପକେଟର ମୂଲ୍ୟ ୮୨୫ ଟଙ୍କା ସରକାରୀ ମୂଲ୍ୟ ଥିବା ବେଳେ ପଞ୍ଜିକରଣ କରିଥିବା ଚାଷୀ କଳା ଚମ୍ପା ବିହନ ଧାନରେ ୧୬୫ ଟଙ୍କା ଓ ଅନ୍ୟ ବିହନରେ ୧୪୦ ଟଙ୍କା ସବସିଡ ପାଇବେ ବୋଲି କୁହାଯାଇଛି।

# ନିଶାମୁକ୍ତ ସଚେତନତା ରାଲି

ବହଳଦା, ୯।୬(ସମିସ): ବହଳଦା ଅବକାରୀ ବିଭାଗ ପକ୍ଷରୁ ଏକ ନିଶାମୁକ୍ତ ସଚେତନତା ରାଲି ବଜାର ପରିକ୍ରମା କରିବା ସହିତ ଲୋକଙ୍କୁ ନିଶା ଓ ନିଶାଦ୍ରବ୍ୟ କାରବାରରୁ ଦୂରେଇ ରହିବାକୁ ସଚେତନ କରାଯାଇଥିଲା। ଏହି ଅଭିଯାନ ଗତ ୩୧ରୁ ଜୁନ୍ ୨୬ ପର୍ଯ୍ୟନ୍ତ ଚାଲିବ।



ଏହି ପରିପ୍ରେକ୍ଷୀରେ ଆଜି ବହଳଦା ବଜାର ପରିକ୍ରମା କରାଯାଇ ସାଧାରଣଙ୍କୁ ନିଶା ସେବନର କୁପରିଣାମ ଏବଂ ବିଶାକ୍ତ ମଦ ଓ ଚୋରା କାରବାରରେ ଅଙ୍କୁଶ ଲଗାଇବା ନେଇ ସଚେତନ କରାଯାଇଥିଲା। ଏହି ଶୋଭାଯାତ୍ରାରେ ରାଇରଙ୍ଗପୁର ଅବକାରୀ ଅଧିକାରୀ ଇନ୍ସପେକ୍ଟର ବିନୟ ପ୍ରକାଶଙ୍କ ମାର୍ଗଦର୍ଶନ ଓ ବହଳଦା ଅବକାରୀ ଅଧିକାରୀ ରଣଜିତ ଶବରଙ୍କ ନେତୃତ୍ୱରେ ଆୟୋଜିତ କରାଯାଇଥିଲା। ସାମ୍ବାଦିକ ମଧୁସୂଦନ ଦାସ ସବୁଜ ପତାକା ଦେଖାଇ ନିଶାମୁକ୍ତ ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ। ଶୋଭାଯାତ୍ରାରେ ଭୁମିକା ସ୍ୱୟଂ ସହାୟିକା ଗୋଷ୍ଠି ଓ ସାହାନାଇ ସ୍ୱୟଂ ସେବିକା ଗୋଷ୍ଠୀଙ୍କ ସହିତ ମା' ତାରିଣୀ, ମା' କୀଚକେଶ୍ୱରୀ, କୁନାମୀ ଚାନ୍ଦ, ସାଇ କୃପା, ମାଁ ତାରା ତାରିଣୀ, ଶିବଶକ୍ତି, ମା' ଦୁର୍ଗା, ବିନ୍ଦୁ ଚନ୍ଦନ ଆଦି ଗୋଷ୍ଠୀ ମହିଳା ଅଂଶ କରିଥିଲେ। ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାମାନେ ବିଭିନ୍ନ ସ୍ଲୋଗାନ ମାନ ଦେଇ ବାବାଜି ମନ୍ଦିର ଛକ, ଏତୱାରୀ ଛକ, ଡୁଙ୍ଗୁରୀ ସାହି, ବଙ୍ଗଳା ଛକ, ମତି ଛକ, ମନ୍ଦିର ସାହି, ବହଳଦା ବଜାର ଛକ ଓ ହସ୍ପିଟାଲ ଛକ ଦେଇ ଅବକାରୀ କାର୍ଯ୍ୟାଳୟରେ ପହଞ୍ଚିଥିଲା।

# ବେତନଟୀ କୋର୍ଟର କ୍ୟାଡର ଏପିପିଙ୍କ ପଦନ୍ନୋତି

ବେତନଟୀ, ୯।୬(ସମିସ): ବେତନଟୀ ଜେଏମଏଫସି କୋର୍ଟରେ କାର୍ଯ୍ୟରତ କ୍ୟାଡର ଏପିପି ନିହାର ରଞ୍ଜନ ଜେନାଙ୍କ ଆଡିସିନାଲ ପବ୍ଲିକ ପ୍ରସିକ୍ୟୁଟରକୁ ପଦନ୍ନୋତି ହୋଇଛି। ଏନେଇ ଗୃହବିଭାଗ ପକ୍ଷରୁ ତାଲିକା ପ୍ରକାଶ ପାଇଛି। ବେତନଟୀ କୋର୍ଟରେ କ୍ୟାଡର ଏପିପି ଭାବେ କାର୍ଯ୍ୟରତ ସମୟରେ ମାମଲା ପରିଚାଳନା କ୍ଷେତ୍ରରେ ଶ୍ରୀ ଜେନା ନିଜର ଦକ୍ଷତା ଏବଂ ନିଷ୍ଠା ପ୍ରତିପାଦନ ପୂର୍ବକ ଅନେକ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛନ୍ତି। କ୍ୟାଡର ଏପିପି ଶ୍ରୀ ଜେନା ଓଏସପିଏସ-୧ ବ୍ୟାଙ୍କକୁ ପଦନୋତି ପାଇବାପରେ ବିଭିନ୍ନ ମହଲରୁ ଛୁଟିଛି ଶୁଭେଚ୍ଛାର ସୁଅ।

# ଗୋଟିଏ ଦିନରେ ୪ ବାଲି ବୋଝେଇ ହାଇୱା ଜବତ୍; ୩ ଅଟକ

କରଞ୍ଜିଆ, ୯।୬(ସମିସ): ଆକ୍ସନ ମୁଡ୍‌ରେ ଉପଖଣ୍ଡ ପୁଲିସ ଅଧିକାରୀ ନବକିଶୋର ନାଏକ। ଗୋଟିଏ ଦିନରେ ୪ଟି ବାଲି ବୋଝେଇ ହାଇୱା ଜବତ କରିବା ସହିତ ୩ ଜଣକୁ ଅଟକ ରଖି ପଚରାଉଚୁରା କରୁଛନ୍ତି। ରବିବାର ରାତିରେ ଶ୍ରୀ ନାଏକ ପାଟ୍ରୋଲିଂ କରୁଥିବାବେଳେ ଆନନ୍ଦପୁରରୁ ଆସୁଥିବା ୪ଟି ବାଲି ବୋଝେଇ ହାଇୱାକୁ ଜବତ କରିଥିଲେ। ଶ୍ରୀ ନାଏକ ପ୍ରଥମେ ୪ଟି ବେଆଇନ୍ ବାଲି ଗାଡିର କାଗଜପତ୍ର ଯାଞ୍ଚ କରିଥିଲେ; ହେଲେ କାଗଜପତ୍ର ଠିକ୍ ନ ଥିବା ଜାଣିପାରିଥିଲେ। ଗୋଟିଏ ଗାଡି ଠାକୁରମୁଣ୍ଡା ଅଞ୍ଚଳର ହୋଇଥିବାରୁ ତାହାକୁ ଠାକୁରମୁଣ୍ଡା ଥାନାକୁ ହସ୍ତାନ୍ତର କରିଥିଲେ। ଆଉ ଦୁଇଟି ହାଇୱା କରଞ୍ଜିଆ ଥାନାକୁ ଆଣିଥିଲେ ଏବଂ ଜଣେ ହାଇୱା ଚାଳକ ଘଟଣା ସ୍ଥଳରେ ଚମ୍ପଟ ମାରିଥିଲା। ଆଗାମୀ ଦିନରେ ଚଢଉକୁ ଆହୁରି ବ୍ୟାପକ କରାଯିବ ବୋଲି ଶ୍ରୀ ନାଏକ କହିଛନ୍ତି।

# ଗଛରୁ ପଡ଼ି ଯୁବକ ମୃତ

ବଡ଼ସାହି, ୯।୬(ସମିସ): ବଡ଼ସାହି ଥାନା ଅଧୀନ ନାଉପାଳ ପଞ୍ଚାୟତ ନରଣଖୁଣ୍ଟା ଗ୍ରାମର ଜଣେ ଯୁବକ ଏକ ଜାମୁକୋଳି ଗଛରେ ଚଢି କୋଳି ତୋଳୁଥିବା ବେଳେ ପଡି ଯିବାରୁ ଗୁରୁତର ଆହତ ହୋଇଥିଲେ। ପରିବାର ଲୋକେ ତାଙ୍କୁ ନେଇ ବାରିପଦା ଜିଲ୍ଲା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ; ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ ଯୁବକ ଜଣକ ହେଲେ ସେହି ଗ୍ରାମର ସୁଶିଲ କୁମାର ନାଏକ (୩୫)। ଖବରପାଇ ପୁଲିସ ପହଞ୍ଚି ଶବ ଉଦ୍ଧାର କରି ବ୍ୟବଚ୍ଛେଦ କରିଛି।

# ବାଲି ଚାଲାଣ ବେଳେ ହାଇୱା ଜବତ; ୨ ଗିରଫ

ଠାକୁରମୁଣ୍ଡା, ୯।୬(ସମିସ): ଠାକୁରମୁଣ୍ଡା ତହସିଲ ଅଞ୍ଚଳରେ ବାଲି ମାଫିଆମାନେ ଦିନରାତି ବିଭିନ୍ନ ନଦୀ ନାଳରୁ ବାଲି ଉତ୍ତୋଳନ କରି ଚାଲାଣ କରୁଛନ୍ତି। ଏଥିପାଇଁ ବାଲି ମାଫିଆମାନେ ନକଲି ଟ୍ରାଞ୍ଜିଟ ପାସ ବ୍ୟବହାର କରି ଦୈନିକ ଶହ ଶହ ଟ୍ରିପ ବାଲି ଚୋରା ଚାଲାଣ କରୁଛନ୍ତି। ଠାକୁରମୁଣ୍ଡା ଥାନା ଠାକୁରମୁଣ୍ଡା-କରଞ୍ଜିଆ ରାସ୍ତାର ଚାଇଁବାଇଁଶି ପେଟ୍ରୋଲ ପମ୍ପ ନିକଟରୁ ଏକ ବାଲି ବୋଝେଇ ଥିବା ଏକ ହାଇୱାକୁ ଉପଖଣ୍ଡ ପୁଲିସ ଅଧିକାରୀ ନବକିଶୋର ନାଏକ ଓ ଠାକୁରମୁଣ୍ଡା ଥାନା ଅଧିକାରିଣୀ ସାବିତ୍ରୀ ଦଳେଇ ସୋମବାର ସକାଳୁ ପାଟ୍ରୋଲିଂ ସମୟରେ ଜବତ କରିଛନ୍ତି। ହାଇୱା ଗାଡିଟି ବାଲି ନେଇ ଯାଉଥିବା ସମୟରେ ସନ୍ଦେହ ହେବାରୁ ଉପଖଣ୍ଡ ପୁଲିସ ଅଧିକାରୀ ଗାଡି ଓ ବାଲିର କାଗଜ ଯାଞ୍ଚ କରିଥିଲେ। ପରେ ଉପଯୁକ୍ତ କାଗଜପତ୍ର ଦେଖାଇ ନ ପାରିବାରୁ ଗାଡିକୁ ଜବତ କରି ଥାନାକୁ ଆଣିଛନ୍ତି ଏବଂ ଚାଳକ ଓ ହେଲପରକୁ କୋର୍ଟ ଚାଲାଣ କରାଯାଇଛି।

# ଚୋରା ବାଇକ୍ ଇନଷ୍ଟାଗ୍ରାମ ପୋଷ୍ଟରୁ ଗିରଫ ହେଲେ ୬ ଲୁଟେରା

ସାରସକଣା, ୯।୬(ସମିସ): ଚୋରି ବାଇକ୍ ସହିତ ଫଟୋ ସାମାଜିକ ଗଣମାଧ୍ୟମରେ ଛାଡ଼ିବା ଜଣେ ଯୁବକକୁ ମହଙ୍ଗା ପଡିଛି। ସେହି ଫଟୋକୁ ନେଇ ପୁଲିସ ଘଟଣାର ତଦନ୍ତ କରି ୬ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ପୁଲିସ ଚୋରି ବାଇକ୍ ମଧ୍ୟ ଜବତ କରିଛି। ସୂଚନା ମୁତାବକ, ଖାରପୋଖରିଆ ଥାନା ଅନ୍ତର୍ଗତ ଖଡିଆଶୋଳ ଗ୍ରାମର ଅଭିଷେକ ପାତ୍ରଙ୍କ ବାଇକଟି ଅପ୍ରେଲ ୫ତାରିଖ ବିଳମ୍ବିତ ରାତିରେ ତାଙ୍କ ଘରୁ ଚୋରି ହୋଇଥିବା ନେଇ ଥାନାରେ ସେ ଅଭିଯୋଗ କରିଥିଲେ। ପୁଲିସ ଏକ ମାମଲାରୁଜୁ କରି ତଦନ୍ତ ଜାରି ରଖିଥିଲା। ପରେ ତଦନ୍ତ ଅଫିସର ସି.କେ ମହାନ୍ତି ଆଇଆଇସି ପ୍ରଭୁକଲ୍ୟାଣ ଆଚାର୍ଯ୍ୟଙ୍କ ନିର୍ଦ୍ଦେଶ ମୁତାବକ ନିର୍ଦ୍ଦିଷ୍ଟ ସ୍ଥାନର ଚଢଉ କରି ବାଇକକୁ ଉଦ୍ଧାର କରିଥିଲେ। ଗିରଫମାନେ ହେଲେ ବାରିପଦା ଶଙ୍ଖାଭଙ୍ଗୀ ଗ୍ରାମର ଦେବାଚାର୍ଯ୍ୟ ଘୋଷ (୨୧), ବାରିପଦା ବକ୍ରତୁଣ୍ଡି ଗ୍ରାମର ଜଗନ୍ନାଥ ମହାନ୍ତ (୨୫) ଦେଉଳସାହିର ସିଦ୍ଧେଶ୍ୱର ବାରିକ(୨୨), କେସିପୁର ଅଳର ଗୋପାଳ ମୁର୍ମୁ (୪୩), ଆକାଶ ଅଣ୍ଟୋନୀ ଓ ଲୋରେନ୍ସ ଆଣ୍ଟନୀ। ତେବେ ବାଇକ ସହିତ ବାରିପଦାର ଶଙ୍ଖାଭଙ୍ଗା ଗ୍ରାମର ଦେବାଚାର୍ଯ୍ୟ ଘୋଷଙ୍କ ଇନଷ୍ଟାଗ୍ରାମ ପୋଷ୍ଟକୁ ଦେଖିବା ପରେ ସବଇନସ୍ପେକ୍ଟର ଶ୍ରୀ ମହାନ୍ତିଙ୍କ ବାଇକକୁ ନେଇ ସନ୍ଦେହ ହୋଇଥିଲା। ପରେ ଦେବାଚାର୍ଯ୍ୟ ବାବଦରେ ତଥ୍ୟ ସଂଗ୍ରହ କରିଥିଲେ। ପୋଲିସର ସୂଚନା ମୁତାବକ ଅଭିଷେକଙ୍କ ଜଗନ୍ନାଥ ମହାନ୍ତ ଓ ଦେଉଳସାହିର ସିଦ୍ଧେଶ୍ୱର ବାରିକ ମିଶି ଚୋରି କରି ଦେବାଚାର୍ଯ୍ୟଙ୍କୁ ବିକ୍ରି କରିଥିଲେ। ନିଜ ବାଇକ ସହିତ ଦେବାଚାର୍ଯ୍ୟ ନିଜ ଇନଷ୍ଟାଗ୍ରାମ ଆଇଡିରେ ଫଟୋକୁ ପୋଷ୍ଟ କରିଥିଲେ। ତେବେ ଜଗନ୍ନାଥ ଓ ସିଦ୍ଧେଶ୍ୱର କୌଣସି ସୂତ୍ରରୁ ପୁଲିସ ବାଇକ ବାବଦରେ ତଥ୍ୟ ସଂଗ୍ରହ କରୁଥିବା ଖବରପାଇ ବାଇକକୁ ଦେବାଚାର୍ଯ୍ୟଙ୍କଠାରୁ ଆଣି କେସିପୁର ଅଞ୍ଚଳର ଦୁଇ ଭାଇ ଆକାଶ ଆଣ୍ଟନୀ ଓ ଲୋରେନ୍ସ ଆଣ୍ଟୋନିଙ୍କୁ ବିକ୍ରି କରିଥିଲେ। ପୁଲିସ ପଛରେ ପଡିଥିବା ଜାଣି ସେମାନେ ବାଇକର ରଙ୍ଗ, ଚେସିସ୍ ନମ୍ବର ସହିତ ନମ୍ବର ପ୍ଲେଟ ବଦଳାଇଥିବା ପୁଲିସ ସନ୍ଦେହ କରୁଥିଲା। ଏସବୁରେ ଗୋପାଳ ମୁର୍ମୁ ସହଯୋଗ କରିଥିବା ଜଣା ପଡିଥିଲା। ପରେ ସେମାନେ ଗାଡିକୁ ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ଲୁଚାଇ ଦେଇଥିଲେ। ପରେ ପୁଲିସ ଚଢଉକରି ବାଇକକକୁ ଜବତ କରିଥିଲା।

# ମା' କୀଚକେଶ୍ୱରୀ ଏକାଡେମୀର ବାର୍ଷିକ ଉତ୍ସବ

 କରଞ୍ଜିଆ, ୯।୬(ସମିସ): କରଞ୍ଜିଆ ମା' କୀଚକେଶ୍ୱରୀ ଏକାଡେମୀର ଦ୍ୱିତୀୟ ବାର୍ଷିକ ଉତ୍ସବ ସୋମବାର ସାଇ ସାଗର କନକ୍ଲେଭଠାରେ ଅନୁଷ୍ଠାନର ସଭାପତି କୃଷ୍ଣଚନ୍ଦ୍ର ମହାନ୍ତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ପ୍ରେସ କ୍ଲବ୍ ସଂପାଦକ କର୍ଣ୍ଣାର୍ଜୁନ ସାହା ଯୋଗଦେଇ ଉତ୍ସବକୁ ଉଦଘାଟନ କରିବା





ସହିତ ଛାତ୍ରଛାତ୍ରୀଙ୍କୁ ଶୃଙ୍ଖଳିତ ଓ ଚରିତ୍ର ଗଠନ କରିବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଗାଲୁସାହି ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ସମ୍ମାନିତ ଅତିଥିଭାବେ ଅବସରପ୍ରାପ୍ତ ଏବିଓ ରତ୍ନାକର ମହାନ୍ତ ଓ ଜାମୁଡି ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କିଶୋର ମହନ୍ତ ଯୋଗଦେଇ ଶିକ୍ଷକ ନାରାୟଣ ସାହୁ ଯୋଗଦେଇ ଅନୁଷ୍ଠାନର ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ। ଏକାଡେମୀର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଅଧକ୍ଷା ସୁଭଦ୍ରା ରାଉତ ଅତିଥି ପରିଚୟ ଓ ସ୍ୱାଗତ ଭାସଣ ଦେଇଥିଲେ। ପୂର୍ବରୁ ଅନୁଷ୍ଠିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଭବାନି ପାଲ, ବନ୍ଦନା ଗ୍ରହାଚର୍ଯ୍ୟ, ମୋନାଲିସା ମହାନ୍ତ, ଆକାଶ ପାଲ, ରଘୁନାଥ ନାୟକ, ବଳରାମ ନାୟକ, ଯୋଗବନ୍ଧୁ ପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଏକାଡେମୀରେ ପ୍ରଥମରୁ ଦଶମ ପର୍ଯ୍ୟନ୍ତ ଶିକ୍ଷାଦାନ ବ୍ୟବସ୍ଥା ରହିଛି ବୋଲି ପରିଚାଳକ କୃଷ୍ଣଚନ୍ଦ୍ର ମହାନ୍ତ ପ୍ରକାଶ କରିଥିଲେ।

## ଜର୍ଦ୍ଦା ଟ୍ରକକୁ ୭.୬୭ ଲକ୍ଷ ଟଙ୍କା ଜରିମାନା

# ଅସଲି କି ନକଲି ଯାଞ୍ଚ ପାଇଁ ସୁପାରିସ

ବାରିପଦା, ୯।୬(ସମିସ): ବ୍ରହ୍ମପୁରରୁ ପଶ୍ଚିମବଙ୍ଗ ଯାଉଥିବା ଏକ ଜର୍ଦ୍ଦା ବୋଝେଇ ଟ୍ରକକୁ ରବିବାର ସନ୍ଧ୍ୟାରେ ଟାଉନଥାନା ପୁଲିସ ବାରିପଦା ସହରର ତକତପୁର ଅଞ୍ଚଳରୁ ସନ୍ଦେହରେ ଅଟକ ରଖିଥିଲା। ତଦନ୍ତ ପରେ ଅଧିକ ସନ୍ଦେହ ହେବାରୁ ପୁଲିସ ସୋମବାର ଜିଏସଟି ଏନଫୋର୍ସମେଣ୍ଟ ବିଭାଗର ସହଯୋଗ ଲୋଡିଥିଲା। ସମସ୍ତ ଜିଏସଟି କାଗଜପତ୍ର ଠିକ୍ ଥିବା ନେଇ କମ୍ପାନୀ ପକ୍ଷରୁ କୁହାଯାଇଥିବା ବେଳେ ଜିଏସଟି ବିଭାଗ ନଥିପତ୍ର ଯାଞ୍ଚ କରି ୭ ଲକ୍ଷ ୬୭ ହଜାର ଟଙ୍କା ଜରିମାନା କରିଛି। ତେବେ ଜର୍ଦ୍ଦା ଗୁଟିକ ଅସଲି କି ନକଲି ତାହାର ଯାଞ୍ଚ ପାଇଁ ଅବକାରୀ ବିଭାଗକୁ ସୁପାରିସ କରାଯାଇଛି ବୋଲି ଜିଏସଟି ଏନଫୋର୍ସମେଣ୍ଟ କମିଶନର କୁଳମଣି ମଲ୍ଲିକଙ୍କୁ କହିଛନ୍ତି। ତେବେ ବ୍ରହ୍ମପୁରରୁ ପଶ୍ଚିମବଙ୍ଗ ଯାଉଥିବା ଟ୍ରକ ବାରିପଦା ସହର ମଧ୍ୟକୁ କାହିଁକି ପ୍ରବେଶ କରିଥିଲା ତାହା ସନ୍ଦେହ ଘେରରେ।

# ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର



ତେଲକୋଇ, ୯।୬(ସମିସ): କେନ୍ଦୁଝର ଜିଲ୍ଲା ତେଲକୋଇ ବ୍ଲକ କାର୍ଯ୍ୟାଳୟ ପରିସରରେ ସୋମବାର ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ବିଶାଳ ସିଂହ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ କୁମାର ନାଗଭୂଷଣ, ଏଡିଏମ ରବିନ୍ଦ୍ର କୁମାର ପ୍ରଧାନ, ଉପଜିଲ୍ଲାପାଳ ଉମାକାନ୍ତ ଦଳେଇ, ଆଡିସନାଲ ଏସପି ହରପ୍ରିୟା ନାଏକ, ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ କିଶୋର କୁମାର ପୃଷ୍ଟି, ଆସିଷ୍ଟାଣ୍ଟ କଲେକ୍ଟର ସରୋଜ ମଲ୍ଲିକ ସମେତ ସମସ୍ତ ବିଭାଗର ଅଧିକାରୀ ଯୋଗ ଦେଇଥିଲେ। ଅଭିଯୋଗ ଶୁଣାଣି ଶିବିରରେ ଭତ୍ତା, ଆବାସ ଗୃହ, ବିଦ୍ୟୁତ୍, ସ୍ୱାସ୍ଥ୍ୟକେନ୍ଦ୍ରର ଅବ୍ୟବସ୍ଥା , ଶିକ୍ଷା, ଗମନାଗମନ ଆଦି ସମସ୍ୟାକୁ ନେଇ ୧୧୩ଟି ଅଭିଯୋଗର ପ୍ରତିବାଦରେ ଶୁଣାଣି ହୋଇଥଲା। ଶୁଣାଣି ପରେ ୬ଜଣ ଦାବ୍ୟାଙ୍ଗଙ୍କୁ ବ୍ୟାଟେରୀ ଚାଳିତ ହୁଇଲ୍‌ଚେୟାର ପ୍ରଦାନ କରାଯାଇଥିଲା। ଶିବିରରେ ତେଲକୋଇ ବିଡିଓ ପୂର୍ଣ୍ଣଚନ୍ଦ୍ର ନାଏକ, ତହସିଲଦାର ଅନୁପମା ମୁର୍ମୁ, ଆଇଆଇସି ଅଞ୍ଜନ କୁମାର ପାତ୍ର ସମେତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

# ମିନତୀଙ୍କ ଚିକିତ୍ସା ପାଇଁ ଅର୍ଥାଭାବ ସାଜିଛି ବାଧକ

ବେଲବାହାଲି, ୯।୬(ସମିସ): ମିନତୀଙ୍କ ଚିକିତ୍ସା ପାଇଁ ଅର୍ଥାଭାବ ସାଜିଛି ବାଧକ। ସରକାର ଅସହାୟ ଖଟିଖିଆ ଦିନମଜୁରିଆଙ୍କ ପାଇଁ ବିଭିନ୍ନ ପ୍ରକାରର ଯୋଜନା କରିବା ସହ ସ୍ୱାସ୍ଥ୍ୟକ୍ଷେତ୍ରରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି।



କିନ୍ତୁ, ପରିତାପର ବିଷୟ ଏହା ସଠିକ ଭାବେ ଗାଁ ଗହଳିର ଅସହାୟ ଲୋକଙ୍କ ପାଖରେ ପହଞ୍ଚି ପାରୁନାହିଁ। ଏଭଳି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି କେନ୍ଦୁଝର ଜିଲ୍ଲା ଘଷିପୁରା ବ୍ଲକ ସାଇଁକୁଳ ପଞ୍ଚାୟତ ହେହୁରୀ ସାହିର ମିନତୀ ଖଟୁଆଙ୍କ ପରିବାରରେ। ମିନତୀ ପକ୍ଷାଘାତ ରୋଗରେ ପୀଡ଼ିତ ହୋଇ ଦୀର୍ଘଦିନ ହେବ ଘରେ ପଡ଼ିରହିଛନ୍ତି। ସାଇଁକୁଳ ଗ୍ରାମର ଜାଡୁ ଖଟୁଆଙ୍କ ଧର୍ମପତ୍ନୀ ମିନତୀ ୧୦ ବର୍ଷ ଧରି ପକ୍ଷାଘାତ ରୋଗରେ ପୀଡ଼ିତ ହୋଇ ପଡ଼ିରହିଛନ୍ତି। ଅଭାବୀ ପରିବାର ଅବସ୍ଥା ଶୋଚନୀୟ। ଜାଡୁ ଦିନମଜୁରିଆ ଭାବେ କାର୍ଯ୍ୟ କରନ୍ତି। ଯାହା ସେ ମଜୁରୀ ଆଣନ୍ତି ପରିବାର ପୋଷିବା ପାଇଁ ନିଅଣ୍ଟ। ମିନତୀଙ୍କ ଚିକିତ୍ସା ପାଇଁ ଅର୍ଥାଭାବ ବାଧକ ସାଜିଥିବା ବେଳେ ସହାୟତା ପାଇଁ ବହୁବାର ଜନଶୁଣାଣିରେ ସମସ୍ୟା ଜଣାଇଥିବା ବେଳେ ଗୁହାରି ଶୁଣୁନାହାନ୍ତି ପ୍ରଶାସନ ଅଧିକାରୀ। ଖୋଦ ମୁଖ୍ୟମନ୍ତ୍ରୀଙ୍କ ଜିଲ୍ଲାରେ ଯଦି ଜଣେ ଦିନ ମଜୁରିଆ ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ରୁହେ ତାହେଲେ ସରକାରଙ୍କ ଉପରୁ ଭରଷା ତୁଟିଯିବ ବୋଲି ପରିବାର ଲୋକେ ଦୁଃଖପ୍ରକାଶ କରିଛନ୍ତି। ତେବେ ମିନତୀଙ୍କୁ ସହାୟତା ଯୋଗାଇଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ସେଣ୍ଡକାପରେ ରଜ ଉତ୍ସବ ପାଇଁ ପ୍ରସ୍ତୁତି

କେନ୍ଦୁଝର, ୯।୬(ସମିସ): କେନ୍ଦୁଝର ସଦର ବ୍ଲକ ଗୋବର୍ଦ୍ଧନ ପଞ୍ଚାୟତ ସେଣ୍ଡକାପ ଗ୍ରାମର ପୋଇ ଡୋଟାରେ ପ୍ରତ୍ୟେକ ବର୍ଷ ଭଳି ଚଳିତ ବର୍ଷ ମୁଖ୍ୟ ପରାମର୍ଶଦାତା ଏବଂ ଅଞ୍ଚଳର ବରିଷ୍ଠ ସମାଜସେବୀ ରସାନନ୍ଦ ଘଣାଙ୍କ ତତ୍ତ୍ୱାବଧାନରେ ରଜ ପର୍ବ ପାଇଁ ପ୍ରସ୍ତୁତି ଜୋରଦାର ଚାଲିଛି। ରଜ ୧୩ରୁ ୧୭ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବାବେଳେ ପାଣିବୁହା, ପହଲୀ ରଜ, ରଜ ମହୋତ୍ସବ, ରଜ ସଂକ୍ରାନ୍ତୀ, ଭୂଦାନ, ଅଣସର ପଞ୍ଚମୀ, ବସୁମତୀ ସ୍ନାନ ଓ ରଜବତୀ ବିଦାୟ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଉପେନ୍ଦ୍ର ନାଏକ, ବାଙ୍କୁ ନାଏକ, ବୁଦ୍ଧିଆ ନାଏକ, ରଘୁନାଥ ନାଏକ, କୀର୍ତ୍ତନ ନାଏକ, ହାଡ଼ିବନ୍ଧୁ ନାଏକ, ନୁଟା ନାଏକ ପ୍ରମୁଖଙ୍କ ଦ୍ୱାରା ଦୋଳି ନିର୍ମାଣ କାର୍ଯ୍ୟ ଜାରି ରହିଛି। ପ୍ରତିଦିନ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ମା' ମାଉସୀ, ଭଉଣୀ ଓ ମହିଳାଙ୍କ ଦ୍ୱାରା ବିଭିନ୍ନ ପ୍ରକାର ଖେଳ କୁଦ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଡାନ୍ସ ଡାନ୍ସ ଧମକା, କୁଇଜ, ରଜସୁନ୍ଦରୀ ଆଦି ପ୍ରତିଯୋଗିତାମାନ ଅନୁଷ୍ଠିତ ହେବ ବୋଲି ସ୍ଥିରୀକୃତ ହୋଇଛି। ସୂଚନାନୁଯାୟୀ, ଉତ୍ସବକୁ ଆଖପାଖ ତଥା ପଡ଼ୋଶୀ ଝାଡ଼ଖଣ୍ଡ ଅଞ୍ଚଳ ତଥା ପଡ଼ୋଶୀ ଜିଲ୍ଲା ମୟୂରଭଞ୍ଜ, ସୁନ୍ଦରଗଡ଼, ଦେବଗଡ଼ ଆଦି ଅଞ୍ଚଳରୁ ଶତାଧିକ ଲୋକ ଆସୁଥିବା ବେଳେ ଆଖପାଖ ଅଞ୍ଚଳର ପ୍ରତ୍ୟେକ ଦିନ ରଜ ପର୍ବ ପାଳନ ନିମନ୍ତେ ଏହି ସ୍ଥାନକୁ ଆସି ଦୋଳିର ମଜା ନେବା ସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ଭାଗ ନେଇ ଆନନ୍ଦ ପାଇଥାଆନ୍ତି। ୧୩୦ ବର୍ଷର ବୃଦ୍ଧା ଭଗବାନ ନାଏକଙ୍କ କହିବା ଅନୁସାରେ ଏସ୍ଥାନରେ ଅନେକ କାଳରୁ ରଜ ପର୍ବ ପାଳନ ହୋଇଆସୁଛି। କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲାର ଗଣପର୍ବ ରଜ ପର୍ବ ସେ ଏତିକି ଅଙ୍ଗେ ଲିଭେଇ କହିଛନ୍ତି ଯେ ଏ ଅଞ୍ଚଳରେ ମା' ବସୁଧା ମାତା ସୀତାଙ୍କ ଅପାର କୃପାରୁ କମ ବୃଷ୍ଟିପାତ ହେଲେ ମଧ୍ୟ କେବେ ଚାଷ କାର୍ଯ୍ୟରେ ମରୁଡ଼ି ହୁଏ ନାହିଁ। ସୀତାବିଞ୍ଜ ସହିତ ଏହି ଗାଁର ସମାନତା ଥିବା ସେ କହିଛନ୍ତି। ରଜ ମହୋତ୍ସବ ପାଳନ କମିଟି ଓ ସେଣ୍ଡକାପ ଗ୍ରାମର ସସ୍ମିତା ନାଏକ, ସୁମିତ୍ରା ଦଣ୍ଡପାଟ, ସରୋଜିନି ନାଏକ, ମୀନା ନାଏକ, ବାସନ୍ତୀ ନାଏକ, ସସ୍ମିତା ମହାନ୍ତ, ଫୁଲମଣି ନାଏକ, ସନ୍ତୋସିନୀ ନାଏକ, ସାରୋ ନାଏକ, ପଦ୍ମିନୀ ପାତ୍ର, ଖୁସି ପାତ୍ର, ମିନତୀ ପାତ୍ର, ଯାତ୍ରୀ ନାଏକ ପ୍ରମୁଖ ରଜ ଉତ୍ସବକୁ କିପରି ସରସ ସୁନ୍ଦର ଆକର୍ଷଣ କରିବା ପାଇଁ ସମସ୍ତ ପ୍ରଚେଷ୍ଟା ଜାରି ରଖିଛନ୍ତି।

# ଜିନ୍ଦଲ ଷ୍ଟିଲ ଫ୍ଲାଗ୍ ଫାଉଣ୍ଡେସନ୍ ପକ୍ଷରୁ ଜାତୀୟ ପତାକା ସ୍ତମ୍ଭ ସ୍ଥାପନ

ଯୋଡ଼ା/ବଡ଼ବିଲ, ୯।୬(ସମିସ):

ଜାତୀୟ ପତାକା ଏକତା, ସ୍ୱାଭିମାନ ଓ ଆମ ସାମଗ୍ରିକ ଆକାଂକ୍ଷାର ପ୍ରତୀକ ଏବଂ ସମସ୍ତ ଭାରତୀୟଙ୍କ ପାଇଁ ପ୍ରେରଣାର ଉତ୍ସ। କୁରୁକ୍ଷେତ୍ର ସାଂସଦ, ଫ୍ଲାଗ ଫାଉଣ୍ଡେସନ ଅଫ୍ ଇଣ୍ଡିଆର ସଭାପତି ତଥା ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର(ଜେଏସପି) ଅଧ୍ୟକ୍ଷ ନବୀନ ଜିନ୍ଦଲ କେନ୍ଦୁଝର ଜିଲ୍ଲା କାଶିଆ ଆଇରନ ଆଣ୍ଡ ଡୋଲୋମାଇଟ ମାଇନ୍ସ ପରିସରରେ ୭୨ଫୁଟ ଉଚ୍ଚ ସ୍ମାରକୀ ଜାତୀୟ ପତାକାସ୍ତମ୍ଭକୁ ଲୋକାର୍ପିତ କରିବା ଅବସରରେ ଏହା କହିଛନ୍ତି। କେନ୍ଦୁଝର ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ମା' ତାରିଣୀ ଓ ମହାପ୍ରଭୁ ଶ୍ରୀ ବଳଦେବ ଜୀଉଙ୍କ ନିକଟରେ ସ୍ଥାନୀୟ ଅଧିବାସୀଙ୍କ ମଙ୍ଗଳ କାମନା କରିବା ସହ ଦେଶର ସ୍ୱାଧୀନତାରେ ଧରଣୀଧର ଭୂୟାଁ, ଧରଣୀଧର ନାୟକ, ରତ୍ନା ନାୟକ ଓ ମଦନ ପଟ୍ଟନାୟକ ଏବଂ ଜିଲ୍ଲାର ଅନ୍ୟ ସ୍ୱାଧୀନତା ସଂଗ୍ରାମୀଙ୍କ ବଳିଦାନକୁ ଶ୍ରୀ ଜିନ୍ଦଲ ସ୍ମରଣ କରିଥିଲେ। କେନ୍ଦୁଝରର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଜନ୍ମଭୂମି ଓ କର୍ମଭୂମି ହୋଇଥିବାରୁ ସମସ୍ତେ ଅତ୍ୟନ୍ତ ଗର୍ବିତ। ଜିନ୍ଦଲ ଷ୍ଟିଲ ଏହାର ସାମାଜିକ ସଂସ୍ଥା ଜିନ୍ଦଲ ଫାଉଣ୍ଡେସନ ଜରିଆରେ ଅଞ୍ଚଳର ଲୋକଙ୍କ ଜୀବନମାନରେ ରୂପାନ୍ତରଣ ପାଇଁ ଉତ୍ତମ ସ୍ୱାସ୍ଥ୍ୟ, ଶିକ୍ଷା, ପୋଷଣ, ପରିମଳ, ପାନୀୟ ଜଳ ଯୋଗାଣ ସହ ଓ ଅଣୁ ଶିଳ୍ପର ପ୍ରସାର ଦ୍ୱାରା ନିରନ୍ତର ବିକାଶ ପାଇଁ ବଦ୍ଧପରିକର। ଉଚ୍ଚଶିକ୍ଷା ପାଇଁ ଜିନ୍ଦଲ ଫାଉଣ୍ଡେସନର ଲୋକପ୍ରିୟ "ଯଶସ୍ୱୀ" କାର୍ଯ୍ୟକ୍ରମର ସୁବିଧା ହାସଲ କରିବା ପାଇଁ ଗରିବ ଛାତ୍ରୀମାନଙ୍କୁ ସେ ଆହ୍ୱାନ ଦେଇଥିଲେ। ବିଶିଷ୍ଟ ସମାଜସେବୀ ତଥା ପୂର୍ବତନ ସରପଞ୍ଚ କୁଞ୍ଜବିହାରୀ ପଲାଇ ଉପସ୍ଥିତ ଜନସାଧାରଣଙ୍କୁ ସମ୍ବୋଧିତ କରିଥିଲେ। ନବୀନ ଜିନ୍ଦଲଙ୍କ ଦୂରଦର୍ଶୀ ନେତୃତ୍ୱରେ ଫ୍ଲାଗ ଫାଉଣ୍ଡେସନ ଅଫ ଇଣ୍ଡିଆ ୨୦୦୯ ମସିହାରେ ସମଗ୍ର ଭାରତରେ ସ୍ମାରକୀ ଜାତୀୟ ପତାକାସ୍ତମ୍ଭ



ସ୍ଥାପନ କରିବା କାର୍ଯ୍ୟ ଆରମ୍ଭ କରିଥିଲା। ଏହିପରି ଓଡ଼ିଶାର ୯ଟି ସମେତ ଦେଶବ୍ୟାପୀ ୧୭୫ଟି ସ୍ମାରକୀ ଜାତୀୟ ପତାକା ସ୍ତମ୍ଭ ପ୍ରତିଷ୍ଠା ହୋଇସାରିଛି। ଶ୍ରୀ ଜିନ୍ଦଲଙ୍କ ଦଶନ୍ଧି ବ୍ୟାପୀ ଏହି ନ୍ୟାୟିକ ସଂଘର୍ଷ ପରେ ୨୦୦୪ରେ ସୁପ୍ରିମକୋର୍ଟ ଏକ ଐତିହାସିକ ରାୟ ଦ୍ୱାରା ଦେଶର ସମସ୍ତ ନାଗରିକଙ୍କୁ ସବୁଦିନ ସଗୌରବେ ଜାତୀୟ ପତାକା ଉତ୍ତୋଳନର ଅଧିକାର ମିଳିଥିଲା। ଜେଏସପିର ସଭାପତି ତଥା ଗ୍ରୁପ ମୁଖ୍ୟ ସିଏସଆର ଏଣ୍ଡ ଏଜୁକେସନ ଶ୍ରୀ ପ୍ରଶାନ୍ତ ହୋତା, କର୍ପୋରେଟ ଯୋଗାଯୋଗ ବିଭାଗ, ସିଏସଆର ଓ ଫ୍ଲାଗ ଫାଉଣ୍ଡେସନ ଅଫ୍ ଇଣ୍ଡିଆର ସଦସ୍ୟଙ୍କ ସହଯୋଗରେ କାର୍ଯ୍ୟକ୍ରମର ପରିଚାଳନା କରିଥିଲେ। କାଶିଆ ୟୁନିଟ ହେଡ୍ ପ୍ରମୋଦ କୁମାର ପାତ୍ର ତାଙ୍କ ଧନ୍ୟବାଦ ଅଭିଭାଷଣରେ ଆଞ୍ଚଳିକ ବିକାଶ ଓ ନିଯୁକ୍ତି ସୁଯୋଗ ସୃଷ୍ଟିରେ ଜିନ୍ଦଲ ଷ୍ଟିଲ ଏଣ୍ଡ ପାୱାରର ଭୂମିକା ସମ୍ପର୍କରେ ବର୍ଣ୍ଣନା କରିଥିଲେ। ଅଞ୍ଚଳର ବିଶିଷ୍ଟ ନାଗରିକ ମଦନ ବେହେରା, ପୂର୍ଣ୍ଣଚନ୍ଦ୍ର ମହାକୁଡ଼, କମ୍ପାନିର ବରିଷ୍ଠ ପ୍ରବନ୍ଧକ ଗୌତମ ମାଲହୋତ୍ରା, ରାଜେଶ ନାୟାର, ଅଶୋକ ମାହୁନ୍ତ ଓ ଆଶିଷ ପାଣ୍ଡେ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ। ତ୍ରିରଙ୍ଗା ଉତ୍ସବରେ ସାମିଲ ହେବା, ଗୁଣାତ୍ମକ ଶିକ୍ଷା ଓ ଦକ୍ଷତା ବିକାଶରେ ଅତୁଳନୀୟ ଅବଦାନ ଥିବା ନବୀନ ଜିନ୍ଦଲଙ୍କୁ ପ୍ରତ୍ୟକ୍ଷ ଭାବେ ଦେଖିବା ତାଙ୍କ ପାଇଁ ଏକ ଐତିହାସିକ ମୂହୁର୍ତ୍ତ ବୋଲି ସ୍ଥାନୀୟ ହାଇସ୍କୁଲର ନବମ ଶ୍ରେଣୀ ଛାତ୍ରୀ ପ୍ରିୟା ମୁଣ୍ଡା କହିଛନ୍ତି।

# ଶେଷହେଲା ଗୃହରକ୍ଷୀ ଲିଖିତପରୀକ୍ଷା

ଚମ୍ପୁଆ, ୯।୬(ସମିସ): ଚଳିତ ବର୍ଷ ଗୃହ ବିଭାଗ ପକ୍ଷରୁ ପ୍ରକାଶ ପାଇଥିବା ବିଜ୍ଞପ୍ତି ଅନୁଯାୟୀ ଗୃହରକ୍ଷୀ ଚୟନ ପ୍ରକ୍ରିୟା ଆରମ୍ଭ ପରୀପ୍ରେକ୍ଷୀରେ ଚମ୍ପୁଆ କୌରାଳି ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ଆଶାୟୀ ପ୍ରାର୍ଥୀ ଲିଖିତ ପରୀକ୍ଷା ଦେଇଛନ୍ତି। ୪ଟି ପର୍ଯ୍ୟାୟରେ ଲିଖିତ ପରୀକ୍ଷା ଅନୁଷ୍ଠିତ ହୋଇଥିବା ବେଳେ ପ୍ରଥମ ପର୍ଯ୍ୟାୟରେ ୮୯୭ ଜଣ, ଦ୍ୱିତୀୟ ପର୍ଯ୍ୟାୟରେ ୪୧୦, ତୃତୀୟ ପର୍ଯ୍ୟାୟରେ ୩୫୪ ଓ ଚତୁର୍ଥ ପର୍ଯ୍ୟାୟରେ ୨୩୦ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଛନ୍ତି। ପରୀକ୍ଷାକୁ ଚମ୍ପୁଆ ପ୍ରଶାସନ ପକ୍ଷରୁ ତଦାରଖ କରାଯାଇଥିବା ବେଳେ ଶାନ୍ତିଶୃଙ୍ଖଳା ସହିତ ପରିଚାଳନା ହୋଇଥିଲା ବୋଲି ଉପଜିଲ୍ଲାପାଳ ଉମାକାନ୍ତ ପରିଡ଼ା ସୂଚନା ଦେଇଛନ୍ତି।

# ମଦ ବୋଝେଇ ପିକ୍‌ଅପ୍ ଜବତ

ମୋରଡା/ଶୁଳିଆପଦା, ୯।୬(ସମିସ): ଶୁଳିଆପଦା ପୁଲିସ ସୋମବାର ଏକ ମଦ ବୋଝେଇ ପିକଅପକୁ ମହାବିଲା ଛକ ନିକଟରେ ଜବତ କରିବା ସହିତ ଦୁଇଜଣଙ୍କୁ ଅଟକ ରଖିଛି। ଥାନା ଅଧିକାରୀ ସତ୍ୟନାରାୟଣ ବଳଙ୍କ ସୂଚନା ମୁତାବକ ଉକ୍ତ ପିକଅପରେ ବେଆଇନ ଦେଶୀ ମଦ ଭର୍ତ୍ତି ହୋଇ ଚାଲାଣ ହେଉଥିବା ବେଳେ ପୁଲିସ ମହାବିଲା ଛକ ନିକଟରେ ଅଟକାଇ ଥିଲା। ପିକଅପରେ ୨୫୦୦ ଲିଟର ବେଆଇନ ଦେଶୀ ମଦ ଜବତ ହୋଇଥିବା ବେଳେ ଜୟରାମ ମାର୍ଣ୍ଡି ଏବଂ ବଳଦୀପ ସିଂଙ୍କୁ ଅଟକ ରଖି ପଚାରାଉଚୁରା କରୁଛି ପୁଲିସ।

## ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)

- ଡଲାର ୮୫.୭୫ ● ପାଉଣ୍ଡ ୧୧୭.୧୪
- ୟୁରୋ ୯୮.୮୭ ● ୟେନ୍ ୫୯.୦୦

## ସୁନା, ରୁପା ଦର (ଟଙ୍କାରେ)



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)


- ସୁନା: ୮୯,୫୫୦ (ଭୁବନେଶ୍ୱର)
- ରୁପା : ୧,୧୦,୪୦୦ (କେଜି)



## ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)

- ସେନ୍‌ସେକ୍ସ ୮୨,୪୪୫.୦୦
- ନିଫ୍ଟି ୨୫,୧୦୩.୦୦



## ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)

- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



### ସମସ୍ୟାରେ ୫୦୦ ଟଙ୍କିଆ ନୋଟ୍

# ନିଷିଦ୍ଧ କରିବାକୁ ଚନ୍ଦ୍ରବାବୁଙ୍କ ଦାବି

ନୂଆଦିଲ୍ଲୀ, ୯।୬(ଏଜେନ୍ସି): ୫୦୦ଟଙ୍କିଆ ନୋଟ୍ ବିଷୟରେ ଅନେକ ପ୍ରକାରର ଖବର ଆସୁଛି। ସମ୍ପ୍ରତି ଏକ ଭିଡିଓରେ ଦାବି କରାଯାଇଥିଲା ଯେ ସରକାର ୫୦୦ ଟଙ୍କିଆ ନୋଟ୍ ପ୍ରଚଳନ ନିଷେଧ କରିବାକୁ ଯାଉଛନ୍ତି। ହେଲେ ସରକାର ଏହାକୁ ଅସ୍ୱୀକାର କରିଛନ୍ତି। କିନ୍ତୁ ଏବେ ଏଥିରେ ଏକ ନୂତନ ମୋଡ଼ ଆସିଛି। ଆନ୍ଧ୍ର ପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ ଚନ୍ଦ୍ରବାବୁ ନାଇଡୁ ୫୦୦ ଟଙ୍କିଆ ନୋଟ୍ ଉପରେ ନିଷେଧ କରିବାକୁ ଦାବି କରିଛନ୍ତି। ନାଇଡୁ କେନ୍ଦ୍ରରେ କ୍ଷମତାସୀନ ଏନଡିଏର ଏକ ଅଂଶ ତେଲୁଗୁ ଦେଶମ୍ ପାର୍ଟିର ମୁଖ୍ୟ। ନାଇଡୁ କହିଛନ୍ତି ଯେ ସମସ୍ତ ବଡ଼ ନୋଟ୍ ନିଷେଧ କରାଯିବା ଉଚିତ, ତେବେ ହିଁ ଆମେ ଦୁର୍ନୀତିରୁ ମୁକ୍ତି ପାଇପାରିବୁ।



ଏକ ସାକ୍ଷାତକାରରେ ସେ କହିଥିଲେ ଯେ କେବଳ ୧୦୦ ଏବଂ ୨୦୦ ଟଙ୍କା ତଳକୁ ନୋଟ୍ ରହିବା ଉଚିତ। ୫୦୦ ଟଙ୍କିଆ ନୋଟ୍ ମଧ୍ୟ ନିଷେଧ କରାଯିବା ଉଚିତ। ସରକାର ୨୦୧୬ ରେ ବିମୁଦ୍ରାୟନ ଘୋଷଣା କରିଥିଲେ। ଏହା ଅଧୀନରେ ୫୦୦ ଏବଂ ୧୦୦୦ ଟଙ୍କିଆ ନୋଟ୍ ଉପରେ ନିଷେଧ କରାଯାଇଥିଲା। ତଥାପି, ପରେ ୨୦୦୦ ଏବଂ ୫୦୦ ଟଙ୍କାର ନୂତନ ନୋଟ୍ ଜାରି କରାଯାଇଥିଲା। ୨୦୦୦ ଟଙ୍କିଆ ନୋଟ୍ ବନ୍ଦ କରାଯାଇଛି ଯେତେବେଳେ ୫୦୦ ଟଙ୍କିଆ ନୋଟ୍ ସର୍ବାଧିକ ବ୍ୟବହୃତ ନୋଟ୍। ଏହି ନୋଟ୍‌ଗୁଡ଼ିକ ମୋଟ ନୋଟ୍ ର ୪୧%।

ମୂଲ୍ୟ ଦୃଷ୍ଟିରୁ ୫୦୦ ଟଙ୍କିଆ ନୋଟ୍ର ଅଂଶ ୮୬%। ଅର୍ଥାତ୍, ଅଧିକାଂଶ ଲୋକ ୫୦୦ ଟଙ୍କିଆ ନୋଟ୍ ବ୍ୟବହାର କରୁଛନ୍ତି। ଅନ୍ୟପକ୍ଷରେ, ୨୦, ୫୦, ୧୦୦ ଏବଂ ୨୦୦ ଟଙ୍କିଆ ନୋଟ୍ କମ୍ ବ୍ୟବହାର ହେଉଛି। ସରକାର ଚାହାଁନ୍ତି ଯେ ଲୋକମାନେ ଛୋଟ ନୋଟ୍ ବ୍ୟବହାର କରନ୍ତୁ ଏବଂ ଯଥାସମ୍ଭବ ଡିଜିଟାଲ୍ ପେମେଣ୍ଟ ବ୍ୟବହାର କରନ୍ତୁ, କିନ୍ତୁ ଏହା ହେଉନାହିଁ। ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ସମ୍ପ୍ରତି କହିଛନ୍ତି ଯେ ସରକାର ଛୋଟ ନୋଟ୍ ଏବଂ ଡିଜିଟାଲ୍ ପେମେଣ୍ଟକୁ ପ୍ରୋତ୍ସାହିତ କରିବା ପାଇଁ କାମ କରୁଛନ୍ତି। ସେ କହିଛନ୍ତି ଯେ ସରକାର ଛୋଟ ନୋଟ୍ ଅଧିକ ବ୍ୟବହାର ହେଉ ତାହା ସୁନିଶ୍ଚିତ କରିବାକୁ ଚେଷ୍ଟା କରୁଛନ୍ତି।

### ସୁନାକୁ ଟପିଲା ଚାନ୍ଦି

# ରେକର୍ଡସ୍ତରରେ ରୁପା ମୂଲ୍ୟ

ନୂଆଦିଲ୍ଲୀ, ୯।୬(ଏଜେନ୍ସି)

ବିଗତ କିଛି ମାସ ହେବ ଦେଶରେ ହୁ ହୁ ହୋଇ ବଢ଼ିବାରେ ଲାଗିଛି ସୁନା ଓ ରୁପା ଦର। ଇତିମଧ୍ୟରେ ଦେଶରେ ସୁନା ଓ ରୁପା ମୂଲ୍ୟରେ ପୁଣି ଥରେ ଅତ୍ୟଧିକ ବୃଦ୍ଧି ଦେଖିବାକୁ ମିଳିଛି। ସୁନା ଦର ୧୦ ଗ୍ରାମ ପିଛା ୧ ଲକ୍ଷ ଟଙ୍କା ନିକଟତର ହେଉଥିବାବେଳେ ରୁପା ମୂଲ୍ୟ ମଧ୍ୟ ଲକ୍ଷେ ଉପରକୁ ଯାଉଛି। ଏଥିରେ ସୁନା ମୂଲ୍ୟକୁ ରୁପା ଦର ଟପିବାକୁ ବସିଛି। ଯାହାଫଳରେ ଆଜି ଘରୋଇ ବଜାରରେ ରୁପା କିଲୋ ପିଛା ୧.୦୮ ଲକ୍ଷ ଟଙ୍କା ସ୍ତରରେ ପହଞ୍ଚି ଏକ ନୂଆ ରେକର୍ଡ ପ୍ରତିଷ୍ଠା କରିଛି।

ସୋମବାର ପୁଣି ଥରେ ରୁପା ମୂଲ୍ୟ ବୃଦ୍ଧି ଘଟିଛି। ନୂଆ ଦିଲ୍ଲୀରେ ଆଜି ଗୋଟିଏ ଦିନରେ ରୁପା କିଲୋ ପିଛା ୧୦୦୦ ଟଙ୍କା ବୃଦ୍ଧି ପାଇ ୧,୦୮,୧୦୦ ଟଙ୍କାରେ ପହଞ୍ଚିଛି। ଏହି ସମୟରେ ୯୯.୯ ପ୍ରତିଶତ ଶୁଦ୍ଧ ବା ୨୪ କ୍ୟାରେଟ୍ ସୁନା ମୂଲ୍ୟରେ ୨୮୦ ଟଙ୍କା ହ୍ରାସ ପାଇ ୧୦ ଗ୍ରାମ ପିଛା ୯୭,୭୮୦ ଟଙ୍କା ପହଞ୍ଚିଛି (ସମସ୍ତ ଟିକସ ସହିତ)। ଦୃଢ଼ ବିଶ୍ୱ ସଙ୍କେତ ମଧ୍ୟରେ ସୋମବାର ରାଜଧାନୀ ଦିଲ୍ଲୀରେ ରୁପା ମୂଲ୍ୟ ପୁଣି ଥରେ ଶୀର୍ଷ ସ୍ତର ଛୁଇଁଛି। ରୁପା ମୂଲ୍ୟ ୧,୦୮,୧୦୦ ଟଙ୍କା ପ୍ରତି କିଲୋଗ୍ରାମରେ ପହଞ୍ଚିବା ଏକ ନୂତନ ରେକର୍ଡ ହୋଇଛି। ସେହିପରି ୨୨ କ୍ୟାରେଟ୍ ସୁନା ୨୫୦ ଟଙ୍କା ହ୍ରାସ ପାଇ ୧୦ ଗ୍ରାମ ପିଛା ୯୭,୩୫୦ ଟଙ୍କା ରହିଥିବା ଅଲ୍ ଇଣ୍ଡିଆ ସରାଫା ଆସୋସିଏସନ୍ ପକ୍ଷରୁ କୁହାଯାଇଛି। ପୂର୍ବରୁ, ଶନିବାର ଦିନ ସୁନା ମୂଲ୍ୟ ପ୍ରତି ୧୦ ଗ୍ରାମ ପିଛା ୧,୬୩୦ ଟଙ୍କା ହ୍ରାସ ପାଇ ୯୮,୦୬୦ ଟଙ୍କାରେ ପହଞ୍ଚିଥିଲା। ସେହି ସମୟରେ, ରୁପାର ମୂଲ୍ୟ ପ୍ରତି କିଲୋଗ୍ରାମ



ପିଛା ୧,୦୭,୧୦୦ ଟଙ୍କାରେ ସ୍ଥିର ରହିଥିଲା। ବ୍ୟବସାୟୀମାନେ କହିଛନ୍ତି ଯେ ନିବେଶକଙ୍କ ପ୍ରବଳ ଚାହିଦା, ଦୁର୍ବଳ ଡଲାର, ଭୂ-ରାଜନୈତିକ ଉତ୍ତେଜନା ଏବଂ ଇଭି ଏବଂ ସୌର ଶିଳ୍ପରେ ଚାହିଦାରେ ବୃଦ୍ଧି ଯୋଗୁଁ ରୁପା ମୂଲ୍ୟ ଏପରି ଉପରମୁହାଁ ହେଉଛି।

ଆମେରିକା-ଚୀନ୍ ବାଣିଜ୍ୟ ଆଲୋଚନା ଏବଂ ପେରୋଲ୍ ରିପୋର୍ଟ ଯୋଗୁଁ ସୁନା ଦୁର୍ବଳ ହୋଇଛି। ବିଶ୍ୱ ବଜାରରେ ସ୍ପଟ୍ ବଜାରରେ ସୁନା ମୂଲ୍ୟ ସାମାନ୍ୟ ବୃଦ୍ଧି ପାଇ ଆଉନ୍ସ ପିଛା ୩,୩୧୨.୮୪ ଡଲାରରେ ପହଞ୍ଚିଛି। ଏଚ୍‌ଡିଏଫ୍‌ସି ସିକ୍ୟୁରିଟିଜ୍‌ର କମୋଡିଟିଜ୍‌ର ବରିଷ୍ଠ ବିଶ୍ଳେଷକ ସୌମିଲ୍ ଗାନ୍ଧୀ କହିଛନ୍ତି ଯେ ମିଶ୍ରିତ ସଙ୍କେତ ମଧ୍ୟରେ ସୋମବାର ସୁନା ଏହାର ସୀମାର ନିମ୍ନ ସ୍ତରରେ ସ୍ଥିର ରହିଛି। ଆମେରିକା ଏବଂ ଚୀନ୍ ମଧ୍ୟରେ ବାଣିଜ୍ୟ ଆଲୋଚନାର ଆଶା ସୁରକ୍ଷିତ ସମ୍ପତ୍ତିର ଚାହିଦା ହ୍ରାସ ପାଇଛି। ଏହାବ୍ୟତୀତ, ଆମେରିକାରେ ସଦ୍ୟତମ ଅଣ-ଫାର୍ମ ପେରୋଲ୍ ରିପୋର୍ଟ ଦୃଢ଼ ଥିଲା। ଏହା ବ୍ୟବସାୟୀମାନଙ୍କୁ ଆଶା କରାଇଛି ଯେ ଫେଡେରାଲ୍ ରିଜର୍ଭଙ୍କ ମୁଦ୍ରା ନୀତି ଆରାମଦାୟକ ହୋଇପାରେ।

ଏସବୁବାଦ୍ ଆନ୍ତର୍ଜାତୀୟ ବଜାରରେ ରୁପା ମୂଲ୍ୟରେ ୦.୯ ପ୍ରତିଶତ ବୃଦ୍ଧି ପାଇ ଆଉନ୍ସ ପ୍ରତି ଏହା ୩୬.୩୦ ଡଲାରରେ ପହଞ୍ଚିଛି। ମେହତା ଇକ୍ୱିଟିଜ୍‌ର କମୋଡିଟିଜ୍‌ର ଉପାଧ୍ୟକ୍ଷ ରାହୁଲ କଲାନ୍ତ୍ରୀ କହିଛନ୍ତି ଯେ ବିଶ୍ୱ ସ୍ତରରେ ୧୩ ବର୍ଷର ସର୍ବୋଚ୍ଚ ସ୍ତରରେ ପହଞ୍ଚିବା ପରେ ରୁପା ଚାହିଦା ଢ଼େର ବଢ଼ିଯାଇଛି।

**କେଜି ୧.୦୮ ଲକ୍ଷ ଟପିଲା**

**ଅନ୍ତର୍ଜାତୀୟ ବଜାରରେ ରୁପା ୧୩ ବର୍ଷରେ ସର୍ବୋଚ୍ଚ**

# ପୁଣି କାର୍ଯ୍ୟକ୍ଷମ ହେବ କର୍ଣ୍ଣାଟକର କୋଲାର ଗୋଲ୍ଡ ଫିଲ୍ଡସ୍

ବାଙ୍ଗାଲୋର, ୯।୬(ଏଜେନ୍ସି): ପୁଣି ଥରେ ଚାଲିବ ଦେଶର ବହୁ ପୁରୁଣା ସୁନା ଖଣି। କର୍ଣ୍ଣାଟକର କୋଲାର ଗୋଲ୍ଡ ଫିଲ୍ଡସ୍ (କେଜିଏଫ୍) କାର୍ଯ୍ୟକ୍ଷମ ହେବ। ପାଖାପାଖି ୮୦ ବର୍ଷର ଦୀର୍ଘ ବ୍ୟବଧାନ ପରେ ଭାରତର ଏହି ଐତିହାସିକ ସୁନା



ଖଣି ପୁନଃ କାର୍ଯ୍ୟାରମ୍ଭ କରିବାକୁ ଯାଉଛି। ସ୍ୱାଧୀନତା ପରେ ଦ୍ୱିତୀୟଥର ଖୋଲିବାକୁ ଯାଉଥିବା ଏହା ଭାରତର ପ୍ରଥମ ସୁନା ଖଣି। ସରକାରୀ ଅନୁମାନ ଅନୁସାରେ କେଜିଏଫ୍‌କୁ ବାର୍ଷିକ ଅନୁନ୍ୟ ୭୫୦ କେଜି ସୁନା ଉତ୍ପାଦନ ହେବ ବୋଲି ଆଶା କରାଯାଉଛି। ଯଦି ସୁନା ଖଣି ପୁଣି କାର୍ଯ୍ୟକ୍ଷମ ହୁଏ ତେବେ ଭାରତର ବିଦେଶ ଉପରେ ନିର୍ଭରଶୀଳତା ହ୍ରାସ ହେବ।

ଭାରତ ବିଶ୍ୱର ସବୁଠୁ ବଡ଼ ସୁନା ଉତ୍ପାଦନକାରୀ ଦେଶ। ଦେଶର ଆବଶ୍ୟକ ଅଧିକାଂଶ ସୁନା ବିଦେଶରୁ ଆମଦାନୀ ହୋଇଥାଏ। କେଜିଏଫ୍ ଯଦି ପୁଣି ଚାଲୁ ହୁଏ ନା କେବଳ ବୈଦେଶିକ ମୁଦ୍ରା ସଞ୍ଚୟ ହେବ ବରଂ ସ୍ଥାନୀୟ ରୋଜଗାର ଓ ଆଞ୍ଚଳିକ ବିକାଶକୁ ଗତି ମିଳିବ। କୋଲାର ଗୋଲ୍ଡ ଫିଲ୍ଡସ ଏକ ସମୟରେ ଦେଶର ସବୁଠୁ ସମୃଦ୍ଧ ସୁନା ଖଣି ମଧ୍ୟରେ ଅନ୍ୟତମ ଥିଲା। ଦେଶରେ ବ୍ରିଟିଶ ଶାସନ କାଳରେ ଏଠାରୁ ବିପୁଳ ସୁନା ଉତ୍ତୋଳନ ହେଉଥିଲା। ଏବେ ନୂଆ ଟେକ୍ନୋଲୋଜି ଓ ଆଧୁନିକ ମେସିନ ସହାୟତାରେ ଏହି ଖଣିକୁ ପୁଣି ଉତ୍ପାଦକ କରାଯିବ।

ବ୍ରିଟିଶ ଓ ଭାରତ ସରକାର ୧୮୮୦ରୁ ୨୦୦୧ ମସିହା ପର୍ଯ୍ୟନ୍ତ ୧୨୧ ବର୍ଷ ଧରି କେଜିଏଫରୁ ୯୦୦ ଟନରୁ ଅଧିକ ସୁନା ଉତ୍ତୋଳନ କରିଛନ୍ତି। ତେବେ ୨୦୦୧ ରେ ଏଠାରୁ ସୁନା ଉତ୍ତୋଳନ ଉପରେ ରୋକ ଲଗାଯାଇଥିଲା। ଏଣୁ କେଜିଏଫ୍‌କୁ ଏକ ସମୟରେ 'ସୁନାର ସହର' ଓ 'ମିନି ଇଂଲଣ୍ଡ' କୁହାଯାଉଥିଲା। ଖ୍ରୀଷ୍ଟପୂର୍ବ ୧୦୦୪ରୁ ୧୧୧୬ ପର୍ଯ୍ୟନ୍ତ ଚୋଳ ସାମ୍ରାଜ୍ୟା ସମ୍ପର୍କିତ ଶିଳାଲେଖ ଓ ଗ୍ରନ୍ଥରେ ଗୋଲ୍ଡ ମାଇନିଂର ଉଲ୍ଲେଖ ରହିଛି। ୧୩୩୬ ମସିହାରୁ ୧୬୪୬ ମସିହା ପର୍ଯ୍ୟନ୍ତ ଏଠାରୁ ବିଜୟ ନଗର ରାଜବଂଶ ଓ ପରେ ୧୭୫୦ରୁ ୧୭୯୯ ମସିହା ପର୍ଯ୍ୟନ୍ତ ଟିପୁ ସୁଲତାନ ଏଠାରୁ ସୁନା ବାହାର କରୁଥିଲେ। ୧୮୦୨ରେ ବ୍ରିଟିଶ ସରକାରରେ ଲେଫ୍ଟନାଣ୍ଟ ଜନ ୱାରେନ କୋଲାର ସ୍ୱର୍ଣ୍ଣ ଭଣ୍ଡାର ଉପରେ ଗବେଷଣା କରିଥିଲେ। ୧୮୦୪ ଓ ୧୮୬୦ ମସିହା ପର୍ଯ୍ୟନ୍ତ ଏଠାରେ ଇଂରେଜମାନେ ଅନେକ ଗବେଷଣା ଓ ସର୍ଭେକ୍ଷଣ କରିବା ପରେ ସୁନା ଖଣି କରିବାକୁ ନିଷ୍ପତ୍ତି ନେଇଥିଲେ। ୧୮୮୦ ମସିହାରେ ଇଂଲଣ୍ଡର ଜନ ଟେଲର ଆଣ୍ଡ ସନସ୍ କମ୍ପାନୀ ଏଠାରେ ସୁନା ଉତ୍ତୋଳନ ଆରମ୍ଭ କରିଥିଲା। ୧୯୪୩ ମସିହା ପର୍ଯ୍ୟନ୍ତ ଇଂରେଜମାନେ କୋଲାରରୁ ୫୮୩ ଟନ ସୁନା ଉତ୍ପାଦନ କରିଥିଲେ ଓ ୧୯୪୭ ମସିହା ପର୍ଯ୍ୟନ୍ତ ନିଜ ରାଜକୋଷ ଭରିବାରେ ଲାଗିଥିଲେ। ୧୯୪୭ ମସିହାରେ ବ୍ରିଟିଶ ଭାରତ ଛାଡି ପଳାଇଥିଲେ ଓ ୧୯୫୬ ମସିହାରେ କର୍ଣ୍ଣାଟକ ସରକାର କେଜିଏଫକୁ ନିଜ ହାତକୁ ନେଇଥିଲେ। ରାଜ୍ୟ ସରକାର ଜନ ଟେଲର ଆଣ୍ଡ ସନସ୍ କୁ ମାଇନିଂ କନସଲ୍ଟାଣ୍ଟ ଆପଏଣ୍ଟ କରି ସୁନା ଖଣି ଚଳାଇ ରଖିଥିଲେ।

**୮୦ ବର୍ଷ ପରେ ଆରମ୍ଭ ହେବ ଉତ୍ପାଦନ**

### ପୂର୍ବତନ ଡବ୍ଲ୍ୟୁଇଏଫ୍ ଏମ୍‌ଡିଙ୍କ ଚେତାବନୀ

# ଭାରତର ମୁଣ୍ଡ ପିଛା ଆୟ ଚିନ୍ତାଜନକ

ନୂଆଦିଲ୍ଲୀ, ୯।୬(ଏଜେନ୍ସି): ଜାପାନକୁ ଟପି ଭାରତ ଖୁବ୍‌ଶୀଘ୍ର ବିଶ୍ୱର ଚତୁର୍ଥ ବୃହତ୍ ଅର୍ଥନୀତି ପାଲଟିବାକୁ ଯାଉଛି। ଏହି ଖବରକୁ ନେଇ ଦେଶବାସୀ ଖୁସି। ହେଲେ ବିଶେଷଜ୍ଞଙ୍କ ମତରେ ଏହାକୁ ନେଇ ଅଧିକ ଖୁସି ହେବା ଉଚିତ ନୁହେଁ। ଯଦିଓ ଅର୍ଥନୀତିର ଆକାର କ୍ଷେତ୍ରରେ ଭାରତ ଜାପାନକୁ ପଛରେ ପକାଇବାକୁ ଯାଉଛି, ମୁଣ୍ଡ ପିଛା ଆୟ କ୍ଷେତ୍ରରେ ଦେଶ ଜାପାନଠୁ ବହୁ ପଛରେ। ବିଶ୍ୱ ଅର୍ଥନୈତିକ ଫୋରମ୍‌ର ପୂର୍ବତନ ପରିଚାଳନା ନିର୍ଦ୍ଦେଶକ କ୍ଲାଉଡ୍ ସ୍ମାଦଜା କହିଛନ୍ତି ଯେ, ଭାରତୀୟ ଅର୍ଥବ୍ୟବସ୍ଥାର ଆକାର ବହୁତ ବଡ଼, ଏଥିରେ ଦୁଇ ମତ ନାହିଁ। ତେବେ ମୁଣ୍ଡ ପିଛା ଜିଡିପି କ୍ଷେତ୍ରରେ ଭାରତ ଜାପାନଠାରୁ ବହୁ ପଛରେ ରହିଛି। ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମ୍‌ଏଫ୍) ଅନୁସାରେ, ୨୦୨୫ ଏପ୍ରିଲ ସୁଦ୍ଧା ଭାରତର ମୁଣ୍ଡ ପିଛା ଜିଡିପି ୨,୮୭୮.୪ ଡଲାର ବା ୨.୫ ଲକ୍ଷ ଟଙ୍କା ରହିଛି। ଏହା ଜାପାନର ମୁଣ୍ଡ ପିଛା ଜିଡିପିର ମାତ୍ର ୮.୫%।



ପ୍ରକାଶଯୋଗ୍ୟ, ଜାପାନର ମୁଣ୍ଡ ପିଛା ଜିଡିପି ରହିଛି ୩୩,୯୫୫.୭ ଡଲାର ବା ୨୯ ଲକ୍ଷ ଟଙ୍କା। ଏହାର ଅର୍ଥ, ଜାପାନର ମୁଣ୍ଡ ପିଛା ଆୟ ଭାରତଠାରୁ ପ୍ରାୟ ୧୧.୮ ଗୁଣା ଅଧିକ। ସ୍ମାଦଜାଙ୍କ ଅନୁସାରେ, ଭାରତୀୟ ଅର୍ଥ ବ୍ୟବସ୍ଥାର ଆକାର ଏକ ଭଲ ସଙ୍କେତ। ଏଥିରୁ ଜଣାପଡୁଛି ଯେ, ବିଶ୍ୱ ସ୍ତରରେ ଭାରତର ଆର୍ଥିକ ଓଜନ କେତେ। ସ୍ମାଦଜା କୁହନ୍ତି ଯେ, ଭାରତର ଆର୍ଥିକ ସୁଧାରକୁ ଆହୁରି ଦ୍ରୁତ କରାଯିବା ଉଚିତ। ସେ ଏହା ଜୋର ଦେଇଛନ୍ତି ଯେ, ଆର୍ଥିକ ବିକାଶର ଲାଭ ସମସ୍ତ ନାଗରିକଙ୍କୁ ମିଳିବା ଦରକାର। ଏହା କେବଳ ଅଭିବୃଦ୍ଧିଶୀଳ ମଧ୍ୟମ ବର୍ଗଙ୍କ ମଧ୍ୟରେ ସୀମିତ ରହିବା ଉଚିତ ନୁହେଁ।

ଭାରତ ବିଶ୍ୱ ପ୍ରଯୁକ୍ତି ଦୌଡ଼ରେ ଏକ ମହତ୍ୱପୂର୍ଣ୍ଣ ମୋଡ଼ରେ ଛିଡ଼ାହୋଇଛି। ଭାରତ ପାଖରେ ବିଗ୍ ଡାଟାର ଫାଇଦା ରହିଛି। ଦେଶରେ ଇଣ୍ଟରନେଟ୍ ଏବଂ ମୋବାଇଲ ଫୋନ୍‌ର ବହୁଳ ବ୍ୟବହାର ହୋଇଥାଏ। ଏଥିପାଇଁ ଏଠାରେ ଡାଟା ଚାହିଦା ଦ୍ରୁତ ବେଗରେ ବଢୁଛି। ସେ ଚେତାବନୀ ଦେଇଛନ୍ତି ଯେ, ଭାରତକୁ ଡାଟା ସୁରକ୍ଷା ପ୍ରତି ଅଧିକ ଯତ୍ନବାନ ହେବାକୁ ପଡ଼ିବ। ଆମେରିକୀୟ ଟେକ୍ନୋଲୋଜି କମ୍ପାନୀଗୁଡ଼ିକ ଭାରତର ଡାଟା ପର୍ଯ୍ୟନ୍ତ ପହଞ୍ଚିବାକୁ ଚାହାନ୍ତି। କାରଣ ଚୀନ୍ ଏହାର ଡାଟାର ବ୍ୟବହାର ଉପରେ ରୋକ୍ ଲଗାଇ ଦେଇଛି। ସ୍ମାଦ୍‌ଜା କହିଛନ୍ତି ଯେ, ଭାରତରେ ଆମକୁ ସୁନିଶ୍ଚିତ କରିବାକୁ ହେବ ଯେ, ଆମେ ଏହି ବଡ଼ ରଣନୀତିକ ସମ୍ପତ୍ତିକୁ ଯେପରି ସୁରକ୍ଷା ଦେଇପାରିବୁ। ଏହି ଡାଟା ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଏବଂ ଡିପ୍ ଟେକ୍ ଭଳି ପ୍ରଯୁକ୍ତିଗତ ବିକାଶ ପାଇଁ ଅତ୍ୟନ୍ତ ଜରୁରୀ। ଏହାର ବ୍ୟବହାର ସମସ୍ତଙ୍କ ଫାଇଦା ପାଇଁ କରାଯିବା ଉଚିତ।

# ମାଗଣାରେ ଆଧାର ଅପଡେଟ୍ ଶେଷ ସମୟସୀମା ଜୁନ୍ ୧୪

ନୂଆଦିଲ୍ଲୀ, ୯।୬(ଏଜେନ୍ସି): ମାଗଣାରେ ଆଧାର କାର୍ଡ ଅପଡେଟ୍ କରିବାର ସୁଯୋଗ ଏବେ ବି ଅଛି। କେନ୍ଦ୍ର ସରକାର ମାଗଣାରେ ଆଧାର କାର୍ଡ ଅପଡେଟ୍ କରିବାର ଶେଷ ତାରିଖ ଜୁନ୍ ୧୪ ଧାର୍ଯ୍ୟ କରିଛନ୍ତି। ଭାରତୀୟ ଅନନ୍ୟ ପରିଚୟ ପ୍ରାଧିକରଣ ଅର୍ଥାତ୍ ୟୁଆଇଡିଏଆଇ ମାଗଣାରେ ଆଧାର କାର୍ଡ ଅପଡେଟ୍ କରିବାର ଶେଷ ତାରିଖ ସ୍ଥିର କରିଛି। ୟୁଆଇଡିଏଆଇ ଦ୍ୱାରା ବହୁ ଦିନ ପୂର୍ବରୁ ମାଗଣା ଆଧାର କାର୍ଡ ଅପଡେଟ୍ କରିବାର ସୁବିଧା ଆରମ୍ଭ କରାଯାଇଥିଲା। ପୂର୍ବରୁ ମାଗଣା ଆଧାର କାର୍ଡ ଅପଡେଟ୍ କରିବାର ଶେଷ ତାରିଖ ଡିସେମ୍ବର ୧୪ ଥିଲା, ଯାହା ପରେ ଏହି ତାରିଖକୁ ବାରମ୍ବାର ବୃଦ୍ଧି କରାଯାଉଛି। ଯଦି ଜଣେ ମାଗଣା ଆଧାର କାର୍ଡ ଅପଡେଟ୍ କରିବାର ଶେଷ ତାରିଖ ଶେଷ ହେବା ପରେ ଆଧାର କାର୍ଡ ଅପଡେଟ୍ କରନ୍ତି, ତେବେ ତାଙ୍କୁ ୫୦ ଟଙ୍କା ଶୁଳ୍କ ଦେବାକୁ ପଡିବ। ଏଥିପାଇଁ myAadhaar ପୋର୍ଟାଲ୍‌କୁ ଯାଇ ଆଧାର କାର୍ଡ ଅପଡେଟ୍ କରିପାରିବେ। ଏହାବ୍ୟତୀତ, ଆପଣଙ୍କୁ କିଛି ଅପଡେଟ୍ ପାଇଁ ଆଧାର କେନ୍ଦ୍ରକୁ ମଧ୍ୟ ଯିବାକୁ ପଡ଼ିପାରେ। ଏଥିରେ ବାୟୋମେଟ୍ରିକ୍ ଡାଟା ଅପଡେଟ୍ ଅନ୍ତର୍ଭୁକ୍ତ।

### ଅନ୍‌ଲାଇନ୍‌ରେ ଆଧାର ଅପଡେଟ୍ ପାଇଁ ଆବଶ୍ୟକ କାଗଜପତ୍ର

■ ପ୍ରଥମେ ୟୁଆଇଡିଏଆଇର ଅଫିସିଆଲ୍ ୱେବସାଇଟ୍ ଯିବାକୁ ହେବ ■ ମୋ ଆଧାରକୁ ଯାଆନ୍ତୁ ଏବଂ ଆଧାର ଅପଡେଟ୍ ବିକଳ୍ପ ଉପରେ କ୍ଲିକ୍ କରନ୍ତୁ ■ ଆପଣଙ୍କର ଆଧାର କାର୍ଡ ନମ୍ବର ପ୍ରବେଶ କରନ୍ତୁ ଏବଂ କ୍ୟାପଚା କୋଡ୍ ପ୍ରବେଶ କରନ୍ତୁ ■ ଓଟିପି ସାହାଯ୍ୟରେ ଲଗଇନ୍ କରନ୍ତୁ ■ ଏବେ ଆପଣ ଯେ କୌଣସି ସୂଚନା ଅପଡେଟ୍ କରିବାକୁ ଚାହୁଁଛନ୍ତି ତାହା ଅପଡେଟ୍ କରନ୍ତୁ ■ ଅପଡେଟ୍ ସୂଚନା ଉପରେ କ୍ଲିକ୍ କରନ୍ତୁ ଏବଂ ଡକ୍ୟୁମେଣ୍ଟଗୁଡ଼ିକ ଅପଲୋଡ୍ କରନ୍ତୁ ■ ଅନୁରୋଧ ପଠାନ୍ତୁ ଏବଂ ଏବେ ଏସ୍‌ଏମ୍‌ଏସ୍ ମାଧ୍ୟମରେ ଏକ ୟୁଆର୍‌ଏନ୍ ପାଆନ୍ତୁ

### ଏପ୍ରିଲରୁ ରେଆର ଆର୍ଥ ମ୍ୟାଗ୍ନେଟ୍ ଯୋଗାଣ ବନ୍ଦ କରିଛି ଚୀନ୍

# ବନ୍ଦ ହୋଇଯିବ ଇଭି, ଇଲେକ୍ଟ୍ରୋନିକ୍ସ କମ୍ପାନୀ

ନୂଆଦିଲ୍ଲୀ, ୯।୬(ଏଜେନ୍ସି): ଭାରତ ସମେତ ଅନେକ ଦେଶକୁ ଚୀନ୍ ରେଆର ଆର୍ଥ ମ୍ୟାଗ୍ନେଟ୍ ରପ୍ତାନି ବନ୍ଦ କରିଦେଇଛି। ଏହାର ପ୍ରଭାବରେ ଭାରତର ଇଭି ଏବଂ ଇଲେକ୍ଟ୍ରୋନିକ୍ସ କମ୍ପାନୀଗୁଡିକ ବନ୍ଦ ହୋଇଯିବ ସ୍ଥିତିରେ ପହଞ୍ଚିଛନ୍ତି। ଏଥିଯୋଗୁ ଇଭି ଶିଳ୍ପ ସହିତ ଭାରତରେ ଇଲେକ୍ଟ୍ରୋନିକ୍ ଶିଳ୍ପଗୁଡିକ ବହୁତ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।



ବିଶ୍ୱରେ ରେଆର ଆର୍ଥ ଉପାଦାନ ଖଣି କ୍ଷେତ୍ରରେ ଚୀନ୍‌ର ଭାଗ ପ୍ରାୟ ୭୦ ପ୍ରତିଶତ ଏବଂ ବିଶ୍ୱ ଉତ୍ପାଦନରେ ଏହାର ଅଂଶ ୯୦ ପ୍ରତିଶତ ରହିଛି। ଯୋଗାଣ ବନ୍ଦ ହୋଇଥିବାରୁ ବର୍ତ୍ତମାନ ସମୟରେ ଭାରତ ସରକାର ଏହାର ଯୋଗାଣ ପାଇଁ ଚୀନ୍ ସହିତ ଆଲୋଚନା କରୁଛନ୍ତି। ଏହାବ୍ୟତୀତ ରେଆର ଆର୍ଥ ମ୍ୟାଗ୍ନେଟ୍ ଯୋଗାଣ ପାଇଁ ଭାରତ ଅନ୍ୟ ୫ଟି ଦେଶ ସହିତ ମଧ୍ୟ ଆଲୋଚନା ଆରମ୍ଭ କରିଛି। ଏଥିରେ ଭିଏତନାମ, ଇଣ୍ଡୋନେସିଆ, ଜାପାନ, ଆମେରିକା ଏବଂ ରୁଷ ଅନ୍ତର୍ଭୁକ୍ତ। ଭାରତ ୮୦୯ ଟନ୍ ରେଆର ଆର୍ଥ ମ୍ୟାଗ୍ନେଟ୍ ଆମଦାନୀ କରିଥାଏ। ଏକ ରିପୋର୍ଟ ଅନୁଯାୟୀ, ଅଟୋ କମ୍ପାନୀଗୁଡ଼ିକ ଜୁନ୍ ଶେଷ ପର୍ଯ୍ୟନ୍ତ ରେଆର ଆର୍ଥ ମ୍ୟାଗ୍ନେଟ୍ ଷ୍ଟକ୍ ରଖିଛନ୍ତି। ଏହାର କାରଣ ହେଉଛି ଏପ୍ରିଲ ମଧ୍ୟ ଭାଗରୁ ଏଗୁଡ଼ିକର କୌଣସି ଯୋଗାଣ ହୋଇନାହିଁ। ସରକାର ଏହି ସମସ୍ୟାର କୂଟନୈତିକ ସମାଧାନ କରିବାକୁ ଚେଷ୍ଟା କରୁଛନ୍ତି। ବେଜିଂରେ ଥିବା ଭାରତୀୟ ଦୂତାବାସ ଭାରତୀୟ ଶିଳ୍ପ ପ୍ରତିନିଧିମଣ୍ଡଳୀ ଏବଂ ଚୀନ୍ ସରକାରୀ ଅଧିକାରୀଙ୍କ ମଧ୍ୟରେ ଏକ ବୈଠକ କରିବାକୁ ଚେଷ୍ଟା କରୁଛନ୍ତି।

ଅଧିକାରୀମାନେ କହିଛନ୍ତି ଯେ ଏବେ ଭିଏତନାମ ଏବଂ ଇଣ୍ଡୋନେସିଆରୁ ରେଆର ଆର୍ଥ ମ୍ୟାଗ୍ନେଟ୍ କିଣିବାର ସମ୍ଭାବନା ଅଧିକ ରହିଛି। ଜାପାନରେ ମଧ୍ୟ ରେଆର ଆର୍ଥ ମ୍ୟାଗ୍ନେଟ୍ ଅଛି, କିନ୍ତୁ ସେମାନଙ୍କର ଗୁଣବତ୍ତା ଚୀନ୍ ପରି ନୁହେଁ। ଭିଏତନାମ ହେଉଛି ସବୁଠାରୁ ଉପଯୁକ୍ତ ବିକଳ୍ପ କାରଣ ସେଠାରୁ ତୁରନ୍ତ ଯୋଗାଣ ଶୃଙ୍ଖଳା ସ୍ଥାପନ କରିବା ସହଜ। ଏସୀୟ ଦେଶଗୁଡ଼ିକରୁ ଯୋଗାଣ ଶୃଙ୍ଖଳା ସ୍ଥାପନ କରିବାକୁ ୪୫ ଦିନ ଲାଗିପାରେ, ଯେତେବେଳେ କି ରୁଷ ଏବଂ ଆମେରିକା କ୍ଷେତ୍ରରେ ଏହି ଅବଧି ୬୦ଦିନ ହୋଇପାରେ।

ଚୀନ୍‌ରୁ ରେଆର ଆର୍ଥ ମ୍ୟାଗ୍ନେଟ୍ ଯୋଗାଣ ବନ୍ଦ ହେବା ଦ୍ୱାରା ଅଟୋ ଶିଳ୍ପ ସହିତ ଇଲେକ୍ଟ୍ରୋନିକ୍ ଶିଳ୍ପ, ବିଶେଷକରି ସ୍ମାର୍ଟୱାଚ୍ ଏବଂ ୱାୟାରଲେସ୍ ଇଅରବଡ୍ ଉତ୍ପାଦନ ଉପରେ ଏହାର ନକାରାତ୍ମକ ପ୍ରଭାବ ପଡ଼ିବ। କମ୍ପାନୀଗୁଡ଼ିକ ପାଖରେ ଏବେ କେବଳ କିଛି ମାସର ଷ୍ଟକ୍ ବାକି ଅଛି। ଯଦି ଏହି ସମୟ ମଧ୍ୟରେ ଚୀନ୍ ରୁ ଯୋଗାଣ ପୁନଃସ୍ଥାପିତ ନ ହୁଏ, ତେବେ ଏହା ଉତ୍ପାଦନକୁ ପ୍ରଭାବିତ କରିବ। ଏହା ରେଆର ଆର୍ଥ ମ୍ୟାଗ୍ନେଟ୍‌ବ୍ୟବହାର ହେଉଥିବା ଜିନିଷଗୁଡିକର ଅଭାବ ସୃଷ୍ଟି କରିପାରେ। ଏପରିକି ପ୍ରଥମ ତ୍ରୈମାସରେ ଦେଶରେ ସ୍ମାର୍ଟୱାଚ୍ ବିକ୍ରି ୩୩ପ୍ରତିଶତ ହ୍ରାସ ପାଇଛି।

**ବିକଳ୍ପ ସନ୍ଧାନରେ ଭାରତ ସରକାର**

### ● ଆର୍‌ବିଆଇର ଗୋଟିଏ ନିଷ୍ପତ୍ତି

# ବଢ଼ିଲା ସୁନା ଋଣ ଦେଉଥିବା କମ୍ପାନୀଙ୍କ ସେୟାର

ମୁମ୍ବାଇ, ୯।୬(ଏଜେନ୍ସି): ସୋମବାର ଦିନ ଘରୋଇ ଷ୍ଟକ୍ ବଜାରରେ ସୁନା ଋଣ ଦେଉଥିବା କମ୍ପାନୀଗୁଡ଼ିକର ସେୟାର ମୂଲ୍ୟ ଢ଼େର ବଢ଼ିଛି। କାରଣ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ସୁନା ଋଣ ଉପରେ ଏହାର ଚୂଡ଼ାନ୍ତ ନିର୍ଦ୍ଦେଶାବଳୀ ଜାରି କରିଛି। ଆର୍‌ବିଆଇ ଛୋଟ ଋଣ ପାଇଁ ଋଣ-ମୂଲ୍ୟ (ଏଲ୍‌ଟିଭି) ଅନୁପାତକୁ ୭୫% ରୁ ୮୫% ବୃଦ୍ଧି କରିଛି।



ଏହା ସହିତ, ଋଣ ଦେବାର ପ୍ରକ୍ରିୟାକୁ ମଧ୍ୟ ସହଜ କରାଯାଇଛି।

ରିଜର୍ଭବ୍ୟାଙ୍କର ନିର୍ଦ୍ଦେଶାବଳୀ ପରେ, ମୁଥୁଟ୍ ଫାଇନାନ୍ସର ସେୟାର ୩.୩% ବୃଦ୍ଧି ପାଇ ୨୫୨୭ ଟଙ୍କାରେ ପହଞ୍ଚିଲା। ମନପ୍ପୁରମ୍ ଫାଇନାନ୍ସର ସେୟାର ୨.୫% ବୃଦ୍ଧି ପାଇ ୨୫୩.୯୦ ଟଙ୍କାରେ ଏବଂ ଆଇଆଇଏଫ୍‌ଏଲ୍ ଫାଇନାନ୍ସର ସେୟାର ୪.୪% ବୃଦ୍ଧି ପାଇ ୪୭୦.୯୦ ଟଙ୍କାରେ ପହଞ୍ଚିଲା। ଆର୍‌ବିଆଇ ଛୋଟ ସୁନା ଋଣ ଉପରେ ନିୟମକୁ ସହଜ କରିଛି। ଏହା ଏନ୍‌ବିଏଫ୍‌ସି ଗୁଡ଼ିକୁ ବହୁତ ଆଶ୍ୱସ୍ତି ପ୍ରଦାନ କରିବ। ଆଶା କରାଯାଉଛି ଯେ ଏହା ଋଣ ବଣ୍ଟନ ବୃଦ୍ଧି କରିବ ଏବଂ ସମସ୍ତ ଋଣ ପ୍ରଦାନକାରୀ ସଂସ୍ଥା ମଧ୍ୟରେ ପ୍ରତିଯୋଗିତା ମଧ୍ୟ ବୃଦ୍ଧି କରିବ। ତଥାପି, ନୂତନ ଆର୍‌ବିଆଇ ନିୟମ ୨୦୨୬ ଏପ୍ରିଲରୁ କାର୍ଯ୍ୟକାରୀ ହେବ। ଏହି ନିୟମ ଅନୁଯାୟୀ, ୨.୫ ଲକ୍ଷ ଟଙ୍କାରୁ କମ୍ ସୁନା ଋଣ ଉପରେ ଏଲ୍‌ଟିଭି ସୀମା ୮୫% ହେବ। ଏହା ସହିତ, ଏହି ଋଣ ପାଇଁ ବାଧ୍ୟତାମୂଳକ କ୍ରେଡିଟ୍ ମୂଲ୍ୟାୟନର ଆବଶ୍ୟକତା ରହିବ ନାହିଁ। ଏହାର ଅର୍ଥ ହେଉଛି ବର୍ତ୍ତମାନ ଛୋଟ ସୁନା ଋଣ ସହଜରେ ଉପଲବ୍ଧ ହେବ।

## ଆଜିର ରାଶିଫଳ

**ମେଷ:** ଅନ୍ୟମାନଙ୍କ ଉପରେ ଭରସା କରନ୍ତୁନି। କର୍ମକ୍ଷେତ୍ରରେ ପଦୋନ୍ନତି ହୋଇପାରେ। ଧୈର୍ଯ୍ୟର ସହ କାମ କରନ୍ତୁ। କ୍ୟାରିୟରରେ ଉନ୍ନତି କରିବେ। ଖର୍ଚ୍ଚାନ୍ତ ହୋଇପାରନ୍ତି।

**ବୃଷ:** ପରିବାର ସଦସ୍ୟଙ୍କ ସହାୟତା ଯୋଗୁଁ ଅଟକି ଥିବା କାମକୁ ପୂରା କରିବେ। ଧାର୍ମିକ କାର୍ଯ୍ୟରେ ସାମିଲ ହେବେ। ବିଦେଶ ଯାତ୍ରା କରିପାରନ୍ତି। ବ୍ୟୟ ଅଧିକ ହେବ। ନୂଆ କାମ ହାତକୁ ଆସିପାରେ।

**ମିଥୁନ:** ସୁସମ୍ବାଦ ମିଳିବ। ଧନପ୍ରାପ୍ତି ଯୋଗ ରହିଛି। ସାମାଜିକ କାର୍ଯ୍ୟ କରିବାରେ ରୁଚି ବଢ଼ିବ। ସ୍ୱାସ୍ଥ୍ୟ ଉପରେ ଧ୍ୟାନ ଦେବେ। ନୂତନ ଜମି କ୍ରୟ କରିପାରନ୍ତି। ଅତିଥି ସତ୍କାର କରିପାରନ୍ତି।

**କର୍କଟ:** ବ୍ୟବସାୟରେ ଲାଭବାନ ହେବେ। ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ନିଜର ଦାୟିତ୍ୱକୁ ସୁରୁଖୁରୁରେ ସମ୍ଭାଳିବେ। ବନ୍ଧୁଙ୍କ ସହିତ ମଧୁର ବ୍ୟବହାର କରିବେ। ଦୂରସ୍ଥାନ ଯାତ୍ରା କରିପାରନ୍ତି।

**ସିଂହ:** କାମଚାପ ଅଧିକ ରହିବ। ସ୍ୱାସ୍ଥ୍ୟ ପ୍ରତି ଅଧିକ ଧ୍ୟାନ ଦିଅନ୍ତୁ। କ୍ରୋଧ ଉପରେ ନିୟନ୍ତ୍ରଣ ରଖିବା ଭଲ। ତରବରିଆ ଭାବେ କୌଣସି ନିଷ୍ପତ୍ତି ନିଅନ୍ତୁ ନାହିଁ। ଯାତ୍ରା ସମୟରେ ସତର୍କତା ଅବଲମ୍ବନ କରନ୍ତୁ।

**କନ୍ୟା:** ଆର୍ଥିକ ସ୍ଥିତିରେ ସୁଧାର ଆସିବ। କ୍ୟାରିୟରକୁ ନେଇ ଚିନ୍ତିତ ହୁଅନ୍ତୁନି। ପ୍ରତିଯୋଗିତାମୂଳକ ପରୀକ୍ଷାରେ ଭଲ ପ୍ରଦର୍ଶନ କରିବେ। ଦିନସାରା ବ୍ୟସ୍ତ ରହିବା କାରଣରୁ ଥକ୍କାପଣ ଅନୁଭବ କରିବେ।

**ତୁଳା:** ଘର ମାହୋଲ ଶାନ୍ତିପୂର୍ଣ୍ଣ ରହିବ। କାର୍ଯ୍ୟକ୍ଷେତ୍ରରେ ଚାପ ଯୋଗୁଁ ଅସ୍ଥିରତା ଅନୁଭବ କରିପାରନ୍ତି। ପତି-ପତ୍ନୀଙ୍କ ମଧ୍ୟରେ ସୁସମ୍ପର୍କ ରହିବ। ଛାତ୍ରଛାତ୍ରୀ ଖେଳପ୍ରିୟ ହେବେ।

**ବିଛା:** ବିଦ୍ୟାର୍ଥୀମାନେ ନିଜ କ୍ୟାରିୟରକୁ ଅଧିକ ଗୁରୁତ୍ୱ ଦେବା ଦରକାର। ଆଳସ୍ୟ ଓ ଚିନ୍ତାରେ ଦିନଟି ବିତିବ। ପ୍ରେମ ବ୍ୟାପାରରେ ଶୁଭ ଖବର ପାଇବେ। ଘର କାମରେ ବ୍ୟସ୍ତ ରହିପାରନ୍ତି।

**ଧନୁ:** ନକାରାତ୍ମକ ପ୍ରବୃତ୍ତିର ଲୋକଙ୍କଠାରୁ ଦୂରେଇ ରୁହନ୍ତୁ। ଅଫିସ୍ ଓ ଘର କାମରେ ବ୍ୟସ୍ତ ରହିବେ। ମହିଳାମାନେ ଧାର୍ମିକ କାର୍ଯ୍ୟରେ ସମୟ ବିତାଇବେ। ଆଶା କରିଥିବା ଦିଗରୁ ଖୁସି ଖବର ମିଳିବ।

**ମକର:** ଟଙ୍କା ନେଣଦେଣ କାର୍ଯ୍ୟରେ ଅନ୍ୟ ଉପରେ ଅଧିକ ଭରସା କରନ୍ତୁନି। ଅଯଥା ଖର୍ଚ୍ଚରୁ ଦୂରେଇ ରୁହନ୍ତୁ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ପଡୋଶୀଙ୍କ ସହ ସମ୍ପର୍କ ବଢ଼ିବ।

**କୁମ୍ଭ:** ପରିସ୍ଥିତି ଅନୁସାରେ କାମ କରନ୍ତୁ। ମନକୁ ଆୟତ୍ତରେ ରଖିବା ଭଲ। କର୍ମକ୍ଷେତ୍ରରେ ପଦୋନ୍ନତି ହୋଇପାରେ। ମହିଳାମାନେ ସ୍ୱାସ୍ଥ୍ୟ ପ୍ରତି ଯତ୍ନଶୀଳ ହେବେ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ।

**ମୀନ:** କର୍ମକ୍ଷେତ୍ରରେ ଭାବିଚିନ୍ତି ନିଷ୍ପତ୍ତି ନିଅନ୍ତୁ। ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ପୁରୁଣା ସମସ୍ୟା ଦେଖାଦେଇପାରେ। ପ୍ରେମ ବ୍ୟପାରରେ ଦିନଟି ଭଲରେ ବିତିବ। ବୈବାହିକ ଜୀବନ ସୁଖମୟ ହେବ।

## ଆଜିର ଇତିହାସ

- ୧୮୪୮: ନ୍ୟୁୟର୍କ ଓ ଚିକାଗୋ ମଧ୍ୟରେ ପ୍ରଥମ ଟେଲିଗ୍ରାଫ୍ ଲିଙ୍କ୍ ଆରମ୍ଭ।
- ୧୯୩୧- ନରୱେ ପୂର୍ବ ଗ୍ରୀନ୍‌ଲ୍ୟାଣ୍ଡ ଉପରେ କବ୍‌ଜା କଲା।
- ୧୯୪୦: ଇଟାଲୀ ବିରୋଧରେ କାନାଡ଼ାର ଯୁଦ୍ଧ ଘୋଷଣା।
- ୧୯୬୭: ସିରିଆ ଓ ଇସ୍ରାଏଲ ମଧ୍ୟରେ ୬ ଦିନିଆ ଯୁଦ୍ଧର ପରିସମାପ୍ତି।
- ୨୦୦୩: ନାସାର ମଙ୍ଗଳଯାନ ରୋଭର ଲଞ୍ଚ କରାଗଲା।

# ବିଶ୍ୱ ଚକ୍ଷୁଦାନ ଦିବସ



ପ୍ରତିବର୍ଷ ଜୁନ୍ ୧୦ ତାରିଖକୁ 'ବିଶ୍ୱ ଚକ୍ଷୁଦାନ ଦିବସ' ଭାବେ ପାଳନ କରାଯାଏ। ଲୋକଙ୍କୁ ନେତ୍ରଦାନ କରିବା ଲାଗି ଉତ୍ସାହିତ କରିବା ହେଉଛି ଏହି ଦିବସ ପାଳନର ଉଦ୍ଦେଶ୍ୟ। ଅନ୍ଧାରରେ ଜୀବନ ଜିଉଥିବା ଲୋକଙ୍କ ଜୀବନକୁ ଚକ୍ଷୁଦାନ ଦ୍ୱାରା ଆଲୋକିତ କରିବା ହେଉଛି ଏହି ଦିବସର ଅନ୍ୟତମ ମୂଳ ଲକ୍ଷ୍ୟ। ଚକ୍ଷୁଦାନ ହେଉଛି ସବୁଠୁ ମହତ୍ ଦାନ। ଆମ ଦେଶରେ ଆଜି ବି ଅନେକ ଲୋକ ଦୁର୍ଘଟଣାବଶତଃ ଦୃଷ୍ଟିଶକ୍ତି ହରାଉଥିବା ବେଳେ ଅନେକ ଜନ୍ମରୁ ଦୃଷ୍ଟିବାଧିତ ହୋଇଥାନ୍ତି। ତେବେ ଚକ୍ଷୁଦାନ ଦ୍ୱାରା ଜଣେ ଦୃଷ୍ଟିବାଧିତ ଦୃଷ୍ଟିଶକ୍ତି ଫେରିପାଆନ୍ତି। ତା'ସହ ଚକ୍ଷୁଦାନ କରିଥିବା ବ୍ୟକ୍ତି ଜଣକ ତାଙ୍କ ଭିତରେ ଜୀବନ୍ତ ରୁହନ୍ତି। ବୟସ, ଲିଙ୍ଗ, ରକ୍ତବର୍ଗ ଓ ଜାତିଧର୍ମ ନିର୍ବିଶେଷରେ ଯେ କୌଣସି ବ୍ୟକ୍ତି ଚକ୍ଷୁଦାନ କରି ପାରିବେ। ମୃତ୍ୟୁର ୬ ଘଣ୍ଟା ଭିତରେ ମାତ୍ର ୧୦ରୁ ୧୫ ମିନିଟ୍‌ରେ ସ୍ୱଚ୍ଛପଟଳ ସଂଗ୍ରହ କରାଯାଇଥାଏ। ତାକୁ ତଥାପି ଅନ୍ୟ ଜଣଙ୍କଠାରେ ପ୍ରତିରୋପଣ କରାଯାଇପାରେ। ହେଲେ ସାମାଜିକ ଓ ଧାର୍ମିକ ପରମ୍ପରା କିମ୍ବା ଭୟ ଓ ଦ୍ୱନ୍ଦ୍ୱ ଯୋଗୁଁ ଲୋକମାନେ ଚକ୍ଷୁଦାନ ପାଇଁ ଆଗ୍ରହ ପ୍ରକାଶ କରି ନ ଥାନ୍ତି। ତେଣୁ ସମସ୍ତଙ୍କୁ ଚକ୍ଷୁଦାନ ପାଇଁ ଉତ୍ସାହିତ ଓ ସଚେତନ କରିବା ଉଦ୍ଦେଶ୍ୟରେ ଏହି ଦିବସ ପାଳନ କରାଯାଇଛି। ମଧୁମେହ, ଆଜ୍ମା, ଉଚ୍ଚ ରକ୍ତଚାପ ରୋଗୀ, ହୃଦ୍ ରୋଗୀ ମଧ୍ୟ ଚକ୍ଷୁଦାନ କରିପାରିବେ। କିନ୍ତୁ ଏଡସ୍, ହେପାଟାଇଟିସ୍, ରକ୍ତ କର୍କଟ, ବ୍ରେନ୍ ଟ୍ୟୁମରରେ ପୀଡ଼ିତ ରୋଗୀ ଚକ୍ଷୁଦାନ କରିପାରିବେ ନାହିଁ। ଜଣଙ୍କ ଚକ୍ଷୁଦାନ ଅନ୍ୟ ଦୁଇ ଜଣଙ୍କୁ ଆଲୋକ ଦେଖାଇଥାଏ। ଏହି ଅବସରରେ ବିଭିନ୍ନ ସ୍ୱେଚ୍ଛାସେବୀ ସଂସ୍ଥା, ସାଂସ୍କୃତିକ ଅନୁଷ୍ଠାନଗୁଡ଼ିକ ପକ୍ଷରୁ କର୍ମଶାଳା, ଆଲୋଚନାଚକ୍ର ମାଧ୍ୟମରେ ଚକ୍ଷୁଦାନ ପାଇଁ ପ୍ରୋତ୍ସାହିତ କରାଯାଏ।

# ଘର କାମ ପାଇଁ ସ୍ୱାମୀଙ୍କଠାରୁ ନିଅନ୍ତି ଦରମା

## ପୋଛାଓ ସଫା ପାଇଁ ୭ ହଜାର, ଝାଡୁ ପାଇଁ ୯ ହଜାର

ଗୃହିଣୀମାନେ ଘରର ପ୍ରତ୍ୟେକ କାମ କରିଥାନ୍ତି। ତା'ସହ ପୂରା ଘରର ଦାୟିତ୍ୱ ତାଙ୍କ ଉପରେ ନ୍ୟସ୍ତ ଥାଏ। ଏହି କ୍ରମରେ ଜଣେ ବିଦେଶିନୀ ଘରେ କରୁଥିବା ପ୍ରତ୍ୟେକ କାର୍ଯ୍ୟ ପାଇଁ ତାଙ୍କ ସ୍ୱାମୀଙ୍କଠାରୁ ଟଙ୍କା ନିଅନ୍ତି। ଝାଡୁ, ପୋଛାଠୁ ଆରମ୍ଭ କରି ଡ୍ରେସ୍ ସଫାସଫି କରିବା ପାଇଁ ସେ ଅଲଗା ଅଲଗା ଟଙ୍କା ନେଉଥିବା କହିଛନ୍ତି। ସାମାଜିକ ଗଣମାଧ୍ୟମରେ ସମ୍ପୃକ୍ତ ମହିଳା ଏହି କଥା ସେୟାର କରିଛନ୍ତି। ଯାହାକି ଚର୍ଚ୍ଚାର ପ୍ରସଙ୍ଗ ସହ ବିତର୍କର ବିଷୟ ପାଲଟିଛି। ସମ୍ପୃକ୍ତ ମହିଳା ନିଜକୁ ଷ୍ଟେ-ଆଟ୍-ହୋମ୍-ମା ବୋଲି କହିଛନ୍ତି। ଏହି କାରଣରୁ ସେ ସ୍ୱାମୀଙ୍କଠାରୁ ଟଙ୍କା ନେଉଛନ୍ତି। ଏହିପରି ଭାବେ ସେ ନିଜକୁ ଘରର ସବୁଠୁ ଆୟକାରୀ ସଦସ୍ୟ ବୋଲି କହନ୍ତି। ପୋଛାର ସଫା ସହ ଇସ୍ତ୍ରୀ କରିବା ଲାଗି ପ୍ରତି ମାସ ସେ ୯୨ ହଜାର ଟଙ୍କା ନେଉଥାନ୍ତି। ଝାଡୁ ପୋଛା ଲାଗି ପ୍ରତିଦିନ ହଜାରେ ଟଙ୍କା ନିଅନ୍ତି। ତେବେ ମାସକୁ ରୋଷେଇ ପାଇଁ ୩୪ ହଜାର ଟଙ୍କା ନେଉଥିବା ବେଳେ ପିଲାଙ୍କ ପାଇଁ ରୋଷେଇ କରିବାକୁ ଅତିରିକ୍ତ ୧୭ ହଜାର ଟଙ୍କା ମାସକୁ ଅଲଗା ନେଉଥାନ୍ତି। କେବଳ ସେତିକି ନୁହେଁ, ପ୍ରତିଦିନ ଧୂଳି ଝାଡ଼ିବା ପାଇଁ ୯ ହଜାର ଟଙ୍କା, ବେଡସିଟ୍ ସଫା ଓ ଏହାକୁ ବଦଳାଇବା ପାଇଁ ୨୩୦୦ ଟଙ୍କା ନିଅନ୍ତି। ଅନ୍ୟପକ୍ଷରେ କିଛି ଲୋକ ଏହାକୁ ଥଟ୍ଟା ପରିହାସ ବୋଲି କହିଥିବା ବେଳେ ଆଉ କିଛି ଏହାକୁ ମହିଳାଙ୍କର ଘର କାମକୁ ନେଇ ନୂଆ ଓ ରୋଚକୀୟ ଦୃଷ୍ଟିକୋଣ ବୋଲି କହିଛନ୍ତି।



# 'ଧୁରନ୍ଧର'

## ଲିକ୍ ହେଲା ରଣବୀର-ସଞ୍ଜୟଙ୍କ ଲୁକ୍

ବଲିଉଡ୍ ଅଭିନେତା ରଣବୀର ସିଂହଙ୍କ ଆଗାମୀ ଫିଲ୍ମ 'ଧୁରନ୍ଧର'କୁ ଦର୍ଶକେ ଅପେକ୍ଷା କରିଛନ୍ତି। ଆଦିତ୍ୟ ଧର ଏହାର ନିର୍ଦ୍ଦେଶନା ଦେଉଛନ୍ତି। କିନ୍ତୁ ଫିଲ୍ମ ନିର୍ମାତା ଏଯାଏଁ ଏହାର ଫଟୋ କିମ୍ବା ଭିଡିଓ ଜାରି କରି ନାହାନ୍ତି। ମଝିରେ ମଝିରେ ସୁଟିଂ ସେଟ୍‌ରୁ ଲିକ୍ ହେଉଥିବା ଫଟୋ ଓ ଭିଡିଓ ଦେଖି ଫିଲ୍ମକୁ ନେଇ ଦର୍ଶକଙ୍କ ଉତ୍ସାହ ବଢ଼ିଯାଇଛି। ଇତିମଧ୍ୟରେ ରଣବୀର ଓ ସଞ୍ଜୟ ଦତ୍ତଙ୍କ ଏକ ଭିଡିଓ ଭାଇରାଲ ହୋଇଛି। ଭିଡିଓରେ ରଣବୀର ଲମ୍ବା କେଶ ଓ ଦାଢ଼ି ସହ କଳାରଙ୍ଗର ପୋଷାକ ପିନ୍ଧି ଚାଲି ଚାଲି ଯାଉଥିବାର ଦେଖାଯାଉଛନ୍ତି। ରଣବୀରଙ୍କ ଏହି ଲୁକ୍ 'ପଦ୍ମାବତ୍'ର ଆଲଉଦ୍ଦିନ୍ ଖିଲଜି ଲୁକ୍‌କୁ ମନେ ପକାଇ ଦେଉଛି। ସେହିଭଳି ସଞ୍ଜୟ ଧଳା ରଙ୍ଗର ଏକ କୁର୍ତ୍ତା ପାଇଜାମା ସହ ସାଲ୍ ପିନ୍ଧି ଜଣେ ସମ୍ଭ୍ରାନ୍ତ ଶ୍ରେଣୀର ବୟସ୍କ ଲୋକଙ୍କ ଭଳି ଦେଖାଯାଉଛନ୍ତି। ଏବେ ଏହି ଭିଡିଓ ସୋସିଆଲ ମିଡିଆରେ ବେଶ୍ ଭାଇରାଲ ହେବାରେ ଲାଗିଛି। ଏଯାଏଁ 'ଧୁରନ୍ଧର' ଫିଲ୍ମର ରିଲିଜ୍ ଡେଟ୍ ଘୋଷଣା କରାଯାଇ ନାହିଁ। ଏହା ଚଳିତବର୍ଷ ଶେଷ ଆଡ଼କୁ ରିଲିଜ୍ ହୋଇପାରେ ବୋଲି ଚର୍ଚ୍ଚା ହେଉଛି। ଏଥିରେ ରଣବୀର, ସଞ୍ଜୟଙ୍କ ସହ ଆର୍. ମାଧବନ୍, ଅକ୍ଷୟ ଖାନ୍ନା ଓ ଅର୍ଜୁନ୍ ରାମପାଲ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ନଜର ଆସିବେ।



## ସୁବର୍ଣ୍ଣ



# ଏମାସର ଚାଷ

**ଧାନ ଚାଷ ସହ ସବୁଜ ପନିପରିବା ଚାଷ ପାଇଁ ଜୁନ୍ ମାସ ବେଶ୍ ଅନୁକୂଳ। ତେଣୁ ଚାଷୀଭାଇମାନେ ରୋଟାଭେଟର ଦ୍ୱାରା ଗୁଣ୍ଡଚାଷ କରି ଜମିକୁ ସମତୁଲ କରି ଚାଷ କାମ ଆରମ୍ଭ କରିପାରିବେ।**

ପାଳଙ୍ଗ ଶାଗ ବୁଣିବାକୁ ବର୍ତ୍ତମାନ ଉପଯୁକ୍ତ ସମୟ। ଏଥିପାଇଁ ଜମିକୁ ୩ରୁ ୪ଥର ହଳ କରି ଗୋବରକୁ ବ୍ୟବହାର କରି ମାଟିକୁ ସମତଳ କରି ତଳି ପ୍ରସ୍ତୁତ କରି ବିହନ ବୁଣିଲେ, ମାସକ ପରେ ପାଳଙ୍ଗ ଅମଳ ହୋଇଥାଏ।

**ଭେଣ୍ଡି ଓ କାକୁଡ଼ି:** ଏହି ମାସରେ ଭେଣ୍ଡି ଏବଂ କାକୁଡ଼ି ଚାଷ ଆରମ୍ଭ କରିଲେ ଅକ୍ଟୋବର ମାସଯାଏଁ ଏହାକୁ ଅମଳ କରି ପାରିବେ।



ଏବେ ମକା ଓ ଲଘୁଶସ୍ୟ ଯଥା: ମାଣ୍ଡିଆ, ସୁଆଁ, ବାଜରା, କଦୋ ଆଦି ବୁଣି ପାରିବେ। ଚିନାବାଦାମ ବିହନକୁ ବିଶୋଧନ କରି ଓ ଜୀବାଣୁ କଲଚର ଦ୍ୱାରା ଉପଚାର କରି ବୁଣନ୍ତୁ। ଜମି ପ୍ରସ୍ତୁତ କରି ଅନୁମୋଦିତ ରାଶି ବିହନ ବୁଣନ୍ତୁ। ଜମି ପ୍ରସ୍ତୁତ କରି ନିଗିଡ଼ା ଡିପ ଜମିମାନଙ୍କରେ ହରଡ, ମୁଗ, ବିରି ବିହନ ଧାଡ଼ିରେ ବୁଣିବା ସବୁଠୁ ଭଲ।

ବର୍ଷାଦିନିଆ ପନିପରିବା ପାଇଁ ତଳିଘେରା କରି ତଳି ପକାନ୍ତୁ। ଭେଣ୍ଡି, କଖାରୁ କାକୁଡ଼ି, କଲରା, ଜହ୍ନି, ଛଚିନ୍ଦ୍ରା, ଝୁଡ଼ଙ୍ଗ, ଶାଗ ଆଦି ପନିପରିବା ସହ ଫଳ ଗଛର ଚାରା ଲଗାନ୍ତୁ। ସେହିପରି ପଳିହାଉସ୍ ମଧ୍ୟରେ ବାଇଗଣ, ଲଙ୍କା ଏବଂ ଟମାଟୋ ଚାଷ ଆରମ୍ଭ କରିପାରିବେ। ଧାନ ବିହନ ଚୟନ କରି ଏହାକୁ ବିଶୋଧନ କରି ତଳି ପକାଇବାକୁ ଉପଯୁକ୍ତ ସମୟ।

# ବର୍ଷା ପୂର୍ବରୁ ପ୍ରାଣୀଙ୍କ ଟିକାକରଣ ଜରୁରି

**ପାଣିପାଗ ଅନିୟମିତତା ଯୋଗୁଁ ମଣିଷ ପରି ପ୍ରାଣୀ ସମ୍ପଦ ପ୍ରଭାବିତ ହୁଅନ୍ତି। ଏହାଦ୍ୱାରା ପ୍ରାଣୀଙ୍କ ଶାରୀରିକ ସ୍ୱଭାବରେ ପରିବର୍ତ୍ତନ ସହ ସେମାନେ ରୋଗାକ୍ରାନ୍ତ ହୋଇଥାନ୍ତି। ଆଗକୁ ବର୍ଷାଦିନ ଥିବାରୁ ଗାଈ, ମଇଁଷି, ବାଛୁରୀ, ଛେଳି ଓ ମେଣ୍ଢା ଆଦିଙ୍କ କ୍ଷେତ୍ରରେ ଗଳାଫୁଲା ବା ତଣ୍ଟିଫୁଲା, ବଜବଜିଆ ରୋଗ ସମସ୍ୟା ସୃଷ୍ଟି କରିପାରେ। ତେଣୁ ଚାଷୀଭାଇମାନେ ଏଥିପ୍ରତି ସତର୍କ ରହି ବର୍ଷା ପୂର୍ବରୁ ପ୍ରାଣୀଙ୍କର ଟିକାକରଣକୁ ଗୁରୁତ୍ୱ ଦେବା ଆବଶ୍ୟକ।**



ଏହି ସମୟରେ ପ୍ରାଣୀଙ୍କ ଶରୀରରେ ଗଳାଫୁଲା ସମସ୍ୟା ଅଧିକ ଦେଖାଯାଏ। ଏହି ରୋଗ ହେଲେ, ପ୍ରାଣୀଙ୍କ ତଣ୍ଟି ଫୁଲିଯାଇ ଜ୍ୱର ହେବା ଲକ୍ଷଣ ଦେଖାଯାଏ। ଏଥିରେ ପ୍ରାଣୀଙ୍କ ମୃତ୍ୟୁ ଆଶଙ୍କା ଅଧିକ ଥାଏ। ଠିକ୍ ସେହିପରି ବଜବଜିଆ ରୋଗରେ ଆକ୍ରାନ୍ତ ପ୍ରାଣୀଙ୍କୁ ଜ୍ୱର ହୋଇଥାଏ, ଚେକ ଆଉ ଗୋଡ ମାଂସରେ ପାଣି ଜମି ଯିବା ସହ କାର୍ଯ୍ୟ କରିବା ଓ ଦୁଗ୍ଧ ଉତ୍ପାଦନ ହ୍ରାସ ପାଇବା ଲକ୍ଷଣ ଦେଖାଯାଏ।

ତେଣୁ ଚାଷୀଭାଇମାନେ ରୋଗ ହେବା ପୂର୍ବରୁ ଚିକିତ୍ସକଙ୍କ ପରାମର୍ଶରେ ଟିକା ଦେବା ଜରୁରି। ଏହାସହିତ ପ୍ରାଣୀଙ୍କୁ ସୁଷମଖାଦ୍ୟ, ଭିଟାମିନ୍, ମିନେରାଲ ଓ ପ୍ରଚୁର ସବୁଜ ଘାସ ଖାଇବାକୁ ଦେବା ଉଚିତ। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ପିଇବାକୁ ସ୍ୱଚ୍ଛ ଜଳ ଯୋଗାଇ ପାରିବେ। ବର୍ଷା ସମୟରେ ଯେଉଁ ସ୍ଥାନରେ ଖାଲ ରହିଥିବ ତାହାକୁ ପୋତିଦେବା ଜରୁରି। ଏହାଦ୍ୱାରା ମଶାମାଛି କେ ଡାଆଁଶ କମ୍ ହୋଇଥାଏ।



# କୃଷିର ଉନ୍ନତି ପାଇଁ ଚାଷୀ ଗଢ଼ିଲେ ସଂଗଠନ

**ଚାଷୀମାନଙ୍କ ଆର୍ଥିକ ସ୍ଥିତିରେ ସୁଧାର ଆଣିବା, ସେମାନଙ୍କୁ ବ୍ୟବସାୟିକ କ୍ଷେତ୍ରରେ ମଜଭୁତ କରିବା ସହିତ ନୂଆ ନୂଆ ବୈଷୟିକ ଜ୍ଞାନ କୌଶଳ ବ୍ୟବହାର କରି ଲାଭବାନ ହେବା ଦିଗରେ କୃଷକ ଉତ୍ପାଦକ ସଂଗଠନଗୁଡ଼ିକ ପ୍ରମୁଖ ଭୂମିକା ଗ୍ରହଣ କରିଥାନ୍ତି। ଏମିତି ଏକ ସଫଳ ସଂଗଠନ ହେଉଛି 'ପାଲଲହଡ଼ା କୃଷକ ଉତ୍ପାଦକ ସଂଗଠନ'। ଚାଷୀଙ୍କ ମିଳିତ ପ୍ରୟାସରେ ଏହି ସଂଗଠନ ସରକାରୀ ଓ ଅନ୍ୟାନ୍ୟସ୍ତରରୁ ସହାୟତା ନେଇ କ୍ଷୁଦ୍ର ତଥା ନାମମାତ୍ର ଚାଷୀଙ୍କୁ ସେବା ଯୋଗାଇ ଦେଉଛନ୍ତି। ଏହା ସହିତ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ କରି ଶ୍ରେଷ୍ଠ ସଂଗଠନ ଭାବେ ପୁରସ୍କୃତ ହୋଇଛି।**

ଏହି ସଂଗଠନଟି ୨୦୨୧ ମସିହା ଜୁନ୍ ମାସରେ ପଞ୍ଜୀକୃତ ହୋଇଥିଲା। ଅନୁଗୁଳ ଜିଲ୍ଲା ଅନ୍ତର୍ଗତ ପାଲଲହଡ଼ା ବ୍ଲକ ଅଧିନସ୍ଥ ୧୫ଟି ଗ୍ରାମ, ୭୫୦ ଜଣ ଭାଗୀଦାରୀ କ୍ଷୁଦ୍ର ଓ ନାମମାତ୍ର ଚାଷୀ, ମହିଳା କୃଷକ ସଦସ୍ୟ ଓ ପ୍ରତିଷ୍ଠିତ ନିର୍ଦ୍ଦେଶକ ମଣ୍ଡଳୀଙ୍କ ସହାୟତାରେ ୨୨୪୦ ଏକର ଅଞ୍ଚଳକୁ ବିସ୍ତାର କରିବାର ସାମର୍ଥ୍ୟ ଦେଖାଇଛି। 'କୃଷକ ଉତ୍ପାଦକ ସଂଗଠନ ପାଇଁ ଉତ୍କର୍ଷ କେନ୍ଦ୍ର' ମାଧ୍ୟମରେ କୃଷିବିଜ୍ଞାନ କେନ୍ଦ୍ର, ଅନୁଗୁଳ ପକ୍ଷରୁ ମଧ୍ୟ ପ୍ରଯୁକ୍ତି ବିଦ୍ୟା ସହାୟତା ପାଇଆସିଛି।

**ସରକାରୀସ୍ତରରେ ସହାୟତା:** ସରକାରୀସ୍ତରରେ ଏହି ସଂଗଠନ ବିଭିନ୍ନ ବ୍ୟବସାୟିକ କାର୍ଯ୍ୟକଳାପ ପାଇଁ ନବକିସାନ ପକ୍ଷରୁ ୫ ଲକ୍ଷ ଟଙ୍କାର କ୍ରେଡିଟ୍ ସହାୟତା ଏବଂ ନାବାର୍ଡ ପକ୍ଷରୁ ସମର୍ଥନ ହାସଲ କରିଛି। ସଂଗଠନର ପ୍ରତିନିଧିମାନେ ଅନେକ ଜିଲ୍ଲା ଓ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ଆର୍ଥିକ ପ୍ରଗତିରେ ସଫଳତା ହାସଲ କରିଛନ୍ତି। ଆଗାମୀ ବର୍ଷଗୁଡ଼ିକରେ ୧କୋଟିରୁ ଅଧିକ ବ୍ୟବସାୟ କରିବା ସହ କ୍ଷୁଦ୍ର ତଥା ନାମମାତ୍ର ଚାଷୀଙ୍କୁ ସେବା ଯୋଗାଇ ଦେବାର ଲକ୍ଷ୍ୟ ଧାର୍ଯ୍ୟ କରିଛି।

**କ୍ରୟ ବିକ୍ରୟ ଓ ପ୍ରକ୍ରିୟାକରଣକୁ ଗୁରୁତ୍ୱ:** ଏହି ସଂଗଠନ ମାଧ୍ୟମରେ ଧାନ, ଡାଲିଜାତୀୟ, ପନିପରିବା, ଆମ୍ବ, ଡାଲି ଜାତୀୟଫସଲ, ସାର ଇତ୍ୟାଦି ବିକ୍ରୟ କରାଯାଇଥାଏ। ଧାନ ପ୍ରକ୍ରିୟାକରଣ ଆବଶ୍ୟକତାକୁ ପୂରଣ କରିବା ପାଇଁ ଏହି ସଂଗଠନ ପାଲଲହଡ଼ା ବ୍ଲକରେ ଏକ 'ଧାନ ପ୍ରକ୍ରିୟାକରଣ ଯନ୍ତ୍ର' ହସ୍ତଗତ କରିଛି। କୃଷକ ଉତ୍ପାଦକ ସଂଗଠନ, ନାବାର୍ଡ ଏବଂ କୃଷକ ଉତ୍ପାଦକ ସଂଗଠନ ପାଇଁ ଉତ୍କର୍ଷ କେନ୍ଦ୍ର, ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ମାଧ୍ୟମରେ ଚାଷୀଙ୍କୁ ସଂଗଠନଲାଭ ବିଷୟରେ ବୁଝାଇବା ଓ ଏଥିରେ ଅଂଶଗ୍ରହଣ କରିବାକୁ ଏହି ସଂଗଠନ ପ୍ରୋତ୍ସାହିତ କରିଥାଏ।

କୃଷକ ଉତ୍ପାଦକ ସଂଗଠନରୁ କୃଷି ସାମଗ୍ରୀ କିଣିବାର ଲାଭ ଏବଂ ଖରିଫ ଋତୁ ପୂର୍ବରୁ ବିଭିନ୍ନ ଗାଁରେ ଏହି ସଂଗଠନ ସହିତ ସାର ଏବଂ ଅନ୍ୟାନ୍ୟ ସାମଗ୍ରୀର ଉପଲବ୍ଧତା ବିଷୟରେ ସଚେତନତା ଅଭିଯାନ କାର୍ଯ୍ୟକ୍ରମ କରାଯାଇଛି। ସ୍ଥାନୀୟ ବେପାରୀଙ୍କ ସହିତ ଏହି ସଂଗଠନ ଏକ ସହାୟତା ପ୍ରଦାନକାରୀ ସଂସ୍ଥା ଭାବେ କାର୍ଯ୍ୟରତ। ଆନ୍ତଃଜିଲ୍ଲା କାରବାର ପାଇଁ ଚାଷୀଙ୍କୁ ଉତ୍ପାଦର ସ୍ଥାନୀୟ ବଜାରଠାରୁ ୨୦% ଅଧିକ ମୂଲ୍ୟ ଦେଉଛି ଏହି ସଂଗଠନ। ଇ-ନାମ ମାଧ୍ୟମରେ ଟମାଟୋ ଏବଂ ଅନ୍ୟ ପନିପରିବା ବିକ୍ରି କରାଯିବା ସହ ଆଗକୁ ଏହା କାଜୁ ଏବଂ କଦଳୀ ବ୍ୟବସାୟରେ ନିୟୋଜିତ ହେବ।

**ଶ୍ରେଷ୍ଠ ସଂଗଠନ ଭାବେ ପୁରସ୍କୃତ:** କୃଷି ସାମଗ୍ରୀ/ସାର, ବିହନ ଉତ୍ପାଦନ, ପ୍ରକ୍ରିୟାକରଣ, ବଜାରିକରଣ, ଅମଳ ପରବର୍ତ୍ତୀ ପରିଚାଳନା, ଚାଷୀଙ୍କୁ ବୈଷୟିକ ସହାୟତା ପ୍ରଦାନ ଭଳି ବିଭିନ୍ନ ପ୍ରକାର କାର୍ଯ୍ୟକଳାପମାନ ପ୍ରଦର୍ଶନ କରିଆସିଛି ଏହି ସଂଗଠନ। କୃଷି ଉତ୍ପାଦକ ସଂଗଠନ ସଂରକ୍ଷଣର ସୁବିଧା ଏବଂ ଯୋଗାଣ ବ୍ୟବସ୍ଥା ସହିତ ଉନ୍ନତ ଭିତ୍ତିଭୂମି ସୃଷ୍ଟି, ଇଣ୍ଟିଗ୍ରେଟେଡ୍ ପ୍ୟାକ୍‌ହାଉସ୍ ଏବଂ ରେଫ୍ରିଜରେଟେଡ୍ ଭ୍ୟାନର ପ୍ରଯୋଗ କରାଯାଇଛି। ଆଗକୁ ଏହା ମାଞ୍ଜିଆ ଏବଂ କ୍ଷୁଦ୍ର ଶସ୍ୟ ଜାତୀୟ ଫସଲ ଉତ୍ପାଦନ କରିବାର ଯୋଜନା ରଖିଛି। ଏହି ସଂଗଠନଟି ନାବାର୍ଡ, କୃଷି ବିଜ୍ଞାନକେନ୍ଦ୍ର ଅନୁଗୁଳ ଏବଂ ଓୟୁଏଟି ଦ୍ୱାରା ପ୍ରଶଂସିତ ହେବା ସହିତ ଓୟୁଏଟିର ୬୩ତମ ପ୍ରତିଷ୍ଠା ଦିବସରେ ଶ୍ରେଷ୍ଠ ସଂଗଠନ ଭାବେ ପୁରସ୍କୃତ ହୋଇପାରିଛି।

# କୃଷି ପାଣିପାଗ

**ଏ ସପ୍ତାହ ପାଇଁ କେତେକ ପରାମର୍ଶ**

- ଏକ ଏକର ମକା ଚାଷ ପାଇଁ ୬ କିଗ୍ରା ବିହନ ଦରକାର ହୁଏ। ଫଲ୍ ଆର୍ମି ୱାର୍ମ କୀଟ ପରିଚାଳନା ପାଇଁ ବିହନ ବୁଣିବା ଆଗରୁ ଏକ କେଜି ବିହନରେ ୪ ମିଲି ସିଆନଟ୍ରାନିଲିପ୍ରୋଲ୍ ୧୯.୮% +ଥିୟାମିଥୋକ୍ସାମ୍ ୧୯.୮% ଏଫ୍‌ଏସ୍ କୀଟନାଶକରେ ମିଶାଇ ବିହନ ବିଶୋଧନ କରନ୍ତୁ।
- ହରଡର ଅଧିକ ଅମଳକ୍ଷମ କିସମ ଗୁଡ଼ିକ ହେଲା ପିଆରଜି-୧୭୬, ପିଆରଜି-୧୩୧, ବିଏଲ-ଅରହର-୧, ଟି-ଅରହର ଇତ୍ୟାଦି। ଉନ୍ନତ ଓ ଉଚ୍ଚରେ ଅମଳ ହେଉଥିବା କିସମ ଗୁଡ଼ିକ ହେଲା ଆଶା, ଲକ୍ଷ୍ମୀ, ମାରୁତି, ବିଭିଆରଜି-୫୧, ପଇ-୨-୭, ଭିଟି-୧୦୪ ଇତ୍ୟାଦି।
- ଖାଇବା ଫସଲରେ ଏଫିଡ୍ କାଣ୍ଡ ବିନ୍ଧା ପୋକର ପରିଚାଳନା ପାଇଁ ନିୟମିତ ଜଳସେଚନ କରନ୍ତୁ। ପୋକ ଓ ଅଣ୍ଡାପୁଞ୍ଜକୁ ହାତରେ ନଷ୍ଟ କରି ଆକ୍ରାନ୍ତ ଫିଙ୍ଗକୁ କାଟିଦିଅନ୍ତୁ।
- ସଜନା ଗଛରେ ଢୁଙ୍ଗିବିନ୍ଧା ପୋକର ଦମନ ପାଇଁ ସାଇପରମେଥ୍ରିନ୍ ୮ ଗ୍ରାମ୍ ଏକର ପ୍ରତି ୧୫ ଦିନ ଅନ୍ତରରେ ଦୁଇଥର ପ୍ରୟୋଗ କରନ୍ତୁ।
- କଦଳୀ ଗଛରେ ଗୁଣ୍ଡିପୋକର ପରିଚାଳନା ପାଇଁ ଏକର ପ୍ରତି ୧୦ଟି କସମୋଲୁର ଥିବା ସଙ୍ଗ ଆକର୍ଷକ ଯନ୍ତା ଲଗାନ୍ତୁ।

## ଅନ୍ତର୍ଜାତୀୟ କ୍ରିକେଟ: ଘରୋଇ ଭେନ୍ୟୁରେ ପରିବର୍ତ୍ତନ

# ଭାରତ-ଦକ୍ଷିଣ ଆଫ୍ରିକା ଟି-୨୦ ବାରବାଟୀରେ

ନୂଆଦିଲ୍ଲୀ, ୯।୬ (ଏଜେନ୍ସି): ଭାରତରେ ଚଳିତବର୍ଷ ହେବାକୁ ଥିବା ଅନ୍ତର୍ଜାତୀୟ କ୍ରିକେଟ ଭେନ୍ୟୁରେ ବିସିସିଆଇ ପରିବର୍ତ୍ତନ କରିଛି। ଏହା ଫଳରେ ୱେଷ୍ଟଇଣ୍ଡିଜ୍ ଓ ଦକ୍ଷିଣ ଆଫ୍ରିକା ବିପକ୍ଷ ଟେଷ୍ଟ, ଦିନିକିଆ ଓ ଟି-୨୦ ଭେନ୍ୟୁରେ କିଛି ଅଦଳ ବଦଳ ହୋଇଛି ଓ ଆଉ କିଛି ଭେନ୍ୟୁ ସ୍ଥାନାନ୍ତରିତ ହୋଇଛି। ଅଷ୍ଟ୍ରେଲିଆ ବିପକ୍ଷ ମହିଳା ସିରିଜ୍ ଓ ଦକ୍ଷିଣ ଆଫ୍ରିକା-ଏ' ବିପକ୍ଷ ଟୁର୍ ମଧ୍ୟ ଏହି ପରିବର୍ତ୍ତନ ଯୋଗୁଁ ପ୍ରଭାବିତ ହୋଇଛି।

କିନ୍ତୁ କଟକର ବାରବାଟୀ ଷ୍ଟାଡିୟମ୍‌ରେ ଚଳିତବର୍ଷ ଡିସେମ୍ବର ୯ ତାରିଖ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଖେଳାଯିବାକୁ ଥିବା ୫ ମ୍ୟାଚ୍ ବିଶିଷ୍ଟ ସିରିଜ୍‌ର ପ୍ରଥମ ଟି-୨୦ ଭେନ୍ୟୁ ଅପରିବର୍ତ୍ତିତ ରହିଛି। ଏଣୁ ବାରବାଟୀ ଏହି ଅନ୍ତର୍ଜାତୀୟ ମ୍ୟାଚ୍ ନିର୍ଦ୍ଧାରିତ ସମୟରେ ଖେଳାଯିବ ବୋଲି ବିସିସିଆଇ ପକ୍ଷରୁ ଘୋଷଣା କରାଯାଇଥିବା ପରିବର୍ତ୍ତିତ ଖେଳସୂଚୀରୁ ଜଣାଯାଇଛି। ଚଳିତବର୍ଷ ଫେବୃଆରୀ ୯ରେ ଇଂଲଣ୍ଡ ସହ ଭାରତ ଏଠାରେ ଏକ ଦିନିକିଆ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଥିଲା। ଘୋଷିତ ଖେଳସୂଚୀ ଅନୁଯାୟୀ ଭାରତ ସହ ୨ଟି ଟେଷ୍ଟ ମ୍ୟାଚ୍ ଖେଳିବାକୁ ୱେଷ୍ଟଇଣ୍ଡିଜ୍ ଅକ୍ଟୋବରରେ ଆସିବ। ଏହା ପରେ ନଭେମ୍ବର ୧୪ରୁ ଡିସେମ୍ବର ୧୯ ମଧ୍ୟରେ ଦକ୍ଷିଣ ଆଫ୍ରିକା ଭାରତ ଗସ୍ତରେ ଆସି ୨ ଟେଷ୍ଟ ୩ ଦିନିକିଆ ଓ ୫ ଟି-୨୦ ମ୍ୟାଚ୍ ଖେଳିବ। ସେହିପରି ଅଷ୍ଟ୍ରେଲିଆର ବରିଷ୍ଠ ମହିଳା କ୍ରିକେଟ ଦଳର ଭେନ୍ୟୁରେ ମଧ୍ୟ ପରିବର୍ତ୍ତନ କରାଯାଇଛି।

**ଟେଷ୍ଟ ମ୍ୟାଚ୍ ଭେନ୍ୟୁ :** ଏହି ପରିବର୍ତ୍ତନରେ ଟେଷ୍ଟ କ୍ରିକେଟ ଭେନ୍ୟୁରେ ପ୍ରଭାବ ପକାଇଛି। ପୂର୍ବରୁ ଘୋଷିତ ସୂଚୀରେ ୱେଷ୍ଟଇଣ୍ଡିଜ୍ ବିପକ୍ଷ ଦ୍ୱିତୀୟ ଟେଷ୍ଟ ପୂର୍ବରୁ କୋଲକାତାରେ ଖେଳାଯିବାକୁ ଥିଲା। ଏହା ଏବେ ନୂଆଦିଲ୍ଲୀରେ ଖେଳାଯିବ। ସେହିପରି ନୂଆଦିଲ୍ଲୀରେ ଦକ୍ଷିଣ ଆଫ୍ରିକା ସହ ଖେଳାଯିବାକୁ ଥିବା ପ୍ରଥମ ଟେଷ୍ଟ ଏବେ କୋଲକାତା ଇଡେନ ଗାର୍ଡେନ୍ସରେ ଅନୁଷ୍ଠିତ ହେବ। ଏହି ପରିବର୍ତ୍ତନ ବ୍ୟତୀତ ଉଭୟ ଦେଶ ମଧ୍ୟରେ ଖେଳାଯିବାକୁ ଥିବା ସିରିଜ୍‌ରେ ଆଉ କୌଣସି ପରିବର୍ତ୍ତନ କରାଯାଇନାହିଁ।

**ମହିଳା ଦିନିକିଆ ସିରିଜ୍; ଚେନ୍ନାଇରୁ ଚଣ୍ଡିଗଡ**

ଅଷ୍ଟ୍ରେଲିଆର ବରିଷ୍ଠ ମହିଳା କ୍ରିକେଟ ଦଳ ଭାରତ ସହ ଦିନିକିଆ ସିରିଜ୍ ଖେଳିବାକୁ ଭାରତ ଆସିବ। ଏହି ସିରିଜ୍‌ର ମ୍ୟାଚ୍ ଗୁଡିକ ଚେନ୍ନଇରେ ଖେଳାଯିବାର ଥିଲା। କିନ୍ତୁ ପିଚ୍ ଓ ପଡ଼ିଆ ନିର୍ଦ୍ଧାରିତ ସମୟରେ ପ୍ରସ୍ତୁତି ହୋଇ ନ ପାରିବାରୁ ଏହାକୁ ଚଣ୍ଡିଗଡରେ ପିସିଏ ଦ୍ୱାରା ନିର୍ମାଣ୍ କରାଯାଇଥିବା ନୂଆ କ୍ରିକେଟ ଷ୍ଟାଡିୟମ୍ ମୁଲାନପୁରକୁ ସ୍ଥାନାନ୍ତରିତ ହୋଇଛି। ଏଠାରେ ପ୍ରଥମ ଦୁଇଟି ମ୍ୟାଚ୍ ଓ ନୂଆଦିଲ୍ଲୀରେ ତୃତୀୟ ମ୍ୟାଚ୍ ଖେଳାଯିବାର କାର୍ଯ୍ୟସୂଚୀ ସ୍ଥିର କରାଯାଇଛି।

**ରାଜକୋଟରେ ଦକ୍ଷିଣ ଆଫ୍ରିକା-ଏ' ବିପକ୍ଷ ଦିନିକିଆ**

ଦକ୍ଷିଣ ଆଫ୍ରିକା-ଏ' ଦଳର ଗସ୍ତସୂଚୀରେ ମଧ୍ୟ ପରିବର୍ତ୍ତନ କରାଯାଇଛି। ଏହି ସିରିଜ୍‌ର ଦୁଇଟିଯାକ ଅନ୍‌ଅଫିସିଆଲ ଟେଷ୍ଟ ଭେନ୍ୟୁରେ ପୂର୍ବପରି ବେଙ୍ଗାଲୁରୁର ସେଣ୍ଟର ଅଫ୍ ଏକ୍ସିଲେନ୍ସି ଗ୍ରାଉଣ୍ଡରେ ଖେଳାଯିବ। କିନ୍ତୁ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍‌ର ଭେନ୍ୟୁକୁ ବଦଳାଇ ଦିଆଯାଇଛି। ପୂର୍ବରୁ ଏହି ଭେନ୍ୟୁ ବେଙ୍ଗାଲୁରୁର ଚିନ୍ନାସ୍ୱାମୀ ଷ୍ଟାଡିୟମ୍‌ରେ ଖେଳାଯିବାର ଥିଲା। କିନ୍ତୁ ପରିବର୍ତ୍ତିତ ଭେନ୍ୟୁ ଅନୁଯାୟୀ ଏହି ମ୍ୟାଚଗୁଡିକ ଏବେ ରାଜକୋଟର ସୌରାଷ୍ଟ୍ର କ୍ରିକେଟ ଆସୋସିଏସନ ଗ୍ରାଉଣ୍ଡରେ ଖେଳାଯିବ।

**ପରିବର୍ତ୍ତିତ ଖେଳସୂଚୀ**

| ତାରିଖ | ମ୍ୟାଚ | ଭେନ୍ୟୁ |
|---|---|---|
| **ୱେଷ୍ଟଇଣ୍ଡିଜ୍ ଟୁର-୨ ଟେଷ୍ଟ** | | |
| ୦୨ରୁ ୦୬।୧୦ | ପ୍ରଥମ ଟେଷ୍ଟ | ଅହମ୍ମଦାବାଦ |
| ୧୦ରୁ ୧୪।୧୦ | ଦ୍ୱିତୀୟ ଟେଷ୍ଟ | ନୂଆଦିଲ୍ଲୀ |
| **ଦ.ଆଫ୍ରିକା ଟୁର- ୨ ଟେଷ୍ଟ** | | |
| ତାରିଖ | ମ୍ୟାଚ | ଭେନ୍ୟୁ |
| ୧୪ରୁ ୧୮।୧୧ | ପ୍ରଥମ ଟେଷ୍ଟ | କୋଲକାତା |
| ୨୨ରୁ ୨୬।୧୧ | ଦ୍ୱିତୀୟ ଟେଷ୍ଟ | ଗୌହାଟୀ |
| **୩ ଦିନିକିଆ** | | |
| ନଭେମ୍ବର ୩୦ | ପ୍ରଥମ ଦିନିକିଅ | ରାଞ୍ଚି |
| ଡିସେମ୍ବର ୦୩ | ଦ୍ୱିତୀୟ ଦିନିକିଆ | ରାୟପୁର |
| ଡିସେମ୍ବର ୦୬ | ତୃତୀୟ ଦିନିକିଆ | ବିଶାଖାପାଟଣା |
| **୫ ଟି-୨୦** | | |
| ଡିସେମ୍ବର ୦୯ | ପ୍ରଥମ ଟି-୨୦ | କଟକ |
| ଡିସେମ୍ବର ୧୧ | ଦ୍ୱିତୀୟ ଟି-୨୦ | ମୁଲାନପୁର |
| ଡିସେମ୍ବର ୧୪ | ତୃତୀୟ ଟି-୨୦ | ଧର୍ମଶାଳା |
| ଡିସେମ୍ବର ୧୭ | ଚତୁର୍ଥ ଟି-୨୦ | ଲକ୍ଷ୍ନୌ |
| ଡିସେମ୍ବର ୧୯ | ପଞ୍ଚମ ଟି-୨୦ | ଅହମ୍ମଦାବାଦ |

## ଗ୍ରାଣ୍ଡସ୍ଲାମ୍ ଫାଇନାଲ୍

# ଅପରାଜେୟ ଆଲ୍‌କାରାଜ୍



**ବୟସ ୨୨ ୫ରୁ ୫ ଟାଇଟଲ୍**

ପ୍ୟାରିସ, ୯।୬ (ଏଜେନ୍ସି): ଦୀର୍ଘ ୫ ଘଣ୍ଟା ୨୯ ମିନିଟ୍‌ର ଲଢ଼େଇ ପରେ ଶେଷରେ ସ୍ପାନିଶ ତାରକା କାର୍ଲୋସ ଆଲ୍‌କାରାଜ ୪-୬, ୬-୭ (୪/୭), ୬-୪, ୭-୬ (୭/୩), ୭-୬ (୭/୧୦) ସେଟ୍‌ରେ ବିଶ୍ୱର ଏକ ନମ୍ବର ଖେଳାଳି ଇଟାଲୀର ଜାନିକ ସିନ୍ନରଙ୍କୁ ପରାସ୍ତ କରି ଫ୍ରେଞ୍ଚ ଓପନ୍ ଟାଇଟଲ୍ ବଜାୟ ରଖିବାରେ ସଫଳ ହୋଇଛନ୍ତି। ଓପନ୍ ଏରାରେ ଫ୍ରେଞ୍ଚ ଓପନ୍‌ରେ ଏହା ସବୁଠୁ ଦୀର୍ଘକାଳୀନ ଫାଇନାଲ ମ୍ୟାଚ୍ ହେବାର ରେକର୍ଡ ହୋଇଛି। ୧୯୮୨ରେ ୱିଲାଣ୍ଡର ଓ ଭିଲାସ୍‌ଙ୍କ ମଧ୍ୟରେ ଅନୁଷ୍ଠିତ ଫାଇନାଲ ମ୍ୟାଚ୍ ୪ ଘଣ୍ଟା ୪୨ ମିନିଟ୍ ଧରି ଖେଳାଯାଇଥିଲା। ୨୨ ବର୍ଷୀୟ ଆଲ୍‌କାରାଜଙ୍କ ମଧ୍ୟ ଏହା ୫ମ ଗ୍ରାଣ୍ଡସ୍ଲାମ ଟ୍ରଫି। ପୂର୍ବରୁ ସେ ଦୁଇଥର ୱିମ୍ବଲଡନ (୨୦୨୩ ଓ ୨୦୨୪) ଓ ୨୦୨୨ରେ ୟୁଏସ୍ ଓପନ୍ ଜିତିଥିଲେ।

ଫ୍ରେଞ୍ଚ ଓପନ ଜିତିବା ଅବସରରେ ଆଲ୍‌କାରାଜ ଏକାଧିକ କୀର୍ତ୍ତିମାନ ସ୍ଥାପନ କରିଛନ୍ତି। ରୋଜର ଫେଡରରଙ୍କ ପରେ ପ୍ରଥମ ଖେଳାଳି ଭାବେ ଆଲ୍‌କାରାଜ୍ ନିଜର ପ୍ରଥମ ୫ଟି ଗ୍ରାଣ୍ଡସ୍ଲାମ ଫାଇନାଲରେ ଚାମ୍ପିଅନ ହେବାରେ ସୌଭାଗ୍ୟ ଲାଭ କରିଛନ୍ତି। ଅର୍ଥାତ୍ ଆଲ୍‌କାରାଜ ବର୍ତ୍ତମାନ ସୁଦ୍ଧା ୫ଟି ଗ୍ରାଣ୍ଡସ୍ଲାମ ଫାଇନାଲରେ ପ୍ରବେଶ କରିଥିବାବେଳେ ସମସ୍ତ ଲଢ଼େଇରେ ବିଜୟୀ ହୋଇ ଚାମ୍ପିଅନ ହୋଇଛନ୍ତି। ଫଳରେ ଗ୍ରାଣ୍ଡସ୍ଲାମ ଫାଇନାଲରେ ଆଲ୍‌କାରାଜ ଅପରାଜେୟ ରହିଛନ୍ତି। ଫେଡରର ତାଙ୍କର ପ୍ରଥମ ୭ଟି ଗ୍ରାଣ୍ଡସ୍ଲାମ ଫାଇନାଲରେ ଅପରାଜୟ ରହିଥିଲେ। ସେହିଭଳି ୨୨ ବର୍ଷ ବୟସ ମଧ୍ୟରେ ୫ଟି ଗ୍ରାଣ୍ଡସ୍ଲାମ ଜିତିବାରେ ଜୋର୍ନ ବୋର୍ଗ (୨୧ ବର୍ଷ) ଓ ରାଫେଲ ନାଡାଲ (୨୨ ବର୍ଷ)ଙ୍କ ପରେ ଆଲ୍‌କାରାଜ ବିଶ୍ୱର ୩ୟ ଖେଳାଳି ହୋଇଛନ୍ତି। ଫେଡରର, ନାଡାଲ ଓ ନୋଭାକ ଜୋକୋଭିଚ୍‌ଙ୍କ ପରେ ଆଲ୍‌କାରାଜ ବିଶ୍ୱର ୪ର୍ଥ ଖେଳାଳି ଭାବେ ଚଳିତ ଶତାବ୍ଦୀରେ କ୍ରମାଗତ ୪ ବର୍ଷ ଗ୍ରାଣ୍ଡସ୍ଲାମ ଟ୍ରଫି ଜିତିବାର ରେକର୍ଡ କରିଛନ୍ତି। ସେହିଭଳି ଓପନ୍ ଏରାରେ ୮ମ ଖେଳାଳି ଭାବେ ସେ ଫ୍ରେଞ୍ଚ ଓପନ୍ ଟାଇଟଲ୍ ବଜାୟ ରଖିବାର ସଫଳତା ପାଇଛନ୍ତି।

## ଏଫ୍‌ଆଇଏଚ୍ ପ୍ରୋ ଲିଗ୍

# ଭାରତର କ୍ରମାଗତ ୨ୟ ପରାଜୟ

ଆମଷ୍ଟେଲଭିନ, ୯।୬ (ଏଜେନ୍ସି): ଚଳିତ ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ର ୟୁରୋପ ପର୍ଯ୍ୟାୟରେ ଭାରତୀୟ ପୁରୁଷ ହକି ଦଳ କ୍ରମାଗତ ୨ୟ ପରାଜୟବରଣ କରିଛି। ସୋମବାର ସନ୍ଧ୍ୟାରେ ସ୍ଥାନୀୟ ୱାଗେନର ହକି ଷ୍ଟାଡିୟମରେ ଅନୁଷ୍ଠିତ ଏକ ମ୍ୟାଚରେ ଭାରତ ୨-୩ ଗୋଲରେ ଅଲିମ୍ପିକ ଚାମ୍ପିଅନ ଘରୋଇ ନେଦରଲାଣ୍ଡ୍‌ସ ନିକଟରୁ ପରାସ୍ତ ହୋଇଛି। ଭାରତ ପକ୍ଷରୁ ଅଭିଷେକ ଓ ଯୁଗରାଜ ସିଂହ ଗୋଟିଏ ଲେଖାଏ ଗୋଲ୍ ଦେଇଥିଲେ। ମ୍ୟାଚ୍ ଶେଷ ହେବାକୁ ୩ ମିନିଟ୍ ବାକିଥିବାବେଳେ ଜିପ୍ ଜାନସେନ ନେଦରଲାଣ୍ଡ୍‌ସ ପାଇଁ ବିଜୟସୂଚକ ୩ୟ ଗୋଲ୍‌ଟି ଦେଇଥିଲେ। ପୂର୍ବରୁ ରବିବାର ରାତିରେ ଭାରତ ଏହି ୟୁରୋପ ପର୍ଯ୍ୟାୟର ପ୍ରଥମ ମ୍ୟାଚରେ ମଧ୍ୟ ଘରୋଇ ନେଦରଲାଣ୍ଡ୍‌ସଠାରୁ ୨-୧ ଗୋଲ୍‌ରେ ହାରିଥିଲା। ଭାରତ ପରବର୍ତ୍ତୀ ମ୍ୟାଚରେ ବୁଧବାର ଆର୍ଜେଣ୍ଟିନାକୁ ଭେଟିବାର କାର୍ଯ୍ୟସୂଚୀ ରହିଛି। ଚଳିତ ପ୍ରୋ ଲିଗ୍‌ରେ ଭାରତ ବର୍ତ୍ତମାନ ସୁଦ୍ଧା ୧୦ ମ୍ୟାଚ୍ ଖେଳି ୫ଟି ଲେଖାଏ ବିଜୟ ଓ ପରାଜୟ ସହ ୧୫ ପଏଣ୍ଟ ପାଇ ଟେବଲ୍‌ର ୪ର୍ଥ ସ୍ଥାନରେ ରହିଛି।

## ● କୋଟିଆନ୍, କାମ୍ବୋଜ୍‌ଙ୍କ ଦମ୍‌ଦାର ବ୍ୟାଟିଂ


# ଭାରତ ଏ - ଇଂଲଣ୍ଡ ଲାୟନ୍ସ ମ୍ୟାଚ୍ ଡ୍ର'

ନର୍ଥଆମ୍ପଟନ, ୯।୬ (ଏଜେନ୍ସି): ଦୁଇ ବୋଲିଂ ଅଲରାଉଣ୍ଡର ତନୁସ କୋଟିଆନ ଓ ଅଂଶୁଲ କାମ୍ବୋଜଙ୍କ ଦମ୍‌ଦାର ବ୍ୟାଟିଂ ବଳରେ ଏଠାରେ ଚାଲିଥିବା ଭାରତ-ଏ ବନାମ ଇଂଲଣ୍ଡ ଲାୟନ୍ସ ଦ୍ୱିତୀୟ ଅନ୍‌ଅଫିସିଆଲ ଟେଷ୍ଟ ଡ୍ର' ରହିଛି। ଏହି ମ୍ୟାଚ୍‌ରେ ପ୍ରଥମ ଇନିଂସରେ ଭାରତ-ଏ' ୨୧ ରନ୍‌ରେ ଆଗୁଆ ରହିବା ପରେ ଚତୁର୍ଥ ଦିନ ଖେଳରେ ଦମ୍‌ଦାର ବ୍ୟାଟିଂ କରି ଘରୋଇ ଦଳକୁ ନିରାଶ କରିଥିଲା। ଭ୍ରମଣକାରୀ ଦଳର ୪ଜଣ ଖେଳାଳି ଲୋକେଶ ରାହୁଲ (୫୧), ଅଧିନାୟକ ଅଭିମନ୍ୟୁ ଈଶ୍ୱରନ ୮୦, କୋଟିଆନ ୯୦ ଓ କାମ୍ବୋଜ ୫୧ ରନ୍ କରିବା ଫଳରେ ମ୍ୟାଚ୍‌ର ଚତୁର୍ଥ ତଥା ଶେଷ ଦିନରେ ଭାରତ-ଏ' ୭ ୱିକେଟ ହରାଇ ୪୧୭ ରନ୍ ସଂଗ୍ରହ କରିବା ପରେ ଦ୍ୱିତୀୟ ଇନିଂସ ସମାପ୍ତି ଘୋଷଣା କରିଥିଲା। ଫଳରେ ଇଂଲଣ୍ଡ ଲାୟନ୍ସ ଆଗରେ ବାକିଥିବା ୩୯ ଓଭରରେ ମ୍ୟାଚ୍ ଜିତିବାକୁ ୪୩୯ ରନ୍‌ର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ଏହି ଲକ୍ଷ୍ୟକୁ ପିଛା କରି ଇଂଲଣ୍ଡ ଲାୟନ୍ସ ୩୨ ରନ୍‌ରେ ୩ ୱିକେଟ ହରାଇବା ପରେ ମ୍ୟାଚ୍ ଡ୍ର ରଖିବା ଲାଗି ଉଭୟ ଦଳ ରାଜି ହୋଇଯାଇଥିଲେ। ଏହା ଫଳରେ ୨ ମ୍ୟାଚ୍ ବିଶିଷ୍ଟ ଅନ୍‌ଅଫିସିଆଲ ଟେଷ୍ଟ ସିରିଜ୍ ମଧ୍ୟ ଡ୍ର ରହିଛି। ପୂର୍ବରୁ ଉଭୟ ଦଳ ମଧ୍ୟରେ କାଣ୍ଟରବରୀରେ ଖେଳାଯାଇଥିବା ପ୍ରଥମ ଅନ୍‌ଅଫିସିଆଲ ଟେଷ୍ଟ ହାରଜିତ୍ ବିନା ଫଇସଲାରେ ଶେଷ ହୋଇଥିଲା।

ଭାରତ-ଏ'ର ଦ୍ୱିତୀୟ ଇନିଂସ ସମାପ୍ତି ଘୋଷଣା ବେଳକୁ ସ୍ପିନ ଅଲରାଉଣ୍ଡର କୋଟିଆନ ୧୦୮ଟି ବଲ୍‌ରୁ ୧୦ ଚୌକା ଓ ୧ ଛକା ସହ ୯୦ ଓ ପେସ୍ ଅଲରାଉଣ୍ଡର କାମ୍ବୋଜ ୮୬ ବଲ୍‌ର ସାମ୍ନା କରି ୫ ଚୌକା ଓ ୧ ଛକା ସହ ୫୧ ରନ୍ କରି ଅପରାଜିତ ରହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନୀତୀଶ କୁମାର ରେଡ୍ଡି ୪୨ ଓ ଶାର୍ଦ୍ଦୁଳ ଠାକୁର ୩୪ ରନ୍ କରିବା ଫଳରେ ଭାରତ-ଏ ଶେଷ ୩ଟି ୱିକେଟ ପାର୍ଟନରସିପ୍‌ରେ ୨୫୭ ରନ୍ ଉଠାଇଥିଲା। ଯାହା ଫଳରେ ଭାରତ-ଏ ଏକ ବିଶାଳ ସ୍କୋର କରିବାକୁ ସମର୍ଥ ହୋଇଥିଲା। ଭାରତ-ଏ'ର ଦ୍ୱିତୀୟ ଇନିଂସରେ ଜର୍ଜ ହିଲ୍ ୩ଟି, କ୍ରିସ୍ ୱକ୍ସ ଓ ଏଡ୍‌ୱାର୍ଡ ଜ୍ୟାକ୍ ୨ଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ। ଏହି ମ୍ୟାଚ୍‌ର ପ୍ରଥମ ଇନିଂସରେ ଭାରତ-ଏ ୩୪୮ ଓ ଇଂଲଣ୍ଡ ଲାୟନ୍ସ ୩୨୭ ରନ୍ କରିଥିଲା।

## ଲର୍ଡ୍ସରେ ଅଷ୍ଟ୍ରେଲିଆ ଦଳକୁ ମିଳିଲାନି ପ୍ରବେଶ ଅନୁମତି

ଲର୍ଡ୍ସ, ୯।୬ (ଏଜେନ୍ସି): ଡିଫେଣ୍ଡିଂ ଚାମ୍ପିଅନ ଅଷ୍ଟ୍ରେଲିଆ ଓ ଦକ୍ଷିଣ ଆଫ୍ରିକା କ୍ରିକେଟ୍ ଦଳ ମଧ୍ୟରେ ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ (ଡବ୍ଲ୍ୟୁଟିସି) ଫାଇନାଲ ମ୍ୟାଚ୍ ବୁଧବାରଠାରୁ ଐତିହାସିକ ଲର୍ଡ୍ସ ଗ୍ରାଉଣ୍ଡରେ ଆରମ୍ଭ ହେବାକୁ ଯାଉଛି। ତେବେ ଏହି ଫାଇନାଲ ମ୍ୟାଚ୍ ପୂର୍ବରୁ ଏକ ବିବାଦୀୟ ଘଟଣା ସାମ୍ନାକୁ ଆସିଛି। ବିଭିନ୍ନ ଜାତୀୟ ଓ ଅନ୍ତର୍ଜାତୀୟ ଗଣମାଧ୍ୟମରେ ପ୍ରକାଶିତ ରିପୋର୍ଟ ମୁତାବକ, ଚାମ୍ପିଅନ ଅଷ୍ଟ୍ରେଲିଆ ଦଳକୁ ଲର୍ଡ୍ସ ଷ୍ଟାଡିୟମ ମଧ୍ୟକୁ ପ୍ରବେଶ ଅନୁମତି ଦି ଆଯାଇ ନ ଥିଲା। ଯେହେତୁ ସେଠାରେ ପୂର୍ବରୁ ଭାରତୀୟ କ୍ରିକେଟ୍ ଦଳ ଅଭ୍ୟାସ କରୁଥିଲା ତେଣୁ ଅଷ୍ଟ୍ରେଲିଆ ଦଳକୁ ପ୍ରବେଶ ଲାଗି ମନା କରାଯାଇଥିଲା। ଗ୍ରାଉଣ୍ଡ୍‌ସ ଅଧିକାରୀଙ୍କ ପକ୍ଷରୁ କୁହାଯାଇଥିଲା ଯେ, ଫାଇନାଲ ମ୍ୟାଚ୍ ଲାଗି ଭିତରେ ପ୍ରସ୍ତୁତି ଚାଲିଛି।




## ସର୍ବଭାରତୀୟ ସୈନିକ ସ୍କୁଲ ଫୁଟ୍‌ବଲ ଉଦ୍‌ଘାଟିତ

ଭୁବନେଶ୍ୱର, ୯।୬ (ସମିସ): ସର୍ବଭାରତୀୟ ସୈନିକ ସ୍କୁଲ ଆନ୍ତଃଗ୍ରୁପ୍ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ସୋମବାରଠାରୁ ଏଠାରେ ଆରମ୍ଭ ହୋଇଛି। ଭୁବନେଶ୍ୱର ସୈନିକ ସ୍କୁଲ ଆନୁକୂଲ୍ୟରେ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟରେ ଦେଶର ବିଭିନ୍ନ ପ୍ରାନ୍ତରେ ଥିବା ସୈନିକ ସ୍କୁଲର ୨୪ଟି ଦଳ ଅଂଶଗ୍ରହଣ କରିଛନ୍ତି। ଏଥିରେ ୩ଟି ବିଭାଗରେ ମ୍ୟାଚ୍ ଖେଳାଯିବ। ୧୫ ବର୍ଷରୁ କମ୍ ବାଳକ ଏବଂ ୧୭ ବର୍ଷରୁ କମ୍ ବାଳକ ଓ ବାଳିକା ବର୍ଗରେ ମ୍ୟାଚ୍ ଅନୁଷ୍ଠିତ ହେବ। ପ୍ରତିବର୍ଗର ଚାମ୍ପିଅନ ଦଳ ଆଗାମୀ ସୁବ୍ରତ କପ୍ ଅନ୍ତର୍ଜାତୀୟ ଟୁର୍ଣ୍ଣାମେଣ୍ଟରେ ଖେଳିବାକୁ ଯୋଗ୍ୟତା ଅର୍ଜନ କରିବ। କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଅତିଥିଭାବେ ଯୋଗଦେଇ ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଭୁବନେଶ୍ୱର ସୈନିକ ସ୍କୁଲର ଅଧକ୍ଷ କର୍ଣ୍ଣେଲ ପଂକଜ କୁମାର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ।

# ଆଇସିସି ହଲ୍ ଅଫ୍ ଫେମ୍‌ରେ ଧୋନି



ଲଣ୍ଡନ, ୯।୬ (ଏଜେନ୍ସି): ଭାରତୀୟ କ୍ରିକେଟ୍ ଦଳର ପୂର୍ବତନ ଅଧିନାୟକ ମହେନ୍ଦ୍ର ସିଂ ଧୋନିଙ୍କୁ 'ଆଇସିସି ହଲ୍ ଅଫ୍ ଫେମ୍'ରେ ସାମିଲ କରାଯାଇଛି। ଅନ୍ତର୍ଜାତୀୟ କ୍ରିକେଟ୍ ପରିଷଦ (ଆଇସିସି) ପକ୍ଷରୁ ସୋମବାର ଲଣ୍ଡନରେ ଆୟୋଜିତ ଏକ କାର୍ଯ୍ୟକ୍ରମ ଅବସରରେ ଧୋନିଙ୍କୁ ଏହି ସ୍ୱତନ୍ତ୍ର ସମ୍ମାନରେ ସମ୍ମାନିତ ହୋଇଛନ୍ତି। ଧୋନିଙ୍କ ସମେତ ବିଶ୍ୱର ୭ଜଣ କିଂବଦନ୍ତୀ କ୍ରିକେଟର୍‌ଙ୍କୁ ସୋମବାର ଆଇସିସି ହଲ୍ ଅଫ୍ ଫେମ୍‌ରେ ସାମିଲ କରାଯାଇଥିଲା। ଧୋନିଙ୍କ ପୂର୍ବରୁ ସୁନିଲ ଗାଭାସ୍କର, ବିଶନ ସିଂହ ବେଦୀ, କପିଳ ଦେବ, ଅନିଲ କୁମ୍ବଲେ, ରାହୁଲ ଦ୍ରାବିଡ, ସଚିନ ତେନ୍ଦୁଲକର, ବିନୁ ମଙ୍କଡ, ଡାଏନା ଏଡୁଲଜି, ବୀରେନ୍ଦ୍ର ସେହ୍ୱାଗ ଓ ନୀତୁ ଡେଭିଡ୍ ଭାରତୀୟ ଭାବେ ଏହି ସମ୍ମାନର ଅଧିକାରୀ ରହିଥିଲେ। ୨୦୦୪ରେ ଅନ୍ତର୍ଜାତୀୟ କ୍ରିକେଟ୍‌ରେ ପାଦ ଥାପିଥିବା ଧୋନି ଭାରତ ପାଇଁ ୩୫୦ ଦିନିକିଆ, ୯୦ ଟେଷ୍ଟ ଓ ୯୮ ଟି-୨୦ ଖେଳି ୧୭ ହଜାରରୁ ଊର୍ଦ୍ଧ୍ୱ ରନ ସଂଗ୍ରହ କରିଛନ୍ତି। ସେ ୱିକେଟ୍ ପଛରେ ୩୦୦ରୁ ଊର୍ଦ୍ଧ୍ୱ ଡିସ୍‌ମିସାଲ ମଧ୍ୟ କରିଛନ୍ତି। ଏହାବାଦ୍ ତାଙ୍କ ନେତୃତ୍ୱରେ ଭାରତ ଟି-୨୦ ବିଶ୍ୱକପ୍ (୨୦୦୭), ଦିନିକିଆ ବିଶ୍ୱକପ୍ (୨୦୧୧) ଓ ଚାମ୍ପିଅନ୍ସ ଟ୍ରଫି (୨୦୧୩) ଜିତିଥିଲା।

## ୧୯ ବର୍ଷରୁ କମ୍ ଆନ୍ତଃଜିଲ୍ଲା କ୍ରିକେଟ

# ଅଭିଷେକଙ୍କୁ ୫ ୱିକେଟ; କଟକ-ବି ବିଜୟୀ



କଟକ, ୯।୬ (ସମିସ): ଓସିଏ ଆନୁକୂଲ୍ୟରେ ଆୟୋଜିତ ୧୯ ବର୍ଷରୁ କମ୍ ଆନ୍ତଃଜିଲ୍ଲା କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ସୋମବାର ଏକ ମ୍ୟାଚ୍‌ରେ କଟକ-ବି ୧୫୮ ରନରେ ମାଲକାନଗିରିକୁ ପରାସ୍ତ କରିଛି। ରେଭେନ୍ସା ଗ୍ରାଉଣ୍ଡ-୧ରେ ଏହି ମ୍ୟାଚ୍ ଖେଳାଯାଇଥିଲା। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା କଟକ-ବି ରଞ୍ଜନ ସାମଲ(୮୧) ଏବଂ ଅଭିଷେକ କାଳିଆ(୫୩)ଙ୍କ ଅର୍ଦ୍ଧଶତକୀୟ ପାଳି ସହାୟତାରେ ସମସ୍ତ ୱିକେଟ ହରାଇ ୨୪୯ ରନ କରିଥିଲା। ଜବାବରେ ମାଲକାନଗିରି ମାତ୍ର ୯୧ ରନରେ ଅଲଆଉଟ ହୋଇଥିଲା। କଟକ-ବି'ର ଅଭିଷେକ ସେନାପତି ୧୫ ରନ ବିନିମୟରେ ୫ଟି ୱିକେଟ ଦଖଲ କରିବା ସହ ପ୍ଲେୟାର ଅଫ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ରେଭେନ୍ସା ଗ୍ରାଉଣ୍ଡ-୨ରେ ସମ୍ବଲପୁର-ଏ ୧୦୧ ରନରେ କଳାହାଣ୍ଡିକୁ ହରାଇଛି। ଅର୍ମାନ ବୋହିଦାରଙ୍କ ୯୦ ରନର ଇନିଂସ୍ ବଳରେ ସମ୍ବଲପୁର-ଏ ୨୦୨ ରନ କରିଥିଲା। ଜବାବରେ କଳାହାଣ୍ଡି ୧୦୧ ରନରେ ଅଲଆଉଟ ହୋଇଥିଲା। ବିଜୟୀ ଦଳର ସେଖ ତନଭୀର ୧୦ ରନ ବିନିମୟରେ ୪ଟି ୱିକେଟ ଦଖଲ କର ଶ୍ରେଷ୍ଠ ଖେଳାଳି ହୋଇଥିଲେ। ଦିବସରେ ଖେଳାଯାଇଥିବା ଅନ୍ୟ ଦୁଇ ମ୍ୟାଚ୍‌ରେ ସୁନ୍ଦରଗଡ଼ ୨ ୱିକେଟରେ ବଲାଙ୍ଗିରକୁ ଏବଂ ମୟୂରଭଞ୍ଜ ୬୩ ରନରେ ଗଜପତିକୁ ହରାଇଥିଲା। କେନ୍ଦ୍ରାପଡା-ଜଗତସିଂହପୁର ଏବଂ ଅନୁଗୋଳ-ଦେବଗଡ଼ ମଧ୍ୟରେ ଖେଳାଯିବାକୁ ଥିବା ମ୍ୟାଚ୍ ବର୍ଷା ଯୋଗୁ ବାତିଲ ହୋଇଛି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ: ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS